ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯/୨୦୨୪ (୨୦ ପୃଷ୍ଠା) Bhubaneswar, Friday, January 19/2024 Page 20 ₹ 7.00

୫୦ଶ ଭାଗ ୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 57 ମୂଲ୍ୟ ₹୭/-

ଶ୍ରୀ ରାମ ଜନ୍ମଭୂମି ମନ୍ଦିର, ଅଯୋଧ୍ୟା

ରାମଲାଲା ପ୍ରାଣ ପ୍ରତିଷ୍ଠା ଉତ୍ସବ

ପୌଷ ଶୁକ୍ଳ ଦ୍ୱାଦଶୀ, ବିକ୍ରମ ସମ୍ବତ୍ ୨୦୮୦

ସୋମବାର, ୨୨ ଜାନୁଆରୀ ୨୦୨୪, ସମୟ: ଅପରାହ୍ନ ୧୨.୨୦



ସଦୟ ଉପସ୍ଥିତି

ମହନ୍ତ ନିତ୍ୟ ଗୋପାଳଦାସ ଜୀ ମହାରାଜ
ଅଧ୍ୟକ୍ଷ, ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର

ମାନ୍ୟବର ନରେନ୍ଦ୍ର ଭାଇ ମୋଦୀ ଜୀ
ପ୍ରଧାନମନ୍ତ୍ରୀ, ଭାରତ ସରକାର

ଡକ୍ଟର ମୋହନରାଓ ଭଗବତ୍ ଜୀ
ସରସଂଘଚାଳକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ

ଆନନ୍ଦିବେନ୍ ପଟେଲ ଜୀ
ରାଜ୍ୟପାଳ, ଉତ୍ତରପ୍ରଦେଶ

ଯୋଗୀ ଆଦିତ୍ୟନାଥ ଜୀ ମହାରାଜ
ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

ପ୍ରାୟ ୧୨୫ ଭାରତୀୟ ପରମ୍ପରାର ସନ୍ଥ ଏବଂ ସିଦ୍ଧ ପୁରୁଷଗଣ ତଥା ବିଭିନ୍ନ କ୍ଷେତ୍ରର ୨୫୦୦ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏହି ଅବସରରେ ଉପସ୍ଥିତ ରହିବେ

ଆସନ୍ତୁ, ଆମେ ସମସ୍ତେ ମଧ୍ୟ ଆମ ନିଜର ଗ୍ରାମ / ସ୍ଥାନୀୟ ଅଞ୍ଚଳ / କଲୋନୀକୁ ରାମ ମୟୀ କରିବା।

ଏହି ଐତିହାସିକ ମୁହୂର୍ତ୍ତଗୁଡ଼ିକରେ
ଭଜନ ଜଣାଣ ଗାନ କରି ଭାରତକୁ ରାମ ମୟୀରେ ରଙ୍ଗିନ କରି
ଆମ ଘରମାନଙ୍କର ଦ୍ୱାରମୁହଁମାନଙ୍କରେ ପ୍ରଦୀପ ପ୍ରଜ୍ୱଳନ କରି
ଆନନ୍ଦ ଉତ୍ସବ ପାଳନ କରନ୍ତୁ ଏବଂ ରାମ ଲାଲାଙ୍କୁ ସ୍ୱାଗତ କରନ୍ତୁ

- ଆପଣଙ୍କର ନିକଟବର୍ତ୍ତୀ ମନ୍ଦିର ପ୍ରାଙ୍ଗଣରେ ମକର ସଂକ୍ରାନ୍ତିଠାରୁ ୨୨ ଜାନୁଆରୀ ପର୍ଯ୍ୟନ୍ତ ଏକ ସ୍ୱଚ୍ଛତା ଅଭିଯାନ ଚଳାଇ ରଖନ୍ତୁ।
- ଆପଣଙ୍କର ନିକଟବର୍ତ୍ତୀ ଏକ ମନ୍ଦିରରେ ୨୨ ଜାନୁଆରୀ ଦିନ ସାମୂହିକ ଭାବରେ ରାମ ନାମ ସଂକୀର୍ତ୍ତନ ପରିବେଷଣ କରନ୍ତୁ।
- ଆପଣଙ୍କର ନିକଟବର୍ତ୍ତୀ ମନ୍ଦିରରେ ଏକ ଟିଭି / ଏଲ୍‌ଇଡି / ପରଦା ଟାଙ୍ଗି ସାମୂହିକ ଭାବରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଦେଖନ୍ତୁ।
- ପ୍ରାଣ ପ୍ରତିଷ୍ଠା ପରେ ଆପଣଙ୍କର ଗ୍ରାମ / କଲୋନୀ / ସ୍ଥାନୀୟ ଅଞ୍ଚଳରେ ପ୍ରସାଦ ବଣ୍ଟନ କରନ୍ତୁ।
- ପ୍ରାଣ ପ୍ରତିଷ୍ଠା ଦିବସରେ ସନ୍ଧ୍ୟା ସମୟରେ ଆପଣଙ୍କ ଘରର ଦ୍ୱାରମୁହଁ ଏବଂ କର୍ମସ୍ଥଳୀ / ଦୋକାନର ଦ୍ୱାରମୁହଁରେ ନିହାତି କମ୍‌ରେ ପାଞ୍ଚ ଗୋଟି ପ୍ରଦୀପ ପ୍ରଜ୍ୱଳନ କରନ୍ତୁ।
- ପ୍ରାଣ ପ୍ରତିଷ୍ଠା ଦିବସ ପରେ ଦର୍ଶନ ପାଇଁ ଆପଣଙ୍କର ସୁବିଧା ଅନୁସାରେ ଯେ କୌଣସି ସମୟରେ ଅଯୋଧ୍ୟା ଭ୍ରମଣରେ ଆସନ୍ତୁ।

Regd. 76/1683 PAN. AAZTS6197B

ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର

କ୍ୟାମ୍ପ୍ ଅଫିସ୍: ମନ୍ଦିର ନିର୍ମାଣ କାର୍ଯ୍ୟଶାଳା, ରାମଘାଟ ଚୌରାହ, ଅଯୋଧ୍ୟା-୨୨୪୧୨୩

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯/୨୦୨୪ Bhubaneswar, Friday, January 19/2024

DSPL-556

ODISHA NEW OPPORTUNITIES | CII Confederation of Indian Industry | ଆମ ଓଡ଼ିଶା ନବୀନ ଓଡ଼ିଶା | WODC

JOIN ODISHA'S ECONOMIC ENGINE

ATTEND THE 24TH EDITION

CII 24th Enterprise Odisha At Jharsuguda

WELCOME
to the biggest investors' meet in Western Odisha,
explore the vast opportunities across Biju Economic Corridor.

HIGHLIGHTS

- 2 DAYS CONFERENCE
- 3 DAYS EXHIBITION
- B2B AND B2G MEETINGS
- 700+ COMPANIES
- 1000+ OPPORTUNITIES
- 100+ CEOS & 300+ CXOS

EVENT VENUE
Circuit House Road, Jharsuguda, Odisha.

Online registration required, scan to register.

EVENT DATE
19TH JAN TO 21ST JAN.

UNLEASH POTENTIAL, PROSPER IN ODISHA. COME. JOIN THE JUGGERNAUT.

ScarecrowM&CSaatchi/2024/Jan

HELPLINE NUMBERS: 98300 29606 | 94059 86282
Email us: ciiodisha@cii.in

/followcii /followcii /followcii /followcii

OIPR-14005/13/0039/2324

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯/୨୦୨୪ Bhubaneswar, Friday, January 19/2024

DADLS-84

ଆଜିର ମନ୍ତବ୍ୟ

ସାରା ବିଶ୍ୱକୁ ଯୁଦ୍ଧ ନୁହେଁ, 'ବୁଦ୍ଧ' ଦେଇଥିବା ରାଷ୍ଟ୍ରର ହୋଇଥିବାରୁ ନିଜକୁ ମୁଁ ଗର୍ବିତ ଅନୁଭବ କରୁଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ଝିଅ ପାଇଁ ମନ୍ଦିର ଗଢ଼ିଲେ ଦମ୍ପତି

କାଳିପଦା,୧୮।୧(ରାଜଶ୍ରୀ ପାଣିଗ୍ରାହୀ)

କନ୍ୟାରତ୍ନ କର ଯତ୍ନ। ଏଭଳି ସ୍ଲୋଗାନ ଦିଆଯାଇ ଲୋକଙ୍କୁ ସଚେତନ କରାଯାଉଥିଲେ ମଧ୍ୟ ଅନେକ ସମୟରେ ଝିଅମାନଙ୍କୁ ହତାଦର କରାଯାଉଥିବା ନଜିର ଦେଖିବାକୁ ମିଳେ। ହେଲେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଇଡ଼ିଦା ପଞ୍ଚାୟତରେ ରାଙ୍ଗୁଆପଡ଼ା ଗ୍ରାମର ଏକ ଦମ୍ପତି କନ୍ୟାପ୍ରାପ୍ତି ପରେ ମାନସିକ ପୂରଣ ଉଦ୍ଦେଶ୍ୟରେ ଏକ ମନ୍ଦିର ଗଢି ସମାଜ ପାଇଁ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି।

ଇଞ୍ଜିନିୟର ଅଶ୍ୱିନୀ ପଣ୍ଡା ଓ ତାଙ୍କ ସହଧର୍ମିଣୀ ଅଞ୍ଜନା ପଣ୍ଡାଙ୍କର ପ୍ରଥମେ ଗୋଟିଏ ପୁତ୍ର ସନ୍ତାନ ଥିଲା। ମାତ୍ର ଝିଅଟିଏ ପାଇଁ ସେ ଗଣେଶଙ୍କ ପାଖରେ ମାନସିକ କରିଥିଲେ। ତାଙ୍କର କନ୍ୟାସନ୍ତାନ ପ୍ରାପ୍ତ ହେବା ପରେ ଦମ୍ପତି ନିଜ ଉଦ୍ୟମ ଓ ଅର୍ଥ ଖର୍ଚ୍ଚ କରି ନିଜର ମାନସିକ ପୂରଣ ପାଇଁ ଗ୍ରାମରେ ଏକ ଗଣେଶ ମନ୍ଦିର ପ୍ରତିଷ୍ଠା କରିଛନ୍ତି। ରାଙ୍ଗୁଆପଡ଼ାର ଗ୍ରାମବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରିଛନ୍ତି। ୧୫ ତାରିଖ ସୋମବାର ଅଙ୍କୁରାରୋପଣ ଅଧିବାସ, ୧୬ ତାରିଖ ମଙ୍ଗଳବାର ମନ୍ଦିର ପ୍ରାଙ୍ଗଣରେ ରୁଦ୍ରାଭିଷେକ, ୧୭ତାରିଖ ଗ୍ରାମର ଶତାଧିକ ମହିଳା ଭକ୍ତଙ୍କ କଳସ ଶୋଭାଯାତ୍ରା ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ଆଧ୍ୟାତ୍ମିକ ବାତାବରଣ ପରିସରରେ ହୋମଯଜ୍ଞ ସଂକୀର୍ତ୍ତନ ଓ ବ୍ରାହ୍ମଣମାନଙ୍କ ବେଦ ପାଠରେ ପ୍ରକମ୍ପିତ ହୋଇଉଠିଥିଲା ଆଖପାଖ ଅଞ୍ଚଳ। ଗୁରୁବାର ନବଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣ ଆହୁତି ଦିଆଯାଇଛି। ଦମ୍ପତିଙ୍କ ଏଭଳି ପ୍ରୟାସକୁ ସମସ୍ତେ ଭୂରି ପ୍ରଶଂସା କରିଛନ୍ତି। ଆୟୋଜିତ ମହୋତ୍ସବରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ।

ହରିଦ୍ରା ଗଣେଶଙ୍କ ପ୍ରତିମୂର୍ତ୍ତି ନିକଟରେ ଦମ୍ପତି ଓ ଝିଅ, ପୁଅ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ପାପ କଲେ ପେଟ ପୂରଇ ନାହିଁ
ଆଶା ଥିଲେ ଶୋଷ ମେଣ୍ଟଇ ନାହିଁ।

ସାଧାରଣତଃ ଅର୍ଜିଥିବା ପାପଧନ କୌଣସି ସତ୍‌କର୍ମରେ ଲାଗି ନ ଥାଏ। ଏହା ଅସଲ ବେଳରେ କାମ ନ ଦେବା ସହ ବ୍ୟକ୍ତିଙ୍କୁ ଭୋଗ ହୋଇ ନ ଥାଏ। ଏହା ହିଁ ଚିରନ୍ତନ ସତ୍ୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ପୁଅ କାହାର ଝିଅ କାହାର
ବାଇଦ ବାଜୁଛି ଆରତିଆରା।

ସଂସାରରେ ପ୍ରତି ଘରର ପୁଅ ଝିଅ ବଦଳ ରୀତିରେ ଉପସ୍ଥାପିତ ହୋଇଥାନ୍ତି। ଅର୍ଥାତ୍ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଅଧା ଓଡ଼ିଶାରେ ଘନକୁହୁଡ଼ି

ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୧(ଅନିଲ ଦାସ)

ଶୀତର ପ୍ରକୋପ ନ ଥିବା ବେଳେ ସମଗ୍ର ରାଜ୍ୟକୁ କୁହୁଡ଼ି କବଳିତ କରିଛି। ଦିନ ୧୦ଟା ଯାଏ ବାୟୁମଣ୍ଡଳ ଧୂମମୟ ହୋଇ ରହୁଛି। ବର୍ଷାର ଭ୍ରମ ସୃଷ୍ଟି ହେଉଛି। ଚାରିଆଡ କୁହୁଡ଼ିର ଧଳା ଆସ୍ତରଣରେ ଢାଙ୍କିହୋଇ ଯାଉଛି। ଖାଲି ଆଖିରେ ୫୦ ମିଟର ଦେଖିବା କଷ୍ଟକର ହୋଇପଡୁଛି। ଗତ କିଛିଦିନ ହେବ ଓଡ଼ିଶାର ଅଧା ଜିଲାକୁ ଏଭଳି ଭାବେ କୁହୁଡ଼ି ଘେରି ରହୁଛି। ଆହୁରି ସପ୍ତାହେ ଯାଏ ରାଜ୍ୟର ଅଧିକାଂଶ ଜିଲାରେ ଘନକୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟରେ କୁହୁଡ଼ି ପରିମାଣ ବୃଦ୍ଧି ପାଇଛି। ଆନ୍ଧ୍ର ଉପକୂଳ ଦେଇ ଓଡ଼ିଶାକୁ ଜଳୀୟକଣା ମିଶା ବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲାରେ ଘନକୁହୁଡ଼ି ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, କଟକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର, ସୋନପୁର ଏବଂ ବୌଦ୍ଧ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏହି ଜିଲାରେ ଦୃଶ୍ୟମାନ ୨୦୦ ମିଟରରୁ କମ୍ ରହିବ। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୦ ତାରିଖରେ କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର ଏବଂ ନୟାଗଡ଼ ଜିଲାରେ ପ୍ରବଳ କୁହୁଡି ହେବ। ୨୧ ତାରିଖରେ ମଧ୍ୟ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, ବୌଦ୍ଧ ଏବଂ ସୋନପୁର ଜିଲାରେ ପ୍ରବଳ କୁହୁଡ଼ି ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ଘନକୁହୁଡ଼ିକୁ ଦୃଷ୍ଟିରେ ରଖି ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଘନକୁହୁଡ଼ି ଯାତାୟାତରେ ବାଧା ସୃଷ୍ଟି କରିବ। ଏହାକୁ ଦୃଷ୍ଟିରେ ରଖି ପୋଲିସ ଓ ପରିବହନ ବିଭାଗ ଜାତୀୟ ରାଜପଥରେ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୁହୁଡ଼ି ଯୋଗୁ ରାଜ୍ୟରେ ଶୀତ ହ୍ରାସ ପାଇଛି। ବୁଧବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୯.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ

ବାରିପଦା,୧୮।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଲହଣ୍ଡାକଟା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ମୃତ ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୦/୨୪) ରୁଜୁ କରି ଜଣଙ୍କୁ ଥାନାରେ ଅଟକ ରଖିଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ମୃତ ମହିଳା ଜଣକ ହେଲେ ବୋଲାଇ ମୁର୍ମୁଙ୍କ ସ୍ତ୍ରୀ ମିନତୀ।

ସୂଚନାଯୋଗ୍ୟ, ବୁଧବାର ରାତିରେ ମକର ମେଳା ଦେଖିବା ପାଇଁ ସ୍ୱାମୀ ବୋଲାଇ ନିକଟସ୍ଥ ଗାଁକୁ ଯାଇଥିଲେ। ବିଳମ୍ବିତ ରାତିରେ ଘରକୁ ଫେରି ସ୍ତ୍ରୀ ମିନତୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପୂର୍ବରୁ ମିନତୀଙ୍କୁ ତାଙ୍କ ଦିଅର ଓ ପୁଡୁରା ଡାହାଣୀ ସନ୍ଦେହ କରି ଆସୁଥିଲେ। ଏନେଇ ଅନେକ ସମୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଡାହାଣୀ ସନ୍ଦେହରେ ମିନତୀଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ୱାମୀ ବୋଲାଇ ସନ୍ଦେହ କରି ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି। ମାତ୍ର ଅଭିଯୋଗରେ ଏପରି କୌଣସି ଘଟଣା ସମ୍ପର୍କରେ ଲିଖିତ ଭାବେ ଦର୍ଶାଯାଇ ନ ଥିବା ତଦନ୍ତକାରୀ ଅଧିକାରୀ ପ୍ରକାଶ କରିଛନ୍ତି।

ଥାନା ସୀମାକୁ ନେଇ ୪ ଘଣ୍ଟା ପଡ଼ିରହିଲା ମୃତଦେହ

ପୋଲ ତଳକୁ ଖସି ୨ବାଇକ୍ ଆରୋହୀଙ୍କ ମୃତ୍ୟୁ

ସୁନ୍ଦରଗଡ଼,୧୮।୧
(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ମାନମୁଣ୍ଡା ନିକଟ ଏକ ପୋଲ ତଳକୁ ବୁଧବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ବାଇକ୍ ଖସିପଡିବାରୁ ୨ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିଜୁଲିଖମଣ ଗ୍ରାମର ଅଜୁ ମାଝି(୨୧) ଓ ସାବିତ୍ରି କିଷାନ(୨୪)। ଏନେଇ ସଦର ଥାନା ପୋଲିସ ଏକ ମାମଲା (ନଂ ୩୧/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ଦୁର୍ଘଟଣା ଘଟିଥିବା ସ୍ଥାନଟି କେଉଁ ଥାନା ଅଧୀନରେ ଯାଉଛି, ସେ ନେଇ ନିଷ୍ପତ୍ତି ହୋଇ ନ ପାରିବାରୁ ମୃତଦେହ ୪ଘଣ୍ଟା ପଡିରହିଥିଲା। ବୁଧବାର ଅଜୁ ଓ ସାବିତ୍ରି ଫୁଟ୍‌ବଲ ଖେଳିବା ପାଇଁ ବଡ଼ଗାଁ ଅଞ୍ଚଳକୁ ଯାଇଥିଲେ। ସନ୍ଧ୍ୟାରେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଏକ ପୋଲ ତଳକୁ ଖସିପଡିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଦୁହେଁ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ସେମାନଙ୍କୁ ପାଇ ନ ଥିଲେ। ଗୁରୁବାର ସକାଳେ ଜଣେ ପାଣି ଭିତରେ ଓ ଅନ୍ୟ ଜଣେ ନାଳ କୂଳରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଧରୁଆଡିହି ଥାନା ପୋଲିସକୁ ଖବର ଦେଇଥିଲେ। ମାତ୍ର ଦୁର୍ଘଟଣା ସ୍ଥାନଟି ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳରେ ହୋଇଥିବାରୁ ଧରୁଆଡିହି ପୋଲିସ ସଦର ଥାନା ପୋଲିସକୁ ଖବର ଦେଇଥିଲା। ୪ଘଣ୍ଟା ପରେ ସଦର ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା।

ପରିକ୍ରମା ମାର୍ଗ ପ୍ରଦକ୍ଷିଣକଲେ ୧୦ ହଜାର ଭକ୍ତ

ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ପରିକ୍ରମା ପ୍ରକଳ୍ପ ଯାତ୍ରା

ପୁରୀ, ୧୮।୧(ଅଜିତ ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଗୁରୁବାର ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ପରିକ୍ରମା ପ୍ରକଳ୍ପ ଯାତ୍ରା ଆରମ୍ଭ ହୋଇଛି। ପୁରୀ ବୀରହରେକୃଷ୍ଣପୁର ଛକରୁ ଏହି ଯାତ୍ରା ଆରମ୍ଭ ହୋଇ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲା। ଏହି ସମୟରେ ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନ ସହିତ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏଥିରେ ସମସ୍ତ ଜିଲାରୁ ୧୦ ହଜାରରୁ ଅଧିକ ଛାତ୍ର ଓ ଯୁବ ବିଜେଡି କର୍ମୀ, ନେତା ସାମିଲ ହୋଇଥିଲେ।

ସଂକୀର୍ତ୍ତନ ସମେତ ଘଣ୍ଟ, ବାଦ୍ୟ ଓ ମେଢ଼ ନୃତ୍ୟରେ ଭକ୍ତମାନେ ଚାରିନଳା, ଅଠରନଳା, ମେଡିକାଲ ଛକ, ବଡ଼ଦାଣ୍ଡ, ମାର୍କେଟ ଛକ ଦେଇ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପରିକ୍ରମା ପ୍ରକଳ୍ପ ମାର୍ଗ ପ୍ରଦକ୍ଷିଣ କରିଥିଲେ। ସେହିପରି କେତେଜଣ ବିଧାୟକଙ୍କ ସମେତ ବିଜୁ ଛାତ୍ର ଓ ଯୁବ ଜନତା ଦଳର କର୍ମକର୍ତ୍ତା ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ କୃପା ତଥା ଆଶିଷରୁ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ସଫଳତାର ସହ ସୁରୁଖୁରୁରେ ସମ୍ପନ୍ନ ହେଲା। ଭକ୍ତଙ୍କ ପାଇଁ ପରିକ୍ରମା ମାର୍ଗ ଖୋଲାଯାଇଛି।

ପରିକ୍ରମା ପ୍ରକଳ୍ପ ଯାତ୍ରାରେ ଶ୍ରଦ୍ଧାଳୁ।

ଏବେ ଭକ୍ତମାନେ ସୁବିଧାରେ ନିମାପଡ଼ା ବିଧାୟକ ସମୀର ବିଷ୍ଣୁବ୍ରତ ରାଉତରାୟ, ବାଙ୍କୀ ରଞ୍ଜନ ଦାଶ, ପପଲ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏବଂ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏବଂ ବିଜେଡି ନେତା ନାରାୟଣ ସ୍ୱାଇଁ ପରିଚାଳନା କରିଥିଲେ।

ଲାଇନଚ୍ୟୁତ୍ ହୋଇଥିବା ମାଲବାହୀ ଟ୍ରେନ୍।

କମଳାଙ୍ଗ ଷ୍ଟେଶନ ନିକଟରେ ମାଲଗାଡ଼ି ଲାଇନଚ୍ୟୁତ

ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା କମଳାଙ୍ଗ ରେଳଷ୍ଟେଶନ ନିକଟରେ ଗୁରୁବାର ଭୋର ୪ଟାରେ ମାଲ୍‌ଗାଡ଼ିର ଇଞ୍ଜିନ ସହିତ ୬ଟି ଡବା ଲାଇନଚ୍ୟୁତ ହୋଇଥିଲା। ଫଳରେ ଦୀର୍ଘସମୟ ଧରି ରେଳ ଚଳାଚଳ ବହୁ ବାଧାପ୍ରାପ୍ତ ହୋଇଥିଲା। ପ୍ରକାଶ ଯେ, ଯାଜପୁର ଜିଲା ଡୁବୁରୀରେ କୋଇଲା ଖାଲିକରି ଏକ ମାଲଗାଡ଼ି କମଳାଙ୍ଗ ଓ ବୁଢାପଙ୍କ ଷ୍ଟେଶନ ଦେଇ ତାଳଚେର ଫେରୁଥିବା ବେଳେ କମଳାଙ୍ଗ ଷ୍ଟେଶନ ଅତିକ୍ରମ କରିବା ପରେ ଲାଇନଚ୍ୟୁତ ହୋଇଥିଲା। ଖବରପାଇ ରେଲୱେ ଏଡିଆରଏମ୍ କଲ୍ୟାଣ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ମାଲ୍‌ବାହୀ ଟ୍ରେନ୍‌ଟି କୌଣସି କାରଣବଶତଃ ଭୁଲ ଲାଇନରେ ଚାଲିଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ତାଳଚେରସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯିବା ସହିତ ଇଞ୍ଜିନ ଚାଳକଙ୍କୁ ପଚରାଉଚରା ଜାରି ରହିଛି। ରେଲୱେ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ମରାମତି କାର୍ଯ୍ୟ ଚାଲୁ ରଖିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

ମେଷ

ଆଜି ଅନୁକୂଳ ଗ୍ରହସ୍ଥିତି ହେତୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ପରିବାର ଭିତରେ କେତେକ ପୁରୁଣା ସମସ୍ୟା ବିଷୟରେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟିକ ସ୍ଥିତି, ବନ୍ଧୁମନାନ୍ତରାଦି ଦୁଶ୍ଚିନ୍ତାର କାରଣ ହୋଇପାରେ। ଚିଡ଼ା ସ୍ୱଭାବ ପାଇଁ ପରିବାର ଲୋକମାନେ କ୍ଷୁବ୍ଧ ହୋଇପାରନ୍ତି।

ବୃଷ

ପାପଗ୍ରହ ମଧ୍ୟସ୍ଥ ହେଲେ ମଧ୍ୟ ଗୁରୁଯୁକ୍ତ ଚନ୍ଦ୍ର ହେତୁ ମାନସିକ ଭାରସାମ୍ୟ ରଖିବାରେ ସମର୍ଥ ହେବେ। ଅଫିସଆଲି କାମରେ ଟେନସନ୍ କମିଯିବ। ବନ୍ଧୁ ଓ ପରିଜନଙ୍କ ସହାୟତାରେ ତୀର୍ଥାଟନ କଥା ଚିନ୍ତା କରିପାରନ୍ତି। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିବା ସହ କେତେକ କ୍ଷେତ୍ରରେ ସମସ୍ୟା ଜଡିତ ହୋଇପାରନ୍ତି।

ମିଥୁନ

ଏକାଧିକ ଗ୍ରହ ଦୃଷ୍ଟ ଆପଣଙ୍କ ରାଶି କାର୍ଯ୍ୟହାସଲରେ ସମର୍ଥ ହେବାର ସୂଚନା ପ୍ରଦାନ କରୁଛି। କିନ୍ତୁ ଆରର୍ଦ୍ରା ନକ୍ଷତ୍ର ବିଭିନ୍ନ ସମସ୍ୟାରେ ଚଳୁଥିବାରୁ ଦୁର୍ଭାବନା ବଢ଼ିଚାଲିବ । ରାଜନୀତିରେ ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ।

କର୍କଟ

ଭାଗ୍ୟାଧିପ ଯୁକ୍ତ ଚନ୍ଦ୍ର ଯୋଗୁ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଲୋଚନା ପରିସରରେ ସାଧାରଣ କଥାରୁ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବନ୍ଧୁମିଳନ ଓ ପିଲାଙ୍କ ସହ ଖୁସିଗପର ମଉକା ଜୁଟିବ।

ସିଂହ

କର୍ମାଧିପ ମଙ୍ଗଳ ଯୁକ୍ତ ହେତୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ବନ୍ଧୁଙ୍କ ପରାମର୍ଶରେ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିବା ସହ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସାମାଜିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

କନ୍ୟା

ରାହୁ ସପ୍ତମରେ ଏବଂ ରାଶିରେ କେତୁ ଯୋଗୁ ରୋଗରେ କଷ୍ଟ ପାଇବେ। କଥା ଦେଇଥିବା ବନ୍ଧୁ ପରକ୍

ଧରିତ୍ରୀ
DHARITRI

ଧରିତ୍ରୀ DHARITRI 50 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯/୨୦୨୪ | Bhubaneswar, Friday, January 19/2024 | ପୃଷ୍ଠା-୧

ବିଯୁକ୍ତ ୧ ଡିଗ୍ରୀରେ ପହଁରିଲେ ସୁସ୍ମିତା

ଅଭିନେତ୍ରୀ ସୁସ୍ମିତା ସେନ୍ ଆଜରବୈଜାନରେ ବିଯୁକ୍ତ ୧ ଡିଗ୍ରୀ ତାପମାତ୍ରାରେ ପୁଲ୍‌ରେ ପହଁରିବାର ମଜା ନେଉଥିବାର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

୦୯ ୧୬

ଗାୟତ୍ରୀଙ୍କୁ ରୌପ୍ୟ ପଦକ

ଜାତୀୟ ସ୍କୁଲ କ୍ରୀଡ଼ା ୧୯ ବର୍ଷରୁ କମ୍ ଜୁଡୋ ପ୍ରତିଯୋଗିତାରେ ଛାତ୍ରୀ ଗାୟତ୍ରୀ ସବର ରୌପ୍ୟ ପଦକ ହାସଲ କରିଛନ୍ତି।

୨୨ରେ ଅଧାଛୁଟି

କେନ୍ଦ୍ର ପରେ ରାଜ୍ୟ ସରକାର ଘୋଷଣାକଲେ

ଭୁବନେଶ୍ୱର,୧୮।୧(ଅନିଲ ଦାସ)

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅଧାଦିନ ଛୁଟି ଘୋଷଣା କରିଛନ୍ତି। ଅପରାହ୍ନ ୨ଟା ୩୦ ମିନିଟ ଯାଏ ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅଧାଦିନ ଛୁଟି ଘୋଷଣା ପରେ ସରକାରୀ କର୍ମଚାରୀମାନେ ଘରେ ରହି ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବର ସିଧାପ୍ରସାରଣ ଦେଖିପାରିବେ। ପ୍ରଧାନମନ୍ତ୍ରୀ ଉତ୍ସବର ପ୍ରସ୍ତୁତି ସମ୍ପର୍କରେ ମନ୍ତ୍ରୀମାନଙ୍କଠାରୁ ଅବଗତ ହେବା ସହ ସେମାନଙ୍କୁ ଘରେ ଦୀପ ଜଳାଇବା ଏବଂ ଗରିବଙ୍କୁ ଖାଦ୍ୟ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଉକ୍ତ ଦିନକୁ ଦୀପାବଳି ଭାବେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି। ୨୨ ତାରିଖ ଉତ୍ସବ ପରେ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲିଲେ ମନ୍ତ୍ରୀମାନେ ସେମାନଙ୍କ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ସାମାଜିକ ନୀତି ନିୟମ ଓ ମହିଳା ନିଯୁକ୍ତି

୧୬ ବର୍ଷରୁ କମ୍ ପିଲାଙ୍କୁ କୋଚିଂ ମନା

କୋଚିଂ ସେଣ୍ଟରଗୁଡ଼ିକ ୧୬ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇପାରିବେ ନାହିଁ। ସେମାନେ ପିଲାମାନଙ୍କୁ ଭଲ ର୍ୟାଙ୍କ୍ କିମ୍ବା ଅଧିକ ନମ୍ବର ପ୍ରଦାନର ମିଥ୍ୟା ପ୍ରତିଶ୍ରୁତି ଦେଇପାରିବେ ନାହିଁ। ଦେଶରେ ଛତୁ ଫୁଟିଲା ଭଳି ଖୋଲୁଥିବା କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ବୁଧବାର ଜାରି କରିଥିବା ନୂଆ ଗାଇଡ୍‌ଲାଇନ୍‌ରେ ଏହା ଉଲ୍ଲେଖ କରାଯାଇଛି। ପ୍ରଥମ ଥର ଏହି ନିୟମାବଳୀର ଉଲ୍ଲଂଘନ କଲେ ସମ୍ପୃକ୍ତ କୋଚିଂ ସେଣ୍ଟରକୁ ୨୫,୦୦୦ ଟଙ୍କା ଜରିମାନା କରାଯିବ। ଦ୍ୱିତୀୟ ଥର ଉଲ୍ଲଂଘନକାରୀଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଏବଂ ତୃତୀୟ ଥର ଅବଜ୍ଞା କଲେ ସମ୍ପୃକ୍ତ କୋଚିଂ ସେଣ୍ଟରର ପଞ୍ଜୀକରଣ ରଦ୍ଦ କରାଯିବ ବୋଲି ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। କୋଚିଂ ସେଣ୍ଟରଗୁଡ଼ିକରେ ବିଭିନ୍ନ ସମୟରେ ଆତ୍ମହତ୍ୟା, ଅଗ୍ନିକାଣ୍ଡ ଓ ରାଗିଂ ଭଳି ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ବିଶେଷକରି ରାଜସ୍ଥାନର କୋଟାରେ ଥିବା କୋଚିଂ ସେଣ୍ଟରଗୁଡ଼ିକରେ ଚାପଗ୍ରସ୍ତ ଛାତ୍ରୀଛାତ୍ର ଅଧିକ ଆତ୍ମହତ୍ୟା କରୁଛନ୍ତି। ୨୦୨୩ରେ କୋଟାରେ ୨୬ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିଲେ, ଯାହାକି ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ। ସେତେବେଳେ ରାଜସ୍ଥାନରେ କଂଗ୍ରେସ ସରକାର କ୍ଷମତାସୀନ ଥିଲା। ଗତ ଡିସେମ୍ବରରେ ଭାଜପା ସରକାର ଗଢ଼ିବା ପରେ ଏବେ କେନ୍ଦ୍ରର ଏହି ନୂଆ ଗାଇଡ୍‌ଲାଇନ୍ ଆସିଛି।

ନୂଆଦିଲ୍ଲୀ,୧୮।୧

ଶିକ୍ଷା ମନ୍ତ୍ରଣାଳୟର ନୂଆ ଗାଇଡ୍‌ଲାଇନ

କୋଚିଂ ସେଣ୍ଟରଗୁଡ଼ିକରେ ଆବଶ୍ୟକ ସୁବିଧାର ଅଭାବ ସାଙ୍ଗକୁ ଦୁର୍ବଳ ଶିକ୍ଷା ପଦ୍ଧତି ନେଇ ସରକାର ଅଭିଯୋଗ ପାଇବା ପରେ ଗାଇଡ୍‌ଲାଇନ ଆଣିଛନ୍ତି। ଉକ୍ତ ଗାଇଡ୍‌ଲାଇନ ଅନୁଯାୟୀ କୌଣସି କୋଚିଂ ସେଣ୍ଟର ସ୍ନାତକରୁ କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷକଙ୍କୁ ନିଯକ୍ତି ଦେଇପାରିବେ ନାହିଁ। ପିଲାଙ୍କୁ ନାମ ଲେଖାଇବା ପାଇଁ ସେମାନଙ୍କ ଅଭିଭାବକମାନଙ୍କୁ କୋଚିଂ ସେଣ୍ଟର ବିଭ୍ରାନ୍ତିକର ପ୍ରତିଶ୍ରୁତି କିମ୍ବା ଭଲ ର୍ୟାଙ୍କ୍ ବା ମାର୍କ ଦେବାର ଗ୍ୟାରେଣ୍ଟି ଦେଇପାରିବେ ନାହିଁ। ୧୬ ବର୍ଷରୁ କମ୍ ବୟସର ପିଲା ନାମ ଲେଖାଇ ପାରିବେ ନାହିଁ। କେବଳ ମାଧ୍ୟମିକ ସ୍କୁଲ ଶିକ୍ଷା ଶେଷ କରିବା ପରେ ଜଣେ କୋଚିଂ ପାଇଁ ନାମ ଲେଖାଇପାରିବେ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। କୋଚିଂ ସେଣ୍ଟରଗୁଡ଼ିକର ଗୁଣବତ୍ତା କିମ୍ବା ସୁବିଧା ଅଥବା ସେଠାରେ ପଢ଼ିଥିବା ପିଲାମାନଙ୍କ ଫଳାଫଳକୁ ନେଇ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରାଯାଇପାରିବେ ନାହିଁ। ନୈତିକ ଅସଦାଚରଣରେ ସମ୍ପୃକ୍ତ ଥାଇ କୌଣସି ଅପରାଧରେ ଦୋଷୀସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ କୋଚିଂ ସେଣ୍ଟର ଶିକ୍ଷକ ଭାବେ ନିଯୁକ୍ତି ଦେଇପାରିବେ ନାହିଁ। ଗାଇଡ୍‌ଲାଇନର ଆବଶ୍ୟକତା ଅନୁଯାୟୀ କାଉନସେଲିଂ ବ୍ୟବସ୍ଥା ନ ଥିଲେ ଉକ୍ତ କୋଚିଂ ସେଣ୍ଟର ପଞ୍ଜୀକୃତ ହେବ ନାହିଁ। କୋଚିଂ ସେଣ୍ଟରଗୁଡ଼ିକ ନିଜସ୍ୱ ୱେବ୍‌ସାଇଟ୍ ଖୋଲି ଶିକ୍ଷକମାନଙ୍କ ଯୋଗ୍ୟତା, ପାଠ୍ୟକ୍ରମ, ଶିକ୍ଷାଦାନ ଅବଧି, ହଷ୍ଟେଲ ସୁବିଧା ଓ ଦେୟ ସମ୍ପର୍କରେ ସବିଶେଷ ତଥ୍ୟ ଦେବେ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। କଡ଼ା ପ୍ରତିଯୋଗିତା ଏବଂ ଛାତ୍ରୀଛାତ୍ରଙ୍କ ଉପରେ ଶିକ୍ଷା ଚାପ ପଡୁଥିବାରୁ କୋଚିଂ ସେଣ୍ଟରଗୁଡ଼ିକ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ପଦକ୍ଷେପ ନେବେ ଏବଂ ଅନାବଶ୍ୟକ ଚାପ ବିନା ପାଠ ପଢ଼ାଇବେ। ଚାପରେ ଥିବା ଛାତ୍ରୀଛାତ୍ରଙ୍କୁ ସହାୟତା ପାଇଁ ତୁରନ୍ତ ହସ୍ତକ୍ଷେପ ନିମନ୍ତେ କୋଚିଂ ସେଣ୍ଟରଗୁଡ଼ିକ ବ୍ୟବସ୍ଥା କରିବାକୁ କୁହାଯାଇଛି। କୋଚିଂ ସେଣ୍ଟର ଦ୍ୱାରା କାଉନସେଲିଂ ବ୍ୟବସ୍ଥାର ବିକାଶ ହୋଇଛି କି ନାହିଁ, ତାହା ସୁନିଶ୍ଚିତ କରିବାରେ ଉପଯୁକ୍ତ ☞ପୃଷ୍ଠା-୪

ମିଶ୍ର ପ୍ରତିକ୍ରିୟା

ଭୁବନେଶ୍ୱର,୧୮।୧ (ଅସମାପିକା ସାହୁ)

କୋଚିଂ ସେଣ୍ଟର ଗାଇଡ୍‌ଲାଇନକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛି। ଏ ନେଇ ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି, ଏହି ଗାଇଡ୍‌ଲାଇନ ବର୍ତ୍ତମାନ ପାଇଁ ଅତି ଜରୁରୀ ଥିଲା। ପୂର୍ବରୁ ବିଭିନ୍ନ ସମୟରେ କୋଚିଂ ସେଣ୍ଟରଗୁଡ଼ିକରେ ଅଗ୍ନିକାଣ୍ଡ, ନିର୍ଯାତନା, ଆର୍ଥିକ ଶୋଷଣ ଆଦି ଅନେକ ଘଟଣା ସାମ୍ନାକୁ ଆସିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜସ୍ଥାନ କୋଟାରେ ପ୍ରତିବର୍ଷ ଅନେକ ମେଧାବୀ ଛାତ୍ରୀଛାତ୍ର ମାନସିକ ଚାପ ଓ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରୁଛନ୍ତି। ଅପରପକ୍ଷରେ ବେଆଇନ ଭାବେ କୋଚିଂ ସେଣ୍ଟର କରି ଅନେକେ ମାଲାମାଲ ହେଉଛନ୍ତି। ଏହି କୋଚିଂ ସେଣ୍ଟରଗୁଡ଼ିକ ଉପରେ ଅଙ୍କୁଶ ରହିଲେ ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ ଓ ମୁନାଫାଖୋରୀରେ କିଛି ପରିମାଣରେ ଅଙ୍କୁଶ ଆସିବ। ଛାତ୍ରୀଛାତ୍ର ଶିକ୍ଷା ଚାପରୁ ଅନ୍ତତଃ ରକ୍ଷା ପାଇପାରିବେ। ଭୁବନେଶ୍ୱରସ୍ଥିତ ଏକ ☞ପୃଷ୍ଠା-୪

ହାତୀ ବନ୍ଦକଲା ୪ ସ୍କୁଲ

ବାରିପଦା ସହରରେ ଦନ୍ତା ଆତଙ୍କ

ବାରିପଦା ସହରର ଏମ୍‌କେସି ହାଇସ୍କୁଲ ନିକଟରେ ହାତୀ।

ବାରିପଦା,୧୮।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ହାତୀ ଆତଙ୍କ ଦେଖାଦେଇଛି। ଗୁରୁବାର ସକାଳେ ଏକ ଦନ୍ତାହାତୀ ବାଟବଣା ହୋଇ ସହର ମଧ୍ୟକୁ ପଶି ଆସିଥିଲା। ଏମ୍‌କେସି ହାଇସ୍କୁଲ ପାଚେରି ଭାଙ୍ଗି ଉତ୍ପାତ ଚଳାଇଥିଲା। ଛାତ୍ରାବାସରେ ରହୁଥିବା ପିଲାମାନେ ଭୟଭୀତ ହୋଇପଡ଼ିଥିଲେ। ଆଖପାଖରେ ଥିବା ୪ ସ୍କୁଲକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁବାର ସକାଳେ ଛୁଟି ଘୋଷଣା କରିଥିଲେ। ହାତୀଟି ସ୍କୁଲରୁ ବାହାରି ନିକଟସ୍ଥ ପେଟ୍ରୋଲ ପମ୍ପ ପାଖରେ ଲୋକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ଲୋକେ ପ୍ରାଣ ଭୟରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ହାତୀକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିବାରୁ ବନବିଭାଗକୁ ନାକେଦମ ହେବାକୁ ପଡ଼ିଥିଲା। ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଥିବା ବେଳେ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ସଚେତନ କରୁଛନ୍ତି।

ଏହି ଦନ୍ତା ଖାଦ୍ୟ ଅନ୍ୱେଷଣରେ ଶିମିଳିପାଳ ଅଭୟାରଣ୍ୟରୁ ଚାଲି ଆସିଥିବା ଜଣାପଡିଛି। ହାତୀଟି ଫେରିବା ବାଟ ନ ପାଇ ସହର ମଧ୍ୟରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର ଦେଇ ବଡ଼ବଜାର ଅଞ୍ଚଳରେ ଅଟକି ରହିଥିଲା। ବାରିପଦା ବନଖଣ୍ଡର କର୍ମଚାରୀ ଓ ପୋଲିସ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦେଇଥିଲେ। ପରେ ହାତୀଟି ବୁଢ଼ାବଳଙ୍ଗ ନଦୀ ପାର ହୋଇ ବୁଢ଼ାରାଉଳ ମଠ ଦେଇ ଜଙ୍ଗଲ ମଧ୍ୟରେ ଅଟକି ରହିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ହାତୀ ବାରିପଦା ସହରରେ ପ୍ରବେଶ କରୁଥିବା ନଜିର ରହିଛି। ପାଚିଲା ଧାନ କ୍ଷେତରୁ ଧାନ ଖାଇ ସହର ମଧ୍ୟକୁ ☞ପୃଷ୍ଠା-୪

ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। –ଶ୍ରୀଅରବିନ୍ଦ

ସାମାଜିକ ନୀତିନିୟମ ଓ ମହିଳା ନିଯୁକ୍ତି

ଅଶ୍ୱିନୀ ଦେଶ୍‌ପାଣ୍ଡେ

ଚାଇନାରେ ଛୋଟ ଝିଅମାନଙ୍କ ରୂପ ବଦଳାଇବା ଲାଗି ସେମାନଙ୍କ ପାଦକୁ ବାନ୍ଧି ଦିଆଯିବାର ଏକ ଯନ୍ତ୍ରଣାଦାୟକ ପ୍ରଥା ଥିଲା। ଏହା ଦଶମ ଶତାବ୍ଦୀରେ ଆରମ୍ଭ ହୋଇ ଅନେକ ଶହ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ୧୯୧୧ରେ ଏହି ପ୍ରଥାକୁ ନିଷିଦ୍ଧ କରାଯାଇଥିଲେ ବି ଏହା ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିଲା। ୧୯୪୯ରେ ଚାଇନାରେ ପିପୁଲ୍ସ ରିପବ୍ଲିକ ଗଠନ ହେବା ପରେ ଏହାର ଅନ୍ତ ଘଟିଥିଲା। ପରେ ଚାଇନାର ମହିଳା ଶ୍ରମଶକ୍ତି ଭାଗୀଦାରି ହାର ୧୯୯୦ ସୁଦ୍ଧା ୭୩%ରେ ପହଞ୍ଚିଥିଲା, ଯାହା ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋଅପରେଶନ ଆଣ୍ଡ୍ ଡେଭଲପ୍‌ମେଣ୍ଟ (ଓଇସିଡି) ପ୍ରତିଶତଠାରୁ ଯଥେଷ୍ଟ ଅଧିକ। ପଞ୍ଚଦଶ ଶତାବ୍ଦୀର ୟୁରୋପରେ ମହିଳାମାନେ କର୍ସେଟ (ଅଣ୍ଟାକୁ ଭିନ୍ନ ଆକାର ଦେବା ଲାଗି ବାନ୍ଧନ୍ତି) ପିନ୍ଧିବା ଆରମ୍ଭ କଲେ। ଶରୀରକୁ ଏକ ଭି (v)ଆକାର ଦେବା ପାଇଁ ଏହାର ପରିକଳ୍ପନା କରାଯାଇଥିଲା। ତେବେ ଚାଲିବା ଲାଗି ଆରାମଦାୟକ ପୋଷାକ ବିଂଶ ଶତାବ୍ଦୀରେ ଫ୍ୟାଶନକୁ ଆସିଥିଲା। ଏବେ ୟୁରୋପୀୟ ଦେଶଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଲିଙ୍ଗଗତ ସମାନତା ଦୃଷ୍ଟିରୁ ସର୍ବାଧିକ ମାନ୍ୟତା ପାଇଛନ୍ତି। ମହିଳାଙ୍କ ପାଦ ବାନ୍ଧିବା ଏବଂ ଅଣ୍ଟା ବାନ୍ଧିବା ଭଳି ଉଭୟ ପ୍ରଥା ମଧ୍ୟବିତ୍ତ ଏବଂ ନିମ୍ନ ଶ୍ରେଣୀକୁ ବ୍ୟାପିବା ପୂର୍ବରୁ ଆଭିଜାତ୍ୟ ବର୍ଗଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା। ଏହାକୁ ଦେଖିଲେ ଏହା ନିଶ୍ଚିତ ଯେ, ସୌନ୍ଦର୍ଯ୍ୟ ନିୟମ ପାଳନ କରିବା ଦ୍ୱାରା ମହିଳାମାନେ ଅର୍ଥନୈତିକ କିମ୍ବା ଉତ୍ପାଦନକାରୀ କାର୍ଯ୍ୟରେ ଅଂଶଗ୍ରହଣ କରିବା କଷ୍ଟକର ଥିଲା। ଚାଇନା ଏବଂ ୟୁରୋପ ମଧ୍ୟରେ ସାଂସ୍କୃତିକ ପ୍ରଭେଦ ରହିଥିଲେ ମଧ୍ୟ ମହିଳାଙ୍କୁ ସମାନ ଢଙ୍ଗରେ ସହାୟିକା ଭୂମିକାରେ କାର୍ଯ୍ୟ କରିବାକୁ ଉଭୟେ ପ୍ରେରଣ କରିଥିଲେ। ସେହିପରି ଭାବରେ ଉଭୟ ସମାଜ ପ୍ରତିବନ୍ଧକମୂଳକ ସାମାଜିକ ନୀତିନିୟମ ଦୂର କରିବାକୁ ସକ୍ଷମ ହୋଇଥିଲେ (ଯେଉଁଥିରୁ ଶାରୀରିକ ପରିବର୍ତ୍ତନ କେବଳ ଗୋଟିଏ ଉଦାହରଣ) ଏବଂ ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଥିଲେ।

ଏହା କିପରି ଘଟିଲା ତାହା ବୁଝିବା ଜରୁରୀ। ବିଶେଷକରି ଅନ୍ତର୍ଜାତୀୟ ସଂଗଠନ ଏବଂ ଶିକ୍ଷାବିତ୍‌ମାନେ ଲିଙ୍ଗଗତ ସମାନତା ହାସଲ କରିବା ପାଇଁ ସାମାଜିକ ନୀତି ବଦଳାଇବା ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ଏହା ସହ ନୂତନ ମନୋଭାବ ଏବଂ ଅଭ୍ୟାସ ପ୍ରତି ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ କରିବା ପାଇଁ କୌଶଳ ଏବଂ ପଦକ୍ଷେପ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେମାନେ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାକୁ ମନେରଖିବା ଉଚିତ ଯେ, ସାମାଜିକ ନୀତିଗୁଡ଼ିକ ଭୌତିକ ବାସ୍ତବତାର ସୃଷ୍ଟି ହୁଏ। ଫଳରେ ହଠାତ୍ ଚାହିଁଲେ ବି ସେହି ଅବସ୍ଥାରେ ପରିବର୍ତ୍ତନ ଆଣିବା ସମ୍ଭବ ହୁଏ ନାହିଁ। ସାମାଜିକ ନୀତିଗୁଡ଼ିକର ଜଟିଳ ବିବର୍ତ୍ତନକୁ ବୁଝିବା ପାଇଁ ଇତିହାସକୁ ଏକ ଲମ୍ବା ସମୟ ଧରି

ଅନୁଧ୍ୟାନ କରିବା ଆବଶ୍ୟକ। ନୋବେଲ ବିଜେତା ଅର୍ଥନୀତିଜ୍ଞ କ୍ଲାଉଡିଆ ଗୋଲ୍‌ଡିନଙ୍କ କାର୍ଯ୍ୟ ଏହି ଦୃଷ୍ଟିକୋଣରୁ ଏକ ଉଦାହରଣ। ଆମେରିକା ଉପରେ ଅନୁଧ୍ୟାନ କରି ଗୋଲ୍‌ଡିନ ଜାଣିବାକୁ ପାଇଲେ ଯେ ଦୀର୍ଘ ଦିନ ଧରି ମହିଳାମାନଙ୍କର ଭାଗୀଦାରି ଚାକିରିର ପରିବର୍ତ୍ତନ ସ୍ଥିତି ଯୋଗୁ ଅଧିକ ହେଲା। ଉଦାହରଣ ସ୍ୱରୂପ, ସାମାଜିକ ନୀତି ଏବଂ ପ୍ରବୃତ୍ତି ପରିବର୍ତ୍ତନ ନ କରି କାର୍ଯ୍ୟର ସମୟ ହ୍ରାସ ଓ ଉଚ୍ଚ ବେତନଯୁକ୍ତ କୌଶଳଭିତ୍ତିକ କାର୍ଯ୍ୟର ବୃଦ୍ଧି ଯୋଗୁ ଏହା ଘଟିଲା। ଏହି ଦୃଷ୍ଟିକୋଣ ଭାରତ ପାଇଁ ବିଶେଷ ଉପଯୋଗୀ। କାରଣ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଅଥନୈତିକ ଅଭିବୃଦ୍ଧି ଏବଂ ଦ୍ରୁତ ଦାରିଦ୍ର୍ୟ ହ୍ରାସ ସତ୍ତ୍ୱେ ବେତନଯୁକ୍ତ କାର୍ଯ୍ୟରେ ମହିଳାଙ୍କ ଅନୁପାତ ବହୁତ କମ୍ ରହିଛି। କେଉଁ ସାମାଜିକ ନୀତିନିୟମ ମହିଳା ଶ୍ରମଶକ୍ତିର ଭାଗୀଦାରିକୁ ରୋକୁଛି ଏବଂ ସେଗୁଡ଼ିକ ଏଥିପାଇଁ କେବଳ ଦାୟୀ କି ନାହିଁ, ଏଭଳି ଅସଙ୍ଗତିକୁ ନେଇ ବିତର୍କ ସୃଷ୍ଟି ହୋଇଛି। ସମସ୍ୟା ସୃଷ୍ଟି କରୁଥିବା ସେହି ନୀତିନିୟମଗୁଡ଼ିକୁ ଆମ ନୂତନ ଅଧ୍ୟୟନ ଚିହ୍ନଟ କରିଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ରୋଷେଇ, ଜାଳେଣି ସଂଗ୍ରହ, ଜଳ ଆଣିବା, ଘରର ରକ୍ଷଣାବେକ୍ଷଣ, ଶିଶୁ ଏବଂ ବୟସ୍କଙ୍କ ଯତ୍ନ ସହିତ ଘରୋଇ କାର୍ଯ୍ୟ ଉପରେ ଭାରତୀୟ ମହିଳାଙ୍କ ଅତ୍ୟଧିକ ଦାୟିତ୍ୱ ଅଛି। ଭାରତୀୟ ମହିଳାମାନେ ଏହି କାର୍ଯ୍ୟକଳାପରେ ପୁରୁଷଙ୍କ ତୁଳନାରେ ୧୦ଗୁଣ ଅଧିକ ସମୟ ବିତାଉଛନ୍ତି। ଏଭଳି ସମୟ ପାର୍ଥକ୍ୟ ବିଶ୍ୱର ବିଭିନ୍ନ ଦେଶର କାର୍ଯ୍ୟ ସମୟ ମଧ୍ୟରେ ସର୍ବାଧିକ। ଅଧିକନ୍ତୁ, ବିଶ୍ୱସ୍ତରରେ ବିବାହ କରି ପୁତ୍ର ପ୍ରାପ୍ତିର ଆଶା ଅଧିକ ରହିଛି। ଭାରତରେ ଯୁବତୀମାନେ ବିଶ୍ୱର ଅନ୍ୟାନ୍ୟ ସ୍ଥାନ ତୁଳନାରେ ଶୀଘ୍ର ବିବାହ ଏବଂ ମାତୃତ୍ୱ ଲାଭ କରି ଏକ ପୁରୁଷ ଉତ୍ତରାଧିକାରୀ ପାଇଁ ଆଶା କରନ୍ତି। ଏହିସବୁ ନୀତିନିୟମର ସୀମିତ ପ୍ରଭାବ ଥିଲେ ମଧ୍ୟ ମହିଳାମାନେ ହାସଲ କରିପାରି ନ ଥିବା ବେତନଯୁକ୍ତ କାର୍ଯ୍ୟ ସମ୍ପର୍କରେ ଆମ ତଥ୍ୟ ପ୍ରକାଶ କରିଛି। ମହିଳାମାନେ ସ୍ୱଳ୍ପ ସମୟ ମଧ୍ୟରେ ବେତନ ପ୍ରାପ୍ତ ଚାକିରି କରନ୍ତି ଓ ତାହାକୁ ଛାଡ଼ନ୍ତି। ଏହା ସୂଚିତ କରେ ଯେ, ଏଭଳି କାମ ଯେତେବେଳେ ଉପଲବ୍ଧ ହୁଏ, ସେମାନେ ତାହା କରିବାକୁ ଇଚ୍ଛା କରିଥା'ନ୍ତି। ଜାତି ବ୍ୟବସ୍ଥା ଦ୍ୱାରା ଏହାର ଗତିଶୀଳତା ବାଧାପ୍ରାପ୍ତ ହୋଇଥାଏ। ନିମ୍ନ ଜାତିର ମହିଳାମାନେ ଐତିହାସିକ ଭାବରେ ଶ୍ରମ ବଜାରରେ ଅଧିକ ପ୍ରତିଶତ ଅଂଶଗ୍ରହଣ କରୁଛନ୍ତି ଏବଂ ଅତ୍ୟଧିକ ପରିବର୍ତ୍ତନ ଦରକାର ବୋଲି କହନ୍ତି, ଯାହା ଉପଲବ୍ଧ କାର୍ଯ୍ୟର ଅନିଶ୍ଚିତତାକୁ ସୂଚିତ କରେ।

ଭାରତରେ ବେତନଯୁକ୍ତ ରୋଜଗାରରେ ମହିଳାମାନଙ୍କର ଅନୁପାତ କମ୍ ରହିବା ଏକ ଗମ୍ଭୀର ଚିନ୍ତାର ବିଷୟ। ନୀତି ନିର୍ଦ୍ଧାରକମାନେ ସାମାଜିକ ନୀତିନିୟମ ବା ମାନଦଣ୍ଡ ବଦଳାଇବା ପରିବର୍ତ୍ତେ ମହିଳା ଶ୍ରମିକର ଚାହିଦା ସୃଷ୍ଟି ଉପରେ ଅଧିକ ଧ୍ୟାନ ଦେବା ଉଚିତ। ଅର୍ଥାତ୍, ବେତନଯୁକ୍ତ କାର୍ଯ୍ୟର ନିୟମିତ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରିବା, ଯଦ୍ୱାରା ମହିଳାମାନେ ନିଯୁକ୍ତି ପାଇପାରିବେ ଏବଂ ନିଯୁକ୍ତିଦାତାମାନେ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ଉତ୍ସାହିତ ହେବେ। ଭାରତର ଅନେକ ରାଜ୍ୟ ସରକାରୀ କ୍ଷେତ୍ର ନିଯୁକ୍ତିରେ ଲିଙ୍ଗଗତ କୋଟା ଲାଗୁ କରିସାରିଲେଣି। କିନ୍ତୁ ଅସଂଗଠିତ କ୍ଷେତ୍ରରେ ମୋଟ ଭାରତୀୟ ଶ୍ରମିକଙ୍କ ମଧ୍ୟରୁ ୯୦% ଅଛନ୍ତି ଓ ସେଠାରେ ମହିଳା ଶ୍ରମଶକ୍ତି ଭାଗୀଦାରି ପ୍ରତିଶତକୁ ଏଭଳି କୋଟା ଅଧିକ ପ୍ରଭାବିତ କରିନାହିଁ। ଘରୋଇ ନିଯୁକ୍ତିଦାତାମାନେ ମହିଳାମାନଙ୍କୁ ରୋଜଗାର ଦେଇ ଉତ୍ସାହିତ କରିବା ଦରକାର। ଟେକ୍ ମହିନ୍ଦ୍ରା, ୱିପ୍ରୋ, ହିରୋ ମୋଟୋକର୍ପ ଏବଂ ଡକ୍ଟର ରେଡ୍ଡୀଙ୍କ ଲାବରେଟୋରି ସମେତ କେତେକ ଅଗ୍ରଣୀ କମ୍ପାନୀ ମହିଳା ଶ୍ରମିକ ଭାଗୀଦାରି ବୃଦ୍ଧି ପାଇଁ ପଦକ୍ଷେପ ନେବା ଆରମ୍ଭ କରିସାରିଲେଣି। ଅନ୍ୟମାନେ ସେମାନଙ୍କ ନେତୃତ୍ୱକୁ ଅନୁସରଣ କରିବା ଉଚିତ।

ଭାରତରେ ଅଧିକ ଲୋକ ଗ୍ରାମାଞ୍ଚଳରେ ରହନ୍ତି। ସେମାନଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ, ଚମଡ଼ା ସାମଗ୍ରୀ ଏବଂ କ୍ଷୁଦ୍ର, ଲୋ-ଟେକ୍ ମ୍ୟାନୁଫାକ୍‌ଚରିଂ ଭଳି ଶ୍ରମଭିତ୍ତିକ କ୍ଷେତ୍ରଗୁଡ଼ିକରେ ମହିଳାମାନଙ୍କ ପାଇଁ ପାରିଶ୍ରମିକ ପ୍ରାପ୍ତିର ଏକ ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଅନୁଧ୍ୟାନରେ ବହୁ ସଂଖ୍ୟକ ଗ୍ରାମୀଣ ମହିଳା ଦର୍ଶାଇଛନ୍ତି ଯେ, ଭାରତରେ ସେମାନେ ନିଜର ଜୀବିକା ଅର୍ଜନ କରିବାକୁ ଚାହାନ୍ତି। ଏମାନଙ୍କ ସଂଖ୍ୟା କାନାଡ଼ା ଏବଂ ଅଷ୍ଟ୍ରେଲିଆର ମିଳିତ ଜନସଂଖ୍ୟାଠାରୁ ଅଧିକ। ସେମାନେ ଏକ ଦୀର୍ଘମିଆଦୀ ତଥା ବିଶ୍ୱର ସର୍ବବୃହତ୍ ଯୋଜନା ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଗ ଦେଇଛନ୍ତି। ଉତ୍ପାଦନ ଏବଂ ପାରିଶ୍ରମିକଯୁକ୍ତ ମହିଳା ସ୍ୱନିଯୁକ୍ତିକୁ ପ୍ରୋତ୍ସାହିତ କରିବାରେ ଏହାର ଅପାର ସମ୍ଭାବନା ରହିଛି।

ପୂର୍ବ ଏସିଆରେ ଗ୍ରାମୀଣ ଅଣକୃଷି ନିଯୁକ୍ତିର ଉପଲବ୍ଧତା ମହିଳାମାନଙ୍କୁ ଦରମା ପ୍ରାପ୍ତ ଶ୍ରମିକ ଭାବେ ପ୍ରବେଶ ପାଇଁ ଅଧିକ ଉତ୍ସାହିତ କରିଥିଲା ଏବଂ ଏହାର ପ୍ରତିକ୍ରିୟାରେ ସାମାଜିକ ନୀତିନିୟମ ପରିବର୍ତ୍ତନ ହେବାକୁ ଲାଗିଲା। ଏ ଦୃଷ୍ଟିରୁ ଭାରତକୁ ଅଲଗା ବୋଲି ବିଶ୍ୱାସ କରିବାର କୌଣସି କାରଣ ନାହିଁ। ନୀତି ନିର୍ଦ୍ଧାରକମାନେ ଭୁଲ୍ କାମ କରିବା ଉଚିତ ନୁହେଁ। ସମାନତାର ଏକ ନୂତନ ସଂସ୍କୃତି ସୃଷ୍ଟି କରିବା ପ୍ରୟାସରେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରିବା ପୂର୍ବରୁ ମହିଳା ନିଯୁକ୍ତି ପାଇଁ ଏକ ପରିବେଶ ସୃଷ୍ଟି କରନ୍ତୁ।

ଅର୍ଥନୀତି ପ୍ରାଧ୍ୟାପିକା ତଥା ପ୍ରତିଷ୍ଠାତା ନିର୍ଦ୍ଦେଶକ, ସେଣ୍ଟର ଫର୍ ଇକୋନୋମିକ ଡାଟା ଆଣ୍ଡ୍ ଆନାଲିସିସ୍

ଦେଖା ଶିଖା ମଣିଷ

ଅଲେଖ ଚନ୍ଦ୍ର ମିଶ୍ର

ମଣିଷର ପୂର୍ବଜ ବୋଲି ବିଶ୍ୱାସ କରାଯାଉଥିବା ମାଙ୍କଡ଼ମାନେ ଅନୁକରଣପ୍ରିୟ ବୋଲି ପ୍ରାୟ ସମସ୍ତେ ଜାଣନ୍ତି। ସେଥିପାଇଁ ବୋଧହୁଏ ବୁଦ୍ଧି, ବିବେକ ଓ ଜ୍ଞାନର ଅଧିକାରୀ ହୋଇ ବି ମଣିଷର ଅନୁକରଣ ପାଇଁ ଏକ ସହଜାତ ପ୍ରବୃତ୍ତି ଥାଏ, ଯାହା ବେଳେ ବେଳେ ବିଚାରବିହୀନ ଅନ୍ଧାନୁକରଣର ରୂପ ନିଏ। କୌଣସି କଥା ପ୍ରତି ଆଗ୍ରହ କିମ୍ବା ଆନ୍ତରିକତା ନ ଥାଇ ଖାଲି ଅନୁକରଣ କରିଦେଲେ ସଫଳତା ତ ମିଳେନା ବରଂ ନିଜର ଯାହା କିଛି ଥାଏ ଚାଲି ଯାଏ ଏବଂ ତା'ର ସ୍ଥାନ ନିଏ ନୈରାଶ୍ୟ ଓ ହୀନମନ୍ୟତା। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ମାଙ୍କଡ଼ଙ୍କ ପରି ମଣିଷମାନେ ବି ବେଳେ ବେଳେ କେବଳ କୌତୂହଳବଶତଃ ଅନ୍ୟକୁ ଅନୁକରଣ କରନ୍ତି। କିଲୋପ୍ରାଟକ ବାନର କଥାରେ ନିଜର କୌତୂହଳକୁ ସମ୍ଭାଳି ନ ପାରି ଅଧାଟିରା କାଠ ଫାଙ୍କରେ ଦିଆଯାଇଥିବା କିଳାକୁ ଓପାଡ଼ି ମାଙ୍କଡ଼ଟିର ଯେଉଁ ଦଶା ହୋଇଥିଲା ଏଭଳି ମଣିଷଙ୍କର ଅବସ୍ଥା ଠିକ୍ ସେହିପରି ହୁଏ। ସିନେମା, ଟିଭି, ରିଆଲିଟି ଶୋ, ଷ୍ଟଣ୍ଟ, ସର୍କସ ଦେଖି ହେଉ କିମ୍ବା ନାନା ବିପଜ୍ଜନକ ଖେଳ ଯଥା ଚୋକିଂ ଗେମ, ବ୍ଲୁହ୍ୱେଲ, ସିନାମନ ଚାଲେଞ୍ଜ, ହଫିଙ୍ଗ୍ ଆଦିକୁ ଦେଖି ହେଉ ଠିକ୍ ସେହିଭଳି କରିବାକୁ ଉତ୍ସାହିତ ହୋଇ ମଣିଷ କିପରି ସର୍ବସ୍ୱାନ୍ତ ହୁଏ ଅଥବା ଅକାଳ ମୃତ୍ୟୁକୁ ସ୍ୱାଗତ କରେ ଏଭଳି ଅଘଟଣ ଆଜିକାଲି ପ୍ରାୟ ଦେଖିବାକୁ, ଶୁଣିବାକୁ ଓ ପଢ଼ିବାକୁ ମିଳୁଛି। ଅନୁକରଣର ରୂପାନ୍ତର ନକଲି। ନକଲ କରିବା ଆଜିକାଲି ଏତେ ବ୍ୟାପକ ହୋଇଗଲାଣି ଯେ ପରୀକ୍ଷା, ଚାଲିଚଳନ, ଭାଷା, କଳା, ସାହିତ୍ୟ, ପ୍ରସାଧନ, ଗହଣା ଇତ୍ୟାଦି ଛଡ଼ା ମଣିଷ ନିଜେ ବି ନକଲି ରୂପ ଧାରଣ କରୁଛି। ଏ ବିଷୟରେ ପ୍ରଖ୍ୟାତ ଆରବ୍ୟ ରଜନୀର କାହାଣୀରେ ସ୍ଥାନିତ ଆଲିବାବା ଆଣ୍ଡ ଫର୍ଟି ଥିଭ୍‌ସ ଗଳ୍ପରେ ଆଲିବାବାକୁ ଅନ୍ଧାନୁକରଣ କରି କାସିମର ଶେଷ ଗତି କିପରି ଭୟାନକ ହୋଇଥିଲା ତାହା ତ ପ୍ରାୟ ସମସ୍ତଙ୍କୁ ଜଣା।

ପୁରା କାଳରେ ପାଟଳିପୁତ୍ର ଜନପଦରେ ଥିଲା ମହିଳାରୋପ୍ୟ ନାମକ ନଗରୀଟିଏ। ସେଠାରେ ବାସ କରୁଥିଲେ ମଣିଭଦ୍ର ନାମରେ ଜଣେ ଶ୍ରେଷ୍ଠି। ଯୌବନରେ ପ୍ରଭୂତ ଧନ ସମ୍ପଦର ଅଧିକାରୀ ହୋଇଥିଲେ ବି କର୍ମ ଅବଳକୁ ଉତ୍ତର ଜୀବନରେ ସେ ସବୁରୁ ବଞ୍ଚିତ ହୋଇ ଦରିଦ୍ର ହୋଇଗଲେ। ସେ ଚିନ୍ତାକଲେ ଏଭଳି ଜୀବନ ବଞ୍ଚିବା ଅପେକ୍ଷା ବରଂ ଆତ୍ମହତ୍ୟା କରିବା ଭଲ। ଏହିପରି ଭାବୁ ଭାବୁ ଯେତେବେଳେ ତାଙ୍କୁ ଛାଇନିଦ ଲାଗିଆସିଛି ହଠାତ୍ ଏକ ସ୍ୱପ୍ନ ଦେଖିଲେ। ଜଣେ ଜୀନ ତାଙ୍କ ପାଖରେ ଠିଆହୋଇ କହୁଥିଲେ, ବସ ମଣିଭଦ୍ର! ଉଠ। ଯୌବନରେ ତୁମେ କିଛି ଦାନ ଧ୍ୟାନ କରିଥିଲ, ତା'ର ପ୍ରତିଦାନ ଦେବା ପାଇଁ ମୁଁ ତୁମ ପାଖକୁ ଆସିଛି। ସକାଳୁ ଉଠିଲେ ଦେଖିବ ଜଣେ ଜୀନ (ଜୈନ ସନ୍ନ୍ୟାସୀ) ତୁମ ଘର ଆଡ଼କୁ ଆସୁଥିବେ। କିଛି ନ ଭାବି ତୁମେ ତାଙ୍କ ମୁଣ୍ଡରେ ଏକ ଶକ୍ତ ପାହାର ଦେବ। ସେ ସଙ୍ଗେ ସଙ୍ଗେ ତଳେ ପଡି ଯାଇ ଏକ ସୁବର୍ଣ୍ଣ ପ୍ରତିମାରେ ପରିଣତ ହୋଇଯିବେ। ତତ୍‌କ୍ଷଣାତ୍ ତୁମେ ତାଙ୍କୁ ଘର ଭିତରକୁ ନେଇଯିବ। ତୁମର ଦାରିଦ୍ର୍ୟ ଘୁଞ୍ଚିଯିବା ପାଇଁ ତାହା ଯଥେଷ୍ଟ ହେବ। ଛାୟାମୂର୍ତ୍ତିଟି ଅପସରି ଗଲା। ନିଦ ମଳ ମଳ ଆଖିରେ ଉଠିବସିଲେ ମଣିଭଦ୍ର। ଆଉ ନିଦ ହେଲାନି। କିଛି ସମୟ ପରେ ରାତି ପାହିଲା। ବାହାରକୁ ଆସି ଦେଖିଲେ ସତକୁ ସତ ଜଣେ ଜୀନ ତାଙ୍କ ଆଡ଼କୁ ଆସୁଛନ୍ତି। ହଠାତ୍ ତାଙ୍କ ମୁଣ୍ଡରେ ସେ ଏକ ଯଷ୍ଟି ପ୍ରହାର କଲେ। ଲୋକଟି ତଳେ ପଡିଯାଇ ଏକ ସ୍ୱର୍ଣ୍ଣମୂର୍ତ୍ତି ପାଲଟି ଗଲା। କାଳ ବିଳମ୍ବ ନ କରି ସେ ତାକୁ ଭିତରକୁ ନେଇ ଗଲେ। କିନ୍ତୁ କ୍ଷୌରାଦି କର୍ମ କରିବା ପାଇଁ ତାଙ୍କ ଘରକୁ ଆସିଥିବା ନାପିତଟିଏ ଘଟଣାଟିକୁ ଦେଖିଦେଲା। ତାକୁ ମୂର୍ତ୍ତିର ଆଙ୍ଗୁଠିଟିଏ ଦେଇ ବିଦା କରିଦେଲେ ମଣିଭଦ୍ର। ନିଜ ଆଖିକୁ ବିଶ୍ୱାସ କରି ପାରିଲାନି ନାପିତଟି। ହେ ଭଗବାନ, ଜୀନମାନଙ୍କୁ ମାରିଦେଲେ ସେମାନେ ସୁନାର ମୂର୍ତ୍ତି ହୋଇଯାନ୍ତି ଏକଥା ଆଗରୁ ଯାହା ଜାଣି ପାରିଲିନି। ସେଇଦିନ ନିକଟସ୍ଥ ଏକ ଜୈନ ମଠକୁ ଯାଇ ସେ କିଛି ଜୀନଙ୍କୁ ପ୍ରଲୋଭିତ କରି ଭୋଜନ ଦେବାକୁ କହି ନିଜ ଘରକୁ ନିମନ୍ତ୍ରଣ କରି ଆଣିଲା ଏବଂ ଗୋଟିଏ ଘରେ ପୂରେଇ ଦେଇ ପିଟିବାକୁ ଲାଗିଲା। ସେମାନଙ୍କର ଚିତ୍କାର ଶୁଣି ସେ ବାଟରେ ଯାଉଥିବା କଟୁଆଳ ତାଙ୍କୁ ଉଦ୍ଧାର କଲା ଏବଂ ନାପିତକୁ ଧରିନେଇ ରାଜ ଦଣ୍ଡରେ ଦଣ୍ଡିତ କଲା।

ଅନୁକରଣ କରିବା ସବୁ କ୍ଷେତ୍ରରେ ଖରାପ ନୁହେଁ କାରଣ ଏହାର କିଛି ସକାରାତ୍ମକ ଦିଗ ବି ରହିଛି ଯଥା ମିମିକ୍ରି, କ୍ୟାରିକେଚର୍, କମେଡି ଶୋ, ଲଘୁ ପରିହାସ ଇତ୍ୟାଦି। କିନ୍ତୁ କିଛି ନ ବୁଝି ନ ଶୁଝି ପରଠୁ ଦେଖା ଶିଖା କଲେ ଅବସ୍ଥା ଠିକ୍ ଏହିପରି ହୁଏ।

ଶାସ୍ତ୍ରୀନଗର, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଥିଲେ ଲକ୍ଷ୍ୟ ହାସଲରେ ଅର୍ଥାଭାବ କିମ୍ବା ଅନ୍ୟ କୌଣସି ସମସ୍ୟା ବାଧକ ହୋଇପାରେ ନାହିଁ, ଯାହା ଦେଖାଯାଇଛି ହିମାଚଳ ପ୍ରଦେଶର ବଲ୍‌ଜିତ କୌରଙ୍କ ଜୀବନରେ। ସେ ପ୍ରଥମ ଭାରତୀୟ ମହିଳା ଭାବେ ୩୦ ଦିନରୁ କମ୍ ସମୟ ମଧ୍ୟରେ ଅନ୍ନପୂର୍ଣ୍ଣା, କାଞ୍ଚନଜଙ୍ଘା, ଏଭରେଷ୍ଟ ଏବଂ ଲୋଷ୍ଟେ ପର୍ବତ ସଫଳତାର ସହ ଆରୋହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି। ସେ ବିନା ସପ୍ଲିମେଣ୍ଟ ଅକ୍ସିଜେନରେ ୮,୦୦୦ ମିଟର ଉଚ୍ଚ ପର୍ବତ ଚଢ଼ିଛନ୍ତି। ବଲ୍‌ଜିତଙ୍କ ବୟସ ଏବେ ୨୭। ପିଲାଦିନେ ସେ ତାଙ୍କ ଗାଁ ନିକଟରେ ଥିବା ପାହାଡ଼ ଚଢୁଥିଲେ। ପଢ଼ିବାବେଳେ ଏକ ଏନ୍‌ସିସି କ୍ୟାମ୍ପରେ ଉଚ୍ଚ ପାହାଡ଼ ଚଢ଼ିବା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କ ବୟସ ଥିଲା ୨୦। କଲେଜ ଛାଡ଼ିବା ପରେ ସେ ଅନ୍ୟମାନଙ୍କ ଘରେ କାମ କରି ପରିବାର ଚଳାଇବା ସହ ନିଜକୁ ଫିଟ୍ ରଖିବା ଲାଗି ପ୍ରସ୍ତୁତି ଜାରି ରଖିଥିଲେ। ଏପରିକି ପାହାଡ଼ ଚଢ଼ିବା ଲାଗି ସେ ନିଜ ମା'ଙ୍କ ସହ ଲୋକମାନଙ୍କଠାରୁ ଦାନ ସଂଗ୍ରହ କରିଥିଲେ। ଏଭଳି ସଂଘର୍ଷମୟ ଜୀବନ ମଧ୍ୟରେ ବଲ୍‌ଜିତ ମାସକ ମଧ୍ୟରେ ୪ଟି ଶୃଙ୍ଗର ଶିଖରରେ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି।

୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୯ ଜାନୁଆରୀ ୧୯୭୫

- ଚାନ୍ଦବାଲି ନିକଟରେ ବୈତରଣୀ ନଦୀରେ ଏକ ଶୋଚନୀୟ ନୌକା ଦୁର୍ଘଟଣା ଘଟି ୧୨ ଶିଶୁ ଓ ମହିଳାଙ୍କ ମୃତ୍ୟୁ।
- କଟକ ବହଉର ଉନ୍ନୟନ ସଂସ୍ଥା ଦ୍ୱାରା ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅରୁଣୋଦୟ ମାର୍କେଟ୍ ଉଦ୍‌ଘାଟିତ।
- କେନ୍ଦ୍ର ଶିକ

ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଶୁଭାରମ୍ଭ

ଭୁବନେଶ୍ୱର,୧୮।୧(ଅନିଲ ଦାସ)

- **୩୦ ଜିଲାରୁ ୮୦ ସୁପର ପ୍ରିମିୟମ୍ ବସ୍ ଚାଲିବ**
- **ମହିଳାଙ୍କ ପାଇଁ ଅଧା ଦାମ୍ : ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଏହି ବସଗୁଡ଼ିକ ଜିଲା ସଦରମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ। ୫-ଟି ଉପକ୍ରମରେ ଆରମ୍ଭ ହୋଇଥିବା ଲକ୍ଷ୍ମୀବସ୍ ସେବା ଯୋଜନା ଅଧୀନରେ ଏହି ବସ୍ ସେବା ଆରମ୍ଭ ହୋଇଛି। ରାଜ୍ୟର ୩୦ ଜିଲାରୁ ୮୦ଟି ସୁପର ପ୍ରିମିୟମ୍ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଏହି ଯୋଜନାରେ ଚଳାଚଳ କରିବ। ପ୍ରଥମ ପର୍ଯ୍ୟାୟରେ ୧୨ ଜିଲାରୁ ଏହି ସେବା ଆରମ୍ଭ ହୋଇଛି। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, ବରଗଡ଼, ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମା'ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ରେ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିବ। ଲକ୍ଷ୍ମୀବସ୍ ଯୋଜନାରେ ମହିଳାମାନଙ୍କ ପାଇଁ ଟିକେଟ ଦାମ୍ ମାତ୍ର ୫ ଟଙ୍କା ରହିଛି। ଏହା ମା'ମାନଙ୍କ ପାଇଁ ବହୁ ସୁବିଧା ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟବାସୀ ପୁରୀଧାମ ଆସି ମହାପ୍ରଭୁଙ୍କ ଦିବ୍ୟଦର୍ଶନ ଲାଭ କରିବା ପାଇଁ ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ସେବା ଆରମ୍ଭ ହୋଇଛି। ସମସ୍ତେ ଏହାର ସୁଯୋଗ ନେବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଧବାର ଲୋକାର୍ପିତ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ମନ୍ଦିରର ଆହୁରି ଶୋଭାବର୍ଦ୍ଧନ ହେବା ସହିତ ପରିବେଶକୁ ଭକ୍ତିମୟ କରିଛି। ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ସୁବିଧା ଦର୍ଶନର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆରାମଦାୟକ ବସ୍‌ସେବା ଆରମ୍ଭ ହୋଇଛି। ଜନସାଧାରଣ ସୁବିଧାରେ ପୁରୀ ଆସି ମହାପ୍ରଭୁଙ୍କ କୃପାଲାଭ କରିବେ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ରଖିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଏବେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି। ଲୋକପ୍ରିୟ ଲକ୍ଷ୍ମୀବସ୍ ଯୋଜନାରେ ପଞ୍ଚାୟତକୁ ବ୍ଲକ ସଦର ମହକୁମା ସହିତ ଯୋଡ଼ା ଯାଇଛି। ଯୋଗାଯୋଗ କ୍ଷେତ୍ରରେ ଲକ୍ଷ୍ମୀବସ୍ ଏବେ ରୂପାନ୍ତର ଆଣିଛି। ଜିଲା ସଦର ମହକୁମାରୁ ଶ୍ରୀକ୍ଷେତ୍ରକୁ ସିଧାସଳଖ ବସ୍ ବ୍ୟବସ୍ଥା ଦ୍ୱାରା ରାଜ୍ୟର ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ଦୃଢ଼ ହେବ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କୁ ମହାପ୍ରଭୁଙ୍କ ଦିବ୍ୟଦର୍ଶନ ଲାଭ କରିବାର ସୌଭାଗ୍ୟ ଅର୍ଜନ କରିବାରେ ଏହି ବସ୍‌ସେବା ସହାୟତା ପ୍ରଦାନ କରିବ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସହଯୋଗରେ ଓଡ଼ିଶା ବିକାଶର ଶିଖରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀରରେ ଉପସ୍ଥିତ ଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଗୁକୁନି ସାହୁ କହିଛନ୍ତି ଯେ ସାଧାରଣ ଲୋକଙ୍କ ପ୍ରତିଶ୍ରୁତି ପୂରଣ କରିବାରେ ମୁଖ୍ୟମନ୍ତ୍ରୀଙ୍କ ତୁଳନା ନାହିଁ। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଏ କ୍ଷେତ୍ରରେ ଆଉ ଏକ ମାଇଲଷ୍ଟୋନ୍। ମୁଖ୍ୟମନ୍ତ୍ରୀଙ୍କ ସବୁ କାର୍ଯ୍ୟକ୍ରମ ମହିଳାଙ୍କୁ ଅଧିକ ସଶକ୍ତ କରୁଛି। ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମର ମଙ୍ଗ ଧରି ୫-ଟି ଅଧକ୍ଷ ସବୁ ଯୋଜନା ସଫଳ କରୁଛନ୍ତି ବୋଲି ସେ କହିଛନ୍ତି। ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ଭୂପିନ୍ଦର ସିଂ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବାର ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ।

୪ ଶ୍ରମିକଙ୍କ ଜୀବନ ନେଲା ବୋର୍‌ୱେଲ ଗାଡ଼ି

ଦୁର୍ଘଟଣା ଘଟାଇଥିବା ବୋରୱେଲ ଖନନ ଗାଡ଼ି ।

ମଥୁରାନଗରୀ,୧୮।୧ (ପ୍ରେମାନନ୍ଦ ଖମାରୀ)

- **ଶୋଇଥିବାବେଳେ ଶ୍ରମିକଙ୍କ ଉପରେ ଗାଡ଼ିଗଲା**
- **ଡ୍ରାଇଭରଙ୍କୁ ଅଟକ ରଖି ପୋଲିସର ତଦନ୍ତ ଜାରି**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ବିର୍ଜାମ ଗ୍ରାମରେ ବୁଧବାର ବିଳମ୍ବିତ ରାତ୍ରିରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମ ଉପକଣ୍ଠ ଚାଷଜମି ପାଖରେ ଗଭୀର ନଳକୂପ (ଡିପ୍ ବୋରୱେଲ) ଖନନ ପାଇଁ ଆସିଥିବା ଏକ ଗାଡ଼ି (ନଂ.କେଏ୦୧ବି/୫୫୧୩) ଚାପାରେ ୪ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକମାନେ ହେଲେ ମଧ୍ୟପ୍ରଦେଶ ରାଜ୍ୟ ବାଲଘାଟ ଜିଲା କୋହକା ପଞ୍ଚାୟତ କୋନକ ଗ୍ରାମ ୱାର୍ଡ ନଂ-୫ ନିବାସୀ ଫଗନ ସିଂ ଧୁବେ(୩୪), ଅଜଗରା ଗ୍ରାମର ବିଷ୍ଣୁ ମେରଭାଇ(୨୩), ଆମଝୁର ନିବାସୀ ଶଙ୍କର ଆଦାବାସୀ(୨୧) ଏବଂ ଛତିଶଗଡ଼ ରାଜ୍ୟ କାୱାର୍ଦ୍ଧା ନିକଟ ଆମାକୋଦ୍ରାର ରାଜେଶ କୁମାର ନେତମ(୨୦)। ସେହିପରି ଅନ୍ୟ ଜଣେ ଶ୍ରମିକ ମଧ୍ୟପ୍ରଦେଶ ଦୁମ୍ଭୁ ଜିଲା ଆଟା ନିବାସୀ ଦମରବାଲେ ହୀରା(୨୫) ଭିମସାର୍‌ରେ ଭର୍ତ୍ତି କରାଯାଇଛି। ଗଭୀର ନଳକୂପ ଖନନ ଦାୟିତ୍ୱ ନେଇଥିବା ମଧ୍ୟପ୍ରଦେଶ ବାଲଘାଟ ଜିଲା ବିସର ଥାନା ଅଜଗର ନିବାସୀ ଅମୋଲି ମେରିଭି(୪୦)ଙ୍କ ଏତଲାକ୍ରମେ ପୋଲିସ ମେଲଛାମୁଣ୍ଡା ଥାନାରେ ଦଫା ୨୭୯, ୩୩୭, ୩୩୮(ଏ), ଆଇପିସିରେ ଏକ ମାମଲା (ନଂ.୧୭/୨୪) ରୁଜୁ କରିଛି। ସେହିପରି ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ତାମିଲନାଡୁ ରାଜ୍ୟ କାଙ୍କୁପାଲିର ଶ୍ରୀନିବାସ ସୀଥାରମଣ(୪୯)ଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ କରୁଛି । ପ୍ରକାଶ ଯେ, ବୁଧବାର ବିର୍ଜାମ ଗ୍ରାମ ଚାଷୀଙ୍କ ଜମି ନିକଟରେ ଗଭୀର ନଳକୂପ ଖନନ ପାଇଁ ବୁଧବାର ୨ଟି ଗାଡ଼ି ପହଞ୍ଚିଥିଲା। ସେଥିମଧ୍ୟରୁ ଗୋଟିଏ ଗାଡ଼ି ଗଭୀର ନଳକୂପ ଖନନ କରୁଥିବାବେଳେ ଅନ୍ୟ ଗାଡ଼ିରେ ଆନୁଷଙ୍ଗିକ ସାମଗ୍ରୀ ରହିଥିଲା । ତେବେ ରାତିରେ ଗୋଟିଏ ଗାଡ଼ି ପ୍ରଥମ ପର୍ଯ୍ୟାୟ ଗଭୀର ନଳକୂପ ଖନନ କରୁଥିଲା ଏବଂ ଅନ୍ୟ ଗାଡ଼ିଟି ଡିଜେଲ ଭରିବା ପାଇଁ ବାହାରକୁ ଯାଇଥିଲା। ସମ୍ପୃକ୍ତ ଗାଡ଼ ଡିଜେଲ ପକାଇବା ସହିତ ଅନ୍ୟ ଗାଡ଼ିରେ ଭରିବା ପାଇଁ ଡିଜେଲ ଧରି ଗଭୀର ନଳକୂପ ଖନନସ୍ଥଳକୁ ଆସୁଥିଲା। ଏହି ସମୟରେ ଗଭୀର ନଳକୂପ ଖନନରେ ନିୟୋଜିତ ୪ ଶ୍ରମିକ ପାଖ ଜମିରେ ଶୋଇଥିବା ବେଳେ ଡିଜେଲ ଧରି ଆସୁଥିବା ଗାଡ଼ିଟି ସେମାନଙ୍କ ଉପରେ ଚଢ଼ିଯାଇଥିଲା । ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ମେଲଛାମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

୨୦ରେ ରାଜ୍ୟର ସମସ୍ତ ଉଠାଦୋକାନ, ଭେଣ୍ଡିଂଜୋନ୍ ବନ୍ଦ

ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)

ଆସନ୍ତା ୨୦ ତାରିଖରେ ରାଜ୍ୟର ସମସ୍ତ ଉଠାଦୋକାନ ଏବଂ ଭେଣ୍ଡିଂଜୋନ୍ ବନ୍ଦ ରହିବ। ପ୍ରତିବର୍ଷ ଜାନୁଆରୀ ୨୦କୁ ଦେଶରେ ଜାତୀୟ ଉଠାଦୋକାନୀ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ଏବଂ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ମିଳିତ ସହଯୋଗରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଉଠାଦୋକାନୀ ଦିବସ ପାଳନ କରାଯିବ। ତେଣୁ ଏହିଦିନ ସମସ୍ତ ଦୋକାନ ବନ୍ଦ ରହିବା ନେଇ ସଂଗଠନ ସଭାପତି ପ୍ରତାପ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜମହଲ ଛକରୁ ଏକ ରାଜ୍ୟସ୍ତରୀୟ ମହାସମାବେଶ ବାହାରି ୟୁନିଟ-୧ ଫଳ ଭେଣ୍ଡିଂଜୋନ୍‌ଠାରେ ପହଞ୍ଚିବା ପରେ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଉଠାଦୋକାନୀମାନେ ଗ୍ରାହକଙ୍କୁ ସାଧାରଣତଃ ମୌଳିକ ସେବା ଯୋଗାଇଥାନ୍ତି। ତେବେ ୨୦ ତାରିଖରେ ଏହିସେବା ଯୋଗାଇପାରୁ ନ ଥିବାରୁ ଦୁଃଖ ପ୍ରକାଶ ହେବା ସହ ଖାଉଟିମାନେ ସହଯୋଗ କରିବାକୁ ସାହୁ ଅନୁରୋଧ କରିଛନ୍ତି।

ବାଲିପଠାରେ ଲୁଚିଥିଲେ ପ୍ରେମୀଯୁଗଳ

ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମହାନଦୀ ସେତୁ ନିକଟସ୍ଥ ଟାଓ୍ୱାର ଘାଟ ନିକଟରେ ଗୁରୁବାର ରାତିରେ ହାଇ ଡ୍ରାମା ଦେଖିବାକୁ ମିଳିଛି। ମହାନଦୀ ଗର୍ଭ ବାଲି ପଠାରେ ଦୁଇ ଦିନ ଧରି ଲୁଚି ରହିଥିବା ପ୍ରେମୀ ଯୁଗଳଙ୍କୁ ସୋନପୁର ଟାଉନ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ନାବାଳିକା ପ୍ରେମିକାଙ୍କୁ ବିଦ୍ୟୁତ୍ ଟାଓ୍ୱାର ନିକଟସ୍ଥ ପଠାରୁ ଉଦ୍ଧାର କରି ସୋନପୁର ଟାଉନ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅନ୍ୟପକ୍ଷେ ପ୍ରେମିକ ତଥା ସୋନପୁର ସହର ପଟାଭାଡି ଅଞ୍ଚଳର ଶିବ ଶମ୍ଭୁ ମେହେର(୨୧)ଙ୍କୁ ପୋଲିସ ଅଟକ ରଖିଛି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ନାବାଳିକାଙ୍କ ବାପା ବୁଧବାର ସକାଳେ ସୋନପୁର ଥାନାରେ ତାଙ୍କ ଝିଅ ଅପହରଣ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଶିବ ଶମ୍ଭୁ ନାବାଳିକାଙ୍କୁ ବୁଧବାରଠାରୁ ନେଇ ମହାନଦୀଗର୍ଭର ବାଲି ପଠାରେ ରଖିଥିଲେ। ଗୁରୁବାର ଶିବ ଶମ୍ଭୁ ମାର୍କେଟ୍‌କୁ ଖାଇବା ଆଣିବା ପାଇଁ ଯାଇଥିଲାବେଳେ ମୋବାଇଲ ଟ୍ରାକିଂ କରି ପୋଲିସ ତାଙ୍କୁ ଧରିଥିଲା। ପରେ ପୋଲିସ ନିକଟରୁ ସୂଚନା ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନାବାଳିକାଙ୍କୁ ନଦୀଗର୍ଭରୁ ଉଦ୍ଧାର କରିଥିଲେ। ଥାନାରେ ପ୍ରେମୀ ଯୁଗଳଙ୍କ ପରିବାର ଉପସ୍ଥିତ ରହିଛନ୍ତି। ଏସଆଇ ସସ୍ମିତା ଭୁଟିଆ ଏହି ଘଟଣାର ତଦନ୍ତ କରୁଛନ୍ତି।

ଏଟିଏମ୍ ଭାଙ୍ଗି ଲୁଟ୍ ଘଟଣା, ୮ ଗିରଫ

ବାଲେଶ୍ୱର, ୧୮।୧ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଏଟିଏମ୍ ଭାଙ୍ଗି ଲୁଟ୍ ଘଟଣାରେ ପୋଲିସ ୯ ଅଭିଯୁକ୍ତଙ୍କ ମଧ୍ୟରୁ ଚାନ୍ଦିପୁର ଥାନା ଅଧୀନ କଇଁଧାରୀ ଅଞ୍ଚଳର ସଞ୍ଜୟ କୁମାର ଜେନା (୨୧), ତପସୀ ଗ୍ରାମର କାଳନ୍ଦୀ ବୈଇଠା (୩୭), ଟିଗିରିଆ ଅଞ୍ଚଳର ବାଦଲ ମାଝି(୬୦), ଝଗଡ଼ପାଢ଼ି ଅଞ୍ଚଳର ରାକେଶ କୁମାର ସାହୁ (୨୬) ଓ ସଈପୁର ଅଞ୍ଚଳର ଧର୍ମେନ୍ଦ୍ର ବାରିକ (୨୨) ଏବଂ ରେମୁଣା ଥାନା ଅଧୀନ ମନ୍ଦାରପୁର ଅଞ୍ଚଳର ବିଜୟ ଦାସ (୩୦) ଓ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବଡ଼ସାହି ଗ୍ରାମର ଧର୍ମପଦ ଦାସ (୨୩) ଓ ବେତନଟୀ ଥାନା ଅଧୀନ ବଡ଼ଯୋଡ଼ ଅଞ୍ଚଳର ମନୋରଞ୍ଜନ ନାୟକ (୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଗତ ୪ ତାରିଖ ମଧ୍ୟରାତ୍ରି ରେମୁଣା ଥାନା ଅଧୀନ ଦୁର୍ଗାଦେବୀ ବଜାର ଏବଂ ୨୦୨୩ ନଭେମ୍ବର ୨୮ ତାରିଖ ମଧ୍ୟରାତ୍ରିରେ ସଦର ଥାନା ଅଧୀନ ରସାଲପୁର ବଜାରରୁ ଏଟିଏମ୍ ଲୁଟିବାରେ ଅସମର୍ଥ ହୋଇଥିଲେ।

ଖବରଦାତାଙ୍କ ଫଟୋ ଉଠାଇ ମଙ୍ଗଳ ଗ୍ରହକୁ ପଠାଅ

ଏସ୍‌ଆଇଙ୍କୁ କହିଲେ ଥାନାବାବୁ

ଭଦ୍ରକ,୧୮।୧ (ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ଥାନାଧିକାରୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ନେଇ ଖବରଦାତାମାନେ ଗୁରୁବାର ଏସ୍‌ପିଙ୍କୁ ଭେଟିଛନ୍ତି। ଅଭିଯୋଗ ଅନୁଯାୟୀ, ଧରିତ୍ରୀର ବନ୍ତ ବ୍ଲକ ଖବରଦାତା ହରିନାରାୟଣ ମହାନ୍ତି ଓ ଅନ୍ୟ ଏକ ଖବରକାଗଜର ଖବରଦାତା ରବୀନ୍ଦ୍ର ନାଥ ଓଝା ଗତ ୯ ତାରିଖରେ ବନ୍ତ ଆଦର୍ଶ ବିଦ୍ୟାଳୟ ନିକଟରେ ଘଟିଥିବା ଏକ ଦୁର୍ଘଟଣା ବିଷୟରେ ତଥ୍ୟ ସଂଗ୍ରହ ପାଇଁ ସୋମବାର ବନ୍ତ ଥାନାକୁ ଯାଇଥିଲେ। ବନ୍ତ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁଙ୍କୁ ଦୁର୍ଘଟଣା ସମ୍ପର୍କରେ ପଚାରିବାରୁ ତାଙ୍କର ଜଣେ ଏସ୍‌ଆଇଙ୍କୁ ଦୁଇ ଖବରଦାତାଙ୍କ ଫଟୋ ଉଠାଇ ମଙ୍ଗଳ ଗ୍ରହକୁ ପଠାଇବା ପାଇଁ ତାଚ୍ଛଲ୍ୟ କରି କହିଥିଲେ। ସେହିପରି ଜଣେ ୱାରେଣ୍ଟିକୁ ଗିରଫ କରି ଥାନାରେ ରଖିଥିବା ବେଳେ ଆରେଷ୍ଟ ମେମୋରେ ଦସ୍ତଖତ କରିବାକୁ କହିଥିଲେ। ଥାନା ଭିତରେ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଏପରି ବ୍ୟବହାର ସେମାନଙ୍କୁ ମର୍ମାହତ କରିଥିଲା। ଏଥିରେ ମାନସିକ ଆଘାତ ପାଇଥିବା ଏସ୍‌ପିଙ୍କୁ ଦେଇଥିବା ସ୍ମାରକପତ୍ରରେ ଖବରଦାତା ହରିନାରାୟଣ ଦର୍ଶାଇଛନ୍ତି। ଏସ୍‌ପି ବରୁଣ ଗୁଣ୍ଡୁପାଲି ଘଟଣା ବିଷୟରେ ଅବଗତ ହେବା ପରେ ଜଣେ ସିନିୟର ଅଫିସରଙ୍କ ଦ୍ୱାରା ଏହାର ତଦନ୍ତ କରିବା ସହ ଏପରି ପୁନର୍ବାର ନ ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଖବରଦାତା ନରେନ୍ଦ୍ର ସାମଲ, ପ୍ରିୟଦର୍ଶନ ବୋଇତି, ପାର୍ଥସାରଥି ନାୟକ, ଦୀପ୍ତିରଞ୍ଜନ ସାହୁ, ଅଜୟ ପଣ୍ଡା, ଶୁଭଦୀପ ମଲ୍ଲିକ, ଶୁଭ୍ରକାନ୍ତ ରାଉତ, କମଲ ପଣ୍ଡା, ଗଙ୍ଗାଧର ଦାସ ପ୍ରମୁଖ ଏସ୍‌ପିଙ୍କୁ ଭେଟିଥିଲେ।

ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟୋଲୋଜିରେ ପୂର୍ବ ଭାରତର ବିରଳ ଏଣ୍ଡୋସ୍କୋପିକ୍ ସର୍ଜରୀ

ଜଣେ ୭୪ ବର୍ଷ ବ୍ୟକ୍ତିଙ୍କର ମଳଦ୍ୱାରରେ ଏକ (Tumor) ଟ୍ୟୁମର ହୋଇଥିଲା। Pathologist (ପାଥୋଲୋଜିଷ୍ଟ) ଏହାକୁ Villous Adenoma (ଭିଲସ୍ ଆଡ଼ିନୋମା) ବୋଲି କହିଥିଲେ। ଏହି Tumorର Size 10cm ଥିଲା (ଦଶ ସେଣ୍ଟିମିଟର ଥିଲା), ଯାହାକୁ (ସର୍ଜରୀର) ଆବଶ୍ୟକତା ଥିଲା। କିନ୍ତୁ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟୋଲୋଜିରେ ଯୋଗଦାନ କରିଥିବା ଡାକ୍ତର ଶୋନମୁନ ମହାପାତ୍ର ଏହାକୁ ନୂତନ ଏଣ୍ଡୋସ୍କୋପି ପଦ୍ଧତି ମାଧ୍ୟମରେ ବାହାର କରିବା ସମ୍ଭବ ବୋଲି କହିଥିଲେ। ଡାକ୍ତର ଶୋନମୁନ ମହାପାତ୍ର ତାଙ୍କର ଅଦମ୍ୟ ଚେଷ୍ଟା ଓ ପାରଦର୍ଶିତା ଯୋଗୁ ସମ୍ପୂର୍ଣ୍ଣ ଭାବରେ ଏହି ମଳଦ୍ୱାରର Tumor ବାହାର କରିଥିଲେ। ଏଥିପାଇଁ ଦୀର୍ଘ 8 Hrs. (ଆଠ ଘଣ୍ଟା) ଲାଗିଥିଲା। ଏଥିରେ ନୂତନ କରି Speed Boat (Knife) ସ୍ପିଡବୋଟ୍ ନାଇଫ୍ ବ୍ୟବହାର କରାଯାଇଥିଲା। ଏଥିରେ ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡାକ୍ତର ଆଶୁତୋଷ ମହାପାତ୍ର, ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସାନ୍ତନୁ ଦାଶ ଏବଂ ଡାକ୍ତର ସୁମିତ ଅଗ୍ରୱାଲ, ଅଲମ୍ପସ୍ କମ୍ପାନୀର ଶ୍ରୀ ସିଦ୍ଧାର୍ଥ ପାଢ଼ୀ, Crew Medicalର Narayanan Elumalai, ଅରବି କମ୍ପାନୀର ଶ୍ରୀ ବିଭୁ ପ୍ରସାଦ ଦେ ସହଯୋଗ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଡାକ୍ତର ଶୋନମୁନ ମହାପାତ୍ର ପୃଥିବୀ ପ୍ରସିଦ୍ଧ ଆମେରିକାର ମାୟୋ କ୍ଲିନିକ୍‌ରୁ ଆଡ୍‌ଭାନ୍ସଡ୍ ଏଣ୍ଡୋସ୍କୋପିରେ ପୂର୍ଣ୍ଣ ପ୍ରଶିକ୍ଷଣ ନେଇ ଭୁବନେଶ୍ୱରରେ ଅବସ୍ଥିତ ଡାକ୍ତର ଆଶୁତୋଷ ମହାପାତ୍ରଙ୍କ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟୋଲୋଜିରେ କାର୍ଯ୍ୟରତ। ଡାକ୍ତର ଆଶୁତୋଷ ମହାପାତ୍ର କହନ୍ତି, ଏହା ଏକ ବିରଳ Endoscopic Surgery। ଡାକ୍ତର ଆଶୁତୋଷ ମହାପାତ୍ର ଜାପାନସ୍ଥିତ ଓସାକା ଇଣ୍ଟରନ୍ୟାସନାଲ କ୍ୟାନ୍‌ସର ସେଣ୍ଟର ଏବଂ ଟୋକିଓସ୍ଥିତ ନ୍ୟାସନାଲ ସେଣ୍ଟରରୁ ଆଡ୍‌ଭାନ୍ସଡ୍ ଏଣ୍ଡୋସ୍କୋପି ଇମେଜିଂରେ ଟ୍ରେନିଂ ନେଇଛନ୍ତି।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
ଶିକ୍ଷା ସୌଧ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ସଂଖ୍ୟା: ୧୦୧୬ ତାରିଖ: ୧୮.୦୧.୨୦୨୪

**କନିଷ୍ଠ ଶିକ୍ଷକ (Schematic)-୨୦୨୩ ପାଇଁ ଆବେଦନ କରି Computer Based Test (CBT) ପରୀ

ଖଣିରୁ ଆଦାୟ, ବାହାରେ ବିନିଯୋଗ

ଗଛରେ ପିଟିହେଲା ଆମ୍ବୁଲାନ୍ସ: ଶିଶୁ ମୃତ, ୪ ଗୁରୁତର

ପାଟଣା,୧୮।୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ପଞ୍ଚାୟତ ଜଡ଼ିଚାତର ପୁରୁଣାପାଣି ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଘରୋଇ ଆମ୍ବୁଲାନ୍ସ ଆକାଶିଆ ଗଛରେ ପିଟିହେବା ଫଳରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତ ଶିଶୁ ପୁତ୍ର ହେଲେ ପୂର୍ବତନ ପାଟଣା ବ୍ଲକ୍ ଉପାଧ୍ୟକ୍ଷ ଏବଂ ପୂର୍ବତନ କଣ୍ଟିଆପଡ଼ା ସରପଞ୍ଚ କନକଲତା ମହାନ୍ତ(୬୦)ଙ୍କ ନାତି ତଥା ଗଗନ ବିହାରୀ ମହାନ୍ତ ଓ ରିତାଙ୍କ ଦେଢ଼ବର୍ଷର ପୁଅ ରିୟାନ୍ସ ମହାନ୍ତ। ସୂଚନା ଅନୁଯାୟୀ, କଣ୍ଟିଆପଡ଼ା ପଞ୍ଚାୟତ ପାଟ ଧନୁର୍ଜୟପୁର ଗ୍ରାମର ଗଗନ, ତାଙ୍କ ମା' କନକଲତା, ସ୍ତ୍ରୀ ରୀତା ଓ ଦାଦା ପୁଅ ଭାଇ ବିଷ୍ଣୁପ୍ରସାଦ ରିୟାନ୍ସଙ୍କ ଚୁଟି ପକାଇବାକୁ ବୁଧବାର ଏକ ଘରୋଇ ଆମ୍ବୁଲାନ୍ସ (ଓଡି ୦୨ ବି ଏକ୍ସ ୧୯୨୫) ଯୋଗେ ଘଟଗାଁ ତାରଣୀ ମନ୍ଦିରକୁ ଯାଇଥିଲେ। ପୁଅର ମାନସିକ ପୂରଣ ସାରି ବିଳମ୍ବିତ ରାତିରେ ଫେରୁଥିବା ବେଳେ ପୁରୁଣାପାଣି ନିକଟରେ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ଦେଢ଼ବର୍ଷର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଗଗନ ଓ ତାଙ୍କ ମା' କନକଲତା, ସ୍ତ୍ରୀ ରୀତା, ଦାଦା ପୁଅ ଭାଇ ଓ ଆମ୍ବୁଲାନ୍ସ ଚାଳକ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ସମସ୍ତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏ ସଂକ୍ରାନ୍ତରେ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୫୭/୨୪)ରୁଜୁ ହୋଇଛି। ଆମ୍ବୁଲାନ୍ସକୁ ଜବତ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

ଯାଜପୁର,୧୮।୧
(ହର୍ଷବର୍ଦ୍ଧନ ବେହେରା)

ଖଣି ଅଞ୍ଚଳର ପ୍ରଭାବିତ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ସହ ପ୍ରଦୂଷଣଜନିତ କ୍ଷୟକ୍ଷତିର ଭରଣା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠି ଗଠନ ହୋଇଛି। ଏହି ପାଣ୍ଠି ଖଣି ପ୍ରଭାବିତ ଓ କ୍ଷତିଗ୍ରସ୍ତ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବିନିଯୋଗ କରାଯିବାର ବ୍ୟବସ୍ଥା ରହିଛି। ତେବେ ଯାଜପୁର ଜିଲା ସୁକିନ୍ଦା ଖଣି ଓ ଦାନଗଦୀ ଶିଳ୍ପାଞ୍ଚଳରେ ଡିଏମ୍‌ଏଫ୍ ପାଣ୍ଠିର ବିନିଯୋଗ ନୈରାଶ୍ୟଜନକ ରହିଛି। ଏପରିକି ଏକାଧିକ ଉନ୍ନୟନ ପ୍ରକଳ୍ପ କରିବାକୁ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟ ଫେଲ୍ ମାରିଛି। ଅନ୍ୟପକ୍ଷେ ଏହି ଅଞ୍ଚଳରୁ ଆଦାୟ ହେଉଥିବା ଡିଏମ୍‌ଏଫ୍ ପାଣ୍ଠିରୁ କୋଟି କୋଟି ଟଙ୍କା ଅଣଖଣି ଅଞ୍ଚଳରେ ସମ୍ପଳନୀ, ଡାକ୍ତରଖାନା ପାଇଁ ଜମି କିଣା, ଆଦର୍ଶ ବିଦ୍ୟାଳୟ, ପର୍ଯ୍ୟଟନ, ଶିକ୍ଷା ଆଦି କ୍ଷେତ୍ରରେ ଖର୍ଚ୍ଚ କରାଯାଉଛି। ଫଳରେ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ମତପ୍ରକାଶ ପାଇଛି।

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଖଣିଜକ୍ଷେତ୍ର କଲ୍ୟାଣ ଯୋଜନାକୁ ଆଧାରକରି ୨୦୧୫ ଜାନୁଆରୀ ୧୨ରେ ରାଜ୍ୟ ସରକାର ଡିଏମ୍‌ଏଫ୍ ପାଣ୍ଠି ଆରମ୍ଭ କରିଥିଲେ। ମୁଖ୍ୟତଃ ଡିଏମ୍‌ଏଫ୍ ଅର୍ଥରାଶି ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଖଣି ମାଲିକ ସରକାରଙ୍କୁ ଦେଉଥିବା ରାଜସ୍ୱର ୩୦ ପ୍ରତିଶତ ଅର୍ଥ ଡିଏମ୍‌ଏଫ୍ ପାଣ୍ଠିକୁ ଯାଇଥାଏ। ମିଳିଥିବା ସୂଚନାନୁସାରେ

ଭିତ୍ତିପ୍ରସ୍ତର ସ୍ଥାପନର ୩ ମାସ ପରେ ବି ଟମ୍‌କା-ମଙ୍ଗଳପୁର ୪ ଥାକିଆ ରାସ୍ତା କାମ ଆରମ୍ଭ ହୋଇପାରିନାହିଁ।

ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି

୨୦୨୩ ଜୁଲାଇ ସୁଦ୍ଧା ଯାଜପୁର ଜିଲାରେ ୧,୮୯୭.୮୭ କୋଟି ଟଙ୍କା ପ୍ରୋଗ୍ରେସିଭ ଆଦାୟ ହୋଇଛି। ଏଥିରେ ୪,୧୦୧ଟି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସେଥିରୁ ୨,୯୮୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ମାତ୍ର ୧୦୩୫.୫୬କୋଟି (୪୦.୮୯%) ଟଙ୍କା ଖର୍ଚ୍ଚ ହୋଇପାରିଛି। ଅନ୍ୟପକ୍ଷେ ୨୦୨୧-୨୨ ବର୍ଷର ରିପୋର୍ଟ ଅନୁସାରେ ଜିଲାରେ ୧୫୦୦ କୋଟି ଆଦାୟ ହୋଇଥିବାବେଳେ ସେଥିରୁ ସୁକିନ୍ଦା ଓ ଦାନଗଦୀ ବ୍ଲକ ଅଞ୍ଚଳରେ ଥିବା ୧୬ଟି ଖଣି ଓ ଶିଳ୍ପ ସଂସ୍ଥା ୧୪୯୪.୨୫ (୯୯%) କୋଟି ଟଙ୍କା ଡିଏମ୍‌ଏଫ୍ ପାଣ୍ଠିକୁ ମିଳିଥିଲା। ହେଲେ ଏହି ଅଞ୍ଚଳରେ ଦୀର୍ଘ ୭ ବର୍ଷ ହେବ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବିତ ଟମ୍‌କା-ମଙ୍ଗଳପୁର ୪ ଥାକିଆ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏନେଇ ବିଭିନ୍ନ ସ୍ତରରେ ଅଭିଯୋଗ ହେବାପରେ ୧୯।୧୦।୨୦୨୩ରେ ଡିଏମ୍‌ଏଫ୍ ପାଣ୍ଠିରୁ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଡୁମୁଣି ଓ ଗୁହିଆଶାଳାକୁ ଏଯାଏ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ସେହିପରି ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣା ପରେ କାଳିଆପାଣିରେ ଏକ ସରକାରୀ ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ତଦନୁସାରେ ଟାଟା ଷ୍ଟିଲ୍ ହସ୍ପିଟାଲ ଗୃହ ସରକାରଙ୍କୁ ହସ୍ତାନ୍ତର ହୋଇଥିଲା। ହେଲେ ଦୁର୍ଭାଗ୍ୟ ଯେ, ସେଠାରେ ଜଣେ ମାତ୍ର ଡାକ୍ତର ଡେପୁଟେଶନରେ ସପ୍ତାହରେ ୨ଦିନ ଆସୁଥିବାବେଳେ ଜଣେ ଲେଖାଏଁ ନର୍ସ ଓ କମ୍ପାଉଣ୍ଡର ଅଛନ୍ତି। ଏମାନେ ସମସ୍ତେ ଡିଏମ୍‌ଏଫ୍ ପାଣ୍ଠିରୁ ଦରମା ପାଉଥିବା ଜଣାପଡ଼ିଛି। ସେହିପରି ଓମ୍‌ବାଡାକ୍ ପାଣ୍ଠିରୁ ୨୨୩କୋଟି ଟଙ୍କାରେ ସୁକିନ୍ଦା ଅଞ୍ଚଳର ୨୫ଟ ପଞ୍ଚାୟତବାସୀଙ୍କ ପାଇ ୩ଟି ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ହେଲେ ଏବେ ବି କାଙ୍କଡପାଲ, ରାହାଁସୋଲ, ଚିଙ୍ଗୁଡିପାଲ, କାଳିଆପାଣି, ଦୁଧୁଯୋରୀ, କଅଁସ, ପିଖୁଡିଆ, କୁହିକା ଆଦି ପଞ୍ଚାୟତର ଶତାଧିକ ପରିବାର ପାଇପ ଜଳରୁ ବଞ୍ଚିତ ରହିଛନ୍ତି। କାଳିଆପାଣି ହାଇସ୍କୁଲରେ ଏକ ସରକାର ଡିଗ୍ରୀ କଲେଜ ଖୋଲିବାକୁ ହୋଇଥିବା ପ୍ରଶାସନିକ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ସୁକିନ୍ଦା ଖଣି ଅଞ୍ଚଳରେ ଏଯାଏ ଗୋଟିଏ ବି ଆଦର୍ଶ ବିଦ୍ୟାଳୟ ହୋଇ ନ ଥିବାବେଳେ ଏହି ଡିଏମ୍‌ଏଫ୍ ପାଣ୍ଠିରୁ ଜିଲାର ଅନ୍ୟ ବ୍ଲକଗୁଡିକରେ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ହୋଇଛି। ସୁକିନ୍ଦା ଅଞ୍ଚଳରେ ଖଣି ସଂସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ କିଛି ବସ୍ ଚାଲୁଛି, ହେଲେ ଏଥିରେ ଅଯଥାରେ ସମୟ ଯାଉଥିବାରୁ ଛାତ୍ରୀଛାତ୍ରମାନେ ନିକଟସ୍ଥ ଅଞ୍ଚଳରେ ଶିକ୍ଷାର ଭିତ୍ତିଭୂମି ନିର୍ମାଣ କରିବାକୁ ଦାବି କରୁଛନ୍ତି। କାଳିଆପାଣି ଅଞ୍ଚଳରେ ଏକ ଷ୍ଟାଡିୟମ ନିର୍ମାଣ କରିବାକୁ ଦାବି ହେଉଥିଲେ ହେଁ ତାହା କେହି ଶୁଣୁନାହାନ୍ତି। ଖଣି ଅଞ୍ଚଳରେ ଏଭଳି ଅନେକ ସମସ୍ୟା ଲାଗି ରହିଥିଲେ ହେ ଡିଏମ୍‌ଏଫ୍ ପାଣ୍ଠିକୁ ଜିଲାର ଅନ୍ୟ ବ୍ଲକଗୁଡିକରେ ବିନିଯୋଗ କରି ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ପ୍ରତାରଣା କରାଯାଉଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ଯାଜପୁର ଜିଲା ସଦର ଡାକ୍ତରଖାନାର ସମ୍ପ୍ରସାରଣ କରିବାକୁ ଆବଶ୍ୟକ ଜମି କିଣିବାକୁ ଡିଏମ୍‌ଏଫ୍ ପାଣ୍ଠିରୁ ୪୩.୪୩ କୋଟି ଟଙ୍କା ମଞ୍ଜୁର ହୋଇଛି। ଜଲା ଡାକ୍ତରଖାନାର ବକାଶ ଜରୁରୀ ସତ, କିନ୍ତୁ ବିପୁଳ ଡିଏମ୍‌ଏଫ୍ ପାଣ୍ଠି ମହଜୁଦ ଥାଇ ବି ଖଣି ପ୍ରଭାବିତ ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାରୁ ତାହା ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଏନେଇ ଜିଲାପାଳ ତଥା ଡିଏମ୍‌ଏଫ୍ ଅଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ଏପର୍ଯ୍ୟନ୍ତ ଜିଲାରେ ୬୦%ରୁ ଅଧିକ ପାଣ୍ଠି ଖର୍ଚ୍ଚ ହୋଇସାରିଛି। ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଅନୁସାରେ ପାଣ୍ଠି ବିନିଯୋଗ କରାଯାଉଛି। ଏଥିସହିତ ଖଣି ଅଞ୍ଚଳର ବିକାଶ ପାଇଁ ଡିଏମ୍‌ଏଫ୍ ପାଣ୍ଠିକୁ ଆମେ ଅଧିକ ଗୁରୁତ୍ୱ ଦେଉଛୁ।

୭ ହଜାର ମେଟ୍ରିକ୍ ଟନ୍ ଲମ୍ପ୍‌ସ ଜବତ

ଖଣି ବିଭାଗ ପକ୍ଷରୁ ଯାଞ୍ଚ

ଯୋଡ଼ା,୧୮।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ାସ୍ଥିତ ଓଏମ୍‌ଡିସି ଖଣି(ଓଡ଼ିଶା ମିନେରାଲ୍ସ ଡେଭଲପମେଣ୍ଟ କମ୍ପାନୀ)ରେ ଖଣି ବିଭାଗ ଗୁରୁବାର ଯାଞ୍ଚ କରିଛି। ଏହି ସମୟରେ ବିଭାଗ ୭ ହଜାର ମେଟ୍ରିକ ଟନ୍ ଲମ୍ପ୍‌ସ ଜବତ କରିଥିବା ଜଣାପଡ଼ିଛି। ଚଞ୍ଚକତାକରି ଲୁହାପଥର ପରିବହନ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଓଏମ୍‌ଡିସି ଖଣିରୁ ଗୁଣ୍ଡ ଲୁହାପଥର ପରିବହନ ଅନୁମୋଦନ ପାଇଁ ପ୍ରସ୍ତୁତି କରୁଥିଲା। ମାତ୍ର ବଡ଼ଖଣ୍ଡ ଲୁହାପଥର (ଲମ୍ପ୍‌ସ) ପରିବହନ ପାଇଁ ଚଞ୍ଚକତା କରାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଖଣି ବିଭାଗ ଉକ୍ତ ଖଣି ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଗୁରୁବାର ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟର ଇଣ୍ଟରନାଲ ସ୍କ୍ୱାଡ୍ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଖଣିଜ ଷ୍ଟକ୍‌କୁ ଦେଖି ସନ୍ଦେହ ହେବାରୁ ଷ୍ଟକ୍‌କୁ ଖୋଲି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଗୁଣ୍ଡ ଲୁହାପଥର ଭିତରେ ବଡ଼ ଲୁହାପଥର ଥିବା ଯାଞ୍ଚକାରୀ ଦଳ ଦେଖିବାକୁ ପାଇଥିଲେ। ପରେ ବିଭାଗ ନଥିପତ୍ର ଓ ଷ୍ଟକ୍ ବୁକ୍‌କୁ ଯାଞ୍ଚ କରିଥିଲା। ଷ୍ଟକ୍ ବୁକ୍‌ରେ ବଡ଼ ଲୁହାପଥର ଦର୍ଶାଯାଇ ନ ଥିବା ଦେଖି ଖଣିରୁ ୭ ହଜାର ମେଟ୍ରିକ ଟନ୍ ବଡ଼ ଲୁହାପଥରକୁ ଜବତ କରିଥିଲା। ଏହାର ସମ୍ପୂର୍ଣ୍ଣ କାଗଜପତ୍ର ଖଣି କର୍ତ୍ତୃପକ୍ଷଙ୍କୁ ବିଭାଗ ମାଗିଥିବା ଜଣାପଡ଼ିଛି।

ମାଓବାଦୀ ରତନ କଶ୍ୟପ ନିହତ

ମାଲକାନଗିରି,୧୮।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲାରେ ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟି ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଜଣେ ମାଓବାଦୀ ନିହତ ହୋଇଥିବା ବେଳେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ମୃତ ମାଓବାଦୀ ଜଣଙ୍କ ମିଲିସିଆ ପ୍ଲାଟୁ ଡେପୁଟି କମାଣ୍ଡର ରତନ କଶ୍ୟପ। ସୂଚନା ଅନୁଯାୟୀ, ଦାନ୍ତେୱାଡା ଜିଲା ବାରସୁର ଥାନା ଅଞ୍ଚଳ ମଙ୍ଗନାର ଜଙ୍ଗଲରେ ୧୦ ରୁ ୧୫ ଜଣ ସଶସ୍ତ୍ର ମାଓବାଦୀଙ୍କ ଉପସ୍ଥିତି ଥିବା ଖବର ପାଇ ଡିଆରଜି ଓ ବସ୍ତର ଫାଇଟର୍ସ, ଦାନ୍ତେୱାଡା ଏବଂ ସିଆର୍‌ପିଏଫ୍ ୧୯୫ ବାହିନୀ ଉକ୍ତ ଜଙ୍ଗଲରେ କୋମ୍ବିଂ ଆରମ୍ଭ କରିଥିଲେ। ସୁରକ୍ଷା ବାହିନୀ ଆସୁଥିବା ଜାଣି ମାଓବାଦୀମାନେ ସୁରକ୍ଷା ବାହିନୀଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ସୁରକ୍ଷା ବାହିନୀ ମଧ୍ୟ ଗୁଳି ଚାଳନା କରିଥିଲେ। ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ଗୁଳି ଚାଳନା ପରେ ସୁରକ୍ଷା କର୍ମୀଙ୍କ ଗୁଳିର ସାମ୍ନା କରି ନ ପାରି ଜଙ୍ଗଲ ଭିତରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ଜଣେ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ । ଏହି ମାଓବାଦୀଙ୍କ ନାମରେ ସରକାରଙ୍କ ତରଫରୁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ପୋଲିସ ସୂଚନା ଦେଇଛି।

ଜଳକାରୁ ଡଲ୍‌ଫିନ୍ ଉଦ୍ଧାର

ନଦୀରୁ ଧରାଯାଇଥିବା ଡଲଫିନ।

ରୂପସା, ୧୮।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗୋଠଗଡ଼ିଆ ନିକଟ ଦେଇ ପ୍ରବାହିତ ଜଳକା ନଦୀରୁ ଗୁରୁବାର ଏକ ଡଲଫିନ ଉଦ୍ଧାର ହୋଇଛି। ସକାଳେ ସ୍ଥାନୀୟ ଅଞ୍ଚଳର କିଛି ପିଲା ନଦୀପାଖକୁ ଶୌଚ ପାଇଁ ଯାଇଥିବା ବେଳେ ନଦୀରେ ଉକ୍ତ ମାଛ ପହଁରୁଥିବା ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଏହି ମାଛକୁ କୌଣସି ହିଂସ୍ର ଜନ୍ତୁ ଭାବି ଭୟଭୀତ ହୋଇପଡିଥିଲେ। ଏହାପରେ କୌତୁହଳ ସହକାରେ ସେହି ମାଛକୁ ଜାଲ ସାହାଯ୍ୟରେ ଧରାଯାଇଥିଲା। ପରେ ଏହାକୁ ନଳବାହାର ଚନ୍ଦନ ପୋଖରୀରେ ଛଡ଼ାଯାଇଥିଲା। ଖବରପାଇ ବାଲେଶ୍ୱର ବନବିଭାଗ ଅଧିକାରୀ ପହଞ୍ଚି ଉକ୍ତ ପୋଖରୀରୁ ମାଛକୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ଏ ସମ୍ପର୍କରେ ବନବିଭାଗ ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା କହିଛନ୍ତି, ଡଲଫିନ ଛଡାଯାଇଥିବା ପୋଖରୀ ନିକଟରେ ଏକ ଟିମ୍ ଜଗି ରହିଛି। ଶୁକ୍ରବାର ପୋଖରୀ ମଧ୍ୟରୁ ଉଦ୍ଧାର କରାଯିବ। ଡଲଫିନକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କର ପ୍ରବଳ ଭିଡ଼ ଲାଗିରହିଛି।

ପାକ୍ସରେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

କଟ୍‌ନିକୁ ବିରୋଧ

ଗୁଡ୍‌ଭେଲା,୧୮।୧
(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡ୍‌ଭେଲା ବ୍ଲକ ଅନ୍ତର୍ଗତ ନୂଆପଡ଼ା ପାକ୍ସରେ ଗୁରୁବାର ବିନା କଟ୍‌ନୀରେ ଧାନ ଉଠି ପାରିବନି ଜାଣିବା ପରେ ଗ୍ରାମର ଅଶୋକ ମେହେର(୩୫) ବିଷ ପିଇବାକୁ ଉଦ୍ୟମ କରିଥିଲେ। ଉପସ୍ଥିତ ଅନ୍ୟ ଚାଷୀମାନେ କୌଣସିମତେ ତାଙ୍କୁ ଏଥିରୁ ନିବୃତ୍ତ କରିଥିଲେ। ପରେ ଚାଷୀମାନେ ବିନା କଟ୍‌ନୀରେ ଧାନ ଉଠାଇବା ଦାବିରେ ପାକ୍ସ କାର୍ଯ୍ୟାଳୟ ଘେରାଉ କରିଥିଲେ। କୋଅପରେଟିଭ ସୋସାଇଟି ଇନ୍ସପେକ୍ଟର ସୁମଜିତ ପ୍ରଧାନ ଓ ଆନାଲିସିସ ଟିମ୍‌ର ଜିଲା ଅଧିକାରୀ ସୁରେନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଉତ୍ତେଜନାମୂକଳ ପରିସ୍ଥିତିକୁ ଆଖି ଆଗରେ ରଖି ପାକ୍ସ ପରିସରରେ ପୋଲିସ ମୁତୟନ କରାଯାଇଛି। ଅଶୋକ ମେହେର କହିଛନ୍ତି ମୋ ଧାନର ମାନ ଠିକ୍ ଅଛି। ଏହାସତ୍ତ୍ୱେ ଧାନ ଉଠୁନାହିଁ। ଗୁରୁବାର ରାତି ୧୨ଟାରେ ତାଙ୍କର ଟୋକନ ଅବଧି ସରିଯିବ। ଏହି ସମୟରେ ଯଦି ତାଙ୍କର ଧାନ ନ ଉଠେ ତେବେ ସେ ନିଶ୍ଚିତଭାବେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି।

ଯମଜ ଶିଶୁଙ୍କ ଜୀବନ ନେଇଛନ୍ତି ମା'

ଅନୁଗୋଳ, ୧୮।୧
(ଅମିତ କୁମାର ସାମଲ)

ବିବାହର ୧୧ ବର୍ଷ ପରେ ଯେଉଁ କୋଳ ପୂରିଉଠିଥିଲା ତାହାକୁ ଶୂନ୍ୟ କରିଦେଇଛନ୍ତି ନିଜେ ମା'। ୩ ମାସର ଶିଶୁକନ୍ୟା ଓ ଶିଶୁପୁତ୍ରଙ୍କୁ ଅନ୍ୟ କେହି ନୁହେଁ, ବରଂ ଜନ୍ମକରିଥିବା ମା' ହିଁ କୂଅରେ ଫିଙ୍ଗି ହତ୍ୟା କରିଛନ୍ତି। ଏପରି ଘଟଣା ଗୁରୁବାର ପଦାକୁ ଆସିବା ପରେ ସ୍ତବ୍ଧ ହୋଇଯାଇଛି ପୂରା ପରିବାର। ସ୍ତ୍ରୀ ତପସ୍ୱିନୀଙ୍କ ଏପରି କାର୍ଯ୍ୟକୁ ନେଇ ଚକିତ ହୋଇଯାଇଛନ୍ତି ଅନୁଗୋଳ ଜିଲା ବନ୍ତଳା ଥାନା ବସଲା ପଞ୍ଚାୟତ ମୁଣ୍ଡାଡିପ ଗାଁର ସୁନୀଲ କୁମାର ସାହୁ। ବୁଧବାର ଅପରାହ୍ନରେ ଘଟିଥିବା ଏହି ଘଟଣାର ପର୍ଦ୍ଦାଫାଶ ପୋଲିସ କରିବା ସହ ଦୋଷ ସ୍ୱୀକାର ପରେ ଅଭିଯୁକ୍ତା ତପସ୍ୱିନୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ କହିଛନ୍ତି, ବସଲା ପଞ୍ଚାୟତ ମୁଣ୍ଡାଡିପ ଗାଁର ସୁନୀଲ କୁମାର ଓ ତପସ୍ୱିନୀଙ୍କ ବିବାହର ପ୍ରାୟ ୧୧ ବର୍ଷ ପରେ ଏହି ଯମଜ ସନ୍ତାନ ଜନ୍ମ ହୋଇଥିଲେ। ଦୀର୍ଘବର୍ଷ ପରେ ପରିବାରକୁ ସନ୍ତାନ ଆସିଥିବାରୁ ଘରଲୋକେ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। ସେମାନେ ପୁଅର ନାମ

କୂଅରେ ପକାଇ ୩ ମାସର ଝିଅ, ପୁଅଙ୍କୁ ହତ୍ୟା ଘଟଣା

ଗିରଫ ତପସ୍ୱିନୀ ସାହୁ।

ସାଇ ଓ ଝିଅର ନାମ ଶ୍ରଦ୍ଧା ରଖିଥିଲେ। ସୁନୀଲ ନିଶା ଥାନା ଅଞ୍ଚଳରେ ଏକ ଦୋକାନ କରିଥିବା ବେଳେ ତପସ୍ୱିନୀ ପରିବାରର ଅନ୍ୟ ସଦସ୍ୟଙ୍କ ସହ ଗାଁରେ ରହୁଥିଲେ। ପରିବାରରେ କୌଣସି ସମସ୍ୟା ନ ଥିବାବେଳେ ବୁଧବାର ସନ୍ଧ୍ୟାରେ ହଠାତ ତପସ୍ୱିନୀ ୨ ଶିଶୁଙ୍କୁ ନେଇ ବାଡ଼ିପଟେ ଥିବା କୂଅରେ ଫିଙ୍ଗି ଦେଇ ପଡ଼ୋଶୀ ଘରକୁ ଗ୍ଲାସ ଧରି କ୍ଷୀର ଆଣିବାକୁ ଚାଲିଯାଇଥିଲେ। ସେଠାରୁ ଫେରିବା ପରେ ଛୁଆ କୁଆଡ଼େ ଗଲେ କହି ପାଟି କରି ଅନ୍ୟମାନଙ୍କୁ ଡାକିଥିଲେ। ଖୋଜାଖୋଜି ପରେ ଉକ୍ତ କୂଅ ଭିତରେ ଝିଅପୁଅଙ୍କ ମୃତଦେହ ଭାସୁଥିବା ପରିବାର ଲୋକେ ଦେଖି ଉଭୟଙ୍କୁ ଉଦ୍ଧାର କରି ବନ୍ତଳା ମେଡିକାଲ ନେଇଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ବନ୍ତଳା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣାର ତଦନ୍ତ କରାଯାଉଥିବା ବେଳ

#HOCKEYINVITES

ENROUTETOPARIS

FIH HOCKEY OLYMPIC QUALIFIERS 2024 RANCHI

FIH

HOCKEY INDIA

FREE ENTRY

FIH HOCKEY OLYMPIC QUALIFIERS RANCHI 2024

MARANG GOMKE JAIPAL SINGH ASTROTURF HOCKEY STADIUM, RANCHI

TODAY'S MATCHES

TIME: 10:30

Loser Match 13

VS

Loser Match 14

TIME: 13:30

Winner Match 13

VS

Winner Match 14

TIME: 16:30

Loser Match 15

VS

Loser Match 16

TIME: 19:30

Winner Match 15

VS

Winner Match 16

19 JANUARY 2024

FINAL

19:30 ONWARDS

HEMANT SOREN
Chief Minister, Jharkhand

INDIA

WATCH LIVE ON

sports 18 JioCinema

STADIUM ENTRY
(FOR SPECTATORS)
08:30 am Onwards

GLOBAL PARTNERS: ODISHA INDIA'S BEST KEPT SECRET. | Watch Hockey

NATIONAL PARTNERS: ODISHA INDIA'S BEST KEPT SECRET.

GLOBAL SUPPLIER: polytan

NATIONAL SUPPLIERS: SHALBY DIVINE | Limca Sportz

INFORMATION & PUBLIC RELATIONS DEPARTMENT, JHARKHAND

PR- 316480 (IPRD) 2023-24

ସଂକ୍ଷେପରେ

ମହର୍ଷି ମହେଶ ଯୋଗୀଙ୍କ ୧୦୫ ତମ ଜୟନ୍ତୀ

ପୁରୀ,୧୮।୧(ଅଜିତ୍ ମହାନ୍ତି)

ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଆଳିପଡ଼ାସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ମହର୍ଷି ମହେଶ ଯୋଗୀଙ୍କ ୧୦୫ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମହର୍ଷି ମହେଶ ଯୋଗୀଙ୍କ ଶିଷ୍ୟ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ଅଧ୍ୟକ୍ଷତା କରି କହିଥିଲେ, ଭାରତର ବିଭିନ୍ନ ସ୍ଥାନରେ ବ୍ରାହ୍ମଣଙ୍କ ବେଦପାଠ ତଥା ସବୁ ବର୍ଗର ପିଲାଙ୍କୁ ମହର୍ଷି ଜ୍ଞାନ ଓ ଧ୍ୟାନ କରାଇ ମଣିଷ ଜୀବନରେ ସୁଖ, ଶାନ୍ତିର ବାର୍ତ୍ତା ଦେଇଛନ୍ତି। ମହର୍ଷିଙ୍କ ଆଦର୍ଶରେ ବ୍ରାହ୍ମଣ ନିଜ ନୀତି ନିୟମ ମାନି ଚଳିଲେ ଭାରତ ବିଶ୍ୱଗୁରୁ ହୋଇପାରିବ ବୋଲି ପଣ୍ଡା ମତବ୍ୟକ୍ତ କରିଥିଲେ। ମୁମ୍ବାଇର ଶ୍ରୀଜ୍ଞାନେଶ୍ୱର ମଠ ଟ୍ରଷ୍ଟ ଅଧ୍ୟକ୍ଷ ୧୦୦୮ ମହାମଣ୍ଡଳେଶ୍ୱର ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହର୍ଷିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭୁବନେଶ୍ୱରର ଦିଲୀପ ଖଣ୍ଡେଲୱାଲ ଓ ହାଇଦ୍ରାବାଦର ରମେଶ କୁମାର ଫୁଫଲିୟାଙ୍କ ଦ୍ୱାରା ଉତ୍ସବ ସ୍ଥଳରେ ଗୁରୁ ପୂଜନ ଅନୁଷ୍ଠିତ ହୋଇଥିଲା। ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ୧୦୦୮ ଗୋପାଳ ସହସ୍ର ନାମଯଜ୍ଞ ଅନୁଷ୍ଠିତ ହେବା ସହ ଉପସ୍ଥିତ ଭକ୍ତମାନେ ଗୋମାତା ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ଟ୍ରଷ୍ଟ ମୁଖପାତ୍ର ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

୧୧ରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ନିମାପଡ଼ା,୧୮।୧(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ '୯ମ ପଦ୍ମଚରଣ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ' ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବାରବାଟୀ ମିନି ଷ୍ଟାଡିଅମଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ତଥା ଆସୋସିଏଶନ ସଭାପତି ସମୀର ରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ଫେବୃଆରୀ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ପ୍ରତିଷ୍ଠିତ ୮ଟି ଦଳ ଯୋଗ ଦେବେ ବୋଲି ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି। ଟୁର୍ନାମେଣ୍ଟ କିଭଳି ସରସ ସୁନ୍ଦର କରାଯିବ, ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଆସୋସିଏଶନ ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ, କ୍ରୀଡ଼ାବିତ୍ ନିର୍ମଳ ମିଶ୍ର, ପ୍ରକାଶ ବରାଳ, ବିଶ୍ୱଜିତ୍ ମଲ୍ଲିକ, କ୍ରୀଡ଼ା ଶିକ୍ଷକ ରଞ୍ଜିତ୍ କେଶରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

କନିଷ୍ଠ ଶିକ୍ଷକ ପରୀକ୍ଷାଫଳକୁ ନେଇ ବଢ଼ୁଛି ଅସନ୍ତୋଷ

ସ୍ପଷ୍ଟୀକରଣ ରଖିଲା ଓସେପା

ଭୁବନେଶ୍ୱର, ୧୮।୧(ଅସମାପିକା ସାହୁ)

କନିଷ୍ଠ ଶିକ୍ଷକ(ସ୍କିମାଟିକ) ଲିଖିତ ପରୀକ୍ଷା ଫଳ ପ୍ରକାଶ ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରାର୍ଥୀଙ୍କ ସମୁଦାୟ ମାର୍କ ପ୍ରକାଶ କରିବା, ନର୍ମାଲାଇଜେଶନ୍ ପ୍ରକ୍ରିୟା ଓ ମାର୍କ ପ୍ରକାଶ କରିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କକୁ ସାର୍ବଜନୀନ କରିବାକୁ ସେମାନେ ଦାବି କରୁଛନ୍ତି। ଏହି ସମସ୍ତ ତଥ୍ୟ ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ପାଇବାକୁ ଗୁରୁବାର ବହୁ ସଂଖ୍ୟାରେ ଆଶାୟୀ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ(ଓସେପା) କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ସେପଟେ ଆଶାୟୀଙ୍କ ଅଭିଯୋଗକୁ ନେଇ ଓସେପା ପକ୍ଷରୁ ଗୁରୁବାର ସ୍ପଷ୍ଟୀକରଣ ଦିଆଯାଇଛି। ବିଭିନ୍ନ ବର୍ଗରେ ୨୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଦିଷ୍ଟ ବର୍ଗ ପାଇଁ ଆବେଦନକାରୀଙ୍କ ସଂଖ୍ୟାକୁ ନେଇ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯାଇଛି। ଅର୍ଥାତ୍ ଯେଉଁ ବର୍ଗରେ ଆଶାୟୀଙ୍କ ସଂଖ୍ୟା କମ୍ ଥିଲା ସେହି ବର୍ଗର ସଂରକ୍ଷଣ ଥିବାରୁ ଅବଶିଷ୍ଟ ପଦ ଖାଲି ରହିଛି। ସେହିପରି ବହୁ ଆଶାୟୀଙ୍କ ଯୋଗ୍ୟତା ନ ଥାଇ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ଓସେପା ସ୍ୱୀକାର କରିଛି। କିନ୍ତୁ ଏହା କେବଳ ମେରିଟ୍ ଲିଷ୍ଟ ହୋଇଥିବାରୁ ପ୍ରମାଣପତ୍ର ଯାଞ୍ଚ ସମୟରେ ଅଯୋଗ୍ୟଙ୍କୁ ବାଦ୍ ଦିଆଯିବ ବୋଲି ଦର୍ଶାଇଛି। କେବଳ ମେରିଟ୍ ଅନୁଯାୟୀ ଚୟନ କରାଯାଇ ନ ଥିବା ମଧ୍ୟ ଦର୍ଶାଇଛି। ଆଶାୟୀମାନେ ଦେଇଥିବା ଆଗ୍ରାଧିକାର ଜିଲା ତାଲିକାକୁ ନେଇ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯାଇଛି। ଅନ୍ୟପଟେ ଓସେପାର ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ଯୋଗୁ ସମସ୍ତ ପଦ ପୂରଣ ହୋଇପାରିବ ନାହିଁ ବୋଲି ଆଶାୟୀମାନେ ଅଭିଯୋଗ କରିଛନ୍ତି।

ସେପଟେ ଆଡ୍‌ମିଟ କାର୍ଡକୁ ନେଇ ଚର୍ଚ୍ଚା ହୋଇଛି। ଜଣେ ପରୀକ୍ଷାର୍ଥୀଙ୍କ ନାଁ ମାହାଲ ମାଣ୍ଡା, ବାପାଙ୍କ ନାଁ ମାହାଲ ମାଣ୍ଡା ପ୍ରୋ ରହିଛି। ଓସେପା ଇ-ଆଡମିଟ୍ କାର୍ଡରେ ଏଭଳି ଅଜବ ନାଁକୁ ନେଇ ଆଶାୟୀମାନେ ଖପ୍ପା ହୋଇଛନ୍ତି। କେବଳ ଏତିକି ନୁହେଁ, ଗୋଟିଏ ଆଡ୍‌ମିଟ କାର୍ଡରେ ପରୀକ୍ଷାର୍ଥୀଙ୍କ ଫଟୋ ବଦଳରେ ପକ୍ଷୀର ଚିତ୍ର ଲାଗିଥିବା ଦେଖିବାକୁ ମିଳିଛି। ତେବେ ଏହାକୁ ନେଇ ଓସେପା ମଧ୍ୟ ସ୍ପଷ୍ଟୀକରଣ ଦେଇଛି। ଓସେପା କହିଛି, ଯୋଗ୍ୟ ବ୍ୟକ୍ତିଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯାଇଥାଏ। ଆବେଦନକାରୀ ଦାଖଲ କରିଥିବା ସୂଚନା ଆଧାରରେ ଆପେ ଆପେ ଆଡମିଟ୍ କାର୍ଡ ତିଆରି ହୋଇଥାଏ। ଫଟୋ ଯାଞ୍ଚ ପରେ ଏବଂ ବାୟୋମେଟ୍ରିକ୍ ଉପସ୍ଥାନ ନେବା ପରେ ଜାରି ହୋଇଥିବା ଆଡମିଟ୍ କାର୍ଡ ଆଧାରରେ ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ତେଣୁ ଦିଆଯାଇଥିବା ଆଡମିଟ୍ କାର୍ଡ କୌଣସି ପ୍ରାମାଣିକ ଦସ୍ତାବିଜ ନୁହେଁ କି ପରୀକ୍ଷା ହଲକୁ ପ୍ରବେଶ ପାଇଁ ପ୍ରତିଶ୍ରୁତି ମଧ୍ୟ ନୁହେଁ। ଓସେପା ବାସ୍ତବରେ ପରୀକ୍ଷା ଦେଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କ ବାୟୋମେଟ୍ରିକ ଉପସ୍ଥାନ ଯାଞ୍ଚ କରିଥାଏ।

ପୁରୀଠାରେ ଅନୁଷ୍ଠିତ ମହିଳା ରଗ୍‌ବୀ ଫୁଟବଲ୍ ମେଗା ଇଭେଣ୍ଟର ସଫଳତା ପାଇଥିବା କିଟ୍ ଦଳର ଖେଳାଳି ।

ଜୁନିୟରରେ କିସ୍, ସିନିୟରରେ କିଟ୍ ପ୍ରଥମ

ମହିଳା ରଗ୍‌ବୀ ଫୁଟ୍‌ବଲ୍ ମେଗା ଇଭେଣ୍ଟ ଉଦ୍‌ଯାପିତ

ପୁରୀ, ୧୮।୧(ଅଜିତ ମହାନ୍ତି):

ଝାଡେଶ୍ୱରୀ କ୍ଲବ ସହଯୋଗରେ ପୁରୀ ଜିଲା ସ୍କୁଲ ପଡ଼ିଆରେ ଚାଲିଥିବା ଅଲ୍ ଇଣ୍ଡିଆ ମହିଳା ରଗ୍‌ବୀ ଫୁଟବଲ୍ ମେଗା ଇଭେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ସବ୍‌ଜୁନିଅର, ଜୁନିଅର ଓ ସିନିୟର୍ ବିଭାଗରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଦିନ ଖେଳାଳିଙ୍କ ପାଇଁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ପ୍ରଥମ ପୁରସ୍କାର ୫୦ ହଜାର, ଦ୍ୱାତୀୟ ପୁରସ୍କାର ୩୦ ହଜାର ଓ ତୃତୀୟ ପୁରସ୍କାର ୨୦ ହାଜର ଟଙ୍କା ପ୍ରଦାନ କରାଯାଇଥିଲା। ସବ୍‌ଜୁନିଅରରେ କିସ୍ ପ୍ରଥମ, କିଟ୍ ଦ୍ୱିତୀୟ ଏବଂ ଫିଉଚର ଷ୍ଟାର ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ଜୁନିୟର ବିଭାଗରେ କିସ୍ ପ୍ରଥମ, ଫିଉଚର୍ ଷ୍ଟାର ଦ୍ୱିତୀୟ ଓ କିଟ୍ ତୃତୀୟ ସ୍ଥାନ ହାସଲ କରିଥିଲା। ସିନିୟର୍ ବିଭାଗରେ କିଟ୍ ପ୍ରଥମ, ଫିଉଚର୍ ଷ୍ଟାର ଦ୍ୱିତୀୟ ଓ କିସ୍ ତୃତୀୟ ସ୍ଥାନ ଅକ୍ତିଆର କରିଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତିଥି ଭାବେ ଓଡ଼ିଶା ରଗ୍‌ବୀ ଫୁଟବଲ୍ ଆସୋସିଏଶନ୍ ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ରାଜୀବ ସାହୁ, କୋଷାଧ୍ୟକ୍ଷ ଶକ୍ତିରଞ୍ଜନ ମହାନ୍ତି, ପୁରୀ ଜିଲା ଶାରୀରିକ ଶିକ୍ଷା ପ୍ରଶିକ୍ଷକ ରଞ୍ଜନ କୁମାର ରେଡ୍ଡୀ ପ୍ରମୁଖ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଝାଡ଼େଶ୍ୱରୀ କ୍ଲବ ସମ୍ପାଦକ ପାର୍ଥ ସାରଥି ମହାପାତ୍ର, ହ୍ୟାଣ୍ଡବଲ ସମ୍ପାଦକ ସୁରେନ୍ଦ୍ର ନାଥ ଦାସ, ପୁରୀ ଯୁଗ୍ମ ସମ୍ପାଦକ ଦୀପ୍ତି ରଞ୍ଜନ ସାମନ୍ତରାୟ ଏବଂ ଜିମ୍ନାଷ୍ଟିକ କୋଚ୍ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

ନିଶା ବିକ୍ରି, ସେବନକୁ ନେଇ ମାରପିଟ : ୪ ଜେଲ ଗଲେ

ଗୋପ,୧୮।୧(ଭାରତୀ ଭୂଷଣ ଉପାଧ୍ୟାୟ):

ନିଶା ବିକ୍ରି ଓ ନିଶା ସେବନ ସହିତ ପୂର୍ବ ବିବାଦକୁ ନେଇ ମାରପିଟ୍ ଘଟଣାରେ ପୋଲିସ ଗୋପ ଥାନା ଅଧୀନ ଶାରଡ଼ା ଗ୍ରାମର ୪ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। କୋର୍ଟରେ ସେମାନଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ ସନ୍ଦୀପ କାଣ୍ଡି(୨୩), ନୃସିଂହ କାଣ୍ଡି (୨୨), ପ୍ରଫୁଲ୍ଲ କୁମାର ମହାନ୍ତି (୩୦) ଏବଂ କୃଷ୍ଣଚନ୍ଦ୍ର ମହାନ୍ତି (୨୯)। ଏ ନେଇ ପୋଲିସ ୨ଟି ଅଭିଯୋଗ ଭିତ୍ତିରେ ପୃଥକ କେସ୍ (ନଂ. ୨୪/୨୪ ଓ ୨୫/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, କିଛି ଦିନ ଧରି ଶାରଡା ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ ସହିତ ଆଉ କେତେକ ସ୍ଥାନରେ ବ୍ରାଉନସୁଗାର ଓ ହେରୋଇନ୍ ପ୍ରଭୃତି ନିଶାଦ୍ରବ୍ୟ ବିକ୍ରି ହେଉଥିଲା। ଏପରି ଅଭିଯୋଗ ବାରମ୍ବାର ହେଉଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଓ କୋଣାର୍କ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଥିଲା। ବୁଧବାର ବିଳମ୍ବିତ ରାତ୍ରରେ ନିଶାବିକ୍ରି ଓ ସେବନକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗୋଟିଏ ଗୋଷ୍ଠୀର କେତେଜଣ ଯୁବକ ଦଳିତ ପରିବାର ସଦସ୍ୟଙ୍କୁ ଖଣ୍ଡା ଓ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ପରେ ପୂର୍ବ ବିବାଦ ସହିତ ଏହି ଘଟଣାକୁ ନେଇ ମାରପିଟ୍ ହୋଇଥିଲା। ଉଭୟ ଗୋଷ୍ଠୀର ୪ ଜଣଙ୍କ ମୁଣ୍ଡ ଫାଟିଥିଲା। ପରେ ସେମାନଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଦୁଇପକ୍ଷ ଥାନାରେ ଏତଲା ଦେଇଥିଲେ।

ଭିଏଚ୍‌ପି ପକ୍ଷରୁ ଅଯୋଧ୍ୟାର ନିମନ୍ତ୍ରଣ ପତ୍ର ବଣ୍ଟନ

ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ନିମନ୍ତ୍ରଣ ପତ୍ର ବିତରଣ ସମୟରେ ପିଲାମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶ ଧାରଣ କରିଛନ୍ତି।

ସାକ୍ଷୀଗୋପାଳ,୧୮।୧ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):

ଆସନ୍ତା ୨୨ ତାରିଖରେ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଗୁରୁବାର ସତ୍ୟବାଦୀର ଅଳଗୁମ ଖଣ୍ଡରେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସ ଓ ନିମନ୍ତ୍ରଣ ପତ୍ରକୁ ବିତରଣ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ପୁରୀ ଜିଲା ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସହସମ୍ପାଦକ ଚିତ୍ତରଞ୍ଜନ ଆଚାର୍ଯ୍ୟ, ପ୍ରଖଣ୍ଡ ସତ୍‌ସଂଘର ପ୍ରମୁଖ ସନ୍ତୋଷ ମହାନ୍ତି, ସଭାପତି ରମେଶ ହରିଚନ୍ଦନ, ସଂଯୋଜକ ଗଙ୍ଗାଧର ଛାଟୋଇ, ଉପସଭାପତି ଶିତିକଣ୍ଠ ସିଂଦେଓ, ସମ୍ପାଦକ ଭାଗୀରଥି ବିଶ୍ୱାଳ, ଉପସଭାପତି ହରିବନ୍ଧୁ ନାୟକ, ସହସମ୍ପାଦକ ବିଶ୍ୱମ୍ଭର ସ୍ୱାଇଁ, ଗୋରକ୍ଷା ପ୍ରମୁଖ ସଞ୍ଜୟ ନାୟକଙ୍କ ସମେତ ଶତାଧିକ ରାମଭକ୍ତ ଅଂଶଗ୍ରହଣ କରିଥିଲେ। ନିମନ୍ତ୍ରଣ ବିତରଣ ସମୟରେ ଛୋଟ ଛୋଟ ପିଲା ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶ ଧାରଣ କରିଥିଲେ।

ଶିକ୍ଷା ମାଧ୍ୟମରେ ସଫଳତାର ଶୀର୍ଷରେ ପହଞ୍ଚିହେବ

ବିଦ୍ୟାଳୟ ପରିସରରେ ଅତିଥିଙ୍କ ସହ ଅନ୍ୟମାନେ ।

ଗୋପ,୧୮।୧(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଆଲୁମ୍‌ନି ସଭାପତି ତଥା ବରିଷ୍ଠ କବି ପୁନେଶ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ସମାଜରେ ଶିକ୍ଷା ଆମକୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିବ ବୋଲି ସେନାପତି ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସ୍ମାର୍ଟ ସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ ବ୍ରହ୍ମା, ମୋ ସ୍କୁଲ ଅଧିକାରିଣୀ ମିଲି ପଣ୍ଡା, ପରିଚାଳନା କମିଟି ସଭାପତି ଇସ୍ରାଫିଲ୍ ଖାଁ ପ୍ରମୁଖ ଯୋଗଦେଇ ବିଜ୍ଞାନ, ଶିକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସାହିତ୍ୟ ସୃଜନୀ ଓ କ୍ରୀଡ଼ାଙ୍ଗନା କ୍ଲବର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅତିଥିମାନେ ଏହି ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ସୁନ୍ଦର ପ୍ରକଳ୍ପ ଲାଗି ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ। ଏହି ଅବସରରେ ସାହିତ୍ୟ ସୃଜନୀ କ୍ଲବ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଅନ୍ୟ ୩ ଗୋଟି କ୍ଲବର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ ସୂଚକ କପ୍ ସିଲ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଦସ୍ୟା ସଦସ୍ୟ ସହିତ ଅନ୍ୟମାନେ ଯୋଗଦେଇଥିଲେ। ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ କାର୍ଯ୍ୟକ୍ରମକୁ ସୁବାସ ଚନ୍ଦ୍ର ପ୍ରଧାନ, ଶୁଭ୍ରଜିତ୍ ନାୟକ, ନିରଞ୍ଜନ ସେଠୀ ପରିଚାଳନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଓଡ଼ିଆ ଭାଷା ସାହିତ୍ୟର ପ୍ରାଚୀନତା ଉପରେ ଆଲୋକପାତ

ପୁରୀ,୧୮।୧(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର କିଶୋର ଚନ୍ଦ୍ର ପାଢୀ ସଭାପତିତ୍ୱ କରି ଏଭଳି ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ନୃସିଂହ ଚରଣ ସାହୁ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ପ୍ରାଚୀନତା ଓ ଶାସ୍ତ୍ରୀୟତା ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରକୃତି ମିଶ୍ର ଓ ସାହିତ୍ୟକ ଶ୍ୟାମପ୍ରକାଶ ସେନାପତି ଯୋଗଦେଇ ମା', ମାଟି ଓ ମାତୃଭାଷାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀଜଗନ୍ନାଥଙ୍କ ମହିମା ଉପରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହରପ୍ରିୟା ଦାଶ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ 'ନୂଆ-ଓ' ପ୍ରତିଯୋଗିତାର ନୋଡାଲ ଅଫିସର ତଥା ଓଡ଼ିଆ ଅଧ୍ୟାପିକା ଜ୍ୟୋତିସ୍ମିଗ୍‌ଧା ସାହୁଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ ଡ. ରବିଶଙ୍କର ମିଶ୍ର, ଅଧ୍ୟାପିକା ବିସ୍ମିତା ମିଶ୍ର, ଡ. ସଂଘମିତ୍ରା ସ୍ୱାଇଁ, ସୌମିତ୍ରୀ ଦାସ, ଡ. ସବିତାରାଣୀ ଦାସ, ଅଧ୍ୟାପକ ଅଭିଜିତ୍ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଶୃଙ୍ଖଳିତ ଦର୍ଶନ, ଆଇନ ଶୃଙ୍ଖଳା ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥା

ପୁରୀ ୧୮।୧(ଅଜିତ୍ ମହାନ୍ତି):

ପୁରୀକୁ ଆସୁଥିବା ଲୋକ ଏବେ ଶ୍ରୀମନ୍ଦିର ପରିକ୍ରମା ସହ ଶ୍ରୀସେତୁ ଓ ଶ୍ରୀଦାଣ୍ଡ ଦେଇ ପ୍ରଶାସନ ପକ୍ଷରୁ କରାଯାଇଥିବା ପାର୍କିଂରେ ଗାଡ଼ି ପାର୍କ କରି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଛନ୍ତି। ତେଣୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଇଛି। ଏନେଇ ଏସ୍‌ପି କେ. ବିଶାଲ ସିଂ କାର୍

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୟୁନିଟ୍-୧ସ୍ଥିତ ସରକାରୀ ବାଳିକା ବିଦ୍ୟାଳୟର ୨୫ତମ ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୩ଟା।
- ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ଏମ୍‌ବିଏସ୍ ପବ୍ଲିକ ସ୍କୁଲ, ଭୌମ ନଗର, ଅପରାହ୍ନ ୩ଟା।
- ପ୍ରଣବ ଜୟନ୍ତୀ ଓ ସଙ୍ଗୀତ କାର୍ଯ୍ୟକ୍ରମ 'ପ୍ରଣବ ପ୍ରଣାମ', ସୂଚନା ଭବନ, ସନ୍ଧ୍ୟା ୬ଟା।
- ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ମୁକ୍ତେଶ୍ୱର ମନ୍ଦିର ପରିସର, ସନ୍ଧ୍ୟା ୬ଟା ୩୦।

କନିଷ୍ଠ ଶିକ୍ଷକ ପରୀକ୍ଷାଫଳକୁ ନେଇ ବଢ଼ୁଛି ଅସନ୍ତୋଷ

ସ୍ପଷ୍ଟୀକରଣ ରଖିଲା ଓସେପା

ଭୁବନେଶ୍ୱର, ୧୮।୧(ଅସମାପିକା ସାହୁ)

କନିଷ୍ଠ ଶିକ୍ଷକ(ସ୍କିମାଟିକ) ଲିଖିତ ପରୀକ୍ଷା ଫଳ ପ୍ରକାଶ ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରାର୍ଥୀଙ୍କ ସମୁଦାୟ ମାର୍କ ପ୍ରକାଶ କରିବା, ନର୍ମାଲାଇଜେଶନ୍ ପ୍ରକ୍ରିୟା ଓ ମାର୍କ ପ୍ରକାଶ କରିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କକୁ ସାର୍ବଜନୀନ କରିବାକୁ ସେମାନେ ଦାବି କରୁଛନ୍ତି। ଏହି ସମସ୍ତ ତଥ୍ୟ ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ପାଇବାକୁ ଗୁରୁବାର ବହୁ ସଂଖ୍ୟାରେ ଆଶାୟୀ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ସେପଟେ ଆଶାୟୀଙ୍କ ଅଭିଯୋଗକୁ ନେଇ ଓସେପା ପକ୍ଷରୁ ଗୁରୁବାର ସ୍ୱଷ୍ଟୀକରଣ ଦିଆଯାଇଛି। ବିଭିନ୍ନ ବର୍ଗରେ ୨୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଦିଷ୍ଟ ବର୍ଗ ପାଇଁ ଆବେଦନକାରୀଙ୍କ ସଂଖ୍ୟାକୁ ନେଇ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯାଇଛି। ଅର୍ଥାତ୍ ଯେଉଁ ବର୍ଗରେ ଆଶାୟୀଙ୍କ ସଂଖ୍ୟା କମ୍ ଥିଲା ସେହି ବର୍ଗର ସଂରକ୍ଷଣ ଥିବାରୁ ଅବଶିଷ୍ଟ ପଦ ଖାଲି ରହିଛି। ସେହିପରି ବହୁ ଆଶାୟୀଙ୍କ ଯୋଗ୍ୟତା ନ ଥାଇ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ଓସେପା ସ୍ୱୀକାର କରିଛି। କିନ୍ତୁ ଏହା କେବଳ ମେରିଟ୍ ଲିଷ୍ଟ ହୋଇଥିବାରୁ ପ୍ରମାଣପତ୍ର ଯାଞ୍ଚ ସମୟରେ ଅଯୋଗ୍ୟଙ୍କୁ ବାଦ୍ ଦିଆଯିବ ବୋଲି ଦର୍ଶାଇଛି। କେବଳ ମେରିଟ୍ ଅନୁଯାୟୀ ଚୟନ କରାଯାଇ ନ ଥିବା ମଧ୍ୟ ଦର୍ଶାଇଛି। ଆଶାୟୀମାନେ ଦେଇଥିବା ଅଗ୍ରାଧିକାର ଜିଲା ତାଲିକାକୁ ନେଇ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯାଇଛି। ଅନ୍ୟପଟେ ଓସେପାର ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ଯୋଗୁ ସମସ୍ତ ପଦ ପୂରଣ ହୋଇପାରିବ ନାହିଁ ବୋଲି ଆଶାୟୀମାନେ ଅଭିଯୋଗ କରିଛନ୍ତି।

ସେପଟେ ଆଡ୍‌ମିଟ କାର୍ଡକୁ ନେଇ ଚର୍ଚ୍ଚା ହୋଇଛି। ଜଣେ ପରୀକ୍ଷାର୍ଥୀଙ୍କ ନାଁ ମାହାଲ ମାଣ୍ଡା, ବାପାଙ୍କ ନାଁ ମାହାଲ ମାଣ୍ଡା ପ୍ରୋ ରହିଛି। ଓସେପା ଇ-ଆଡମିଟ୍ କାର୍ଡରେ ଏଭଳି ଅଜବ ନାଁକୁ ନେଇ ଆଶାୟୀମାନେ ଖପ୍ପା ହୋଇଛନ୍ତି। କେବଳ ଏତିକି ନୁହେଁ, ଗୋଟିଏ ଆଡ୍‌ମିଟ କାର୍ଡରେ ପରୀକ୍ଷାର୍ଥୀଙ୍କ ଫଟୋ ବଦଳରେ ପକ୍ଷୀର ଚିତ୍ର ଲାଗିଥିବା ଦେଖିବାକୁ ମିଳିଛି। ତେବେ ଏହାକୁ ନେଇ ଓସେପା ମଧ୍ୟ ସ୍ୱଷ୍ଟୀକରଣ ଦେଇଛି। ଓସେପା କହିଛି, ଯୋଗ୍ୟ ବ୍ୟକ୍ତିଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯାଇଥାଏ। ଆବେଦନକାରୀ ଦାଖଲ କରିଥିବା ସୂଚନା ଆଧାରରେ ଆପେ ଆପେ ଆଡମିଟ୍ କାର୍ଡ ତିଆରି ହୋଇଥାଏ। ଫଟୋ ଯାଞ୍ଚ ପରେ ଏବଂ ବାୟୋମେଟ୍ରିକ୍ ଉପସ୍ଥାନ ନେବା ପରେ ଜାରି ହୋଇଥିବା ଆଡମିଟ୍ କାର୍ଡ ଆଧାରରେ ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ତେଣୁ ଦିଆଯାଇଥିବା ଆଡମିଟ୍ କାର୍ଡ କୌଣସି ପ୍ରାମାଣିକ ଦସ୍ତାବିଜ ନୁହେଁ କି ପରୀକ୍ଷା ହଲକୁ ପ୍ରବେଶ ପାଇଁ ପ୍ରତିଶ୍ରୁତି ମଧ୍ୟ ନୁହେଁ। ଓସେପା ବାସ୍ତବରେ ପରୀକ୍ଷା ଦେଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କ ବାୟୋମେଟ୍ରିକ ଉପସ୍ଥାନ ଯାଞ୍ଚ କରିଥାଏ। ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। 'ଲକ୍ଷ୍ୟ' ସୁସ୍ଥ ଲିଭର – ସଂକଳ୍ପ ଆମର' ନାମରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱର କମିଶନରେଟ ପୋଲିସର ସଭାଗୃହରେ ଡାକ୍ତର ସାହୁ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ଲକ୍ଷ୍ୟ କାର୍ଯ୍ୟକ୍ରମରେ ହେପାଟାଇଟିସ ରୋଗର ମାଗଣା ପରୀକ୍ଷା ସହ ଟିକାକରଣ କରାଯିବ। କମିଶନରେଟ ପୋଲିସ ସମେତ ଭୁବନେଶ୍ୱରର ବିଭିନ୍ନ ବସ୍ତି ଓ ସ୍କୁଲରେ ଏହି ସ୍ୱାସ୍ଥ୍ୟସେବା ମାଗଣାରେ ଦିଆଯିବ। ପ୍ରତି ମାସର ଶେଷ ଶନିବାର ଓ ରବିବାର ରାଜଧାନୀର ସ୍କୁଲ ଏବଂ ବସ୍ତିରେ ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ମାଗଣା ପରୀକ୍ଷା ଓ ଟୀକାକରଣ କରିବ ବୋଲି ଡାକ୍ତର ସାହୁ ସୂଚନା ଦେଇଛନ୍ତି। ସେହିପରି ବିଭିନ୍ନ ଦିବସଗୁଡ଼ିକରେ ୱାକାଥନ, ସାଇକେଲିଂ ପରି କାର୍ଯ୍ୟକ୍ରମ କରି ସମସ୍ତଙ୍କୁ ସଚେତନ ମଧ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। କମିଶନରେଟ ପୋଲିସ କାର୍ଯ୍ୟରତ ପୋଲିସ୍ କର୍ମଚାରୀ, ରାଜଧାନୀର ବସ୍ତି ବାସିନ୍ଦା, ସ୍କୁଲ, କଲେଜଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଯକୃତ(ଲିଭର) ସୁସ୍ଥ ରହିବା ଦିଗରେ କାର୍ଯ୍ୟ କରିବା ଏମଓୟୁ ସ୍ୱାକ୍ଷରର ପ୍ରମୁଖ ଲକ୍ଷ୍ୟ। ପୋଲିସ କମିଶନର ପ୍ରିୟଦର୍ଶୀ କହିଛନ୍ତି, କମିଶନରେଟ ପୋଲିସର ବ୍ୟସ୍ତ କାର୍ଯ୍ୟସୂଚୀ ଭିତରେ ଅନେକ ସମୟରେ ପୋଲିସ ଭାଇମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥାଏ। କମିଶନରେଟ ପୋଲିସରେ ବସ୍ତିକୁ ଚାଲ, ବରିଷ୍ଠ ନାଗରିକଙ୍କ ମଞ୍ଚ, ସ୍କୁଲ କଲେଜ ସହିତ ମହିଳାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ କାମ କରି ଆସୁଥିଲା। ଏବେ ପ୍ରଥମ କରି ସ୍ୱାସ୍ଥ୍ୟ ସହିତ ଜଡିତ ଫୋରମରେ କାମ କରିବାର ସୁଯୋଗ ଆସିଛି ବୋଲି ସେ କହିଛନ୍ତି।।

'ଲକ୍ଷ୍ୟ: ସୁସ୍ଥ ଲିଭର – ସଂକଳ୍ପ ଆମର' ପାଇଁ ଏମ୍‌ଓୟୁ

ଭୁବନେଶ୍ୱର,୧୮।୧ (ଅନୁରାଧା ମହାରଣା)

ଓଡ଼ିଶାର ଜଣାଶୁଣା ପେଟରୋଗ ବିଶେଷଜ୍ଞ ତଥା ଗ୍ୟାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେଶନର ଟ୍ରଷ୍ଟି ପ୍ରଫେସର ଡା.ମନୋଜ କୁମାର ସାହୁ ଓ କମିଶନରେଟ ପୋଲିସ ମଧ୍ୟରେ ଏକ

୨୧ରୁ ୩ଦିନିଆ ରଙ୍ଗ ଉତ୍ସବ

ଭୁବନେଶ୍ୱର,୧୮।୧(ଶର୍ମିଷ୍ଠା ପାଣିଗ୍ରାହୀ)

ନାଟ୍ୟସଂସ୍ଥା ଜୀବନରେଖା ପକ୍ଷରୁ ୩ଦିନିଆ ରଙ୍ଗ ଉତ୍ସବ ଆସନ୍ତା ୨୧ ତାରିଖରୁ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହେବାକୁ ଯାଉଛି। ଗୁରୁବାର ରାଜଧାନୀ କଳା ସଂସଦଠାରେ ନାଟ୍ୟସଂସ୍ଥା ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏନେଇ ସୂଚନା ଦିଆଯାଇଛି। ପ୍ରତ୍ୟହ ସନ୍ଧ୍ୟା ୭ଟା ୨୫ରେ ନାଟକ ପ୍ରଦର୍ଶିତ ହେବ। ପ୍ରଥମ ସନ୍ଧ୍ୟାରେ ନାଟକ 'ସିଟି@୭୫' ପରିବେଷଣ କରାଯିବ। ନାଟ୍ୟକାର ଚିନ୍ମୟୀ ଷଡ଼ଙ୍ଗୀ ରହିଥିବା ବେଳେ ସଙ୍ଗୀତରେ ସିଦ୍ଧି ଶତପଥୀ ଓ ଆଦିତ୍ୟ ଶତପଥୀ ରହିଛନ୍ତି। ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ଗପସପ ସେଣ୍ଟର' ପରିବେଷିତ ହେବ। ନାଟ୍ୟକାର ସୁମିତ ପଣ୍ଡା ରହିଥିବା ବେଳେ ସଙ୍ଗୀତରେ ବିଭାସ ରଥ, ଆର୍ଯ୍ୟା ଆଚାର୍ଯ୍ୟ ଓ ୟୁନାଇଟେଡ ସୋଲ୍ସ ନୃତ୍ୟରେ ରହିବେ। ନିର୍ଦ୍ଦେଶନା ଦେଇଛନ୍ତି ଦୀପନ୍ୱିତ ଦାଶମହାପାତ୍ର। ଶେଷ ସନ୍ଧ୍ୟାରେ ନାଟକ 'ସମୁଦ୍ରରେ ରାଜହଂସୀ' ପ୍ରଦର୍ଶିତ ହେବ। ନାଟକରେ ଅଭିନ୍ନ ରାଉତରାୟ ନିର୍ଦ୍ଦେଶନା ଦେଇଥିବା ବେଳେ ନାଟ୍ୟକାର କଳ୍ପି କେକ୍ସୁ ଓ ପ୍ରଶାନ୍ତ ପ୍ରକାଶ ରହିଛନ୍ତି। ନାଟକଗୁଡ଼ିକରେ ଦୀପନ୍ୱିତ ଦାଶମହାପାତ୍ର, ରୋହନ ୟାଦବ, ସମର୍ପିତା ଦାଶ, ନନ୍ଦୀ, ଚନ୍ଦନ, ଆଶୁତୋଷ, ସନ୍ତୋଷ, ଅମରେନ୍ଦ୍ର, ଆଶିଷ, ନିଭି, ଶିବାଙ୍ଗୀ, ଶ୍ୱେତଧା ପ୍ରମୁଖ ଅଭିନୟ କରିବେ। ଉଭୟ ଅନ୍‌ଲାଇନ୍ ଓ ଅଫଲାଇନରେ ଟିକେଟ କିଣି ଦର୍ଶକ ନାଟକ ଦେଖିପାରିବେ। ନାଟକ ତିନୋଟି ସମକାଳୀନ ନାଟକ ଓ ସମ୍ପର୍କକୁ ନେଇ ଗତି କରିଛି। ସମ୍ମିଳନୀରେ ଉତ୍ସବ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ, ସଭାପତି ଚିନ୍ମୟୀ ଷଡ଼ଙ୍ଗୀ, ଦୀପନ୍ୱିତ, ରୋହନ, ସମର୍ପିତା ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱର ମୁକ୍ତେଶ୍ୱର ମନ୍ଦିର ପରିସରରେ ଚାଲିଥିବା ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀ ଅନିକେତ ପଲ୍ଲଭ ନାୟକ ଓ ବିଶ୍ୱରୂପା ଦୀକ୍ଷିତ ବକୁଳା ଭରଣ ପଲ୍ଲବୀ ପରିବେଷଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ, ସଂସ୍କୃତି କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର,୧୮।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୁରୁବାରଠାରୁ ନୂଆ-ଓ କାର୍ଯ୍ୟକ୍ରମର ଅଂଶବିଶେଷ 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା' ଆରମ୍ଭ ହୋଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ମାର୍ଗଦର୍ଶନ ଏବଂ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରଫେସର ମିତାଲି ଚିନ୍ନାରା, ସଂସ୍କୃତ ବିଭାଗ ମୁଖ୍ୟ ଡ.ବ୍ରଜସୁନ୍ଦର ମିଶ୍ର, ଇଂଲିଶ ବିଭାଗ ମୁଖ୍ୟ ଡ.ତନୁତୃଷ୍ଣା ପାଣିଗ୍ରାହୀ, ଓୟୁଏଟିର ଆର୍ଟିଷ୍ଟ ତ୍ରିଲୋଚନ ସାମଲ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ଥାପତ୍ୟକଳା ବିଭାଗ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଜେନା, ଡ.ମଞ୍ଜୁସ୍ମିତା ଦାଶ, ଡ.ସନାତନ ମାଝୀ ଏବଂ ଡ.କବିତା ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ହସ୍ତଲିଖନ କଳା ଏବଂ ଓଡ଼ିଆ କୁଇଜ ପ୍ରତିଯୋଗିତା ସହ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଓଡ଼ିଆ କବିତା ପଠନ ଏବଂ ଓଡ଼ିଆ ଗଳ୍ପ କଥନ ପ୍ରତିଯୋଗିତା ଆୟୋଜିତ ହେବ। ତୃତୀୟ ଦିବସରେ ଓଡ଼ିଆ ସଙ୍ଗୀତ ପ୍ରତିଯୋଗିତା ଏବଂ ଓଡ଼ିଆ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯିବାକୁ ଥିବାବେଳେ ଚତୁର୍ଥ ଦିବସରେ ଜଗନ୍ନାଥ ସଂସ୍କୃତି ଉପରେ ବକ୍ତୃତାମାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଜଳହସ୍ତୀ ଶାବକ ଜନ୍ମ

ବାରଙ୍ଗ,୧୮।୧(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନର ୬୨ନଂ. ଏନ୍‌କ୍ଲୋଜରରେ ରହୁଥିବା ଜଳହସ୍ତୀ ଗୁରୁବାର ଏକ ଶାବକକୁ ଜନ୍ମ ଦେଇଛି। ମା' ଓ ଛୁଆ ଉଭୟ ସୁସ୍ଥ ଥିବାବେଳେ ଜଳାଶୟରେ ବିଚରଣ କରୁଥିବା ଜଣାପଡିଛି। ଏହି ଛୁଆଟି ଜନ୍ମ ହେବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୧ରେ ପହଞ୍ଚିଛି। ସେଥି ମଧ୍ୟରେ ୬ ମାଈ ଓ ୪ ଅଣ୍ଡିରା ଥିବା ଜଣାପଡ଼ିଛି।

ଜନ୍ମଦିନରେ ମିଳିଥିବା ସୁନାଗହଣା, ଟଙ୍କା ଚୋରି, ଥାନାରେ ଅଭିଯୋଗ

ବାରଙ୍ଗ,୧୮।୧(ଲିଙ୍ଗରାଜ ରାଉତ)

ପୁଅର ଜନ୍ମଦିନ ଉତ୍ସବରେ ଅତିଥିଙ୍କଠାରୁ ମିଳିଥିବା ସୁନାଗହଣା, ଟଙ୍କାକୁ କେହି ଚୋରି କରିନେଇଥିବା ବାରଙ୍ଗ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ନରଣପୁର ଗ୍ରାମର ସୌମ୍ୟରଞ୍ଜନ ସ୍ୱାଇଁ ତାଙ୍କ ପୁଅ ଶୁଭଙ୍କରଙ୍କ ୫ମ ଜନ୍ମ ବାର୍ଷିକ ଉତ୍ସବ ବୁଧବାର ରାତିରେ ବେଲଗଛିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆୟୋଜନ କରିଥିଲେ। ଏଠାକୁ ନିମନ୍ତ୍ରଣ ପାଇଁ ଆସିଥିବା ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କଠାରୁ ଉପହାର ଆକାରରେ ସୁନା ଅଳଙ୍କାର ଓ ଟଙ୍କା ମିଳିଥିଲା, ଯାହାକୁ ସୌମ୍ୟଙ୍କ ସାନ ଶାଳୀ ମନୀଷା ବଳିୟାରସିଂ ଏକ ଭ୍ୟାନିଟି ବ୍ୟାଗରେ ରଖିଥିଲେ। ରାତି ପ୍ରାୟ ୧୦ଟା ୩୦ ସୁଦ୍ଧା ମନୀଷା ବ୍ୟାଗ୍‌ଟିକୁ ମଞ୍ଚ ଉପରେ ରଖି ପରିବାରର ଅନ୍ୟ ସଦସ୍ୟଙ୍କ ସହ ପାଲା ହେଉଥିବା ସ୍ଥାନକୁ ଯାଇଥିଲେ। ସେଠାରୁ ଫେରିବା ପରେ ଭ୍ୟାନିଟି ବ୍ୟାଗକୁ ଆଉ ସେଠାରେ ପାଇ ନ ଥିଲେ। କେହି ବ୍ୟାଗ୍‌ଟିକୁ ନେଇ ସୋସାଇଟି ପରିସର ମଧ୍ୟକୁ ଫୋପାଡି ଦେଇଥିବା ଖୋଜାଖୋଜି ପରେ ମିଳିଥିଲା। କିନ୍ତୁ ବ୍ୟାଗ୍‌ଟି ଖୋଲାଥିବାବେଳେ ସେଥିରେ ଉପହାରରେ ମିଳିଥିବା ଟଙ୍କା ଓ ସୁନା ଅଳଙ୍କାର ନ ଥିବା ସୌମ୍ୟ ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

ଚୋରି ମାମଲା: ୨ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର,୧୮।୧ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୨ର ବିଚାରପତି ଗିରିଶ ଚନ୍ଦ୍ର ମୁଦୁଲି ଓ ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୫ର ବିଚାରପତି ସବ୍ୟସାଚୀ ପଣ୍ଡା ଦୁଇଟି ଚୋରି ମାମଲାର ବିଚାର କରି ଅଭିଯୁକ୍ତ ଅନିଲ ବଳ ଓ ମଣ୍ଟୁ ପାଇକରାୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡ ଶୁଣାଇଛନ୍ତି। ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଅନିଲଙ୍କୁ ୬ ମାସ କାରାଦଣ୍ଡାଦେଶ ସହିତ ୫୦୦ ଟଙ୍କା ଜରିମାନା ଓ ମଣ୍ଟୁଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ହଜାରେ ଟଙ୍କା ଜରିମନା ଆଦେଶ ଦିଆଯାଇଛି। ଏହି ୨ଟି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଗଞ୍ଜନ ଶବର ଓ ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

ଦୁଇ ଅଭିଯୁକ୍ତ

ସୂଚନାଯୋଗ୍ୟ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ଗ୍ୟାସ କମ୍ପାନୀ ପରିସରରୁ ଗତବର୍ଷ ଅକ୍ଟୋବର ୨୮ରେ ଅଭିଯୁକ୍ତ ଅନିଲ ୨ଟି ଗ୍ୟାସ ସିଲିଣ୍ଡର ଚୋରି କରୁଥିବା ସମୟରେ ଧରାପଡିଥିଲେ। ଏନେଇ ଥାନାରେ କେସ ନଂ. ୪୫୭/୨୩ ରୁଜୁ ହୋଇଥିଲା। ସେହିପରି ସେହିମାସ ୬ ତାରିଖରେ ଅଭିଯୁକ୍ତ ମଣ୍ଟୁ ଖଣ୍ଡଗିରି ଅଞ୍ଚଳର ଏକ ଝରକା ଜାଲି କାଟି ଘର ଭିତରେ ଥିବା ଦୁଇଟି ମୋବାଇଲ ଫୋନ, ଚାର୍ଜର, ମନିପର୍ସ ଏବଂ ଇୟରଫୋନ ଚୋରି କରି ନେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୪୨୯/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

'ଦଶମ' ଏକ ଚଳଚ୍ଚିତ୍ର ନୁହେଁ, ଆବେଗ

ରିଲିଜ୍ ହେଲା ପ୍ରଥମ ସଙ୍ଗୀତ ଭିତ୍ତିକ ଚଳଚ୍ଚିତ୍ର

ଭୁବନେଶ୍ୱର,୧୮।୧ (ଶର୍ମିଷ୍ଠା ପାଣିଗ୍ରାହୀ)

ସ୍କୁଲ ଯିବା ପାଇଁ ଛୋଟବେଳେ ସମସ୍ତେ ଭୟ କରନ୍ତି। କିନ୍ତୁ ସ୍କୁଲ ଶିକ୍ଷା ପରେ ମୃତ୍ୟୁ ଯାଏ ବୋଧେ ସେହି ସମୟକୁ ଆମେ ସମସ୍ତେ ବେଶି ମନେପକାନ୍ତି। ବିଶେଷକରି ଦଶମ ଶ୍ରେଣୀ ସ୍କୁଲ ଜୀବନର ଏକ ମାଇଲ ଖୁଣ୍ଟ। ତାକୁ ପାର କରିବାକୁ ଯେ ଆମେ କେତେ ପ୍ରୟାସ କରନ୍ତି, ତାହା ଆମ ସମସ୍ତଙ୍କୁ ଜଣାଥିବ। ସ୍କୁଲ ଜୀବନର ସେହି ଖଟା, ମିଠା ସ୍ମୃତି ସବୁକୁ ପୁଣି ଥରେ ଦର୍ଶକଙ୍କ ମାନସପଟରେ ଉଜ୍ଜୀବିତ କରିଛି ଚଳଚ୍ଚିତ୍ର 'ଦଶମ'। ସତେଯେମିତି ଏହା ଖାଲି ଏକ ଚଳଚ୍ଚିତ୍ର ନୁହଁ, ପ୍ରତ୍ୟେକ ମଣିଷର ଆବେଗ। ଗୁରୁବାର ଚଳଚ୍ଚିତ୍ର 'ଦଶମ' ପ୍ରେକ୍ଷାଳୟରେ ରିଲିଜ ହୋଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ୧୨ଟି ଗୀତକୁ ନେଇ ଏକ ଫିଲ୍ମ ପ୍ରସ୍ତୁତ କରାଯାଇଛି। ଆଉ ଅଭିନୟ କରିଥିବା ପ୍ରତ୍ୟେକ କଳାକାର ଦର୍ଶକଙ୍କ ପାଇଁ ଗୋଟିଏ ଗୋଟିଏ ନୂଆ ଚେହେରା।

ଯୁବ ନିର୍ଦ୍ଦେଶକ ରାଜା ଡିଙ୍କ ନିଆରା ପରିକଳ୍ପନାରେ ନିର୍ମିତ ଚଳଚ୍ଚିତ୍ର 'ଦଶମ'ର ପ୍ରଯୋଜନାରେ ରହିଛନ୍ତି ଦୀପକ କୁମାର ଜେନା। ଏଥିରେ ଏକା ସାଙ୍ଗରେ ୭ଜଣ ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ, କ୍ରିତ ପ୍ରିୟୋ, ସନ୍ଦୀପ ପଣ୍ଡା, ଶୁଭ୍ରଜିତ ମହାନ୍ତି, ବିଜୟ ରଥ, ସୁବ୍ରତ ବେହେରା ଏବଂ ଅନୁରାଗ ପଟ୍ଟନାୟକ ଥିବାବେଳେ ଅଭିନେତା ବାବୁସାନ ମହାନ୍ତି, ଅନନ୍ୟା ଶ୍ରୀତମ ନନ୍ଦ, କୁଳଦୀପ ପଟ୍ଟନାୟକ, ବିରାଜ, ଗୌରବ ଆନନ୍ଦ, ଆଶ୍ରିତା, ସୌଜନ୍ୟ, ସୌରଭ, ଆଶୁତୋଷ, ସନ୍ଧ୍ୟାରାଣୀ, ସନ୍ଦୀପ ପଣ୍ଡା, ଶୈଳେନ୍ଦ୍ର ଏବଂ ସଞ୍ଜୀବ କୁମାର କଣ୍ଡଦାନ କରିଛନ୍ତି। ଗୀତଗୁଡ଼ିକୁ ଗୀତିକାର ସିରାଜ ରଥ, ରଞ୍ଜନ, ସୌମ୍ୟ ରଞ୍ଜନ ପଣ୍ଡା, ସନ୍ଦୀପ ପଣ୍ଡା, ଜେ ପି ୱାର୍ଡସ୍ମିଥ, ରାଜେଶ ଦାସ ଏବଂ କୁମାରଶ୍ରୀ ସାହୁ ଲେଖିଛ

ଦୁର୍ଘଟଣାରେ ଯୁବକ ମୃତ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ-ପାରାଦୀପ ରାସ୍ତାର ରାମକୁମାରପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଥାନା ଅନ୍ତର୍ଗତ ପାଇକଣ ଗ୍ରାମର ଆଲୋକ ଭୋଇ। ସେ ରାସ୍ତାରେ ଯାଉଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡ଼ିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ଲାଗି ତାଙ୍କୁ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସଂକ୍ଷେପରେ

ଅବକାରୀ ଚଢ଼ାଉ, ୪ ଗିରଫ

ମଙ୍ଗୁଳି–ଜଗତପୁର,୧୮।୧(ମାନସ ସାମଲ)

ଭାଙ୍ଗ, ଗଞ୍ଜେଇ ଓ ଦେଶୀମଦ ଚାଲାଣ ଅଭିଯୋଗରେ ଚୌଦ୍ୱାର ଅବକାରୀ ବିଭାଗ ୪ ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୌଦ୍ଧ ଜିଲାର ମନୋଜ ମହାନନ୍ଦିଆ, ମିତ୍ର ମହାନନ୍ଦିଆ, ଖୁଣ୍ଟୁଣୀ ଅଞ୍ଚଳର ଅଜୟ ନାୟକ ଓ ଅସ୍ମିନ ନାୟକ। ସେମାନଙ୍କ ନିକଟରୁ ୧୨କିଲୋ ଗଞ୍ଜେଇ, ୧୧୦ କିଲୋ ଭାଙ୍ଗ, ୨୦୦ ଲିଟର ଦେଶୀମଦ ସହ ଗୋଟିଏ ସ୍ୱୁଟି ଜବତ କରାଯାଇଛି। ଗୁରୁବାର ଅପରାହ୍ନରେ ବିଶେଷସୂତ୍ରରୁ ଖବରପାଇ ଚୌଦ୍ୱାର ଅବକାରୀ ବିଭାଗ ଚଢ଼ାଉ କରି ମଙ୍ଗୁଳି ଛକରୁ ଭାଙ୍ଗ, ଜଗତପୁର ଗୋଲେଇ ଛକ ନିକଟରୁ ଗଞ୍ଜେଇ ଓ ଚୌଦ୍ୱାର ଗାନ୍ଧୀଛକ ନିକଟରୁ ମଦ ଜବତ କରିଥିଲା। ଏ ନେଇ ଥାନାରେ ୩ଟି ମାମଲା ରୁଜୁ ହୋଇଛି।

ଚୋରି ସାମଗ୍ରୀ ଜବତ, ଯୁବକ ଗିରଫ

ମଙ୍ଗୁଳି–ଜଗତପୁର,୧୮।୧(ମାନସ ସାମଲ)

ଦାଦାଙ୍କ ଘରୁ ଚୋରିକରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ପୁଚୁରାଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ମହାଜନପୁର ସାମନ୍ତ ସାହିରେ ରହୁଥିବା ଯାଜପୁର ଜିଲା ଧର୍ମଶାଳା ଥାନା ରାଇଛନ୍ଦା କବାଟବନ୍ଧ ଗ୍ରାମର ଦେବୀଦତ୍ତ ଦେବପ୍ରିୟ ଦଳାଇ(୧୯)। ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ମହାଜନପୁର ଗ୍ରାମର ମହେନ୍ଦ୍ର ଦଳାଇଙ୍କ ଘରୁ ଗତ ୧୪ ତାରିଖରେ ୧୦ ହଜାର ଟଙ୍କା ଚୋରି ହୋଇଥିଲା। ଏହାପରେ ଗତ ୧୭ ତାରିଖ ସନ୍ଧ୍ୟାରେ ପୁନଶ୍ଚ ୧ ହଳ ସୁନା କାନଫୁଲ ଓ ଗୋଟିଏ ରୁପାଚେନ ଚୋରି ହୋଇଥିଲା। ଏହି ଚୋରି ଜିନିଷକୁ ଅନ୍ୟତ୍ର ଫିଙ୍ଗୁଥିବା ସମୟରେ ମହେନ୍ଦ୍ରଙ୍କ ସ୍ତ୍ରୀ ଓ ଅନ୍ୟ ଦୁଇଜଣ ବ୍ୟକ୍ତି ଦେବଦତ୍ତଙ୍କୁ କାବୁ କରିଥିଲେ। ଏନେଇ ମହେନ୍ଦ୍ର ପାଗା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୮/୨୪)ରୁଜୁ କରିଛି।

'ଶ୍ରୀଜଗନ୍ନାଥ ସର୍ବ ଧର୍ମର ପ୍ରତୀକ'

କଟକ ସଦର,୧୮।୧(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ହରିହର ପଣ୍ଡା ଯୋଗଦେଇ ଶ୍ରୀଜଗନ୍ନାଥ ସର୍ବ ଧର୍ମର ପ୍ରତୀକ ବୋଲି କହିଥିଲେ। ଅଧ୍ୟକ୍ଷ ଦୁଷ୍ମନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାରେ ଅଧ୍ୟାପିକା ଡ. ମୌସୁମୀ ରାଉତରାୟ ଅତିଥି ପରିଚୟ, ଅଧ୍ୟାପକ ବିଚିତ୍ରାନନ୍ଦ ପତି ଆଭିମୁଖ୍ୟ ଓ ରୁମାଲି ବେହେରା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସୁଶାନ୍ତ କୁମାର କର, ଡ. ରାଜେନ୍ଦ୍ର କୁମାର ପତି, ଲିଲି ଦାସ, ସତ୍ୟ ରଞ୍ଜନ ରାୟ, ସସ୍ମିତା ବିଷୋୟୀ, ମଳୟ କୁମାର ସେଠୀ ଓ ବିଜୟ କୁମାର ଦେବତା ଉପସ୍ଥିତ ଥିଲେ।

ଉଚ୍ଛେଦହେଲା ପରିତ୍ୟକ୍ତ ଟୋଲ୍‌ଗେଟ୍

କଟକ ସଦର,୧୮।୧(ସୁଶାନ୍ତ କୁମାର ଜେନା)

କଟକ–ପାରାଦୀପ ରାଜ୍ୟ ରାଜପଥ ନଂ.୧୨ର କନ୍ଦରପୁର ବଜାର ନିକଟରେ ଥିବା ପରିତ୍ୟକ୍ତ ଟୋଲ୍‌ଗେଟ୍ ଯାତାୟାତରେ ବାଧା ସୃଷ୍ଟି କରୁଥିଲା। ଗୁରୁବାରଠାରୁ ଉକ୍ତ ଗେଟ୍‌ର ଉଚ୍ଛେଦ କାମ ଆରମ୍ଭ ହୋଇଛି। ଫଳରେ ବିଳମ୍ବିତ ରାତିରେ ଅସାମାଜିକ କାର୍ଯ୍ୟକଳାପ ଯୋଗୁ ହନ୍ତସନ୍ତ ହେଉଥିବା ଗାଡ଼ି ଚାଳକଙ୍କୁ ଆଉ ହଇରାଣ ହେବାକୁ ପଡିବ ନାହିଁ। କାରଣ ଟୋଲ୍‌ଗେଟ୍ ନିକଟରେ ଥିବା ବୃହତ୍ତ ହମ୍ପ ଯୋଗୁ ଚାଳକମାନଙ୍କୁ ଗାଡ଼ିର ଗତି କମାଇବାକୁ ପଡୁଥିଲା। ଅସାମାଜିକ ଲୋକମାନେ ଏହାର ଫାଇଦା ଉଠାଇ ସେମାନଙ୍କଠାରୁ ଟଙ୍କା ଛଡାଉଥିଲେ। ଏପରି କି ଆଲୁଅ ନ ଥିବାରୁ ସାଧାରଣ ଲୋକମାନେ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ। ଏନେଇ ଧରିତ୍ରୀରେ ଗତବର୍ଷ ଡିସେମ୍ବର ୮ ତାରିଖରେ ଖବର ପ୍ରକାଶ ପାଇଥିଲା। ଶୀଘ୍ର ଗେଟ୍‌କୁ ଭାଙ୍ଗିବା ପାଇଁ ଜଗତ୍‌ସିଂହପୁର ରାସ୍ତା ଓ କୋଠାବାଡ଼ି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ ପ୍ରତିଶ୍ରୁତି ଦେଇଥିଲେ।

'ଫେବୃଆରୀ ସୁଦ୍ଧା କାର୍ଯ୍ୟ ଶେଷକର'

କଟକ,୧୮।୧(କାର୍ତ୍ତିକ ସାହୁ)

ଆସନ୍ତା ୨୩ ତାରିଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ। ଏଥିପାଇଁ କଟକସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ସଜେଇ ହେଉଛି। ଏଥିସହ ସଂଗ୍ରହାଳୟ ନିକଟରେ ୨୮ କୋଟି ଟଙ୍କା ବ୍ୟୟରେ ନେତାଜୀ ସ୍ମାରକୀ ପୀଠ(ନେତାଜୀ ମେମୋରିଆଲ କମ୍ପ୍ଲେକ୍ସ) କାର୍ଯ୍ୟ ମଧ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । କଟକ ସହରର ରୂପାନ୍ତରଣ ସହ ତାଳଦେଇ ନେତାଜୀଙ୍କ ଜନ୍ମସ୍ଥାନର ଉନ୍ନତୀକରଣରେ ଏହା ବିଶେଷ ସହାୟକ ହେବ। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଏବଂ କମିଶନର ନିଖିଲ ପୱନ କଲ୍ୟାଣ ଗୁରୁବାର ପୂର୍ବାହ୍ନରେ ଏହି ପ୍ରକଳ୍ପ ସ୍ଥଳ ପରଦର୍ଶନ କରିବା ସହ କାର୍ଯ୍ୟର ତଦାରଖ କରିଛନ୍ତି। ଆସନ୍ତା ଫେବୃଆରୀ ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସେମାନେ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାନୁସାରେ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ଐତିହ୍ୟ ସମ୍ପନ୍ନ ପୁରୁଣା ଜେଲ ପରିସରର ଉନ୍ନତୀକରଣ ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ୨୮ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ନ୍ୟାଶନାଲ ପ୍ରୋଜେକ୍ଟ କନଷ୍ଟ୍ରକ୍ସନ କର୍ପୋରେଶନ(ଏନ୍‌ପିସିସି)କୁ ଏହି ନିର୍ମାଣ କାର୍ଯ୍ୟ ଦିଆଯାଇଛି। ନେତାଜୀ ସ୍ମାରକୀ ପୀଠ ପରିସରରେ ଶିଶୁ ଉଦ୍ୟାନ, ଯୋଗକେନ୍ଦ୍ର, ଫୁଡ୍ କୋର୍ଟ, ପାର୍କିଂସ୍ଥଳ, ଶୌଚାଳୟ, ବାଖ୍ୟାନ କେନ୍ଦ୍ର ସହ ନେତାଜୀଙ୍କ ଜୀବନୀକୁ ନେଇ କେତେକ ନିର୍ମାଣ କାର୍ଯ୍ୟ କରାଯିବ । ନେତାଜୀ ସ୍ମାରକୀ ପୀଠର ପ୍ରବେଶ ପଥକୁ ଅଧିକ ଆକର୍ଷଣ କରାଯିବା ସହ ରଙ୍ଗବେରଙ୍ଗ ଆଲୋକ ସଜ୍ଜା, ନେତାଜୀଙ୍କ ଜୀବନୀ ଉପରେ ଲେଜର ସୋ ପ୍ରଦର୍ଶନ କରାଯିବ। ଯୋଗକେନ୍ଦ୍ରରେ ନେତାଜୀଙ୍କ ଦୈନନ୍ଦିନ କାର୍ଯ୍ୟ ସହ ଧାର୍ମିକ ଭାବଧାରା ଉପରେ ଆଧାରିତ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ଡିସ୍‌ପ୍ଲେ ସେଣ୍ଟରକୁ ଅଧିକ ଆକର୍ଷଣୀୟ କରାଯିବ। ସେଠାରେ ଦର୍ଶକ ନିଜର ପ୍ରତିକୃତି ଦେଖିପାରିବେ। ସେହିପରି ନେତାଜୀଙ୍କ ଏକାଧିକ ଭାଷଣରୁ ଆରମ୍ଭ କରି ଦ୍ୱିତୀୟ ମହାଯୁଦ୍ଧ ଓ ସ୍ୱାଧୀନତା ସଂଗ୍ରାମ ସଂକ୍ରାନ୍ତୀୟ ଅଡିଓ ଦଆଯାଇ ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର ସହ ପ୍ରକଳ୍ପର ପ୍ରାୟ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଲ୍ୟାଣ୍ଡ ସ୍କେପିଙ୍ଗ୍, ଉଦ୍ୟାନ ଓ ଚଲାପଥର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏହି ସ୍ମାରକୀ ପୀଠରେ ନେତାଜୀଙ୍କ ଚିନ୍ତା, ଭାବନାକୁ ପର୍ଯ୍ୟଟକମାନେ ଅନୁଭବ କରିପାରିବେ। ଏହି ପରିଦର୍ଶନ ବେଳେ ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, କର୍ପୋରେଟର ମହମ୍ମଦ ଇଫିତ୍‌କାର ଆଲମ, ଏନ୍‌ପିସିସିର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ସିଏମ୍‌ସି ମେୟର, କମିଶନର ରୂପାନ୍ତରୀକରଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

- ■ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟର ରୂପାନ୍ତରୀକରଣ କାର୍ଯ୍ୟର ସମୀକ୍ଷାକଲେ ମେୟର, କମିଶନର
- ■ ୨୮ କୋଟି ବ୍ୟୟରେ ନେତାଜୀ ସ୍ମାରକୀ ପୀଠ

ଡକାୟତି ଯୋଜନା, ୭ ଗିରଫ

ଜବତ ବନ୍ଧୁକ, ମାରଣାସ୍ତ୍ର ଓ ମୋବାଇଲ ।

କଟକ,୧୮।୧ (କାର୍ତ୍ତିକ ସାହୁ)

ବନ୍ଧୁକ, ମାରଣାସ୍ତ୍ର, ମୋବାଇଲ ଜବତ

ଡକାୟତି ଯୋଜନାବେଳେ ଏକ ଗ୍ୟାଙ୍ଗ୍‌ର ୭ ଜଣ ସଦସ୍ୟଙ୍କୁ କଟକ ସଦର ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ କେଶରପୁର ଅଞ୍ଚଳର ମହମ୍ମଦ ସକିଲ, ବକ୍ସବଜାର ମସ୍ତାନ ରୋଡ୍‌ର ଅବଦୁର କାଦିର, ମୀରମହଲାର ସେକ୍ ନଦିମ୍, ଗଡିରାଉତପାଟଣାର ଶ୍ରୀନାଥ ରାଉତ, କେନ୍ଦୁଝର ପଞ୍ଚୁଗୋଛିଆର ହିମାଂଶୁ ଶେଖର ସାହୁ, ଭାଣପୁର ପୀରବଜାରର ସୟଦ ଅବଦୁଲ ସୋଫିଆନ୍ ଓ ବାରଙ୍ଗ ଥାନା ମଧୁପୁରର ପଦିଆ ଓରଫ ପ୍ରଦୀପ ସାହୁ। ସେମାନଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ, ୭ ରାଉଣ୍ଡ ଗୁଳି, ଗୋଟିଏ ଖେଳଣା ବନ୍ଧୁକ, ଦୁଇଟି ଖଣ୍ଡା, ୯ଟି ମୋବାଇଲ୍ ଫୋନ୍, ୩ଟି ଗାଡ଼ି ଜବତ କରାଯାଇଛି। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଏନେଇ ସଦର ଥାନାରେ ଏକ ମାମଲା(ନଂ.୪୪/୨୪) ରୁଜୁ ହୋଇଛି। ବୁଧବାର ସନ୍ଧ୍ୟାରେ କାଜିପାଟଣା ଇନ୍ଦିରା କଲୋନିରେ ୮ ଜଣ ଅଭିଯୁକ୍ତ ଏକତ୍ରିତ ହୋଇ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ପେଟ୍ରୋଲ ପମ୍ପରୁ ଡକାୟତି ନିମନ୍ତେ ଯୋଜନା କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉକରି ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ଗିରଫ କରିଥିଲା।

କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମ୍‌ରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲରେ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଶର୍ମିଷ୍ଠା'ର ଏକ ଦୃଶ୍ୟ।

ସରକାରୀ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଯୋଗଦେବାକୁ ବିରୋଧ

ମଙ୍ଗୁଳି–ଜଗତପୁର,୧୮।୧ (ମାନସ ସାମଲ)

ଚୌଦ୍ୱାର ପୌରାଞ୍ଚଳରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାବେଳେ ୨ ପ୍ରକାର ଲିଫ୍‌ଲେଟ୍ ବଣ୍ଟାଯିବା ଓ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ଉଦ୍‌ଘାଟକ ଭାବେ ଯୋଗଦେବାକୁ କଂଗ୍ରେସ ବିରୋଧ କରିଛି। ଏନେଇ ଚୌଦ୍ୱାର କଂଗ୍ରେସ ପକ୍ଷରୁ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଚୌଦ୍ୱାର ଗାନ୍ଧୀଛକସ୍ଥିତ କଲ୍ୟାଣମଣ୍ଡପ ସମ୍ମୁଖରେ ଅର୍ପଣ ରଥର ଶୁଭାରମ୍ଭ ଏକ ସରକାରୀ କାର୍ଯ୍ୟକ୍ରମ ଥିଲା। ଏଥିରେ କିଭଳି ଭାବେ ପୂର୍ବତନ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଲେ। ଅପରପକ୍ଷରେ ପୌରପାଳିକା ପକ୍ଷରୁ ପୂର୍ବରୁ ଲିଫ୍‌ଲେଟ୍ ୱାର୍ଡ଼ବାସୀଙ୍କୁ ପ୍ରଦାନ କରାଯାଇ ରଥ ପରିକ୍ରମାର କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଯାଇଥିଲା। ହେଲେ ପୁନର୍ବାର ଲିଫ୍‌ଲେଟ୍ ଛପା ଯାଇ ୱାର୍ଡ଼ବାସୀଙ୍କୁ ବଣ୍ଟନ କରି ବିଭ୍ରାନ୍ତ ସୃଷ୍ଟି କରିଯାଇଛି, ଯାହାକି ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ପୌରପାଳିକା ତରଫରୁ ଥାନାରେ ଅଭିଯୋଗ କରାଯାଉ ନଚେତ୍ ଆସନ୍ତା ୩ ଦିନ ମଧ୍ୟରେ ଚୌଦ୍ୱାର କଂଗ୍ରେସ ତରଫରୁ ଥାନାରେ ଅଭିଯୋଗ କରାଯିବ। ଏ ନେଇ ନିର୍ବାହୀ ଅଧିକାରୀ ମହାପାତ୍ରଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ଦେଇ ନ ଥିଲେ।

ୱାର୍ଡବାସୀଙ୍କୁ ମୌଳିକ ସେବା ଯୋଗାଅ

କଟକ,୧୮।୧(ଶିଳ୍ପୀ ପ୍ରିୟଦର୍ଶିନୀ)

ବିଧାୟକ ଇଂ. ମହମ୍ମଦ ମୋକିମ ସିଏମ୍‌ସିର ୩ ନମ୍ବର ୱାର୍ଡ ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେଠାରେ ଗ୍ରାମ ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ୱାର୍ଡ ଅଞ୍ଚଳର କଂଗ୍ରେସ କର୍ମୀମାନେ ନିୟମିତ ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ମୌଳିକ ସେବା ଯୋଗାଇଦେବାରେ ସହଯୋଗ କରିବାକୁ ମୋକିମ ପରାମର୍ଶ ଦେଇଥିଲେ। ଏଥିସହ ବିଧାୟକ ଉନ୍ନୟନ ପାଣ୍ଠିରୁ ହେଉଥିବା ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରା, ଆକୁଳି ଚରଣ ବେହେରା, ମନୋଜ ରାଉତ, ସନ୍ତୋଷ କୁମାର ଲେଙ୍କା, ବିବେକ ସାମନ୍ତରାୟ, ନିରଞ୍ଜନ ସାହୁ ଓ ଅନିଲ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ପୁରୁଣା ସ୍ମୃତିକୁ ମନେପକାଇଲେ ଛାତ୍ରୀଛାତ୍ର

ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର।

ମଙ୍ଗୁଳି–ଜଗତପୁର,୧୮।୧(ମାନସ ସାମଲ)

ଚୌଦ୍ୱାର ପୌରପାଳିକା ଅଧୀନ କପାଳେଶ୍ୱରସ୍ଥିତ ଜନ୍ମଜେୟ ଉଚ୍ଚ ବିଦ୍ୟାଳୟ ୨୦୦୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ପୋଟଳେଇ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ପୁରାତନ ଛାତ୍ର ସଞ୍ଜୟ ବିଶ୍ୱାସ, ଅଭୟ ବେହେରା, ଛାତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକନାଥ ବେହେରା, କଂଗେୟ ଗୁପ୍ତା, ରତିକାନ୍ତ ସାହୁ, ପ୍ରସନ୍ନଜିତ୍ ଦାସ, ସିଲ୍ଲୁ ରାଉଳ, ଶୁଭଲକ୍ଷ୍ମୀ ସାସମଲ, ପୂଜାରିଣୀ ସାମଲ, ଝରଣା ପୃଷ୍ଟି , ଲିପିରାଣୀ ସେନ, ରତିକାନ୍ତ ପ୍ରଧାନ, ମାନସ ପ୍ରମୁଖ ଯୋଗ ଦେଇଥିବା ବେଳେ ରୀନା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

କଟକ,୧୮।୧(କାର୍ତ୍ତିକ ସାହୁ)

ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା

୬ ବର୍ଷର ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ଦ୍ୱାରା ଯୌନ ନିର୍ଯାତନା ଦେବା ମାମଲାରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଖାନ୍‌ନଗର ଅଞ୍ଚଳର ଚିନ୍ତାମଣି ନାୟକ। ଏଥିସହ ପୀଡ଼ିତ ନାବାଳକଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ଅଦାଲତ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୧୯ ସେପ୍ଟେମ୍ବର ୨ ତାରିଖ ଅପରାହ୍ନରେ ଖାନ୍‌ନଗର ହାଇସ୍କୁଲ ପରିସରରେ ପୀଡ଼ିତ ନାବାଳକ ଜଣଙ୍କ ଖେଳୁଥିଲେ। ଏହି ସମୟରେ ଚିନ୍ତାମଣି ତାଙ୍କୁ ଚକୋଲେଟ ଓ କୁରକୁରେ ଖାଇବାର ଲୋଭ ଦେଖାଇ ନିକଟସ୍ଥ ଏକ ପରିତ୍ୟକ୍ତ ଘରକୁ ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ନାବାଳକ ଜଣକ ଘରକୁ ଆସିବା ପରେ ନିଜ ମାଆଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ନାବାଳକଙ୍କ ମାଆ ଏ ସମ୍ପର୍କରେ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ କିଛିଦିନ ଜେଲରେ ରହିବା ପରେ ଜାମିନ୍‌ରେ ମୁକୁଳିଥିଲେ। ପୋଲିସ ଅଦାଲତରେ ଚାର୍ଜଶିଟ ଦାଖଲ କରିବା ପରେ ମାମଲାର ବିଚାର ହୋଇଥିଲା। ଅଦାଲତ ୧୨ ଜଣ ସାକ୍ଷୀ ଓ ୧୨ଟି ଡକ୍ୟୁମେଣ୍ଟ ଆଧାରରେ ମାମଲାର ବିଚାର କରି ରାୟ ପ୍ରଦାନ କରିଛନ୍ତି। ସରକାରୀ ଓକିଲ ବିଶ୍ୱଜିତ୍ ରାୟ ମାମଲା ପରିଚାଳନା କରୁଥିଲେ।

ବେସରକାରୀ ଜାଗାରେ କୋଠା ନିର୍ମାଣ କାର୍ଯ୍ୟ ବନ୍ଦ

କଟକ ସଦର,୧୮।୧ (ସୁଶାନ୍ତ କୁମାର ଜେନା)

ଜମି କାଗଜପତ୍ର ଯାଞ୍ଚ ପରେ ନିଷ୍ପତ୍ତି ନିଆଯିବ

୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ସୁବିଧା କେନ୍ଦ୍ର କୋଠା ନିର୍ମାଣ କାର୍ଯ୍ୟ ଏକ ବେସରକାରୀ ଜାଗାରେ କରାଯାଉଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପର

ସଂକ୍ଷେପରେ

ମାଛ ଗୋଦାମରେ ଅଗ୍ନିକାଣ୍ଡ
ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

ବାଲୁଗାଁ,୧୮।୧(ସଂଗ୍ରାମ ପାଇକରାୟ): ବାଲୁଗାଁ ଚିଲିକା କୂଳସ୍ଥିତ ଏକ ମାଛ ଗୋଦାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳିଯାଇଛି। ଶାନ୍ତି ନଗରର ଗୋପାଳ ରାୟ ମାଛ ବଜାରରେ ଏକ ଗୋଦାମ ଗୃହ ଭଡାରେ ନେଇ ମାଛ ବ୍ୟବସାୟ କରୁଥିଲେ। ଦୈନନ୍ଦିନ ପରି ବୁଧବାର ରାତିରେ ବ୍ୟବସାୟ ସାରି ଗୋପାଳ ଘରକୁ ଯାଇଥିଲେ। ଗୁରୁବାର ପୂର୍ବାହ୍ନ ୧୦ଟାରେ ସେ ବ୍ୟବସାୟ ସ୍ଥଳକୁ ଆସିବା ପୂର୍ବରୁ ତାଙ୍କ ଗୋଦାମ ଗୃହରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି କବାଟ ଭାଙ୍ଗି ନିଆଁକୁ ଆୟତ୍ତ କରିଥିଲେ ॥ ହେଲେ ସେତେବେଳକୁ ଗୋଦାମ ଗୃହରେ ଥିବା ଶହେରୁ ଊର୍ଦ୍ଧ ମାଛ ଟ୍ରେ ସମେତ ଓଜନ ଯନ୍ତ୍ରାଂଶ, ଚେୟାର ଟେବୁଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଥିଲା। ସେଠାରେ ଥିବା ଦାମୋଦର ପାତ୍ରଙ୍କ ଗ୍ରସେରୀ ଦୋକାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ରାଜସ୍ୱ ନିରୀକ୍ଷକ ନିକୁଞ୍ଜ ପ୍ରଧାନ, ଏନ୍‌ସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଅଧକ୍ଷା ପ୍ରତିନିଧି ସନ୍ତୋଷ ପାଇକରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ଗୋପାଳଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ମାଛ ବ୍ୟବସାୟୀ ସଂଘ ପକ୍ଷରୁ ଦାବି ହୋଇଛି।

ଧର୍ମପରାୟଣା ମହିଳାଙ୍କ ପରଲୋକ

ଟାଙ୍ଗୀ,୧୮।୧(ରଘୁନାଥ ସାହୁ): ଟାଙ୍ଗୀ ରତ୍ନମାଳି ସାହିର କାଞ୍ଚନ ବାଳା ଦେଇଙ୍କ ଗୁରୁବାର ସନ୍ଧ୍ୟାରେ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ହୋଇଥିଲା। ସେ କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମପରାୟଣା ମହିଳାଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଆଇନଜୀବୀ ବିଶ୍ୱଜିତ୍ ରାଉତରାୟ ମୁଖାଗ୍ନି ଦେଇଥିଲେ।

ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର

ନିରାକାରପୁର,୧୮।୧(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ମଳିପଡ଼ା କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଓଡ଼ିଆ ସଂସ୍କୃତି ଆଧାରିତ ଗଳ୍ପ କଥନ, ସ୍ଲୋଗାନ ଓ ଗଳ୍ପ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ମିହିର ଚନ୍ଦ୍ର ମହାପାତ୍ର ପୌରୋହିତ କରିଥିଲେ। ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ପ୍ରଚାରକ ଡ.ପୂର୍ଣ୍ଣଚନ୍ଦ୍ର ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ଯୋଗଦେଇଥିଲେ। ଅଧାପକ ପ୍ରାଣେଶ୍ୱର ଜୟସିଂହ ମଞ୍ଚ ପରିଚାଳନା କରିଥିଲେ।

ବଢୁଛି ଖଣି ମାଫିଆଙ୍କ ଦୌରାତ୍ମ୍ୟ

ଜିଲାରେ ଲଘୁ ଖଣିଜ ସମ୍ପଦର ଚୋରାଚାଲାଣ

ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ମାଫିଆମାନେ ବେଆଇନଭାବେ ପାହାଡ଼ ଖନନ କରିବା ସହ ଦୈନିକ ଶହ ଶହ ଟ୍ରକରେ ଲଘୁ ଖଣିଜ ସମ୍ପଦ ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ମାଙ୍କଡ଼ା ପଥର, ମୋରମ, କଳାମୁରୁଜି ପଥର, ବଉଳାମାଳା ପଥର ଆଦି ଚାଲାଣ ହେଉଛି। ପ୍ରଶାସନର ଚଢ଼ାଉ ଏବଂ ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ତେବେ ମାଫିଆମାନେ କାହାର ଛତ୍ରଛାୟା ତଳେ ବେଆଇନଭାବେ ଲଘୁ ଖଣିଜ ସମ୍ପଦ ଚାଲାଣ କରୁଛନ୍ତି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆକ୍ରମଣର ଶିକାର ହେଉଛନ୍ତି ଅଧିକାରୀ

ଅନେକ ସମୟରେ ଖଣିରେ ଚଢ଼ାଉ ବେଳେ ପ୍ରଶାସନିକ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ହେଉଛି। ନିକଟରେ ଜକରାଠାରେ ଚଢ଼ାଉ ବେଳେ ଖଣି ଅଧିକାରୀ ଜଗନ ବେହେରାଙ୍କୁ ମାଫିଆମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହା ପୂର୍ବରୁ ଜଟଣୀ ତହସିଲଦାର ଚୋରାଚାଲାଣକୁ ରୋକିବାକୁ ଯାଇ ମାଫିଆଙ୍କ ଆକ୍ରମଣର ଶିକାର ମଧ୍ୟ ହୋଇଥିଲେ। ଚଢ଼ାଉ ସମୟରେ ରାଜସ୍ୱ ଅଧିକାରୀଙ୍କୁ ଆକ୍ରମଣ ନେଇ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି। ବେଗୁନିଆରେ ଏକ ଖଣିରେ ଚଢ଼ାଉ ସମୟରେ ୩ଜଣ ପୋଲିସ ଅଧିକାରୀଙ୍କୁ ମାଫିଆମାନେ ଗୋଡାଇ ପିଟିଥିଲେ। ଏହା ସତ୍ତ୍ୱେ ପ୍ରଶାସନ ଏବଂ ପୋଲିସର ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନୁମତିଠାରୁ ଅଧିକ ଖନନ ହେଉଛି

ଖୋର୍ଦ୍ଧାରେ ଶ୍ରୀମନ୍ଦିର ପ୍ରଶାସନର ୪୬ରୁ ଊର୍ଦ୍ଧ୍ୱ ପଥର ଖଣି ରହିଛି। ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ, ବୋଲଗଡ ଅଞ୍ଚଳରେ ୧୪ଟି ପଥର ଖଣିକୁ ନିଲାମ ସହ ବ୍ଲାଷ୍ଟିଂ ପାଇଁ ଅନୁମତି ମିଳିଥିବା ବେଳେ ବେଆଇନଭାବେ ଅଧିକ ଖନନ କରି ସହ ଚୋରାଚାଲାଣ ଚାଲିଛି। ମାଙ୍କଡା ପଥର ଓ ମୋରମ ଚୋରାଚାଲାଣ ଚାଲିଛି। ଏନ୍‌ଜିଟିର ଛାଟ ସତ୍ତ୍ୱେ କାଇପଦର, ନିଜିଗଡ ତାପଙ୍ଗ, ଟାଙ୍ଗୀ, ଖୋର୍ଦ୍ଧା, ଜଟଣୀ, ବୋଲଗଡ ଓ ବେଗୁନିଆ ଆଦି ଅଞ୍ଚଳରୁ ମାଙ୍କଡ଼ା ପଥର ଚାଲାଣ ହେଉଛି।

ମାସିକିଆ ବଟି ଆଦାୟ ଚର୍ଚ୍ଚା

ପ୍ରଶାସନ, ପୋଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଖୋର୍ଦ୍ଧାରେ ବେଆଇନଭାବେ ପଥର ଖଣି ଖନନ ବଢ଼ିବାରେ ଲାଗିଛି। ଦୈନିକ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ପଥର ଚାଲାଣ ହେଉଥିବା ଜଣାପଡିଛି। ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ପୋଲିସ ଓ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀ, ଅଧିକାରୀ ମାସିକିଆ ବଟି ନେଇ ଏମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛନ୍ତି ବୋଲି ଅଭିଯୋଗ ହେଉଛି।

ଟାସ୍କ ଫୋର୍ସ କମିଟି ନୀରବଦ୍ରଷ୍ଟା

ଚୋରାଚାଲାଣ ରୋକିବା ଲାଗି ପ୍ରଶାସନିକ ସ୍ତରରେ ପୋଲିସ ଏବଂ ରାଜସ୍ୱ ଅଧିକାରୀମାନଙ୍କୁ ନେଇ ମିଳିତ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ସ୍ଥାନୀୟ ପ୍ରତିନିଧି, ଉପଜିଲାପାଳ, ସମସ୍ତ ତହସିଲଦାର, ପୋଲିସ ସହ ବୈଠକ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ, ରାଜସ୍ୱ ଏବଂ ପୋଲିସକୁ ନେଇ ଖୋର୍ଦ୍ଧା ଓ ଭୁବନେଶ୍ୱର ଉପଜିଲାପାଳଙ୍କ ଅଧୀନରେ ଟାସ୍କ ଫୋର୍ସ ଗଠନ ହୋଇଛି। ଏହି ଟମ୍ ଅଚାନକ ଭାବେ ଖଣିରେ ଚଢ଼ାଉ କରି ଏନଜିଟି ଓ ପରିବେଶ ପ୍ରଦୂଷଣ ବୋର୍ଡ ଗାଇଡଲାଇନ ପାଳନ କରାଯାଉଛି କି ନାହିଁ ଏବଂ କେତେ ପରିମାଣ ଖନନ କରାଯାଉଛି ତାହାର ତଦାରଖ କରିବେ। ତେବେ ଜରିମାନା ଆଦାୟରେ ଏହା ସୀମିତ ରହିଛି। ଫଳରେ ମାଫିଆମାନେ ଅନୁମତିଠାରୁ ଆହୁରି ପଥର ଖନନ ଜାରି ରଖିଛନ୍ତି।

ଚଢ଼ାଉ ପୂର୍ବରୁ ସୂଚନା ଦିଆଯାଉଥିବା ଚର୍ଚ୍ଚା

ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଜରିମାନା ଆଦାୟ ସହ ଏକାଧିକ ବ୍ୟକ୍ତିଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ତେବେ ପ୍ରଶାସନ ପକ୍ଷରୁ କେବଳ ଚୋରା ଚାଲାଣକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଥିବା ବେଳେ ଏହା ପଛରେ ରହିଥିବା ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରାଯାଉନାହିଁ। ଫଳରେ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ମାଫିଆମାନେ ଖସିଯାଉଛନ୍ତି। ତେବେ ଚଢ଼ାଉ ପୂର୍ବରୁ ମାଫିଆମାନଙ୍କୁ ସୂଚନା ଦିଆଯାଇ ଖସାଇଦିଆଯାଉଛି ବୋଲି ଚର୍ଚ୍ଚା ଯୋର ଧରିଛି। ଏନେଇ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି, ପୋଲିସ ପକ୍ଷରୁ ପଥର ଖଣିରେ ଚଢ଼ାଉ ଜାରି ରହିଛି। ବେଆଇନ ଭାବେ ଚାଲିଥିବା ପଥର ଖାଦାନ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବେଆଇନ ପଥର ଖନନ, ଚୋରାଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ।

କିଓରବେ ଇ କ୍ଲିନିକ୍‌ର ଶୁଭାରମ୍ଭ

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

ଟାଙ୍ଗୀଠାରେ ଗୁରୁବାର କିଓରବେ ଇ କ୍ଲିନିକ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଜ୍ଞାନ ବିଭାଗର ପ୍ରମୁଖ ଶାସକ ସଚିବ ମନୋଜ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଇ କ୍ଲିନିକର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କିଓରବେର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟଦର୍ଶୀ ମହାପାତ୍ର ଇ କ୍ଲିନିକ ମାଧ୍ୟମରେ ରୋଗୀମାନେ ପେଡିଆଟ୍ରିକ, ଅର୍ଥପେଡିକ, ସର୍ଜରି, ଇଏନଟି, ସ୍ତ୍ରୀ ରୋଗ ଏବଂ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତରମାନଙ୍କ ସହିତ ଅନଲାଇନରେ ଚିକିତ୍ସାର ସୁବିଧା ପାଇପାରିବେ ବୋଲି କହିଥିଲେ। ଏହା ସହିତ ପଞ୍ଜୀକୃତ ଫାର୍ମାସୀ ଜରିଆରେ ଔଷଧ ମଗାଇବା, ଇ କ୍ଲିନିକ ପରୀକ୍ଷଣ ପାଇଁ ନମୁନା ସଂଗ୍ରହ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ପରିଚାଳକ ଲକ୍ଷ୍ମୀ ନାରାୟଣ ପୁଷ୍ଟି, ଅଭିନେତ୍ରୀ ଶିବାନୀ ଉପସ୍ଥିତ ଥିଲେ। ସୌଭାଗ୍ୟ ଦେଓ ଓ ଜ୍ୟୋତି ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବୋଲଗଡ଼ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଦକ୍ଷତା ପ୍ରତିପାଦନର ଉପଯୁକ୍ତ ମାଧ୍ୟମ ପ୍ରତିଯୋଗିତା

ବୋଲଗଡ଼,୧୮।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଧୀନ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଙ୍କ ପୌରୋହିତ୍ୟ ଓ ସୌଦାମିନୀ ସୁବୁଦ୍ଧିଙ୍କ ସଂଯୋଜନାରେ ଗୁରୁବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ବିଷୟରେ ଅନୁଷ୍ଠିତ ପ୍ରତିଯୋଗିତାର ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ଉଚ୍ଚ ବିଦ୍ୟାଳୟ, ସିନ୍ଦୁରିଆର ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ନବମ ଓ ଦଶମ ବିଦ୍ୟାର୍ଥୀଙ୍କ ଦ୍ୱାରା ରଚିତ 'ମୋ କଥା ମୋ କାହାଣୀ' ନାମକ ଏକ ପୁସ୍ତକ ମେଳାକୁ ଉଦ୍‌ଘାଟନ କରିଥିଲେ। ବୋଲଗଡ଼ ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ସଭାପତି ଗୋପୀନାଥ ଖାଡ଼ଙ୍ଗା ମୁଖ୍ୟବକ୍ତା ଭାବେ ଯୋଗଦେଇ ଦକ୍ଷତା ପ୍ରତିପାଦନର ଉପଯୁକ୍ତ ମାଧ୍ୟମ ପ୍ରତିଯୋଗିତା ବୋଲି କହିଥିଲେ। ଖଙ୍ଗୁରିଆ ପଞ୍ଚାୟତ ସମିତିସଭ୍ୟା ବିନୋଦିନୀ ଦତ୍ତ, ସ୍ୱତନ୍ତ୍ର ଓଡ଼ିଶା ଲେବର ୟୁନିୟନର ଉପସଭାପତି ଶ୍ରୀଧର ଦତ୍ତ, ଅବସରପ୍ରାପ୍ତ ସେନାକର୍ମଚାରୀ ପ୍ରହ୍ଲାଦ ମଙ୍ଗରାଜ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସ୍ୱର୍ଣ୍ଣଲତା ପ୍ରଧାନ ଅତିଥିଙ୍କୁ ସ୍ୱାଗତ ଓ ସୌଦାମିନୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଏବଂ କ୍ରୀଡାଙ୍ଗନ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମକୁ ଶୈବାଳିକା ମଲ୍ଲିକ, ବିଚିତ୍ର ଘଡ଼େଇ, ଦୀପ୍ତିରଞ୍ଜନ ଦାସ, ଅଂଶୁମାନ ଧଳ ମେଣ୍ଟରଭାବେ ପରିଚାଳନା କରିଥିଲେ। ପରେ ଚାରି ହାଉସ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ରୋତାଳିନୀ ସାହୁ ଧନ୍ୟବାଦ ଦେଇଥିଲେ।

ବୋଲଗଡ଼ ରୋଡ୍ ହେଲା ମାଣିକାଗୋଡ଼ା ରେଲୱେ ଷ୍ଟେଶନ

ବୋଲଗଡ଼,୧୮।୧(ଦେବବ୍ରତ ହୋତା)

ଖୋର୍ଦ୍ଧାରୋଡ୍– ବଲାଙ୍ଗୀର ରେଳପଥର ବୋଲଗଡ଼ ବ୍ଲକ ମାଣିକାଗୋଡ଼ାଠାରେ ନିର୍ମିତ ହୋଇଥିବା ବୋଲଗଡ଼ ରୋଡ୍ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରାଯାଇ ମାଣିକାଗୋଡ଼ା ରେଳ ଷ୍ଟେଶନ ନାମରେ ନାମିତ କରାଯାଇଛି। ଏହି ନାମ ପରିବର୍ତ୍ତନ ଓ ନୂତନ ନାମକରଣ ପାଇଁ ପୂର୍ବରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ରେଳମନ୍ତ୍ରୀଙ୍କ ଗସ୍ତ ସମୟରେ ଦାବି ଉପସ୍ଥାପନ ହୋଇଥିଲା। ତେବେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗକୁ ଚିଠି ଆସିବା ପରେ ଏହି ଷ୍ଟେଶନର ନାମ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ବୋର୍ଡରେ ଲେଖାଥିବା ବୋଲଗଡ଼ ରୋଡ୍ ଷ୍ଟେଶନର ନାମ ଲିଭାଯାଇ ବିଭାଗ ପକ୍ଷରୁ ମାଣିକାଗୋଡ଼ା ରେଳ ଷ୍ଟେଶନ ଲେଖାଯାଇଛି। ଗୁରୁବାର ଏହି ନାମ ବୋର୍ଡକୁ ଦଳାଇସାହି ସରପଞ୍ଚ ସତ୍ୟଭାମା ଦେଈ ଓ ସମିତିସଭ୍ୟା ମନସ୍ମିତା ଦଳାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅମୀୟ ପଟ୍ଟନାୟକ, ମହମ୍ମଦ ଆଜାଦ, ପ୍ରଫୁଲ୍ଲ ମହାପାତ୍ର, ପ୍ରଫୁଲ୍ଲ ମହାନ୍ତି, ତ୍ରିନାଥ ସ୍ୱାଇଁ, ଶରତ କୁମାର ଦଳାଇଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

'ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଅଙ୍ଗାଙ୍ଗୀଭାବେ ଜଡ଼ିତ'

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୧୮।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ ପରିସରରେ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନୂଆ–ଓ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଅବସରପ୍ରାପ୍ତ ଅଧକ୍ଷ ଶଶାଙ୍କ ଶେଖର ରଥ ଉଦ୍‌ଘାଟକଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଗଙ୍ଗାଧର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରାଧାପକ ପ୍ରଫୁଲ୍ଲ କୁମାର ରଥ ଯୋଗଦେଇଥିଲେ। ଭାରତୀୟ ସଂସ୍କୃତି ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ବିଶ୍ୱ ବ୍ରହ୍ମାଣ୍ଡରେ ଖ୍ୟାତି ଅର୍ଜନ କରିଛି। ଭାରତୀୟ ପରମ୍ପରା, ରୀତିନୀତି, ବ୍ୟବସ୍ଥା, ଧର୍ମ, ଦର୍ଶନ, କଳା ଓ ସାହିତ୍ୟ ଭାଷାର ପ୍ରଚଳନ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ରତା ବଜାୟ ରହିଛି। ତେଣୁ ଜଗନ୍ନାଥଙ୍କ ସଂସ୍କୃତି ସହିତ ସାହିତ୍ୟ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି ଅତିଥି ରଥ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପର୍ଯ୍ୟାୟକ୍ରମେ ସାହିତ୍ୟ ଓ ଜଗନ୍ନାଥଙ୍କ ସଂସ୍କୃତି ସମ୍ପର୍କରେ ପ୍ରତିଯୋଗିତାର ଆୟୋଜନ ହେବ। ବକ୍ତୃତା, କବିତା ଲିଖନ ଓ ପଠନ, ପ୍ରବନ୍ଧ, ଗଳ୍ପ, କବିତା ଆବୃତ୍ତି, କୁଇଜ, ଲୋକନୃତ୍ୟ, କ୍ଷୁଦ୍ର ନାଟକ, ଭଜନ, ରୋଷେଇ, ଚଳଚ୍ଚିତ୍ର ଆଦି ବିଭିନ୍ନ ଇଭେଣ୍ଟରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ସମାରୋହରେ ଅଧାପିକା ବିନ୍ଦୁଶ୍ରୀ ମହାନ୍ତି ସଂଯୋଜନା କରିଥିଲେ। ପ୍ରାଧାପକ ଇନ୍ଦୁ ଭୂଷଣ ହରିଚନ୍ଦନ, ପ୍ରଦୀପ କୁମାର ସାହୁ, ନାରାୟଣ ବନ୍ଧୁ ପଟ୍ଟନାୟକ, ଶ୍ୟାମା ପ୍ରସାଦ ଶତପଥୀ, ଅଧାପିକା ଭାଗ୍ୟଶ୍ରୀ ପରିଡ଼ା, ପ୍ରଜ୍ଞାରାଣୀ ବେହେରା, ସୌରଭ ରାଉତ, ହୃଷୀକେଶ ମାର୍ଥା, କର୍ମଚାରୀ ରାଧାଶ୍ୟାମ ସାହୁ, ଦିଲୀପ କୁମାର ପଣ୍ଡା, ଅଜୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

'ଲକ୍ଷ୍ୟ ପୂରଣ ପାଇଁ କଠିନ ପରିଶ୍ରମ କର'

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

ସୋରଣସ୍ଥିତ ଗୁରୁ ଦ୍ରୋଣାଚାର୍ଯ୍ୟ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଥମ ପ୍ରତିଷ୍ଠା ଦିବସ ପ୍ରତିଷ୍ଠାତା ଶତ୍ରୁଘ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପୋଲିସ ଅଧିକାରୀ ଲକ୍ଷ୍ମୀଧର ପାଇକରାୟ, ସମ୍ମାନିତ ଅତିଥି ନାଚୁଣୀ କଲେଜ ପରିଚାଳନା କମିଟି ସଭାପତି ଅରୁଣ କୁମାର ଦାଶ, ଶିକ୍ଷାବିତ୍ କୁବେର ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ସେନା ସଂଘର ଉପସଭାପତି ଶ୍ରୀବସ ବୈରିଗଞ୍ଜନ ପ୍ରମୁଖ ଯୋଗଦେଇ ଲକ୍ଷ୍ୟ ପୂରଣ ପାଇଁ କଠିନ ପରିଶ୍ରମ କର ଏବଂ ନିଷ୍ଠ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଗୁରୁବାର ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଆରମ୍ଭ ହୋଇଥିବା ପରିକ୍ରମା ଯାତ୍ରା ।

ପରିକ୍ରମା ଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ନିର୍ବାଚନମଣ୍ଡଳୀର ବିଜେଡି ନେତୃବୃନ୍ଦ ଏବଂ ଅନ୍ୟମାନେ ।

ସଂକ୍ଷେପରେ

ନଗର ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ଅସ୍ତରଙ୍ଗ,୧୮।୧(ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ ବ୍ଲକ ନଗର ସେବା ସମବାୟ ସମିତିରେ ଗୁରୁବାର ଧାନମଣ୍ଡି ଖୋଲାଯାଇଛି। ମଣ୍ଡିରେ ଟୋକନ ପାଇଥିବା ଚାଷୀ ଧାନବିକ୍ରି କରିଥିଲେ। ପ୍ରଥମ ଦିନରେ ନଗର ସେବା ସମବାୟ ସମିତିରେ ଥିବା ନୂଆଗଡ଼ଠାରେ ଧାନକ୍ରୟ କେନ୍ଦ୍ରରେ ୫ଶହ କୁଇଣ୍ଟାଲ ଧାନ କିଣାଯିବାକୁ ୨୦ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରଯାଇଥିଲା। ମୁଖ୍ୟ ଅତିଥି ଭାବେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁଶାନ୍ତ ରାଉତ, ମୁଖ୍ୟବକ୍ତା ଭାବେ ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଅସ୍ତରଙ୍ଗ ଶାଖା ପ୍ରବନ୍ଧକ ସୂର୍ଯ୍ୟକାନ୍ତ ବରାଳ, ସମ୍ମାନିତ ଅତିଥି ଅଞ୍ଚଳ ଅଧିକାରୀ ଦିଲୀପ ବେହେରା, ପୁରୀ ନିମାପଡ଼ା କେନ୍ଦ୍ରୀୟ ସମବାୟ ସମିତି ସଭାପତି ଦୀନବନ୍ଧୁ ବେହେରା, ସମିତି ସମ୍ପାଦକ ପ୍ରଶାନ୍ତ ଦାସ, ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନଗର ସେବା ସମବାୟରେ ୪୪୪ ଚାଷୀ ପଞ୍ଜୀକୃତ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଅସ୍ତରଙ୍ଗ ବ୍ଲକର ଦାୟିତ୍ୱରେ ଥିବା ଅନୁନ୍ଦିତ ମିଲରଙ୍କ ମାଧ୍ୟମରେ ୭ହଜାର କୁଇଣ୍ଟାଲ ଧାନକ୍ରୟ କରାଯିବ ବୋଲି ସୂଚନା ମିଳିଛି।

ସାକ୍ଷୀଗୋପାଳ କଲେଜରେ ଆତ୍ମରକ୍ଷା ତାଲିମ ଶିବିର

ସାକ୍ଷୀଗୋପାଳ,୧୮।୧(ଭରତ ରାଉତ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଛାତ୍ରୀଙ୍କ ସୁରକ୍ଷା ପାଇଁ ଏକ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଶିବିରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ର ଯୋଗଦେଇଥିଲେ। ଆଗାମୀ ଜୀବନରେ ସମ୍ମୁଖୀନ ହେବାକୁ ଥିବା ବିପଦକୁ ସାହସିକତାର ସହ ସାମ୍ନା କରିବାକୁ ମିଶ୍ର ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ। ଏଥିରେ ଏକାଦଶ ଶ୍ରେଣୀର ସମସ୍ତ ଛାତ୍ରୀଙ୍କୁ ତାଲିମଦାତା ପାର୍ବତୀ ମହାରଣା ଏବଂ ସତ୍ୟଭାମା ମୁଦୁଲିଙ୍କ ଦ୍ୱାରା ଆତ୍ମରକ୍ଷା ତାଲିମ ପ୍ରଦାନ କରାଯିବ। ପ୍ରାଧ୍ୟାପିକା ତଥା ଏହି କାର୍ଯ୍ୟକ୍ରମର କୋଅର୍ଡିନେଟର ପ୍ର. ବିଜୟଲକ୍ଷ୍ମୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ରଘୁନାଥ ପରିଡ଼ା ଏବଂ କୋଷାଧ୍ୟକ ମହେଶ୍ୱର ମିଶ୍ର ସହଯୋଗ କରିଥିଲେ।

ରେଙ୍ଗଳ ସରପଞ୍ଚ ପଦ ଅସିଦ୍ଧ ଘୋଷିତ

ପିପିଲି,୧୮।୧(ଦୁର୍ଗାମାଧବ ମିଶ୍ର): ଡେଲାଙ୍ଗ ବ୍ଲକ ରେଙ୍ଗଳ ସରପଞ୍ଚ ପଦବୀକୁ ନିର୍ବାଚନ ଟ୍ରିବ୍ୟୁନାଲ ତଥା ପିପିଲି ସିଭିଲ ଜଜ୍ ଜୁନିୟର ଡିଭିଜନ ସଂଗ୍ରାମ କୁମାର ମିଶ୍ର ଗୁରୁବାର ଅସିଦ୍ଧ ଘୋଷଣା କରିଛନ୍ତି। ଉକ୍ତ ପଞ୍ଚାୟତର ନିର୍ବାଚନ ଅନିୟମିତତାକୁ ନେଇ ନିର୍ବାଚନ ଟ୍ରିବ୍ୟୁନାଲ ତଥା ପିପିଲି ସିଭିଲ ଜଜ୍ ଜୁନିୟରଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିଲା। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ କ୍ରମେ ଗତ ଡିସେମ୍ବର ୮ରେ ସରପଞ୍ଚ ପଦବୀର ଭୋଟ ବାଲଟ ପେପର ଓ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ପୁନଃ ତନଖି କରାଯାଇଥିଲା ଓ ରାୟ ସଂରକ୍ଷିତ ରଖାଯାଇଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ନିର୍ବାଚନରେ ଅନିୟମିତତା ହୋଇଥିବା ଦର୍ଶାଇ ସରପଞ୍ଚ ସାଗରିକା ବଡ଼ଜେନାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବା ସହ ରେଙ୍ଗଳ ପଞ୍ଚାୟତର ସରପଞ୍ଚ ପଦବୀ ସାମୟିକ ଖାଲି ରହିଲା ବୋଲି କହିଛନ୍ତି। ସେହିପରି ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ଡେଲାଙ୍ଗ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଏବଂ ପୁରୀ ଉପ ଜିଲାପାଳଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ୨୦୨୨ ଫେବୃଆରୀରେ ରେଙ୍ଗଳ ପଞ୍ଚାୟତରେ ସରପଞ୍ଚ ପଦ ନିମନ୍ତେ ଭୋଟ ଗ୍ରହଣ କରାଯାଇଥିଲା। ୨୬ ତାରିଖରେ ଭୋଟ ଗଣତି ହୋଇଥିଲା। ପଞ୍ଚାୟତର ୪୦୪୯ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ୧୫୬ ଖଣ୍ଡ ଭୋଟ ନାକଚ ହୋଇଥିଲା। ସରପଞ୍ଚ ପ୍ରାର୍ଥୀ ସ୍ୱର୍ଣ୍ଣଲତା ରାଉତରାୟଙ୍କୁ ୧୮ ଖଣ୍ଡ ଭୋଟରେ ହରାଇ ପ୍ରାର୍ଥୀ ସାଗରିକା ବଡ଼ଜେନା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସାଗରିକା ୧୫୨୫ ଖଣ୍ଡ ପାଇଥିବା ବେଳେ ସ୍ୱର୍ଣ୍ଣଲତା ୧୫୦୭ ଖଣ୍ଡ ଭୋଟ ପାଇଥିଲେ। ତେବେ ଉକ୍ତ ପଞ୍ଚାୟତର ୱାର୍ଡ ନମ୍ବର ୬ରୁ ୧୨ ପର୍ଯ୍ୟନ୍ତ ଭୋଟ ଗ୍ରହଣରେ ଅନିୟମିତତା, ମୁକ୍ତ ଓ ଅବାଧ ଗଣତି ହୋଇ ନ ଥିବା ଦର୍ଶାଇ ପୁନଃ ଗଣତି ପାଇଁ ୨୦୨୨ ଫେବୃଆରୀ ୨୭ରେ ଡେଲାଙ୍ଗ ବିଡିଓଙ୍କୁ ସ୍ୱର୍ଣ୍ଣଲତା ଆବେଦନ କରିଥିଲେ। ମୃତ ଓ ଅନୁପସ୍ଥିତ ଭୋଟ ଗ୍ରହଣ କରାଯାଇଥିବା ଆବେଦନକାରୀ ଏଥିରେ ଦର୍ଶାଇଥିଲେ। ବିଡିଓ ପୁନଃଗଣତି କ୍ଷେତ୍ରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଆବେଦନକାରୀ ସ୍ୱର୍ଣ୍ଣଲତା ପରବର୍ତ୍ତୀ ସମୟରେ ପିପିଲିସ୍ଥିତ ନିର୍ବାଚନ ଟ୍ରିବ୍ୟୁନାଲ ତଥା ସିଭିଲ ଜଜ୍ ଜୁନିୟରଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକୁ ବିଚାର କରି ନିର୍ବାଚନ ଟ୍ରିବ୍ୟୁନାଲ ତଥା ସିଭିଲ ଜଜ୍ ନିର୍ବାଚନ ମାମଲା ସଂଖ୍ୟା ୧/୨୨ ଅନୁସାରେ ଡେଲାଙ୍ଗ ବିଡିଓ ପଞ୍ଚାୟତର ୱାର୍ଡ ନମ୍ବର ୬ରୁ ୧୨ର ବ୍ୟବହୃତ ଏବଂ ଅବ୍ୟବହୃତ ବାଲଟ ପେପର, ଫଳାଫଳ କାଗଜପତ୍ର, ଗଣତି ଫୋଲିଓ ଏବଂ ସମସ୍ତ ନିର୍ବାଚନ କାଗଜପତ୍ର ଡିସେମ୍ବର ୬ରେ କୋର୍ଟରେ ଦାଖଲ କରିଥିଲେ। ଉଭୟ ପକ୍ଷଙ୍କ ଉପସ୍ଥିତିରେ ଡିସେମ୍ବର ୮ରେ ସିଭିଲ ଜଜ୍ ତଥା ପିପିଲି ନିର୍ବାଚନ ଟ୍ରିବ୍ୟୁନାଲ ପିପିଲି କୋର୍ଟରେ ଉକ୍ତ ପଞ୍ଚାୟତର ସରପଞ୍ଚ ପଦବୀର ଭୋଟ ବାଲଟ ପେପର ଓ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ପୁନଃ ତନଖି କରାଯାଇଥିଲା। ପରେ ସାକ୍ଷ୍ୟ ନିଆଯାଇ ରାୟ ସଂରକ୍ଷିତ ଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନିଲ ଦଲେଇ, ବିନାୟକ ପ୍ରଧାନ ଓ ରସିଦ ଖାଁ ମାମଲା ପରିଚାଳନା କରୁଥିବାବେଳେ ପ୍ରତିବାଦୀଙ୍କ ପକ୍ଷରୁ ଆଇନଜୀବୀ ବିଭୁ ପ୍ରସାଦ ଗୈରିଗଞ୍ଜନ ମାମଲା ପରିଚାଳନା କରୁଥିଲେ।

ରାତି ଅଧରେ ଜେସିବି ଲଗାଇ ଭାଙ୍ଗିଦେଲେ ଘର

ନିମାପଡ଼ା,୧୮।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ): ଜମି ବିବାଦକୁ କେନ୍ଦ୍ର କରି ନିମାପଡ଼ା ଥାନା ଅଞ୍ଚଳରେ ରହୁଥିବା ଅରୁଣ ମହାନ୍ତିଙ୍କ ଘରକୁ ରାତିଅଧରେ ଜେସିବି ଲଗାଇ ଭାଙ୍ଗି ଦେଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏଥିରେ ୩ ବଖରା ଭାଙ୍ଗି ଯାଇଥିବାବେଳେ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆସବାବପତ୍ର ନଷ୍ଟ ହୋଇଛି। ଏନେଇ ନିମାପଡ଼ା ଥାନା ଅଧୀନ ଖେଦରପୁର ଗ୍ରାମର ନକୁଳ ଲେଙ୍କା, ଗଗନ ଲେଙ୍କାଙ୍କ ସମେତ ୨୦-୨୫ ଜଣ ଅଜଣା ବ୍ୟକ୍ତିଙ୍କ ବାବଦରେ ଅରୁଣ ଅଭିଯୋଗ କରିଛନ୍ତି। ପୋଲିସ ୨୬/୨୪ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି।

ସୂଚନାଯୋଗ୍ୟ, କୋଣାର୍କ ଥାନା ଅଧୀନ ଗୁହାଳପୁର ଗ୍ରାମର ଅରୁଣ ଦୀର୍ଘ ଦିନ ହେବ ନିମାପଡ଼ା ଥାନା ଅଧୀନ ଗୋଲେଇ ଛକ ନିକଟ ସିଦ୍ଧେଶ୍ୱର କଲ୍ୟାଣ ମଣ୍ଡପ ନିକଟରେ ଘର କରି ରହିଛନ୍ତି। ନିକଟରେ ନକୁଳ ଓ ଗଗନଙ୍କ ଫାର୍ମ ହାଉସ୍ ରହିଛି। ସେମାନଙ୍କ ଫାର୍ମ ହାଉସ୍‌କୁ ଯାଇଥିବା ସରକାରୀ ରାସ୍ତାକୁ ଅରୁଣ ଅବରୋଧ କରିଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ପୂର୍ବରୁ ଏହି ବିବାଦକୁ ନେଇ ଉଭୟ ପରିବାର ଅନେକ ଥର ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି। ତେବେ ବୁଧବାର ରାତିରେ ଅରୁଣ ତାଙ୍କ ପରିବାର ସହିତ ଘରେ ଶୋଇଥିବା ସମୟରେ ରାତି ପ୍ରାୟ ୨ଟା ବେଳକୁ ପ୍ରଚଣ୍ଡ ଶବ୍ଦ ଶୁଣି ଉଠି ପଡ଼ିଥିଲେ। ଘରୁ ବାହାରି ୨୦ରୁ ୨୫ ଜଣ ମୁହଁରେ କପଡ଼ା ବାନ୍ଧି ଜେସିବି ମେଶିନରେ ଘରକୁ ଭାଙ୍ଗୁଥିବା ଦେଖିବାକୁ ପାଇଥିଲେ। ନିକଟରେ ଥିବା ତାଙ୍କ କାର୍‌ର ଗ୍ଲାସ ବାଡେଇ ଭାଙ୍ଗିବା ସହ ବାଇକ୍ ଭାଙ୍ଗି ଦେଇଥିଲେ। ସେମାନେ ହାତରେ ମାରଣାସ୍ତ୍ର ଧରିଥିଲେ। ଏଥିରେ ପ୍ରତିବାଦ କରିବାରୁ ଜୀବନରେ ମାରି ଦେବାକୁ ଧମକ ଦେବାରୁ ସେମାନେ ଭୟଭୀତ ହୋଇ ପଡ଼ିଥିବା ଅରୁଣଙ୍କ ସ୍ତ୍ରୀ ପିଙ୍କି ମହାନ୍ତି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

ସୋମନାଥ ମହାଦେବଙ୍କ ମକର ଉତ୍ସବ

ନିମାପଡ଼ା,୧୮।୧(ରଞ୍ଜନ ପଟ୍ଟନାୟକ): ନିମାପଡ଼ା ବିଷ୍ଣୁପୁର କରଞ୍ଜି ସାହି ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବାବା ସୋମନାଥ ମହାଦେବଙ୍କ ମକର ଉତ୍ସବ ଅବସରରେ ୪ ଦିନ ଧରି 'ବିଶ୍ୱଶାନ୍ତି ମହାଯଜ୍ଞ' ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନ କାଳରୁ ଗ୍ରାମରେ ଶ୍ରୀଶ୍ରୀ ସୋମନାଥ ମହାଦେବ ପୂଜା ପାଇଆସୁଛନ୍ତି। ଏହି ଉତ୍ସବ ମକର ସଂକ୍ରାନ୍ତିଠାରୁ ୪ ଦିନ ଧରି ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଏ। ଏହି ଦିନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିନରେ ଶୁଭାଧିବାସ ସହିତ ଅଙ୍କୁରାରୋପଣ କରାଯାଇଥାଏ। ଦ୍ୱିତୀୟ ଦିବସରେ ଜଳାଧିବାସ, ସୂର୍ଯ୍ୟପୂଜା, ଶାଳା ସଂସ୍କାର, ଅଗ୍ନି ସ୍ଥାପନ, ରୁଦ୍ରାହୁତି, ତୃତୀୟ ଦିବସରେ ସୂର୍ଯ୍ୟପୂଜା ଦ୍ୱାରତୋରାଣାଦି ପୂଜା, ଗୀତା ଆହୁତି, ଚତୁର୍ଥ ଦିବସରେ ସୂର୍ଯ୍ୟପୂଜା, ଚଣ୍ଡୀଆହୁତି ଓ ପୂର୍ଣ୍ଣାହୁତି କରାଯାଇଥିଲା। ବରିଷ୍ଠ ବ୍ରାହ୍ମଣ ଲୋକନାଥ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଜଣ ବ୍ରାହ୍ମଣ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। କର୍ତ୍ତା ଭାବେ ଅଶୋକ ସ୍ୱାଇଁ, ଅଗଣି ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ରୋହିତ ରାଉତ ଓ ବସନ୍ତ ସ୍ୱାଇଁ କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ସହ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାଦେବଙ୍କ ଦର୍ଶନ କରିବା ସହିତ ପ୍ରସାଦ ପାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ବିଷ୍ଣୁପୁର କରଞ୍ଜି ସାହି ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରବାସୀ ଭାରତୀୟ ଅତିଥିଙ୍କୁ ସମ୍ମାନିତ କଲେ ଗଜପତି

ପୁରୀ, ୧୮।୧(ଅଜିତ୍ ମହାନ୍ତି)- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଦେଶ ବିଦେଶର ବିଭିନ୍ନ ସ୍ଥାନର ପ୍ରମୁଖ ଜଗନ୍ନାଥ ମନ୍ଦିର ପ୍ରତିନିଧି ଓ ପ୍ରମୁଖ ଦେବପୀଠରୁ ଅତିଥିମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରବାସୀ ଭାରତୀୟ ନିମନ୍ତ୍ରିତ ଅତିଥିମାନଙ୍କୁ ଗଜପତି ମହାରାଜା ଶ୍ରୀନହରରେ ସମ୍ମାନିତ କରିଛନ୍ତି। ଏନେଇ ଇଣ୍ଡୋ-ଜାପାନ୍ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଘୋଷଯାତ୍ରାରେ ପ୍ରତିବର୍ଷ ଜାପାନର କିଛି ଅଧିବାସୀ ଆସି ସାମିଲ ହୋଇଥାନ୍ତି। ଗଜପତି ମହାରାଜଙ୍କ ପକ୍ଷରୁ ସେଣ୍ଟରକୁ ନିମନ୍ତ୍ରିତ କରିବା ସହ ସାଥିରେ ଜାପାନୀ ଅତିଥିମାନଙ୍କୁ ନେଇ ଆସିବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ତେଣୁ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଯୋଗଦାନ କରିଥିଲି। ସନ୍ଧ୍ୟାରେ ଗଜପତି ମହାରାଜା ଶ୍ରୀନହରକୁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରିତ ହୋଇଥିବା ୪୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଭାରତୀୟଙ୍କୁ ସେ ସମ୍ମାନିତ କରିଥିଲେ। ସେହିପରି ଗଜପତି ମହାରାଜା ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

ବିଡିଓଙ୍କୁ ଘେରିଲେ ମହିଳା

କାକଟପୁର,୧୮।୧(ଶୁଭଦର୍ଶନ ମିଶ୍ର): କାକଟପୁର ବ୍ଲକରେ ସିଆର୍‌ପି, ଏମ୍‌ବିକେ ଏବଂ ବ୍ୟାଙ୍କମିତ୍ର ପଦବୀଗୁଡିକର ଫଳାଫଳ ବାହାରିବାରେ ବିଳମ୍ବକୁ ନେଇ ଗୁରୁବାର ଶତାଧିକ ମହିଳା ବ୍ଲକ ବିଡିଓଙ୍କୁ ଦୀର୍ଘ ୩ ଘଣ୍ଟା ଘେରିଥିଲେ। ଉତ୍ତେଜିତ ମହିଳା ଏଥିପାଇଁ ବ୍ଲକସ୍ତରୀୟ ମହିଳା ମହାସଂଘ ସମ୍ପାଦିକା, ସଭାପତି, ବିପିସି, ବିପିଏମ୍‌ଙ୍କୁ ଦାୟୀ କରିଛନ୍ତି। ଏମାନେ ମନ୍ଦ ଉଦ୍ଦେଶ୍ୟ ରଖି ପରସ୍ପର ଉପରେ ଦୋଷାରୋପ କରି ଜାଣିଶୁଣି ଫଳାଫଳ ବାହାରିବାରେ ବ୍ୟାଘାତ ସୃଷ୍ଟି କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏଥିସହ ତୁରନ୍ତ ଫଳାଫଳ ପ୍ରକାଶ କରିବାକୁ ଦାବି କରିଛନ୍ତି। ବିଡିଓ ତୁଷାର ଜ୍ୟୋତିରଞ୍ଜନ ସମସ୍ୟାର ସମାଧାନ ପାଇଁ ଉଭୟ ଆନ୍ଦୋଳନରତ ମହିଳା, ମହିଳା ମହାସଂଘ ସଭାନେତ୍ରୀ ଚାରୁଲତା ଖୁଣ୍ଟିଆ, ସମ୍ପାଦିକା ଲିଲିପ୍ରିୟା ସାହୁ ଏବଂ ବିପିସି ନୟନ କିଶୋର ଯେନାଙ୍କ ସହିତ ଆଲୋଚନା କରିଥିଲେ। ମହିଳା ମହାସଂଘ ସଭାନେତ୍ରୀ ଏବଂ ସମ୍ପାଦିକାଙ୍କ ମଧ୍ୟରେ ସୁସମ୍ପର୍କ ନ ଥିବାରୁ ଉଭୟ ଫଳାଫଳ ବାହାରିବାରେ ଜାଣିଶୁଣି ବିଳମ୍ବ କରୁଥିବା ଆଲୋଚନା ସମୟରେ ସ୍ପଷ୍ଟ ବାରି ହୋଇପଡ଼ିଥିଲା। ମହିଳା ମହାସଂଘର ବ୍ଲକସ୍ତରୀୟ କାର୍ଯ୍ୟକାରୀ କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ନେବାକୁ ବିଡିଓ ଉଭୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମହିଳାଙ୍କ ଅଭିଯୋଗର ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ, ସେମାନେ ଆଗାମୀ ଦିନରେ ଧାରଣା ଆଦି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ପୁରୀ ଜିଲାପାଳ, ମିଶନ ଶକ୍ତି ବିଭାଗର ସଚିବ କମ୍ କମିଶନର ଏବଂ ବ୍ଲକ ଅଧ୍ୟକ୍ଷଙ୍କୁ ଚେତାବନୀ ଦେଇଛନ୍ତି।

ଧାରଣା ପାଇଁ ଚେତାବନୀ

ପୁରୀ ମହିଳା ମହାବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

ପୁରୀ,୧୮।୧(ଅଜିତ୍ ମହାନ୍ତି): ପୁରୀ ମହିଳା ମହାବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର ଯୋଗଦେଇ ନୂତନ ଗୃହକୁ ଉଦ୍‌ଘାଟନ କରିବା ସହ ମହାବିଦ୍ୟାଳୟର ଉନ୍ନତି ପାଇଁ ନିଜ ଏମ୍‌ପି ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ମହାବିଦ୍ୟାଳୟର ପ୍ରାକ୍ତନ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ବଳିୟାର ସିଂ ସଭାପତିତ୍ୱ କରିଥିଲେ। ଛାତ୍ରୀମାନଙ୍କୁ ଉତ୍ତମ ନାଗରିକ ହୋଇ ଦେଶମାତୃକାର ସେବା କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ବିକାଶ ନିମନ୍ତେ ବିଧାୟକ ଷଡ଼ଙ୍ଗୀ ନିଜ ଏମ୍‌ଏଲ୍‌ଏ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଅଭିଭାବକ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥି ।

ଭକ୍ତଙ୍କ ମନରେ ଉଲ୍ଲାସ, ଉତ୍ସାହ

ପୁରୀ, ୧୮।୧(ଅଜିତ୍ ମହାନ୍ତି) ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ଭକ୍ତଙ୍କ ମଧ୍ୟରେ ଉଲ୍ଲାସ ଓ ଉତ୍ସାହ ଦେଖାଦେଇଛି। କେହି ପ୍ରକଳ୍ପର ରୂପରେଖ ଦେଖି ବିସ୍ମିତ ଓ ବିମୁଗ୍ଧ ହେଉଛନ୍ତି ତ ଆଉ କେହି ସୌନ୍ଦର୍ଯ୍ୟକରଣ ଦେଖି ଖୁସି ହେଉଛନ୍ତି। ସେହିପରି ବିଭିନ୍ନ ସୁବିଧା ଓ ବ୍ୟବସ୍ଥା ନେଇ ଅନେକ ଭକ୍ତ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବା ସହ ସୁନ୍ଦର ପଦକ୍ଷେପ ବୋଲି ମତବ୍ୟକ

ସଂକ୍ଷେପରେ

ପରମହଂସନାଥ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ

କଟକ ସଦର,୧୮।୧(ସୁଶାନ୍ତ କୁମାର ଜେନା)

କଟକ ସଦର ଭାଜପା ପକ୍ଷରୁ ଗୁରୁବାର ସ୍ଥାନୀୟ ପରମହଂସନାଥ ମନ୍ଦିର ପରିସର ସଫେଇ କରାଯାଇଥିଲା। ଯୁବନେତା ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ମନ୍ଦିର ବେଢ଼ା ଶୋଧନ କରିବା ସହ ପରିସରରେ ଜମା ହୋଇଥିବା ବର୍ଜ୍ୟବସ୍ତୁ ସଫା କରିଥିଲେ। ଏହି କାର୍ଯ୍ୟରେ ହୃଷୀକେଶ ଜେନା, ପ୍ରତିଭା ଶତପଥୀ, ସୁରେଶ ଚନ୍ଦ୍ର ଜେନା, ନିରଞ୍ଜନ ରାଉଳ, ସନ୍ତୋଷ ଭୋଇ, ନାରାୟଣ ପଣ୍ଡା, ଦୀପକ ବେହେରା, ଧନେଶ୍ୱର ରାଉଳ ପ୍ରମୁଖ ସାମିଲ ହୋଇଥିଲେ।

ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ମାହାଙ୍ଗା, ୧୮।୧(ଯଯାତି ସିଂହ):

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ପଞ୍ଚାୟତସ୍ଥିତ ଗୋକନ ନୋଡାଲ ଉପ୍ରା ଓ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗୋକନ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ସ୍ୱାଇଁ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଘାଟକ ଓ ମୁଖ୍ୟଅତିଥିଭାବେ ସିଆରସିସି ନୀହାର ରଞ୍ଜନ ସାମଲ ଯୋଗଦେଇ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀମାନେ କ୍ରୀଡ଼ାରେ ଭାଗ ନେବା ଉଚିତ ବୋଲି କହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡ଼ା ଶିକ୍ଷକ ପ୍ରଭଞ୍ଜନ ସାମଲ ଓ ଅଶୋକ କୁମାର ପ୍ରଧାନ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରଥମେ ଛାତ୍ରଛାତ୍ରୀମାନେ ମା ଶାରଳା ମନ୍ଦିରଠାରୁ ଏକ ମଶାଲ ଶୋଭଯାତ୍ରାରେ ଆସି ଖେଳପଡିଆରେ ପହଞ୍ଚି ଥିଲେ। ଏହାପରେ ଖେଳର ଶୁଭାରମ୍ଭ ହୋଇଥିଲା। ସର୍ବଶ୍ରୀ ଗୌରାଙ୍ଗ ଚରଣ ଜେନା, ସୁବାସ ଚନ୍ଦ୍ର ସାହୁ ,ସେକ ମୁଷିଦ ମହମ୍ମଦ ,ମନୋଜ କୁମାର ବଳ, ଚିତ୍ତରଞ୍ଜନ ସାହୁ, ପ୍ରଶାନ୍ତ ପରିଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କ୍ରିକେଟ୍: କୁମାରବସ୍ତୁ ବିଜୟୀ

ତିଗିରିଆ,୧୮।୧(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ୩୩ତମ ଗଦାଧରପୁର କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଛତିଆ କ୍ରିକେଟ କ୍ଲବକୁ ୮ଉଇକେଟରେ ପରାସ୍ତ କରି କୁମାରବସ୍ତୁ କ୍ରିକେଟ କ୍ଲବ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିତି ଛତିଆ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୨୬୨ ରନ କରିଥିଲା। ଜବାବରେ କୁମାରବସ୍ତୁ ଦଳ ୧୫ ଓଭରରେ ୨ ଉଇକେଟ ହରାଇ ୨୬୩ ରନ କରି ବିଜୟୀ ହୋଇଛି। ଦଳ ତରଫରୁ ଉତ୍ତମ ମହାନ୍ତି ୫୦ ଟି ବଳ ଖେଳି ୧୩୫ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ମା' ଭବାନୀ କ୍ଲବର ସଭାପତି ସରୋଜ କୁମାର ରାଉତଙ୍କ ଠାରୁ ସେ ଟ୍ରଫି ଗ୍ରହଣ କରିଥିଲେ।

କନିଷ୍ଠ ଶିକ୍ଷକ ପରୀକ୍ଷାଫଳକୁ ନେଇ ବଢୁଛି ଅସନ୍ତୋଷ

ସ୍ପଷ୍ଟୀକରଣ ରଖିଲା ଓସେପା

ଭୁବନେଶ୍ୱର, ୧୮।୧(ଅସମାପିକା ସାହୁ)

କନିଷ୍ଠ ଶିକ୍ଷକ(ସ୍କିମାଟିକ) ଲିଖିତ ପରୀକ୍ଷା ଫଳ ପ୍ରକାଶ ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରାର୍ଥୀଙ୍କ ସମୁଦାୟ ମାର୍କ ପ୍ରକାଶ କରିବା, ନର୍ମାଲାଇଜେଶନ୍ ପ୍ରକ୍ରିୟା ଓ ମାର୍କ ପ୍ରକାଶ କରିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କକୁ ସାର୍ବଜନୀନ କରିବାକୁ ସେମାନେ ଦାବି କରୁଛନ୍ତି। ଏହି ସମସ୍ତ ତଥ୍ୟ ସୂଚନା ଅଧିକାର ଆଇନ(ଆରଟିଆଇ)ରେ ପାଇବାକୁ ଗୁରୁବାର ବହୁ ସଂଖ୍ୟାରେ ଆଶାୟୀ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ସେପଟେ ଆଶାୟୀଙ୍କ ଅଭିଯୋଗକୁ ନେଇ ଓସେପା ପକ୍ଷରୁ ଗୁରୁବାର ସ୍ପଷ୍ଟୀକରଣ ଦିଆଯାଇଛି। ବିଭିନ୍ନ ବର୍ଗରେ ୨୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଦିଷ୍ଟ ବର୍ଗ ପାଇଁ ଆବେଦନକାରୀଙ୍କ ସଂଖ୍ୟାକୁ ନେଇ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯାଇଛି। ଅର୍ଥାତ୍ ଯେଉଁ ବର୍ଗରେ ଆଶାୟୀଙ୍କ ସଂଖ୍ୟା କମ୍ ଥିଲା ସେହି ବର୍ଗର ସଂରକ୍ଷଣ ଥିବାରୁ ଅବଶିଷ୍ଟ ପଦ ଖାଲି ରହିଛି। ସେହିପରି ବହୁ ଆଶାୟୀଙ୍କ ଯୋଗ୍ୟତା ନ ଥାଇ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ଓସେପା ସ୍ୱୀକାର କରିଛି। କିନ୍ତୁ ଏହା କେବଳ ମେରିଟ୍ ଲିଷ୍ଟ ହୋଇଥିବାରୁ ପ୍ରମାଣପତ୍ର ଯାଞ୍ଚ ସମୟରେ ଅଯୋଗ୍ୟଙ୍କୁ ବାଦ୍ ଦିଆଯିବ ବୋଲି ଦର୍ଶାଇଛି। କେବଳ ମେରିଟ୍ ଅନୁଯାୟୀ ଚୟନ କରାଯାଇ ନ ଥିବା ମଧ୍ୟ ଦର୍ଶାଇଛି। ଆଶାୟୀମାନେ ଦେଇଥିବା ଅଗ୍ରାଧିକାର ଜିଲା ତାଲିକାକୁ ନେଇ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯାଇଛି। ଅନ୍ୟପଟେ ଓସେପାର ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ଯୋଗୁ ସମସ୍ତ ପଦ ପୂରଣ ହୋଇପାରିବ ନାହିଁ ବୋଲି ଆଶାୟୀମାନେ ଅଭିଯୋଗ କରିଛନ୍ତି।

ସେପଟେ ଆଡ୍‌ମିଟ କାର୍ଡକୁ ନେଇ ଚର୍ଚ୍ଚା ହୋଇଛି। ଜଣେ ପରୀକ୍ଷାର୍ଥୀଙ୍କ ନାଁ ମାହାଲ ମାଣ୍ଡା, ବାପାଙ୍କ ନାଁ ମାହାଲ ମାଣ୍ଡା ପ୍ରୋ ରହିଛି। ଓସେପା ଇ-ଆଡମିଟ୍ କାର୍ଡରେ ଏଭଳି ଅଜବ ନାଁକୁ ନେଇ ଆଶାୟୀମାନେ ଖପ୍ପା ହୋଇଛନ୍ତି। କେବଳ ଏତିକି ନୁହେଁ, ଗୋଟିଏ ଆଡ୍‌ମିଟ କାର୍ଡରେ ପରୀକ୍ଷାର୍ଥୀଙ୍କ ଫଟୋ ବଦଳରେ ପକ୍ଷୀର ଚିତ୍ର ଲାଗିଥିବା ଦେଖିବାକୁ ମିଳିଛି। ତେବେ ଏହାକୁ ନେଇ ଓସେପା ମଧ୍ୟ ସ୍ପଷ୍ଟୀକରଣ ଦେଇଛି। ଓସେପା କହିଛି, ଯୋଗ୍ୟ ବ୍ୟକ୍ତିଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯାଇଥାଏ। ଆବେଦନକାରୀ ଦାଖଲ କରିଥିବା ସୂଚନା ଆଧାରରେ ଆପେ ଆପେ ଆଡମିଟ୍ କାର୍ଡ ତିଆରି ହୋଇଥାଏ। ଫଟୋ ଯାଞ୍ଚ ପରେ ଏବଂ ବାୟୋମେଟ୍ରିକ୍ ଉପସ୍ଥାନ ନେବା ପରେ ଜାରି ହୋଇଥିବା ଆଡମିଟ୍ କାର୍ଡ ଆଧାରରେ ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ତେଣୁ ଦିଆଯାଇଥିବା ଆଡମିଟ୍ କାର୍ଡ କୌଣସି ପ୍ରାମାଣିକ ଦସ୍ତାବିଜ ନୁହେଁ କି ପରୀକ୍ଷା ହଲକୁ ପ୍ରବେଶ ପାଇଁ ପ୍ରତିଶ୍ରୁତି ମଧ୍ୟ ନୁହେଁ। ଓସେପା ବାସ୍ତବରେ ପରୀକ୍ଷା ଦେଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କ ବାୟୋମେଟ୍ରିକ ଉପସ୍ଥାନ ଯାଞ୍ଚ କରିଥାଏ।

ଅଯୋଧ୍ୟାରେ ପହଞ୍ଚିଲା ରାମଲାଲାଙ୍କ ଅଙ୍ଗବସ୍ତ୍ର, ଉତ୍ତରୀୟ

ରାମଲାଲାଙ୍କ ପାଇଁ ବୁଣାଯାଇଥିବା ଅଙ୍ଗବସ୍ତ୍ର ରାମ ମନ୍ଦିର ଟ୍ରଷ୍ଟ କମିଟିକୁ ପ୍ରଦାନ କରାଯାଉଛି।

ତିଗିରିଆ,୧୮।୧(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନଂ.୧ ତନ୍ତୁବାୟ ବୁଣାକାର ସମିତିର ବୁଣାକାରଙ୍କ ଦ୍ୱାରା ଅହିଂସା ପାଟ ସୂତାରେ ପ୍ରସ୍ତୁତ ରାମଲାଲାଙ୍କ ଖଣ୍ଡୁଆ ଅଙ୍ଗବସ୍ତ୍ର ଓ ଉତ୍ତରୀୟ ଅଯୋଧ୍ୟାରେ ପହଞ୍ଚିଛି। ରାମ ମନ୍ଦିର ଟ୍ରଷ୍ଟ କମିଟି ତରଫରୁ ଏହାକୁ ଗ୍ରହଣ କରାଯାଇଛି। ୨୩ ତାରିଖରେ ରାମଲାଲା ଏହାକୁ ପରିଧାନ କରିବେ ବୋଲି ଜଣାପଡ଼ିଛି।

ନୂଆପାଟଣା ନଂ.୧ବୁଣାକାର ସମିତିର ସଭାପତି କେଶବଚନ୍ଦ୍ର ପାତ୍ରଙ୍କ ସୂଚନା ଅନୁଯାୟୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବାନ୍ଧ କାରିଗର ଅର୍ଜୁନ ପାଲ ଓ ତାଙ୍କ ଟିମ୍ ଦ୍ୱାରା ରାମଲାଲାଙ୍କ ପାଇଁ ଏହି ବସ୍ତ୍ର ପ୍ରସ୍ତୁତ କରାଯାଇଛି। ଗତ ବୁଧବାର ନୂଆପାଟଣା ରାମ ମନ୍ଦିରରେ ତାହାକୁ ପୂଜାର୍ଚ୍ଚନା କରାଯିବା ପରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହାପରେ ବୁଣାକାର ପରିକ୍ଷପ୍ତ ବେହେରା ଉକ୍ତ ବସ୍ତ୍ର ନେଇ ବିମାନରେ ଅଯୋଧ୍ୟାରେ ପହଞ୍ଚିଲେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇ ସନ୍ଧ୍ୟାରେ କମିଟି ପକ୍ଷରୁ ଉକ୍ତ ବସ୍ତ୍ର ଗହଣ କରାଯାଇଛି।

ବ୍ୟବହାର ସମ୍ପର୍କରେ ଜାଣିବେ ଭୋଟର

ଇଭିଏମ୍ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ

କଟକ,୧୮।୧ (କାର୍ତ୍ତିକ ସାହୁ)

ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଇଭିଏମ୍ ଭିଭିପିଏଟ୍ ପ୍ରଦର୍ଶନ କେନ୍ଦ୍ରକୁ ଜିଲାପାଳ ନରହରି ସେଠୀ ଉଦ୍‌ଘାଟନ କରୁଛନ୍ତି।

ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ସଜବାଜ ଆରମ୍ଭ ହୋଇଛି। ଯୋଗ୍ୟ ଭୋଟରମାନଙ୍କୁ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ ଏବଂ ଭୋଟର ଭେରିଫାଏବଲ ପେପର ଅଡିଟ ଟ୍ରେଲ (ଇଭିଏମ୍ ଭିଭିପିଏଟି) ଯନ୍ତ୍ରର ବ୍ୟବହାର ସମ୍ପର୍କରେ ଅବଗତ କରାଇବାକୁ ପ୍ରାଥମିକ ଉଦ୍ୟମ କରାଯାଇଛି। ଜିଲାପାଳ ନରହରି ସେଠୀ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଗୁରୁବାର ଇଭିଏମ୍ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ରକୁ ଉଦ୍‌ଘାଟନ କରି କହିଛନ୍ତି, ଇଭିଏମ୍ ଭିଭିପିଏଟି ଭାରତୀୟ ନିର୍ବାଚନ ସଂସ୍କାର ପ୍ରକ୍ରିୟାର ଅଂଶବିଶେଷ। ଏହି କେନ୍ଦ୍ରରେ ଇଭିଏମ୍ ଭିଭିପିଏଟି ସମ୍ବନ୍ଧରେ ସବିଶେଷ ତଥ୍ୟ ଆହରଣ ସହ ଯୋଗ୍ୟ ଭୋଟରମାନେ ଇଭିଏମ୍‌ର ବ୍ୟବହାର ସମ୍ପର୍କରେ ଅବଗତ ହୋଇପାରିବେ। ଏହି ମେଶିନ ଅନଭିଜ୍ଞ ତଥା ନୂତନ ଭୋଟରମାନଙ୍କୁ ବହୁ ଭାବେ ସହାୟକ ହେବ। ଏହି କେନ୍ଦ୍ରରେ ଦୁଇଜଣ ବିଏଲ୍‌ଓଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ଉପସ୍ଥିତ ରହି ଜନସାଧାରଣଙ୍କୁ ଇଭିଏମ୍ ବ୍ୟବହାର ସମ୍ପର୍କରେ ବୁଝାଇବେ। ଭିଭିପିଏଟିରୁ କିପରି ଚିରକୁଟ ବାହାରିବ ତଥା ଭୋଟରମାନେ ନିଜର ମତଦାନ ପରେ ଏହାର କିପରି ଯାଞ୍ଚ କରିପାରିବେ ସେ ଅଭିଜ୍ଞତା ମଧ୍ୟ ହାସଲ କରିପାରିବେ। ଏହି ପ୍ରଦର୍ଶନୀ କେନ୍ଦ୍ର ଜିଲାର ବିଭିନ୍ନ ବ୍ଲକ ତଥା ପଞ୍ଚାୟତରେ ଖୋଲାଯାଇଛି। ଆସନ୍ତା ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ରହିବ। ଉଦ୍‌ଘାଟନୀ ଉତ୍ସବରେ ଡେପୁଟି କଲେକ୍ଟର (ନିର୍ବାଚନ) ଡ. ବିଶ୍ୱଭୂଷଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଭୋଟରମାନଙ୍କୁ ସଚେତନ କରାଇବା ପାଇଁ ଇଭିଏମ୍ ଓ ଭିଭିପିଏଟି ଭ୍ୟାନ୍ ସହରାଞ୍ଚଳରେ ୩୪ ଦିନ ଧରି ପରିଭ୍ରମଣ କରିବ। ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ଭ୍ୟାନ ସାଧାରଣ ଲୋକଙ୍କୁ ତ୍ରୁଟିଶୂନ୍ୟ ଓ ସୁରକ୍ଷିତ ଭୋଟ ଉପରେ ସଚେତନ କରାଇବ। ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ ସିଏମ୍‌ସି କାର୍ଯ୍ୟାଳୟର ବିଜୁଭବନଠାରେ ଗୁରୁବାର ଦୁଇଟି ଭ୍ୟାନ୍ ଉଦ୍‌ଘାଟନ କରିଛନ୍ତି। ସମସ୍ତ ମତଦାନ କେନ୍ଦ୍ର ଅଞ୍ଚଳରେ ଏହି ଭ୍ୟାନ୍ ପହଞ୍ଚି ଭିଭିପିଏଟି ମେଶିନ୍‌ରେ ଥିବା ସ୍ୱଚ୍ଛ ପରଦାରେ ମୁଦ୍ରିତ କାଗଜ ଚିରିକୁଟିରେ ଜଣେ ଭୋଟରଙ୍କ ମନୋନୀତ ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା, ନାମ ଏବଂ ଚିହ୍ନକୁ ୭ ସେକେଣ୍ଡ ପାଇଁ ପ୍ରଦର୍ଶିତ କରିବାର ବ୍ୟବସ୍ଥା ରହିଛି। ଇଭିଏମ୍ ଜରିଆରେ ସୁରକ୍ଷିତ ଭୋଟିଂ ସମ୍ପର୍କରେ ଭୋଟରମାନଙ୍କୁ ପ୍ରଶିକ୍ଷିତ କରାଯିବ। ଏଥିପାଇଁ ଦକ୍ଷ ଅଧିକାରୀମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ବୋଲି ସିଏମ୍‌ସି ଅତିରିକ୍ତ କମିଶନର ସୋନା ଟୁଡୁ କହିଛନ୍ତି।

ରାଜ୍ୟସ୍ତରୀୟ ଫୁଟବଲ: ସେମିରେ ଆଠଗଡ଼

ତିଗିରିଆ,୧୮।୧(ଜାଫର ଖାଁ):

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ ପକ୍ଷରୁ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ପପୁଲାର କ୍ଲବ ଢେଙ୍କାନାଳକୁ ପରାସ୍ତ କରି ଆଠଗଡ ଫୁଟବଲ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲେ। ଫଳରେ ଟାଇବ୍ରେକର ମାଧ୍ୟମରେ ଆଠଗଡ଼ ୫-୩ ଗୋଲରେ ବିଜୟୀ ହୋଇଛି। ଖେଳରେ ମୁଖ୍ୟଅତିଥି ଭାବେ ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ, ସମ୍ମାନିତ ଅତିଥିଭାବେ ଆଇନଜୀବୀ ସୁରେଶ କୁମାର ସାହୁ, ମୋହନ ପ୍ରଧାନ, ଓ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ଦାଶ, ଜିତେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଅରୁଣ ନାୟକ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ଦେବରାଜ ସ୍ୱାଇଁ ଓ ସର୍ବେଶ୍ୱର ସେଠି ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ସୁବାସ ମୁଦୁଲି ଦାୟିତ୍ୱ ନିର୍ବାହ କରିଥିଲେ।

ରାଜା କୃଷ୍ଣଚନ୍ଦ୍ର ସ୍ମାରକୀ ଫୁଟବଲ: ପଙ୍କାଳ ବିଜୟୀ

ବଡ଼ମ୍ବା,୧୮।୧(ମାୟାଧର ମଲ୍ଲିକ)

ରାଜା କୃଷ୍ଣଚନ୍ଦ୍ର ଫୁଟ୍‌ବଲ ଆଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ, ବଡ଼ମ୍ବା ଆନୁକୂଲ୍ୟରେ ସ୍ଥାନୀୟ କଲେଜ ପଡ଼ିଆରେ ଚାଲିଥିବା ରାଜା କୃଷ୍ଣଚନ୍ଦ୍ର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବଜ୍ୟୋତି କ୍ଲବ ପଙ୍କାଳ ଓ କେରଙ୍ଗ ଫୁଟବଲ ଟିମ୍ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲେ। ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଶେଷରେ ଟାଇବ୍ରେକର ମାଧ୍ୟମରେ ପଙ୍କାଳ ଦଳ ବିଜୟୀ ହୋଇଛି। ମୁଖ୍ୟ ଅତିଥିଭାବେ ଭାଜପା ନେତା ବିଭୁଦତ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁମାର ସାହେବ ତ୍ରିଭୁବନ ଚନ୍ଦ୍ରଦେବ ଓ ମହେନ୍ଦ୍ର କୁମାର ପଢ଼ିଆରୀ ଉପସ୍ଥିତ ଥିଲେ।

ଝାଡ଼ଖଣ୍ଡରେ ବାଙ୍କୀ କଲେଜ ଅଧ୍ୟାପକ ସମ୍ବର୍ଦ୍ଧିତ

ଓଡ଼ିଆ ବିଭାଗ ତରଫରୁ ଅଧ୍ୟାପକ ମହାଦେବ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଙ୍କୀ,୧୮।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ସର୍ବଭାରତୀୟ ପ୍ରସାରଭାରତୀ ଆନୁକୂଲ୍ୟରେ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚିଠାରେ ଅନୁଷ୍ଠିତ ପ୍ରସାର ଭାରତୀ ଯୁବ କବି ସମ୍ମିଳନୀରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ମହାଦେବ ପ୍ରଧାନ ଓଡ଼ିଶାର ଯୁବ ସ୍ୱର ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଙ୍କୀ କଲେଜ ଓଡ଼ିଆ ବିଭାଗ ତରଫରୁ ଅଧ୍ୟାପକ ପ୍ରଧାନଙ୍କୁ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଡ ସମ୍ମିତା ଦାଶ, ଅଧ୍ୟାପକ ମହାଦେବ ପ୍ରଧାନ ଓ ଅଧ୍ୟାପକ ଅନିଲ କୁମାର ପ୍ରଧାନ ପ୍ରମୁଖ ଥିଲେ।

ପାର୍ସଲ ଠକେଇରୁ ବର୍ତ୍ତିଗଲେ ମହିଳା

ସାଲେପୁର,୧୮।୧(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅଞ୍ଚଳର ଜଣେ ମହିଳା ପାର୍ସଲ ଠକେଇର ଶିକାର ହେବାରୁ ବର୍ତ୍ତି ଯାଇଛନ୍ତି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ପ୍ରିୟଦର୍ଶିନୀ ପ୍ରଧାନ। ତାଙ୍କ ସୂଚନା ଅନୁଯାୟୀ, ୪ ଦିନ ତଳେ ଏକ ପାର୍ସଲ ଏଜେନ୍ସିରୁ ଫୋନ୍ କଲ୍ ଆସିଥିଲା। ଅର୍ଡର କରିଥିବା ପାର୍ସଲ କେଉଁଠାରେ ରିସିଭ୍ କରିବେ ବୋଲି ଉକ୍ତ କଲ୍‌ରେ ପଚାରାଯାଇଥିଲା। ମାତ୍ର ପ୍ରିୟଦର୍ଶିନୀ କୌଣସି ସାମଗ୍ରୀ ପାଇଁ ଅର୍ଡର କରି ନ ଥିଲେ। ପୁଅ ଏହାକୁ ଅର୍ଡର କରିଥିବା ଭାବି ସେ ଘର ଠିକଣା ଦେଇଥିଲେ। ଏହାପରେ ତାଙ୍କ ପାଖକୁ ଏକ ପାର୍ସଲ ଆସିଥିଲା। ଏହାର ମୂଲ୍ୟ ୫୯୯ ଟଙ୍କା ଥିଲା। ପ୍ରିୟଦର୍ଶନୀ ଟଙ୍କା ଦେଇ ଉକ୍ତ ପାର୍ସଲ ରଖି ଖୋଲି ଦେଖିବାବେଳକୁ ସେଥିରେ ଏକ ଚିରା ପ୍ୟାଣ୍ଟ ଓ କପଡ଼ା ଥିଲା। ଏହା ଦେଖି ପ୍ରିୟଦର୍ଶିନୀ ତୁରନ୍ତ ପାର୍ସଲ ଏଜେନ୍ସିର କର୍ମଚାରୀଙ୍କୁ ଅଟକାଇ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ବହୁ କଷ୍ଟରେ କର୍ମଚାରୀ ଜଣକ ଟଙ୍କା ଫେରସ୍ତ କରି ପାର୍ସଲଟିକୁ ନେଇ ଚାଲିଯାଇଥିଲେ।

ବିକଶିତ ରାଷ୍ଟ୍ର ପାଇଁ ଓଡ଼ିଆ ଭାଷା ସାହିତ୍ୟ ଏକ ଅବଦାନ

ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର

ବଡ଼ମ୍ବା,୧୮।୧(ମାୟା

ପୁରୁଣା ସ୍ମୃତି ମନେପକାଇଲେ

ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ): ୩୯ବର୍ଷ ପରେ ସାଙ୍ଗସାଥିଙ୍କୁ ଦେଖି ଭାବବିହ୍ୱଳ ହୋଇପଡିଲେ ସହପାଠୀମାନେ। ଏଭଳି ଦୃଶ୍ୟ ଜଙ୍କିଆ ପଞ୍ଚାୟତରେ ଥିବା ଭାଗବତ ଦେବ ବିଦ୍ୟାପୀଠର ୧୯୮୫ ମସିହାରେ ଆଧ୍ୟୟନ କରିଥିବା ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ପରିପେରକ୍ଷାରେ ଉକ୍ତ ସମୟରେ ଶିକ୍ଷାଦାନ କରୁଥିବା କେତେଜଣ ଶିକ୍ଷକଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପୁରାତନ ଛାତ୍ରୀଛାତ୍ରମାନେ ପୁରଣା ସ୍ମୃତି ମନେ ପୀବା ସହ ଭାବ ଆଦାନପ୍ରଦାନ କରିଥିଲେ।

ସଂକ୍ଷେପରେ

ଭାରତ ସ୍କାଉଟ୍ସ, ଗାଇଡ୍ସ ସେବା ଶିବିର

କୃଷ୍ଣପ୍ରସାଦ,୧୮।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସ୍ୱତନ୍ତ୍ର ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଇଙ୍କ ମକର ମେଳାରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରକୁ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ ଶିବିର ଆୟୋଜନ ଦାୟିତ୍ୱରେ ଥିବାବେଳେ କ୍ରୀଡ଼ା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ସ୍କାଉଟ୍ସ ଓ ଗାଇଡ୍ସର ସ୍ୱେଚ୍ଛାସେବୀମାନଙ୍କୁ ପୂର୍ବତନ ମନ୍ତ୍ରୀ ଦାସବର୍ମା ମାନପତ୍ର ସହିତ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସରପଞ୍ଚ ବିଜୟ କୁମାର ଜେନା, ଦିଲୀପ କୁମାର ରଣସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ତାରିଣୀ ମନ୍ଦିରର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୧୮।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମୋରଡ଼ା ଗ୍ରାମସ୍ଥିତ ମା' ତାରିଣୀ ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ଏହି ଉତ୍ସବ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନର ସଭାପତି ପ୍ରାଣନାଥ ବିଶ୍ୱାଳ କହିଛନ୍ତି। ନାମଜଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ସମ୍ପାଦକ ସୁଦର୍ଶନ ପ୍ରଧାନ, ମନ୍ଦିର ମାର୍ଫତଦାର ସୁବାସ ଚନ୍ଦ୍ର ଗୌଡ଼ଙ୍କ ସମେତ ସମସ୍ତ ପରିଚାଳନା କମିଟି, ମୋରଡା, ପୁଟୁ ମୋରଡା, ଶାସନ, ଗୋପାଳପୁର, ରଟାମାଟି, ଅଣୁଆ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି। ମନ୍ଦିର ପୂଜକ ବିଭୂତି ପଣ୍ଡା ଓ କମଳାକାନ୍ତ ମହାରାଜ ଠାକୁରଙ୍କ ନୀତିକାନ୍ତି କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ଗ୍ରାମର ୨୦ଟି ମହିଳା ଦଳ ସଂକୀର୍ତ୍ତନ କରୁଛନ୍ତି।

୨୪ରୁ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

ଟାଙ୍ଗୀରେ ମହିଳା ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ ମା' ରତ୍ନମାଳି ପୀଠରେ ମିଟୁ ନାୟକଙ୍କ ଆବାହକତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିଲିକା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପୂର୍ବତନ ସମ୍ପାଦକ ହମିଦ ମୀରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଟାଙ୍ଗୀ ଗ୍ରାମର କ୍ରୀଡ଼ାପ୍ରେମୀମାନେ ଯୋଗଦେଇଥିଲେ। ଆସନ୍ତା ୨୪ ତାରିଖରୁ ଚିଲିକା ଷ୍ଟାଡିୟମରେ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ସଭାପତି ଭାବେ ଆଇନଜୀବୀ ତପନ କୁମାର ମହାନ୍ତି, ସମ୍ପାଦକ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ବସନ୍ତ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ହିମାଂଶୁ ଭୂଷଣ ରଥ, ମନୋଜ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ମହାପାତ୍ର, ଗିରିଶ ବେହେରା, ଗଙ୍ଗାଧର ବେହେରା, ସୁଶାନ୍ତ କୁମାର ସିଂ, ବାସୁଦେବ ବେହେରା, ବିଜୟ କୁମାର ବେହେରା, ସୁକାନ୍ତ କୁମାର ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ।

କନିଷ୍ଠ ଶିକ୍ଷକ ପରୀକ୍ଷାଫଳକୁ ନେଇ ବଢୁଛି ଅସନ୍ତୋଷ

ଭୁବନେଶ୍ୱର, ୧୮।୧(ଅସମାପିକା ସାହୁ)

କନିଷ୍ଠ ଶିକ୍ଷକ(ସ୍କିମାଟିକ) ଲିଖିତ ପରୀକ୍ଷା ଫଳ ପ୍ରକାଶ ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରାର୍ଥୀଙ୍କ ସମୁଦାୟ ମାର୍କ ପ୍ରକାଶ କରିବା, ନର୍ମାଲାଇଜେଶନ୍ ପ୍ରକ୍ରିୟା ଓ ମାର୍କ ପ୍ରକାଶ କରିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କକୁ ସାର୍ବଜନୀନ କରିବାକୁ ସେମାନେ ଦାବି କରୁଛନ୍ତି। ଏହି ସମସ୍ତ ତଥ୍ୟ ସୂଚନା ଅଧିକାର ଆଇନ (ଆର୍‌ଟିଆଇ)ରେ ପାଇବାକୁ ଗୁରୁବାର ବହୁ ସଂଖ୍ୟାରେ ଆଶାୟୀ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ (ଓସେପା) କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ସେପଟେ ଆଶାୟୀଙ୍କ ଅଭିଯୋଗକୁ ନେଇ ଓସେପା

ସ୍ପଷ୍ଟୀକରଣ ରଖିଲା ଓସେପା

ପକ୍ଷରୁ ଗୁରୁବାର ସ୍ପଷ୍ଟୀକରଣ ଦିଆଯାଇଛି। ବିଭିନ୍ନ ବର୍ଗରେ ୨୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଦିଷ୍ଟ ବର୍ଗ ପାଇଁ ଆବେଦନକାରୀଙ୍କ ସଂଖ୍ୟାକୁ ନେଇ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯାଇଛି। ଅର୍ଥାତ୍ ଯେଉଁ ବର୍ଗରେ ଆଶାୟୀଙ୍କ ସଂଖ୍ୟା କମ୍ ଥିଲା ସେହି ବର୍ଗର ସଂରକ୍ଷଣ ଥିବାରୁ ଅବଶିଷ୍ଟ ପଦ ଖାଲି ରହିଛି। ସେହିପରି ବହୁ ଆଶାୟୀଙ୍କ ଯୋଗ୍ୟତା ନ ଥାଇ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ଓସେପା ସ୍ୱୀକାର କରିଛି। କିନ୍ତୁ ଏହା କେବଳ ମେରିଟ୍ ଲିଷ୍ଟ ହୋଇଥିବାରୁ ପ୍ରମାଣପତ୍ର ଯାଞ୍ଚ ସମୟରେ ଅଯୋଗ୍ୟଙ୍କୁ ବାଦ୍ ଦିଆଯିବ ବୋଲି ଦର୍ଶାଇଛି। କେବଳ ମେରିଟ୍ ଅନୁଯାୟୀ ଚୟନ କରାଯାଇ ନ ଥିବା ମଧ୍ୟ ଦର୍ଶାଇଛି। ଆଶାୟୀମାନେ ଦେଇଥିବା ଅଗ୍ରାଧିକାର ଜିଲା ତାଲିକାକୁ ନେଇ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯାଇଛି। ଅନ୍ୟପଟେ ଓସେପାର ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ଯୋଗୁ ସମସ୍ତ ପଦ ପୂରଣ ହୋଇପାରିବ ନାହିଁ ବୋଲି ଆଶାୟୀମାନେ ଅଭିଯୋଗ କରିଛନ୍ତି।

ସେପଟେ ଆଡ୍‌ମିଟ କାର୍ଡକୁ ନେଇ ଚର୍ଚ୍ଚା ହୋଇଛି। ଜଣେ ପରୀକ୍ଷାର୍ଥୀଙ୍କ ନାଁ ମାହାଲ ମାଣ୍ଡା, ବାପାଙ୍କ ନାଁ ମାହାଲ ମାଣ୍ଡା ପ୍ରୋ ରହିଛି। ଓସେପା ଇ-ଆଡମିଟ୍ କାର୍ଡରେ ଏଭଳି ଅଜବ ନାଁକୁ ନେଇ ଆଶାୟୀମାନେ ଖପ୍ପା ହୋଇଛନ୍ତି। କେବଳ ଏତିକି ନୁହେଁ, ଗୋଟିଏ ଆଡ୍‌ମିଟ କାର୍ଡରେ ପରୀକ୍ଷାର୍ଥୀଙ୍କ ଫଟୋ ବଦଳରେ ପକ୍ଷୀର ଚିତ୍ର ଲାଗିଥିବା ଦେଖିବାକୁ ମିଳିଛି। ତେବେ ଏହାକୁ ନେଇ ଓସେପା ମଧ୍ୟ ସ୍ପଷ୍ଟୀକରଣ ଦେଇଛି। ଓସେପା କହିଛି, ଯୋଗ୍ୟ ବ୍ୟକ୍ତିଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯାଇଥାଏ। ଆବେଦନକାରୀ ଦାଖଲ କରିଥିବା ସୂଚନା ଆଧାରରେ ଆପେ ଆପେ ଆଡମିଟ୍ କାର୍ଡ ତିଆରି ହୋଇଥାଏ। ଫଟୋ ଯାଞ୍ଚ ପରେ ଏବଂ ବାୟୋମେଟ୍ରିକ୍ ଉପସ୍ଥାନ ନେବା ପରେ ଜାରି ହୋଇଥିବା ଆଡମିଟ୍ କାର୍ଡ ଆଧାରରେ ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ତେଣୁ ଦିଆଯାଇଥିବା ଆଡମିଟ୍ କାର୍ଡ କୌଣସି ପ୍ରାମାଣିକ ଦସ୍ତାବିଜ ନୁହେଁ କି ପରୀକ୍ଷା ହଲକୁ ପ୍ରବେଶ ପାଇଁ ପ୍ରତିଶ୍ରୁତି ମଧ୍ୟ ନୁହେଁ। ଓସେପା ବାସ୍ତବରେ ପରୀକ୍ଷା ଦେଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କ ବାୟୋମେଟ୍ରିକ ଉପସ୍ଥାନ ଯାଞ୍ଚ କରିଥାଏ।

'ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ସୃଷ୍ଟି ଲକ୍ଷ୍ୟ'

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଗୁରୁବାର ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ, ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ରଶ୍ମିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପୁରାତନ ଛାତ୍ର ଅରୁଣ ରଞ୍ଜନ ମହାନ୍ତି, ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ଉପସଭାପତି ଡା.ମଧୁସୂଦନ ସେନାପତି, ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ପରିଚାଳନା କମିଟିସଭାପତି ଗଣେଶ ବାରିକ, ପୂର୍ବତନ ଛାତ୍ର ଲକ୍ଷ୍ମୀଧର ପାଇକରାୟ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୁପ୍ତ ପ୍ରତିଭା ବିକଶିତ ହେବା ସହ ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ସୃଷ୍ଟି ହୋଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ସାହିତ୍ୟ ସୃଜନୀରେ ମୋ କଥା ମୋ କାହାଣୀ, ପୁସ୍ତକ ସମୀକ୍ଷା, ୱାଲ ମାଗାଜିନ,ଗଳ୍ପ କଥନ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ସଙ୍ଗୀତା ଜାଲି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ମହାରଣା, ପ୍ରଜ୍ଞା ପ୍ରିୟଦର୍ଶିନୀ ପରିଡ଼ା, ସୁଶ୍ରୀ ସଙ୍ଗୀତା ଦଳାଇ, ସୁଦର୍ଶନ ବେହେରା, ଶର୍ମିଳା ବେହେରା, ମନୀଷା ବେହେରା, ଦିଲୀପ କୁମାର ମୋଦି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

'ପ୍ରତିଯୋଗିତାରେ ଅଂଶଗ୍ରହଣ ଦ୍ୱାରା ପ୍ରତିଭାର ପରିପ୍ରକାଶ ହୁଏ'

ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବୋଲଗଡ଼,୧୮।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଟିକାତାଳସ୍ଥ ଶ୍ରୀରାମକୃଷ୍ଣ ସେବାଶ୍ରମରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଯୁବ ସପ୍ତାହ ପାଳିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ସ୍ୱାମୀ ଭାଗବତାନନ୍ଦ ମହାରାଜାଙ୍କ ମାର୍ଗଦର୍ଶନ ଓ ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୨ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନର ଭାରତ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ନଟବର ବେହେରା, ପ୍ରଫୁଲ୍ଲ କୁମାର ସିଂହ, ଭକ୍ତବଲ୍ଲଭ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ ଦ୍ୱାରା ପ୍ରତିଭାର ପରିପ୍ରକାଶ ହୁଏ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏହି ଅବସରରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ, କୁଇଜ ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ରାଜକିଶୋର ଛୁଆଳସିଂହ ବିବେକାନନ୍ଦଙ୍କ ସ୍ୱଦେଶ ମନ୍ତ୍ର ପାଠ କରାଇବା ସହିତ ଆହ୍ୱାନ ସଙ୍ଗୀତ ଗାନ କରାଇଥିଲେ। ଅନୁଷ୍ଠାନର ସହସମ୍ପାଦକ ଅଧ୍ୟାପକ ସର୍ବେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଧାନଶିକ୍ଷକ ସୁବଳ ଛୁଆଳସିଂହ, କ୍ଷେତ୍ରମୋହନ ରଣା, ବିମ୍ବାଧର ସାହୁ ଓ ମନୋଜ କୁମାର ଗୁମାନସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସାମାଜିକ ଅନୁଷ୍ଠାନର ସଚେତନତା କାର୍ଯ୍ୟକ୍ରମ

ନିରାକାରପୁର,୧୮।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ଇସ୍ପାର୍ଡ ଏବଂ ଗୁଞ୍ଜାର ମିଳିତ ଉଦ୍ୟମରେ ଗୋଳବାଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏକ ସୁସ୍ଥ ପରିବେଶ ସୃଷ୍ଟି ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟବାସିନ୍ଦାଙ୍କ ଶ୍ରମଦାନ ମାଧ୍ୟମରେ ଗ୍ରାମରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୁଷ୍କରିଣୀ, ଶ୍ମଶାନ ଓ ମନ୍ଦିର ପ୍ରାଙ୍ଗଣ ସଫେଇ ପାଇଁ ନିଷ୍ପତ୍ତି ହୋଇଛି। ସେହିକ୍ରମରେ ଦୀର୍ଘ ୪ଦିନ ଧରି ଗ୍ରାମର ୧୩୦ ପରିବାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଭଳି ଶ୍ରମଦାନ ପାଇଁ 'ଗୁଞ୍ଜା' ପକ୍ଷରୁ ସେହି ପରିବାରକୁ ଜରିପାଲ, କମ୍ବଳ, ପ୍ଲାଷ୍ଟିକ ବାଲ୍ଟି,ମଗ ଆଦି ପ୍ରଦାନ କରାଯାଇଥିଲା। ସୁସ୍ଥ ପରିବେଶ ଦ୍ୱାରା ଜନସାଧାରଣ ବିଭିନ୍ନ ପ୍ରକାର ରୋଗରୁ ରକ୍ଷା ପାଇପାରିବେ ବୋଲି ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ଏବଂ ଗୁଞ୍ଜର କ୍ଷେତ୍ର ଅଧିକାରୀ ଅଶୋକ କୁମାର ବେହେରା ପରିଚାଳନା କରିଥିଲେ।

ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

ଛାତ୍ରୀମାନେ ପ୍ରଶିକ୍ଷଣ ନେଉଛନ୍ତି।

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ବୁଝାଇଥିଲେ। ଅଧ୍ୟାପିକା ରେଣୁବାଳା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ୮ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦେଇଥିଲେ। ଆସମା ବେଗମ ପ୍ରଶିକ୍ଷଣ ଦେବେ। ଅଧ୍ୟାପିକ ସସ୍ମିତା ସାହୁ ସଭା ପରିଚାଳନା କରିଥିଲେ।

ନୂଆ ଜଗନ୍ନାଥ ସଡ଼କ ରାସ୍ତାପାର୍ଶ୍ୱ ପାଲଟିଛି ଡମ୍ପିଂୟାର୍ଡ

ରାସ୍ତାପାର୍ଶ୍ୱରେ ଅଳିଆ,ଆବର୍ଜନା ପଡ଼ିରହିଛି।

ନିରାକାରପୁର,୧୮।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ୱଚ୍ଛ ଭାରତ ଅଭିଯାନ ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ସ୍ଥାନୀୟ ପ୍ରଶାସନର ଅବହେଳା ତଥା ଦୂରଦୃଷ୍ଟି ଅଭାବରୁ ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ରାସ୍ତା ପାର୍ଶ୍ୱ ଡମ୍ପିଂୟାର୍ଡ ପାଲଟିଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ନିରାକାରପୁର ବଜାର ଦେଇ ଯାଇଥିବା ନରେନ୍ଦ୍ରପୁର ସାହି ନିକଟ ନୂଆଜଗନ୍ନାଥ ସଡ଼କ ରାସ୍ତାପାର୍ଶ୍ୱରେ ଦେଖିବାକୁ ମିଳିଛି। ଏହି ରାସ୍ତାରେ ହଜାର ହଜାର ଲୋକେ ପୁରୀ ଶ୍ରୀମନ୍ଦିର ଯାଉଥିବା ବେଳେ ଯାତ୍ରୀବାହୀ ବସ, ଜରୁରିକାଳୀନ ଗାଡି ଯାତାୟାତ କରୁଛି। ଦୀର୍ଘଦିନ ଧରି ନରେନ୍ଦ୍ରପୁର ସାହି ନିକଟ ନୂଆଜଗନ୍ନାଥ ସଡ଼କ ରାସ୍ତାପାର୍ଶ୍ୱରେ କୁଢ଼କୁଢ଼ ଅଳିଆ, ଆବର୍ଜନା ଗଦା ହୋଇ ରହିଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏପରିକି ରାସ୍ତା ପାରିହେବାକୁ ଲୋକେ ନାକରେ ହାତ କିମ୍ବା ରୁମାଲ ଦେଇ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳିଛି। ବର୍ଷାପାଣି ଜମି ରହିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ମଶାବଂଶ ବୃଦ୍ଧି ପାଉଛି। ଫଳରେ ସ୍ଥାନୀୟ ଲୋକଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଆଦି ଜ୍ୱର ହେବାର ଆଶଙ୍କା ରହିଛି। ସ୍ଥାନୀୟ ବାସିନ୍ଦା ଓ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ତୁରନ୍ତ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ପଦକ୍ଷେପ ନେବାକୁ ଦାବି ହେଉଛି।

ବେଗୁନିଆରେ ଶ୍ରୀଜଗନ୍ନାଥ ଲୋକକଳା ନାମ ସଂକୀର୍ତ୍ତନ

ବେଗୁନିଆ,୧୮।୧(ହର ପ୍ରସନ୍ନ ପଣ୍ଡା)

ଆଧ୍ୟାତ୍ମିକ ଚେତନା ନେଇ ଭ୍ରମଣ କରୁଥିବା ନାମ ସଙ୍କୀର୍ତ୍ତନ ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଡା ଗ୍ରାମରେ ଗୁରୁବାର ପହଞ୍ଚିଛି। ଶ୍ରୀ ଜଗନ୍ନାଥ ଲୋକକଳା ପରିଷଦ ପକ୍ଷରୁ ଆୟୋଜିତ ଏହି ନାମ ସଂକୀର୍ତ୍ତନ ମଣ୍ଡଳୀ ଦେବଗଡର ବାରାକୋଟ ସ୍ଥିତ ଗୋଲାବନ୍ଧଠାରୁ ଯାତ୍ରା କରି ବିଭିନ୍ନ ଗ୍ରାମକୁ ଯାଇ ଜନ ସଚେତନତା ସୃଷ୍ଟି କରିଥିଲେ। ସଙ୍କୀର୍ତ୍ତନ କଳାକାର ସଙ୍ଗଠନ ସଭାପତି ବାସୁଦେବ ଭଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଙ୍କୀର୍ତ୍ତନ ପରିକ୍ରମା ଗୋଡା ଗ୍ରାମର ଆରାଧ୍ୟ ଦେବତା ଲୋକନାଥ ଦେବଙ୍କ ପୀଠ ପରିସରରେ ବିଶ୍ରାମ କରିଛନ୍ତି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ସଙ୍କୀର୍ତ୍ତନ ମଣ୍ଡଳୀ ବେଗୁନିଆ ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରିବ ବୋଲି ଆୟୋଜକଙ୍କ

ବେଗୁନିଆରେ ନାମ ସଂକୀର୍ତ୍ତନ ମଣ୍ଡଳୀ।

ପକ୍ଷରୁ ସୂଚନା ଦିଆଯାଇଛି। ୫ଦଫା ଦାବି ନେଇ ସରକାରଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଗ୍ରାମାଞ୍ଚଳରେ ଥିବା କଳାକାରଙ୍କୁ ସଚେତନ କରିବେ ବୋଲି ଭଜ କହିଛନ୍ତି। କଳାକାରଙ୍କ

ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୧୮।୧
(ସୂର୍ଯ୍ୟକାନ୍ତ ବେହେରା)

ଫୁଲବାଣୀରୁ ବେଆଇନ ଭାବେ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ସ୍ଥାନୀୟ ୟୁନିଟ-୪ ମାର୍କେଟରେ ଚଢାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ପ୍ରତାପ ଚନ୍ଦ୍ର ସାହୁ। ତାଙ୍କଠାରୁ ୧ କେଜି ୧୫୦ ଗ୍ରାମ ଓଜନର ଗଞ୍ଜେଇ ଜବତ ହୋଇଛି। ପରେ ପ୍ରତାପଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

କଳାକାର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିପାଟଣା,୧୮।୧(ଅଭିମନ୍ୟୁ ନାୟକ)

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର କଳାକାରମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୯୪ଟି ସାଂସ୍କୃତିକ ଗୋଷ୍ଠୀ ଯୋଗଦେଇ ଥିଲେ। ସେମାନଙ୍କ ମଧ୍ୟରୁ ୪୦ଟି ଗୋଷ୍ଠୀ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ୧୫ଟି ଲୋକ କଲ୍ୟାଣକାରୀ ଯୋଜନାକୁ ଲୋକମାନଙ୍କ ନିକଟରେ ପହଞ୍ଚି କଳା ମାଧ୍ୟମରେ ସଚେତନ କରିବାକୁ ଚୟନ ହୋଇଛନ୍ତି। ପାଲା, ଦାସକାଠିଆ, ସଙ୍କୀର୍ତ୍ତନ ଓ ଗୋଟିପୁଅ ନୃତ୍ୟ ମାଧ୍ୟମରେ ଲୋକଙ୍କ ନିକଟରେ ବାର୍ତ୍ତା ପହଞ୍ଚାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ମମତା, ବିଏସ୍‌କେୱାଇ, ମିଶନ ଶକ୍ତି, ବିଭିନ୍ନ ପେନସନ, ଆଦର୍ଶ ବିଦ୍ୟାଳୟ, ଫସଲ ବୀମା, ରିହାତି ସୁଧ ଋଣ, କ୍ରୀଡା, ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ୍ ଆଦି ସମ୍ପର୍କରେ ଲୋକେ କଳାକାରଙ୍କ ଠାରୁ ସଙ୍ଗୀତ ଓ ଅଭିନୟ ମାଧ୍ୟମରେ ଜାଣି ସଚେତନ ହେବେ। ବିଡିଓ ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅତଥିଭାବେ ଜଲା କଳାକାର ସଂଘ ଉପସଭାପତି କବିରାଜ ପ୍ରଧାନ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା, ସାଧନକର୍ମୀ ପ୍ରଭାତ ଜେନା ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଦିବ୍ୟଜ୍ୟୋତି ଭୁତିଆ ଏବଂ ସଂଗ୍ରାମ କେଶରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆପାର୍ଟମେଣ୍ଟରୁ ଚୋରିରେ ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ସମ୍ପୃକ୍ତି

ଭୁବନେଶ୍ୱର,୧୮।୧(ସତ୍ୟଜିତ୍ ରାଉତ)

୨ ଗିରଫ, ୨.୧୫ ଲକ୍ଷ ଟଙ୍କା, କାର୍ ଆଦି ଜବତ

ଭୁବନେଶ୍ୱରର ବିଭିନ୍ନ ଆପାର୍ଟମେଣ୍ଟରୁ ହେଉଥିବା ଚୋରିରେ ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ଜଣାପଡିଛି। ଗ୍ୟାଙ୍ଗ୍‌ର ୨ ସଦସ୍ୟଙ୍କୁ ନୟାପଲ୍ଲୀ ଥାନା ପୋଲିସ ଧରିବା ସହ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ହୋଇଥିବା ୨ ଅଭିଯୁକ୍ତ ହେଲେ ଗୁଜରାଟ ଅହମ୍ମଦାବାଦ୍ ଅଞ୍ଚଳର ଦିନେଶ କୁମାର ଶାହା (୪୨) ଓ ହରିୟାଣା ମହେନ୍ଦ୍ରଗଡ଼ ଅଞ୍ଚଳର ପବନ କୁମାର (୩୬)। ଉଭୟଙ୍କଠାରୁ ଗୋଟିଏ କାର୍, ୨ ଲକ୍ଷ ୧୫ ହଜାର ଟଙ୍କା, ମୋବାଇଲ ଜବତ ହୋଇଛି। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗ୍‌ରେ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ରହିଥିବାରୁ ଅନ୍ୟମାନଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏହି ଚୋର ଗ୍ୟାଙ୍ଗ୍ ଓଡ଼ିଶା ସମେତ ଗୁଜରାଟ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀରେ ସକ୍ରିୟ ରହିଥିବାବେଳେ ଏସବୁ ରାଜ୍ୟଗୁଡ଼ିକରେ ୨୦ରୁ ଊର୍ଦ୍ଧ୍ୱ ମାମଲାରେ ସମ୍ପୃକ୍ତ ଅଛନ୍ତି।

ଅଭିଯୁକ୍ତମାନେ ଢିଲା ସୁରକ୍ଷା ଥିବା ଆପାର୍ଟମେଣ୍ଟକୁ ଟାର୍ଗେଟ୍ କରି ଚୋରି କରିଥାନ୍ତି। ଗତ ଡିସେମ୍ବର ୨୩ରେ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଚୋରି କରିଥିଲେ। ନିରୁପମା ଆପାର୍ଟମେଣ୍ଟ ବି-ବ୍ଲକ୍ ୧୦୫ ନଂ. ଫ୍ଲାଟ୍‌ରେ ରହୁଥିବା ଅନୁଷା ମହାନ୍ତି ଏବଂ ତାଙ୍କ ପରିବାର ସଦସ୍ୟ ଘରେ ନ ଥିଲେ। ଅଭିଯୁକ୍ତମାନେ ଅପରାହ୍ନ ପ୍ରାୟ ୩ଟା ୩୦ରେ ଉକ୍ତ ଫ୍ଲାଟ୍‌ର ତାଲା ଭାଙ୍ଗି ଭିତରେ ପଶି ଆଲ୍‌ମିରାରୁ ୧୩ ଲକ୍ଷ ଟଙ୍କା ନେଇଯାଇଥିଲେ। ଏନେଇ ଅନୁଷାଙ୍କ ଏତଲା ଆଧାରରେ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା (ନଂ.୫୯୯/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍ ଆଧାରରୁ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ତେବେ ରାଜଧାନୀର ଅନ୍ୟ ଆପାର୍ଟମେଣ୍ଟ ଚୋରି ମାମଲାରେ ଏହି ଗ୍ୟାଙ୍ଗ୍‌ର ହାତ ଥିବା ପୋଲିସ ସନ୍ଦେହ କରୁଛି। ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣି ଏନେଇ ଅଧିକ ତଥ୍ୟ ଯୋଗାଡ଼ କରାଯିବ ବୋଲି ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ୩ ମାସ ମଧ୍ୟରେ ୨୦ରୁ ଅଧିକ ଆପାର୍ଟମେଣ୍ଟରୁ ଚୋରି ହୋଇଛି। ଗତ ଅକ୍ଟୋବର ୧୭ ରାତିରେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ରାଜବାଟିକା ଆପାର୍ଟମେଣ୍ଟ, ନଭେମ୍ବର ୭ରେ ଭରତପୁର ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ର ରେସିଡେନ୍‌ସି ଆପାର୍ଟମେଣ୍ଟ, ଡିସେମ୍ବର ୧୧ ରାତିରେ ମଞ୍ଚେଶ୍ୱର ଥାନା ଗାଡ଼କଣସ୍ଥିତ ସ୍ୱେସ୍ ଟାଉନ୍ ଆପାର୍ଟମେଣ୍ଟରୁ ସିରିଜ୍ ଚୋରି ହୋଇଥିଲା। ତେବେ ପୋଲିସ ତଦନ୍ତକୁ ଜୋର୍‌ଦାର କରିବା ସହ ଏକ୍ଷେତ୍ରରେ ସହରବାସୀଙ୍କ ସହଯୋଗ ଲୋଡିଥିଲା। ଏଥିପାଇଁ ସିସିଟିଭିରେ ଥିବା ଅଭିଯୁକ୍ତଙ୍କ ଫଟୋ ସହ ପୋଷ୍ଟର ଲଗାଇ ପୁରସ୍କାର ଘୋଷଣା କରିଥିଲା।

୩୩ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଯୁବକଙ୍କ ହାଇଡ୍ରାମା

ଭୁବନେଶ୍ୱର,୧୮।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ନିକଟ ଜାତୀୟ ରାଜପଥ କଡ଼ରେ ଥିବା ଏକ ୩୩ କେଭି ବିଦ୍ୟୁତ ଖୁଣ୍ଟରେ ହଠାତ୍ ଜଣେ ଯୁବକ ଚଢ଼ିଯାଇଥିଲେ। ଏହାଦେଖି ସମସ୍ତେ ଚିତ୍କାର କରି ତାଙ୍କୁ ଡାକୁଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। କିଛି ସମୟ ଭିତରେ ଯୁବକ ଜଣକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ନିକଟରେ ପହଞ୍ଚିଯାଇଥିଲେ। ତେବେ ଖଣ୍ଡଗିରି ଥାନା ପୋଲିସର ଉପସ୍ଥିତ ବୁଦ୍ଧି ଯୋଗୁ ତାଙ୍କ ଜୀବନ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଏଭଳି ହାଇଡ୍ରାମା ଦେଖିବାକୁ ମିଳିଥିଲା। ଉକ୍ତ ଯୁବକ ହେଲେ ବରମୁଣ୍ଡା ଅଞ୍ଚଳରେ ରହି ଏକ ବସ୍‌ର ହେଲ୍ପର ଭାବେ କାର୍ଯ୍ୟ କରୁଥିବା ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳର ପ୍ରଫୁଲ୍ଲ ବେହେରା। ପ୍ରଫଲ୍ଲ ବିଦ୍ୟୁତ ଖୁଣ୍ଟ ଉପରେ ଚଢ଼ିଯାଇଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ସ୍ଥାନୀୟ ଅଞ୍ଚଳବାସୀ ଓ ରାଜପଥ ଦେଇ ଯାଉଥିବା ଲୋକେ ରୁଣ୍ଡ ହୋଇଯାଇଥିଲେ। ପୋଲିସ ତୁରନ୍ତ ବିଦ୍ୟୁତ ସରବରାହ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଏହି ଖବର ଦେବା ସହ ବିଦ୍ୟୁତ ସରବରାହ କାଟିବାକୁ ନିବେଦନ କରିଥିଲା। ବିଦ୍ୟୁତ ସଂଯୋଗ କଟାଯିବା ପରେ ଯୁବକଙ୍କ ପ୍ରତି ବିଦ୍ୟୁତ୍ ବିପଦ ଚଳିଯାଇଥିଲା। ହେଲେ କାଳେ ଖୁଣ୍ଟରୁ ତଳକୁ ଡେଇଁ ପଡିବେ ସେହି ଆଶଙ୍କାରେ ପୋଲିସ ଓ ଉପସ୍ଥିତ ଲୋକେ ଚିନ୍ତାରେ ଥିଲେ। ୩୦ ମିନିଟ୍ ଧରି ପ୍ରଫୁଲ୍ଲ ଖୁଣ୍ଟ ଉପରେ ଚଢ଼ି ରହିଥିଲେ। ସ୍ଥାନୀୟ ଅଞ୍ଚଳରେ ରହୁଥିବା ଭାଇ ଓ ଅନ୍ୟମାନେ ଖୁଣ୍ଟ ଉପରେ ଚଢ଼ି ପ୍ରଫୁଲ୍ଲଙ୍କୁ ବହୁ ବୁଝାଶୁଝା କରି ତଳକୁ ଓହ୍ଲାଇ ଆଣିଥିଲେ। ପରେ ପ୍ରଫୁଲ୍ଲଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ପରିବାର ସଦସ୍ୟଙ୍କ ସହ ଘରକୁ ଫେରିଥିଲେ। ତେବେ ମଦ୍ୟପାନ କରି ପ୍ରଫୁଲ୍ଲ ଏଭଳି ଚରମ ପଦକ୍ଷେପ ନେଇଥିଲେ ବୋଲି ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି।

ମିଲରଙ୍କ ମନମାନିକୁ ନେଇ ରାସ୍ତାରେ ବସିଲେ ଚାଷୀ

ବାରଙ୍ଗ,୧୮।୧(ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ କଣ୍ଟାବାଡ଼ର ଧାନମଣ୍ଡରେ ମିଲରଙ୍କ ମନମାନ ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଘ ପକ୍ଷରୁ ଗୁରୁବାର ରାସ୍ତାରୋକୋ କରାଯାଇଥିଲା। ପରେ ମିଲରଙ୍କ ପ୍ରତିନିଧିଙ୍କ ସହ କଣ୍ଟାବାଡ଼ ସମବାୟ ସମିତି କର୍ମକର୍ତ୍ତା ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ୭ କିଲୋ ବଦଳରେ ୩ କିଲୋ ଧାନ କଟାଯିବାକୁ କହିବା ପରେ ଚାଷୀ ରାସ୍ତାରୁ ହଟିଥିଲେ। କଣ୍ଟାବାଡ଼ ଛକରେ ରାସ୍ତା ଉପରେ ଧାନବସ୍ତା ରଖି ହାତରେ ବ୍ୟାନର ଧରି ରାଜ୍ୟ ଯୁବ ଛାତ୍ର ସଭାପତି ମନଓ୍ୱର ଅଲ୍ଲୀଙ୍କ ନେତୃତ୍ୱରେ କୃଷକମାନେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ରାସ୍ତାରୋକୋ କରିଥିଲେ। ଫଳରେ ଚନ୍ଦକା ପିତାପଲ୍ଲୀ ମୁଖ୍ୟରାସ୍ତାର ଗମନାଗମନ ବାଧାପ୍ରାପ୍ତ ହେବା ସହ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଖବରପାଇ ଚନ୍ଦକା ଥାନା ପୋଲିସ ସହ ଏସିପି ଜୋନ-୬ ରମେଶ ବିଶୋଇ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତି ସହି ଧାନ ଚାଷ କରିଥିବା ଚାଷୀଙ୍କଠାରୁ ମନ ଇଚ୍ଛା କୁଇଣ୍ଟାଲ ପିଛା ୫ରୁ ୭ କିଲୋ ଧାନ କାଟି ନିଆ ନ ଯିବାକୁ ଦାବି କରିଥିଲେ। ଏପରି ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ସଂଘ ଚେତାବନୀ ଦେଇଥିଲା।

୨୦ରୁ 'ଏକାମ୍ର ୱାକ୍'ର ତୃତୀୟ ସଂସ୍କରଣ

ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରର ସାଂସ୍କୃତିକ ଐତିହ୍ୟକୁ ଅନୁସନ୍ଧାନ କରିବା ସହିତ ସ୍ଥାନୀୟ ବାସିନ୍ଦା, ପର୍ଯ୍ୟଟକଙ୍କୁ ନିଆରା ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ 'ଏକାମ୍ର ୱାକ୍'ର ତୃତୀୟ ସଂସ୍କରଣ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ସପ୍ତାହର ପ୍ରତି ଶୁକ୍ରବାର, ଶନିବାର ଓ ରବିବାର ଏହି ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଲିବ। ଅଭିଜ୍ଞ ଗାଇଡ୍ ଏକାମ୍ର ୱାକ୍‌ର ନେତୃତ୍ୱ ନେବେ। 'ମନ୍ଦିର ମାଳିନୀ ସହର' ଭାବେ ପରିଚିତ ଭୁବନେଶ୍ୱରରେ ଅନେକ ସାଂସ୍କୃତିକ ଓ ଐତିହାସିକ ସମ୍ପତ୍ତି ରହିଥିବାବେଳେ ଏମାନେ ଅତୀତର କାହାଣୀକୁ ଉନ୍ମୋଚନ କରିବେ। ଏହି ପଦଯାତ୍ରା ଡେରାସ ଓ ନନ୍ଦନକାନନର ତିନୋଟି ସ୍ଥାନରେ ଅନୁଷ୍ଠିତ ହେବ। 'ଆମ ସଂସ୍କୃତି ଆମ ଐତିହ୍ୟ'ରେ ଆଦିବାସୀ ସଂସ୍କୃତି ସମେତ ଓଡ଼ିଆ ସଂସ୍କୃତିକୁ ପ୍ରଦର୍ଶିତ କରାଯିବ। ସେହିପରି 'କୋମଳ ମନର କୌତୁହଳ ଯାତ୍ରା' ଏବଂ 'ଓଡ଼ିଆ ଖାଦ୍ୟ ପସରା' ଏକାମ୍ର ୱାକର ମୁଖ୍ୟ ଆକର୍ଷଣ ରହିବ ବୋଲି ସୂଚନା ଦିଆଯାଇଛି।

ଫେବୃଆରୀ ୩ରୁ ୫ ପର୍ଯ୍ୟନ୍ତ ରାଜଧାନୀରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଅବସରରେ 'ଓଡ଼ିଆ ଭାଷାର ଗୌରବ ଗାଥା' ନାମରେ ଏକ ସ୍ୱତନ୍ତ୍ର ଟ୍ରେଲ କାର୍ଯ୍ୟକ୍ରମରେ ସାମିଲ ହେବ। ଅଂଶଗ୍ରହଣକାରୀମାନେ ପ୍ରାଚୀନ ପରମ୍ପରା ଉପରେ ଆଧାରିତ ରହସ୍ୟମୟ ତନ୍ତ୍ର ସାଧନା ବିଷୟରେ ଅନୁସନ୍ଧାନ କରିବେ। ସେହିଭଳି ବିଭିନ୍ନ ଓ ସ୍ୱାଦିଷ୍ଟ ବ୍ୟଞ୍ଜନ ପାଇଁ ପ୍ରସିଦ୍ଧ ରାଜ୍ୟର ପାରମ୍ପରିକ ରୋଷେଇ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଯିବ। ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନେ www.ekamrawalks.comକୁ ଲଗ୍‌ଇନ୍ କରି ନିଜ ନାମ ପଞ୍ଜୀକରଣ କରିପାରିବେ ଏବଂ କାର୍ଯ୍ୟକ୍ରମର ଅନ୍ୟ ବିବରଣୀ ଜାଣିପାରିବେ ବୋଲି ସୂଚନା ଦିଆଯାଇଛି।

୧୯୭୮ ମାଟ୍ରିକ୍ ବ୍ୟାଚ୍ ବନ୍ଧୁ ମିଳନ

ଭୁବନେଶ୍ୱର,୧୮।୧
(ଅନୁରାଧା ମହାରଣା)

ଭୁବନେଶ୍ୱର ପ୍ରେସ୍ କ୍ଲବ ପରସରରେ ୧୯୭୮ ମାଟ୍ରିକ ବ୍ୟାଚ୍ ତଥା ୧୯୮୨ ରେଭେନ୍‌ଶା କଲେଜ ସ୍ନାତକ, ୧୯୮୪ ବାଣୀବିହାର ସ୍ନାତକ ଡିଗ୍ରୀ ବନ୍ଧୁମାନଙ୍କୁ ନେଇ ୧୯ତମ ପୁନର୍ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନେକ ସେବା ନିବୃତ୍ତ ପ୍ରଶାସନିକ ଅଧିକାରୀ, ବ୍ୟାଙ୍କ ଅଧିକାରୀ, ପୋଲିସ ଅଧିକାରୀ, ଅଧ୍ୟକ୍ଷ, ବ୍ୟବସାୟୀ ବନ୍ଧୁ ଯୋଗଦେଇ ଛାତ୍ର ଜୀବନର ଅନେକ ସ୍ମୃତିକୁ ମନେ ପକାଇଥିଲେ। ସମାଜରେ ଏବେ ବରିଷ୍ଠ ନାଗରିକଙ୍କ ସମସ୍ୟା ନେଇ କିଛି କାମ କରିବା ପାଇଁ ପ୍ରସ୍ତୁତ ରହିବା ପାଇଁ ଅନୁରୋଧ କରାଯାଇଥିଲା। ଅକାଳ ମୃତ୍ୟୁବରଣ କରିଥିବା ବନ୍ଧୁମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗ୍ରାମ, ସୂର୍ଯ୍ୟ ମହାନ୍ତି, ଅସୀତ ମହାନ୍ତି, ଅରବିନ୍ଦ ଶତପଥୀ, କୌସ୍ତୁଭ ବେହେରା, ନିକୁଞ୍ଜ ସୁନ୍ଦରରାୟ, ମଦନମୋହନ ପଟ୍ଟନାୟକ, ରାଜା ପରିଜା, ପ୍ରଦୀପ୍ତ କର, ଅକ୍ଷୟ ପଟ୍ଟନାୟକ, ଗୌରୀ ଶଙ୍କର ଶର୍ମା, ରଞ୍ଜନ ସ୍ୱାଇଁ, ଗଗନ ସାହୁ, ମନୋରଞ୍ଜନ ରଥ, ଅକ୍ଷୟ ମହାନ୍ତି, ମୋହନ ପଣ୍ଡା, ଅଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ଗଞ୍ଜେଇ ସିଗାରେଟ ଜବତ, ମହିଳା ଗିରଫ

ଭୁବନେଶ୍ୱର,୧୮।୧
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ନିଶା କାରବାରର ନୂଆ ତରିକା ଆପଣାଇଛନ୍ତି ନିଶା ମାଫିଆ। ସିଗାରେଟ ଖୋଳରେ ଗଞ୍ଜେଇ ଭର୍ତ୍ତି କରି ବେପାର କରୁଛନ୍ତି। ଦୀର୍ଘବର୍ଷ ହେବ ସହରରେ ଏହି ବେଆଇନ କାରବାର ଚାଲିଥିଲେ ମଧ୍ୟ କମିଶନରେଟ ପୋଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପଟେ ଅବକାରୀ ବିଭାଗ ସେପରି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। କେତେବେଳେ କେମିତି ଚଢ଼ାଉ କରି ବାହାବାଃ ନେବା ପରେ ପୁଣି ଚୁପ୍ ବସୁଛି। ଫଳରେ ଏବେ ସହରରେ ଗଞ୍ଜେଇ ସିଗାରେଟ କାରବାରରେ ଏକାଧିକ ର୍ୟାକେଟ କାମ କରୁଥିବାବେଳେ ମହିଳାଙ୍କୁ ଢ଼ାଲ କରାଯାଇ ଛାତ୍ର ଓ ଯୁବବର୍ଗଙ୍କୁ ଟାର୍ଗେଟ କରାଯାଉଛି। ସ୍କୁଲ୍ ଓ କଲେଜ ନିକଟରେ ଏହି ବେପାର ବେଶି ଜମୁଛି। ଘଟଣାକ୍ରମରେ ଜଣେ ମହିଳା ଲିଙ୍ଗରାଜ ଥାନା ଅନ୍ତର୍ଗତ କପିଳେଶ୍ୱର ହାଇସ୍କୁଲ ନିକଟରେ ସିଗାରେଟ ଗଞ୍ଜେଇ ବେପାର କରୁଥିବାବେଳେ ଅବକାରୀ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ସେ ହେଲେ ଅହଲ୍ୟା ସାହୁ(୪୦)। ତାଙ୍କଠାରୁ ୧୨ କେଜି ଗଞ୍ଜେଇ ଭର୍ତ୍ତି ଥିବା ସିଗାରେଟ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୋଡ୍ ୱାର୍ଡରେ ସେ ଏହି ଗଞ୍ଜେଇ ଭର୍ତ୍ତି ସିଗାରେଟ ବିକ୍ରି କରୁଥିଲେ। ଗ୍ରାହକମାନେ ଆସି 'ବାବା ସିଗାରେଟ' ମାଗିଲେ ସେ ଗଞ୍ଜେଇ ଭର୍ତ୍ତି ସିଗାରେଟ ଦେଉଥିଲେ। ସେହିପରି ଜଣେ ବ୍ୟକ୍ତି ଫୁଲବାଣୀରୁ ଗଞ୍ଜେଇ ଚୋରାରେ ଆଣି ତାଙ୍କୁ ଦେଉଥିଲେ ବୋଲି ଅଭିଯୁକ୍ତା ମହିଳା ଅହଲ୍ୟାଙ୍କୁ ପଚରାଉଚରାବେଳେ ଅବକାରୀ ଟିମ ଜାଣିବାକୁ ପାଇଛି। ତେବେ ଏହି ର୍ୟାକେଟର ମାଷ୍ଟରମାଇଣ୍ଡ୍ ଓ ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଅବକାରୀ ବିଭାଗ ଉଦ୍ୟମ ଚଳାଇଥିବା ସୂଚନା ଦେଇଛି।

ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ୧୯ରେ ଆଚାର୍ଯ୍ୟବିହାରସ୍ଥିତ ବିଶ୍ୱେଶ୍ୱର ବସ୍ତିରେ ଏମିତି ତରିକାରେ ଜଣେ ମହିଳା ଗଞ୍ଜେଇ ସିଗାରେଟ ବେପାର କରୁଥିବାବେଳେ ଅବକାରୀ ବିଭାଗ ଗ୍ରାହକ ବେଶରେ ସେଠାରେ ଚଢ଼ାଉ କରି ତାଙ୍କୁ ଧରିବାରେ ସଫଳ ହୋଇଥିଲା। ତାଙ୍କଠାରୁ ୫ ହଜାର ଗଞ୍ଜେଇ ଭର୍ତ୍ତି ସିଗାରେଟ ଓ ୨୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ସେହିପରି ନିକଟରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଅବକାରୀ ଟିମ୍ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୮ କେଜି ଗଞ୍ଜେଇ ଜବତ କରିଥିଲା।

ଦୋକାନରୁ ମଦ ସହ ୨ଲକ୍ଷ ଟଙ୍କା ଚୋରି

ବାଲିପାଟଣା,୧୮।୧(ଅଭିମନ୍ୟୁ ନାୟକ)

ବାଲିପାଟଣା ଛକ ନିକଟରେ ଥିବା ଉପେନ୍ଦ୍ର ସାହୁଙ୍କ ମଦ ଦୋକାନ ସଟର ଭାଙ୍ଗି ଦୁର୍ବୃତ୍ତମାନେ ମଦ ସହ ୨ ଲକ୍ଷ ୫ହଜାର ଟଙ୍କା ନେଇଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏପରିକି ଦୁର୍ବୃତ୍ତମାନେ ସିସିଟିଭି ହାର୍ଡଡିସ୍କ ନେଇଯାଇଛନ୍ତି। ମ୍ୟାନେଜର ବିକାଶ କୁମାର ବିଶ୍ୱାଳଙ୍କ ଅଭିଯୋଗକ୍ରମେ ବାଲିପାଟଣା ଥାନା ପୋଲିସ ଏକ ମାମଲା (ନଂ.୩୦/୨୪)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବ

ପ୍ରଭାତ ମହାପାତ୍ର, ବିଦ୍ୟୁତ୍ ଦାସ ପାଇଲେ 'ବିଜୁ ପଟ୍ଟନାୟକ ପୁରସ୍କାର'

ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ସମାରୋହ

୨ ବର୍ଷ ପାଇଁ ପୁରସ୍କୃତ, ସମ୍ବର୍ଦ୍ଧିତ ହେଲେ ୩୦ ବୈଜ୍ଞାନିକ

ଭୁବନେଶ୍ୱର, ୧୮।୧(ଅସମାପିକା ସାହୁ)

ବିଜ୍ଞାନ ଓ କାରିଗରି ବିଭାଗ ଅଧୀନ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୨୦୨୧ ଏବଂ ୨୦୨୨ ମସିହା ପାଇଁ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ ଗୁରୁବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କୁ ୨୦୨୧ ଓ ପ୍ରଫେସର ବିଦ୍ୟୁତ କୁମାର ଦାସଙ୍କୁ ୨୦୨୨ ମସିହା ପାଇଁ ବୈଜ୍ଞାନିକ ଉତ୍କର୍ଷ ନିମନ୍ତେ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ୨ଲକ୍ଷ ଟଙ୍କା, ପଦକ, ମାନପତ୍ର, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେହିପରି ୨୦୨୧ ମସିହା ପାଇଁ ଡ. ସୁବାସିନୀ ଲେଙ୍କା, ଡ. ନିଖିଳାନନ୍ଦ ପାଣିଗ୍ରାହୀ, ପ୍ରଫେସର ଗଣପତି ପଣ୍ଡା, ଡ. ଧୀରେନ୍ଦ୍ର କୁମାର ଦାସ, ଡ. ରାମଚନ୍ଦ୍ର ମହାନ୍ତି ଏବଂ ୨୦୨୨ ପାଇଁ ଡ. ସୁବୋଧ କୁମାର ସାହୁ, ଡ. ବିଜୟକେତନ ପଟ୍ଟନାୟକ, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ପ୍ରଫେସର ସତ୍ୟବାନ ଜେନା ଓ ଡ. ମନୋରଞ୍ଜନ କରଙ୍କୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବରିଷ୍ଠ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷରେ ୨୦୨୧ ମସିହା ପାଇଁ ପ୍ରଫେସର ହୃଦୟନାଥ ଥାଟୋଇ, ଡ. ବିକାଶ କୁମାର ଜେନା, ଡ. ଅଶୋକ କୁମାର ସାହୁ ଓ ପ୍ରଫେସର ଡ. ନାରାୟଣ ପ୍ରସାଦ ପାଢ଼ୀ ଏବଂ ୨୦୨୨ ପାଇଁ ପ୍ରଫେସର ରମେଶ ଚନ୍ଦ୍ର ପାତ୍ର, ଡ. ଭାଗ୍ୟଧର ଭୋଇ ଓ ପ୍ରଫେସର ଦେବୀପ୍ରସନ୍ନ କାନୁନ୍‌ଗୋଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରାଯାଇଛି। ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଅର୍ଥରାଶି ସହିତ ପଦକ, ମାନପତ୍ର, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି।

ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ପ୍ରଫେସର ବିଦ୍ୟୁତ କୁମାର ଦାସଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି। (ଫଟୋ: ବିକାଶ ନାୟକ)

ସେହିଭଳି 'ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର' ବର୍ଗରେ ୨୦୨୧ ମସିହା ପାଇଁ ଡ. ବାସୁଦେବ କର, ଡ. ସ୍ୱାଗତିକା ଦାଶ, ଡ. ବିଷ୍ଣୁପ୍ରସାଦ ବିଶ୍ୱାଳ ଏବଂ ୨୦୨୨ ପାଇଁ ଡ. ସୌମ୍ୟରଞ୍ଜନ ଜେନା, ଡ. ଉତ୍ତମ କୁମାର ପାଣିଗ୍ରାହୀ, ଡ. ସୌମ୍ୟ ପ୍ରକାଶ ଦାଶ ଓ ଡ. ରେଖା ବିଶ୍ୱାଳଙ୍କୁ ଉଲ୍ଲେଖନୀୟ ଗବେଷଣା ପାଇଁ ୨୫ହଜାର ଟଙ୍କା, ମାନପତ୍ର, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ୨୦୨୧ ମସିହା ପାଇଁ ଅରୁଣ କୁମାର ପାତ୍ର ଓ ଡ. ଅସିତ୍ କୁମାର ସ୍ୱାଇଁ ଏବଂ ୨୦୨୨ ମସିହା ପାଇଁ କାର୍ତ୍ତିକ ସ୍ୱାଇଁ ଓ ଡ. ଶୁଭେନ୍ଦୁ ପଟ୍ଟନାୟକଙ୍କୁ 'ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା, ମାନପତ୍ର, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଯୋଗଦେଇ ବୈଜ୍ଞାନିକଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରି କହିଲେ, ବିଜ୍ଞାନ ଆମ ଜୀବନଧାରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ବିକାଶ ପ୍ରକ୍ରିୟାରେ ଏହାର ଅବଦାନ ତାତ୍ପର୍ଯ୍ୟପୂର୍ଣ୍ଣ। ଏଥିସହ ମନ୍ତ୍ରୀ ସମ୍ବର୍ଦ୍ଧିତ ଓ ପୁରସ୍କୃତ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏକାଡେମୀର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ର ଅରୁମୁଗମ୍ ବିଜ୍ଞାନର ଜୟଯାତ୍ରା ଅବ୍ୟାହତ ରହିଥିବା କହିଥିଲେ। ବିଜ୍ଞାନ ଏକାଡେମୀ ସଭାପତି ପ୍ରଫେସର ବିଭୂତି ଭୂଷଣ ମିଶ୍ର ପୌରୋହିତ୍ୟ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଏକାଡେମୀ ସମ୍ପାଦକ ପ୍ରଫେସର ଆଶିଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

୧୮।୧।୨୦୨୪

୬,୧୭,୭୮୪ ଟଙ୍କା	
ସୁନା	୬.୩୦୦ ଗ୍ରାମ୍
ରୁପା	୨୬୭.୪୦୦ ଗ୍ରାମ୍

ଶ୍ରୀମନ୍ଦିର ଚୂଡ଼ାରେ ସୂର୍ଯ୍ୟଙ୍କ କିରଣ ସ୍ପର୍ଶ । (ଫଟୋ– ମନୋରଞ୍ଜନ ମିଶ୍ର)

ଏପ୍ରିଲ ୩୦ ସୁଦ୍ଧା ସରିବ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି

ଚୂଡ଼ାନ୍ତ ହୋଇଛି ବିମ୍ ଡିଜାଇନ୍

କଟକ,୧୮।୧ (କାର୍ତ୍ତିକ ସାହୁ)

ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାର୍ଯ୍ୟ ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧା ଶେଷ ହେବ ବୋଲି ଆମିକସ୍‌କ୍ୟୁରି ହାଇକୋର୍ଟରେ ଗୁରୁବାର ରିପୋର୍ଟ ଦାଖଲ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନିଯୁକ୍ତ ଆମିକସ୍‌କ୍ୟୁରି ନାଟମଣ୍ଡପ ମରାମତି କାର୍ଯ୍ୟ ଅନୁଧ୍ୟାନର ରିପୋର୍ଟ ଦେଇଛନ୍ତି। ଗତ ୧୦ ତାରିଖରେ କୋର୍ କମିଟି ଓ ଏଏସ୍‌ଆଇର ମିଳିତ ବୈଠକ ବସି ନାଟମଣ୍ଡପ ବିମ୍ ଡିଜାଇନ୍ ଚୂଡ଼ାନ୍ତ ହୋଇଥିବା ଏଏସ୍‌ଆଇ ଆମିକସ୍‌କ୍ୟୁରିଙ୍କୁ ଜଣାଇଛନ୍ତି। ଏଥିସହ ନାଟମଣ୍ଡପ କାମ ଅବିରତ ଚାଲିଛି ବୋଲି ଆମିକସ୍‌କ୍ୟୁରି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏପ୍ରିଲ ୩୦ ସୁଦ୍ଧା ନାଟମଣ୍ଡପ ମରାମତି କାର୍ଯ୍ୟ ସାରିବା ନେଇ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହରେ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ହାଇକୋର୍ଟ ଗତ ନଭେମ୍ବର ୧୫ ତାରିଖ ଶୁଣାଣିରେ ନାଟମଣ୍ଡପ ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମରାମତି କାର୍ଯ୍ୟ ଦିନକୁ ୬ ଘଣ୍ଟା ଲେଖାଏ କରି ୧୨୦ ଦିନରେ ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆମିକସ୍‌କ୍ୟୁରି ଏହି କାର୍ଯ୍ୟର ଅନୁଧ୍ୟାନ କରି ପ୍ରତି ୧୫ ଦିନରେ ହାଇକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ଏଏସ୍‌ଆଇକୁ ସହଯୋଗ ଯୋଗାଇ ଦେବ। ଏଥିସହ ଶ୍ରଦ୍ଧାଳୁମାନେ ଯେପରି ଠାକୁର ଦର୍ଶନ କରିବା ନେଇ ଅସୁବିଧାରେ ନପଡ଼ନ୍ତି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିବ। ନାଟମଣ୍ଡପ ମରାମତି ଓ ଠାକୁର ଦର୍ଶନ ଉଭୟ କାର୍ଯ୍ୟ ଠିକ୍ ଭାବେ ହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଉଭୟ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗତ ନଭେମ୍ବର ୧୭ ତାରିଖରୁ ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇ ଅବିରତ ଚାଲିଛି। କଟକର ଅଭିଷେକ ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର ପରିଚାଳନା କରୁଛନ୍ତି।

ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶିକାଙ୍କଠାରୁ ଲୁଟ୍ ମାମଲା, ୨ ଗିରଫ

ଭୁବନେଶ୍ୱର,୧୮।୧(ସୂର୍ଯ୍ୟକାନ୍ତ ବେହେରା)

ଡାଇରେକ୍ଟରେଟ ଅଫ୍ ମାଇନିଂ ଆଣ୍ଡ୍ ଜିଓଲୋଜିର ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟରତ ଜଣେ ମହିଳା ଅଧିକାରିଣୀଙ୍କ ବେକରୁ ଚେନ୍ ଛିଣ୍ଡାଇନେବା ମାମଲାରେ କ୍ୟାପିଟାଲ ଥାନା ପୋଲିସ ଘଟଣାର ୩ ମାସ ପରେ ୨ ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନୟାଗଡର ଦିନେଶ ଦାସ(୨୪) ଓରଫ କୁଲୁ ଓ ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ମଳିପଡ଼ାର ସୁମନ୍ତ ମଙ୍ଗରାଜ (୨୧)। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ଲୁଟ ପରେ ଉକ୍ତ ସୁନା ଚେନ୍‌କୁ ଭୀମଟାଙ୍ଗୀ ଅଞ୍ଚଳରେ ଥିବା ଏକ ବ୍ୟାଙ୍କରେ ବନ୍ଧକ ରଖି ୩୮ ହଜାର ଟଙ୍କା ଋଣ ଆଣି ଖର୍ଚ୍ଚ କରିଦେଇଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସୂଚନାନୁସାରେ, ଗତବର୍ଷ ସେପ୍ଟେମ୍ବର ସନ୍ଧ୍ୟାରେ ଅଭିଯୋଗକାରିଣୀ ଅଧିକାରୀ ଜଣକ ନିଜ ସ୍କୁଟିରେ ଅଫିସରୁ ଘରକୁ ଫେରୁଥିବାବେଳେ ଫରେଷ୍ଟ ପାର୍କରୁ କ୍ୟାପିଟାଲ ହସ୍ପିଟାଲ ଛକ ମଧ୍ୟବର୍ତ୍ତୀ ସ୍ଥାନରେ ଅଭିଯୁକ୍ତଦ୍ୱୟ ଏକ ବାଇକ୍‌ରେ ପଛରୁ ଆସି ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇ ପଳାଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୫୦/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଦ୍ୱୟ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଦିନେଶଙ୍କ ନାମରେ ଏୟାରପୋର୍ଟ ଥାନାରେ ୪ଟି ଓ ଖଣ୍ଡଗିରି ଥାନାରେ ଗୋଟିଏ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

କମୁଛି ତାପମାତ୍ରା, ବନ୍ୟପ୍ରାଣୀ ପ୍ରଭାବିତ

ପ୍ରାଣୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜାଣିବାକୁ ଗବେଷଣା ଲୋଡ଼ା

ଭୁବନେଶ୍ୱର, ୧୮।୧(ଅସମାପିକା ସାହୁ)

ଚଳିତ ମାସରେ ଶିମିଳିପାଳ ଅଭୟାରଣ୍ୟର ବାରହା କାମୁଡ଼ା ଅଞ୍ଚଳରେ ଦୁଇଥର ତାପମାତ୍ରା ଶୂନ ଡିଗ୍ରୀ ସେଲସିୟସକୁ ଖସିଛି। କିଛିଦିନ ହେଲା ବ୍ୟାଘ୍ର ପ୍ରକଳ୍ପର ଅନ୍ୟାନ୍ୟ କିଛି ଅଞ୍ଚଳରେ ୨–୩ ଡିଗ୍ରୀ ତାପମାତ୍ରା ଲାଗି ରହିଛି। ଏହା ଜଳବାୟୁ ପରିବର୍ତ୍ତନର ବିଭୀଷିକା ବୋଲି କୁହାଯାଉଛି। ଗତ ଦୁଇଚାରି ବର୍ଷ ଧରି ଗ୍ରୀଷ୍ମ ଦିନେ ଶିମିଳିପାଳରେ ଜଙ୍ଗଲ ନିଆଁ ଅଣାୟତ୍ତ ହେବାକୁ ନେଇ ବହୁ ଚର୍ଚ୍ଚା ଲାଗି ରହିଥିଲା। ସେତେବେଳେ ଏଭଳି ଏକ ବିପଦପୂର୍ଣ୍ଣ ଦୃଶ୍ୟର ଅବତାରଣା ହୁଏତ ଅନେକ ଅନୁମାନ କରି ପାରି ନ ଥିଲେ। ଏବେ ଅତ୍ୟଧିକ ଥଣ୍ଡାକୁ ପ୍ରତିହତ କରି ଶିମିଳିପାଳରେ ବନ୍ୟପ୍ରାଣୀଙ୍କର ସମସ୍ୟା ବଢ଼ିବା ସ୍ୱାଭାବିକ। ଯଦିଓ ବାଘଙ୍କ ଦେହରେ ଲୋମଯୁକ୍ତ ମୋଟା ଚମଡ଼ା ରହିଛି, ତଥାପି ଶୂନ ବା ବିଯୁକ୍ତ ତାପମାତ୍ରାରେ ବଞ୍ଚି ରହିବା ଭାରତୀୟ ବାଘଙ୍କ ପାଇଁ କଷ୍ଟକର ବୋଲି ଅନେକ ଗବେଷଣା ହୋଇସାରିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ୨୦୭୦ ବେଳକୁ ସୁନ୍ଦରବନ ଅଞ୍ଚଳରେ ବାଘଙ୍କ ପାଇଁ ଆଉ ପ୍ରାକୃତିକ ଆବାସ ନ ଥିବ ଏବଂ ସେମାଙ୍କ ସଂଖ୍ୟା ଗୁରୁତର ଭାବେ ହ୍ରାସ ପାଇବ ବୋଲି ୨୦୧୯ରେ ଏକ ଗବେଷଣା ପୂର୍ବାନୁମାନ କରିଥିଲା। ଏହି ପରିପ୍ରେକ୍ଷୀରେ ଶିମିଳିପାଳରେ ଶୂନ ତାପମାତ୍ରା ଦୀର୍ଘଦିନ ଧରି ଲାଗି ରହିଲେ ଓଡ଼ିଶାର ପରିଚୟ ମହାବଳ ବାଘ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ଅବସ୍ଥା ସଙ୍ଗିନ ହେବ ବୋଲି ଆଶଙ୍କା କରାଯାଉଛି। ମୟୂରଭଞ୍ଜ ଜିଲାରେ ହାଡ଼ଭଙ୍ଗା ଶୀତ ଏବଂ ଶିମିଳିପାଳ କୋର୍ ଏରିଆରେ ଥିବା ବାରହା କାମୁଡ଼ାରେ ଶୂନ ଡିଗ୍ରୀ ତାପମାତ୍ରା କିଛି ଗୋଟେ ଅଦୃଶ୍ୟ ବିପଦ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ପରିବେଶବିତ ଏବଂ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କଲେଣି। କାରଣ ୨୦୨୩ ଡିସେମ୍ବର ୧୭ରେ ଶିମିଳିପାଳରେ ୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ୨୦୨୨ ଡିସେମ୍ବର ୧୬ରେ ତାପମାତ୍ରା ୯ ଡିଗ୍ରୀ ଥିଲା। ତେବେ ଶୂନ ଡିଗ୍ରୀ ତାପମାତ୍ରା ଦିନକୁ କେତେ ସମୟ ପର୍ଯ୍ୟନ୍ତ ରହୁଛି ଏବଂ ତା'ର ପ୍ରଭାବ ଉପରେ ଗବେଷଣା ହେବା ଦରକାର ବୋଲି ଓଡ଼ିଶା ବିଜ୍ଞାନ ଏକାଡ଼େମୀର ସମ୍ପାଦକ ତଥା ପୂର୍ବତନ ପ୍ରାଣୀ ବିଜ୍ଞାନ ପ୍ରଫେସର ଡ. ଆଶିଷ କୁମାର ମହାନ୍ତି କହିଛନ୍ତି। ସେ କହିଛନ୍ତି,

ସାଧାରଣ ଭାବରେ ଉଷ୍ମ ରକ୍ତ ବିଶିଷ୍ଟ ପ୍ରାଣୀମାନେ ନିଜ ଦେହର ତାପମାତ୍ରାକୁ ପରିବେଶ ତାପମାତ୍ରା ସହିତ ସନ୍ତୁଳନ କରିଥାଆନ୍ତି। କିନ୍ତୁ ଶୂନ ବା ବିଯୁକ୍ତ ତାପମାତ୍ରାରେ ଆମ ଦେହରେ ଥିବା ଏଞ୍ଜାଇମ୍ ସବୁ କାମ କରିବା ବନ୍ଦ ହୋଇଯିବା ସହ ହାଇପୋଥାଲାମ୍‌ସ ମଧ୍ୟ ଅକାମୀ ହୋଇଯିବ। ତେବେ ବାଘମାନେ ବନ୍ୟପ୍ରାଣୀ ଏବଂ ତାଙ୍କର ଆଡପ୍ଟେଶନ ବଳିଷ୍ଠ ହୋଇଥିବାରୁ ସେମାନେ ଯଦିଓ ଭାରତର ବିଭିନ୍ନ ଜଙ୍ଗଲରେ ଭଲ ଭାବରେ ଖାପ ଖୁଆଇ ଚଳିପାରନ୍ତି, କିନ୍ତୁ ବିଯୁକ୍ତ ତାପମାତ୍ରାରେ ଲଗାତାର ଅଧିକ ଦିନ ରହିଲେ, ସେମାନେ ମଧ୍ୟ ସମସ୍ୟା ଭୋଗିବେ ବୋଲି ଡ. ମହାନ୍ତି ଚିନ୍ତାପ୍ରକଟ କରିଛନ୍ତି। ଏପଟେ ନନ୍ଦନକାନନରେ ଶୀତ ଦିନ ଆସିବା ପୂର୍ବରୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟଖସଡ଼ା ରହିଛି। ଅଧିକ ଶୀତରୁ ରକ୍ଷା ପାଇଁ କାହା ଖୁଆଡ଼ରେ ଉତ୍ତାପ ବଢ଼ାଇବା ପାଇଁ ହିଟିଙ୍ଗ ପ୍ୟାଡ୍ ତ କେଉଁଠି ରୁମ୍ ହିଟର ଲଗାଯାଇଥାଏ। ବିଶେଷକରି ଶୀତଳରକ୍ତର ସରୀସୃପଙ୍କ ଘରେ ଶୀତ ଦିନେ ଉତ୍ତାପ ବୃଦ୍ଧି କରେଇବା ବ୍ୟବସ୍ଥା କରାଯାଇଥାଏ। ତେବେ ପ୍ରାକୃତିକ ପରିବେଶରେ ସରୀସୃପମାନେ ଶୀତରୁ ରକ୍ଷା ପାଇବା ପାଇଁ ଶୀତଳ ସୁପ୍ତି ବା ହାଇବରନେସନ(Hibernation)ର ସାହାଯ୍ୟ ନେଇଥାନ୍ତି। ଥଣ୍ଡାରୁ ରକ୍ଷା ପାଇଁ ସାପମାନେ ଗାତ ବା କୋରଡ଼ ଆଦି ଭିତରେ ପଶିଯାଆନ୍ତି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସବୁ ଅଞ୍ଚଳରେ ଏବଂ ସବୁ ପ୍ରାଣୀଙ୍କ ଉପରେ ସମାନ ଭାବରେ ପଡ଼ି ନ ଥାଏ। ଅଧିକ ଥଣ୍ଡା ସମୟରେ ନିଜ ଶରୀରର ତାପମାତ୍ରାକୁ ସନ୍ତୁଳିତ କରି ଉଷ୍ମତା ଆଣିବା ପାଇଁ ପକ୍ଷୀମାନଙ୍କୁ ତାଙ୍କର ଡେଣାକୁ ବାରମ୍ବାର ଫଡ଼ ଫଡ଼ କରିବାକୁ ପଡ଼ିଥାଏ। ହରିଣ ଭଳି ତୃଣଭୋଜୀମାନେ ମାଟି ଉପରେ ନ ଶୋଇ, ଗଛତଳେ ଝଡ଼ି ପଡ଼ିଥିବା ଶୁଖିଲା ପତ୍ର ଉପରେ ଶୁଅନ୍ତି। ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ନନ୍ଦନକାନନର ପୂର୍ବତନ ଡିସିଏଫ କମଳ ଲୋଚନ୍ ପୁରୋହିତ କହିଛନ୍ତି, ବାଘମାନେ ପ୍ରତିକୂଳ ପରିବେଶରେ ବେଶ ଭଲ ଭାବରେ ଖାପ ଖୁଆଇ ଚଳି ପାରନ୍ତି। ଶିକାର ଛଡ଼ା ତାଙ୍କର ଅନ୍ୟକିଛି ବିଶେଷ ଅସୁବିଧା ନାହିଁ ବୋଲି ମୁଁ ଭାବୁଛି। ବିଯୁକ୍ତ ତାପମାତ୍ରା ଅଧିକ ଦିନ ଲଗାତର ଭାବେ ଲାଗି ରହିଲେ ଅସୁବିଧା ହୋଇପାରେ। କିନ୍ତୁ ଓଡ଼ିଶାରେ ବିଯୁକ୍ତ ତାପମାତ୍ରା ହେଲେ ଖାଲି ବାଘ କାହିଁକି ମଣିଷ ବି ଅସୁବିଧା ଭୋଗିବ ବୋଲି ସେ କହିଛନ୍ତି।

ଅଯୋଧ୍ୟାରେ ରାମ ଅଭିଷେକ ନାଟକ ପରିବେଷଣକଲେ ବାଙ୍କୀ କଳାକାର

ବାଙ୍କୀ,୧୮।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଯୋଧ୍ୟାରେ ବାଙ୍କୀ ପାଟପୁରସ୍ଥିତ ଶ୍ରୀରାମ ନାଟ୍ୟ ସଂସଦ କଳାକାରଙ୍କ ଦ୍ୱାରା ରାମ ଅଭିଷେକ ନାଟକ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର କଳାକାରଙ୍କ ପକ୍ଷରୁ ରାମ ଭୂମିକାରେ ଲକ୍ଷ୍ମୀଧର ନାୟକ, ଲକ୍ଷ୍ମଣ ଭୂମିକାରେ ଜିତୁ ଦାସ, ସୀତାରେ ଦିଲୀପ ନାୟକ, ଭରତରେ ଜଗା ମହାପାତ୍ର, ଶତ୍ରୁଘନରେ କାଳନ୍ଦୀ ବେହେରା ଓ ହନୁମାନ ଭୂମିକାରେ ଅଭିମନ୍ୟୁ ସାହୁ ଅଭିନୟ କରିଥିଲେ। ଏନ୍‌ଜେଡ୍‌ସିସିର ନିର୍ଦ୍ଦେଶକ ଅତୁଲ୍ ଦ୍ୱିବେଦୀ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ବେହେରାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାରଙ୍କ ତରଫରୁ ଅଜୟ ଗୁପ୍ତା ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ସାଇ ସୋହମ୍

@ ଶୈଳ

ଭୟଭୀତ ନ ହୋଇ ବିପର୍ଯ୍ୟୟର ମୁକାବିଲା

ଏନ୍‌ଡିଆର୍‌ଏଫ୍ ରାଇଜିଂ ଡେ

ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ୍‌ଡିଆର୍‌ଏଫ୍) ବିଭିନ୍ନ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ଆବଶ୍ୟକ ସେବା ଯୋଗାଇ ଦେଇଥାନ୍ତି। ବନ୍ୟା, ବାତ୍ୟା, ଭୂକମ୍ପ ଅବା ଅନ୍ୟ ଯେ କୌଣସି ବିପର୍ଯ୍ୟୟ ହେଉ ଏନ୍‌ଡିଆର୍‌ଏଫ୍ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଇଥାନ୍ତି। ଏନ୍‌ଡିଆର୍‌ଏଫ୍‌ର କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏବଂ ଏହାର ମହାନ୍ ମାନବିକ କାର୍ଯ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ ପାଇଁ ପ୍ରତିବର୍ଷ ଜାନୁଆରୀ ୧୯ରେ ଭାରତରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ ଦ୍ୱାରା ଏନ୍‌ଡିଆର୍‌ଏଫ୍ ରାଇଜିଂ ଡେ ପାଳନ କରାଯାଇଥାଏ। ଏନ୍‌ଡିଆର୍‌ଏଫ୍ ଦଳ ପୀଡ଼ିତଙ୍କୁ ଭୟଭୀତ ନ ହୋଇ ପରିସ୍ଥିତିର ମୁକାବିଲା କରିବାକୁ ସାହସ ଦେଇଥାନ୍ତି।

ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫ ବିଭାଗ ୪୪–୪୫ ଅନୁଯାୟୀ ବିପଦପୂର୍ଣ୍ଣ ବିପର୍ଯ୍ୟୟ ପରିସ୍ଥିତିର ଏକ ବିଶେଷ ପ୍ରତିକ୍ରିୟା ଉଦ୍ଦେଶ୍ୟରେ ୨୦୦୬ ଜାନୁଆରୀ ୧୯ରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ ଗଠନ କରାଯାଇଥିଲା। ପୀଡିତଙ୍କ ଉଦ୍ଧାର କାର୍ଯ୍ୟ, ରିଲିଫ ଯୋଗାଣରେ ଏନ୍‌ଡିଆର୍‌ଏଫ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଏହି ଦିବସ ପାଳନ ଅବସରରେ ସରକାରୀ ତଥା ବେସରକାରୀ ଅନୁଷ୍ଠାନଗୁଡିକ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

ତାପମାତ୍ରା ନିୟନ୍ତ୍ରଣକରେ ଗୋଲାପି କବଚ

ୱାଶିଂଟନ: ପିଙ୍କ୍ ଫ୍ୟାରି ଆର୍ମାଡିଲୋ ଦେଖିବାକୁ ବହୁତ ସୁନ୍ଦର ଜୀବ। ଏହି ଜୀବର ଶରୀରରେ ଅଜବ ପ୍ରକାରର ତ୍ୱଚା ରହିଛି, ଯାହା ତାକୁ ସମସ୍ତଙ୍କଠାରୁ ଖାସ୍ ପ୍ରମାଣିତ କରୁଛି। ଏହା ଆର୍ମାଡିଲୋର ସବୁଠୁ ଛୋଟ ପ୍ରଜାତି। ଏହି ଜୀବ ପିଚିସିଏଗୋ ନାମରେ ମଧ୍ୟ ଜଣାଶୁଣା। ଆର୍ମାଡିଲୋ ମରୁଭୂମିରେ ମଧ୍ୟ ରହିପାରେ। ଜୀବର ଆକାର ଛୋଟ ହୋଇଥିବାରୁ ସେ ହାତମୁଠାରେ ମଧ୍ୟ ଜାଗା ହୋଇଯିବ। ରିପୋର୍ଟ ମୁତାବକ, ଆମେରିକା ଅଞ୍ଚଳରେ ଦେଖାଯାଉଥିବା ପିଙ୍କ୍ ଫ୍ୟାରି ଆର୍ମାଡିଲୋ ଆକାରରେ କେବଳ ୬ ଇଞ୍ଚ ଲମ୍ବା ହୋଇପାରେ। ଏମାନଙ୍କ ଓଜନ ୧୦୦ ଗ୍ରାମ ହୋଇଥାଏ। ଏହି ଜୀବ ଶରୀରରେ ଦୁଇଟି ତ୍ୱଚା ଦେଖିବାକୁ ମିଳେ, ଯାହାକୁ ସେ ସୁରକ୍ଷାକବଚ ରୂପେ ବ୍ୟବହାର କରେ। ପିଙ୍କ୍ ଫ୍ୟାରି ଆର୍ମାଡିଲୋ ବାଲି, ଘାସ, ମାଟି ଅଞ୍ଚଳରେ ରହିଥାଏ। ଅଧିକାଂଶ ସମୟ ଏମାନେ ଅଣ୍ଡରଗ୍ରାଉଣ୍ଡରେ ରୁହନ୍ତି। ମରୁଭୂମିର ବାଲି ଭିତରେ ପଶିଯାଇ ଲୁଚିପାରନ୍ତି। ବାଲିରେ ପହଁରୁଥିବା ଜୀବ ଭାବେ ମଧ୍ୟ ଏମାନେ ଜଣାଶୁଣା। ଶରୀରରେ ଥିବା ଗୋଲାପି

ରଙ୍ଗର କବଚ ସେମାନଙ୍କ ତାପମାତ୍ରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏମାନେ ସର୍ବହାରି ହୋଇଥିବାବେଳେ ପୋଷା ଜୀବ ଭାବେ ବଞ୍ଚିବା ଏମାନଙ୍କ ପାଖେ ସମ୍ଭବ ହୋଇ ନ ଥାଏ। ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଏମାନେ ବଞ୍ଚିପାରନ୍ତି।

ବିଯୁକ୍ତ ୧ ଡିଗ୍ରୀରେ ପହଁରିଲେ ସୁସ୍ମିତା

ସୁସ୍ମିତା ସେନ୍

ମୁମ୍ବାଇ: ଅଭିନେତ୍ରୀ ସୁସ୍ମିତା ସେନ୍ କିଛିଦିନ ହେବ ଆଜରବୈଜାନରେ ଛୁଟି କଟାଉଛନ୍ତି। ଏନେଇ ସେ କିଛି ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେଥିରେ ସେ ଏକ ପୁଲ୍‌ରେ ପହଁରୁଥିବାର ନଜରକୁ ଆସିଛନ୍ତି। ସୁସ୍ମିତା ଯେଉଁ ପାଣିରେ ପହଁରୁଛନ୍ତି, ସେହି ପାଣିର ତାପମାତ୍ରା ବିଯୁକ୍ତ ୧ ଡିଗ୍ରୀ। ଏ ବାବଦରେ ସେ ନିଜେ ତାଙ୍କ କ୍ୟାପ୍‌ସନରେ ଲେଖିଛନ୍ତି। ଅଭିନେତ୍ରୀ କ୍ୟାପ୍‌ସନରେ ଲେଖିଛନ୍ତି, ''ବରଫାବୃତ ପାହାଡ଼, ବିଯୁକ୍ତ ୧ ଡିଗ୍ରୀ ତାପମାତ୍ରା, ଏକ ଗରମ ଆଉଟଡୋର ପୁଲ୍ ଏବଂ ଏଥିରେ ପହଁରିବାର ଇଚ୍ଛା... ସତରେ ମଜା ଆସିଗଲା।'' ନିକଟରେ ସୁସ୍ମିତା ସେନ୍ ଅଭିନେତା ଆମିର ଖାନ୍‌ଙ୍କ ଝିଅ ଇରା ଖାନ୍‌ଙ୍କ ବିବାହ ରିସେପଶନ ପାର୍ଟିରେ ନଜରକୁ ଆସିଥିଲେ। ବଲିଉଡ୍‌ର ପ୍ରସିଦ୍ଧ ଅଭିନେତ୍ରୀଙ୍କ ମଧ୍ୟରୁ ସେ ଜଣେ। ସେ ୯୦ ଦଶକରେ ବହୁତ ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଫିଲ୍ମ ପରେ ଏବେ ସେ ଓଟିଟି ଦୁନିଆରେ ତାଙ୍କ କମାଲ ଦେଖାଉଛନ୍ତି। ୧୯୯୬ରୁ ସେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ସେ ୨୦୧୫ରେ ଏକ ବଙ୍ଗାଳି ଫିଲ୍ମ 'ନିର୍ବାକ'ରେ ନଜରକୁ ଆସିଥିଲେ। ତାଙ୍କୁ ଶେଷ ଥର ପାଇଁ ଓଟିଟି ସିରିଜ୍ 'ତାଲି'ରେ ଜଣେ ଟ୍ରାନ୍ସଜେଣ୍ଡର ଭୂମିକାରେ ଦେଖିବାକୁ ମିଳିଥିଲା।

୨୧ ଲୋକ ସଭା ଆସନ ପାଇଁ କଂଗ୍ରେସର ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୧୮।୧(ଅନିଲ ଦାସ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ରାଜ୍ୟର ସମସ୍ତ ଲୋକ ସଭା ଆସନ ପାଇଁ ୨୧ ଜଣ ଦଳୀୟ ନେତାଙ୍କୁ ସଂଯୋଜକ ଭାବେ ନିଯୁକ୍ତି ଦେଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିସ ଓ ନବନିଯୁକ୍ତ ଓଡ଼ିଶା ପ୍ରଭାରିଙ୍କ ଦ୍ୱାରା ଏହି ନେତାମାନେ ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି। ବରଗଡ଼ ପାଇଁ ଆଶୁତୋଷ ସ୍ୱାଇଁଙ୍କୁ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଅନନ୍ତ ଶୟନ ପାଢୀ ସୁନ୍ଦରଗଡ଼, ପ୍ରେମଶଙ୍କର ମିଶ୍ର ସମ୍ବଲପୁର, ବିଷ୍ଣୁ ବାରିକ କେନ୍ଦୁଝର, ମନୋରଞ୍ଜନ ରାଉତ ମୟୂରଭଞ୍ଜ, ଜାନକୀବଲ୍ଲଭ ପଟ୍ଟନାୟକ ବାଲେଶ୍ୱର, ଜିଆ ଉଲ୍ ହକ୍ ଭଦ୍ରକ, ଜିନେଶ ଦାସ ଯାଜପୁର, ବାଙ୍କନିଧି ବେହେରା ଢେଙ୍କାନାଳ, ଦିଲୀପ ନନ୍ଦ ବଲାଙ୍ଗୀର, ଦ୍ୱାରିକା ମହାପାତ୍ର କଳାହାଣ୍ଡି, ରବୀନ୍ଦ୍ର ମହାପାତ୍ର ନବରଙ୍ଗପୁର, ରାଜୀବ ପଟ୍ଟନାୟକ କନ୍ଧମାଳ, ସୁବ୍ରତ ମହାପାତ୍ର କଟକ, ଶଶିକାନ୍ତ ଲେଙ୍କା କେନ୍ଦ୍ରାପଡ଼ା, ସୁଦୀପ୍ତ କର ଜଗତ୍‌ସିଂହପୁର, ବିପ୍ଳବ ଚୌଧୁରୀ ପୁରୀ, ହଳଧର ସେଠୀ ଭୁବନେଶ୍ୱର, ଘନ ଶବର ଆସ୍କା, ଶୁଭେନ୍ଦୁ ମହାନ୍ତି ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ କ୍ଷେତ୍ର ସଂଯୋଜକ ଭାବେ ପୀତବାସ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି।

ଜାନୁୟାରୀ ୨୩ ତାରିଖରୁ ଏହି ନୂଆ ସଂଯୋଜକଙ୍କ ସମେତ ବିଧାନସଭା ମଣ୍ଡଳୀ ସଂଯୋଜକଙ୍କ ନିମନ୍ତେ କଂଗ୍ରେସ ପକ୍ଷରୁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି।

ମହାପ୍ରଭୁଙ୍କ କାମରେ ଲାଗିବ ଗୁଆ, ଅରୁଆ ଚାଉଳ

ଭୁବନେଶ୍ୱର,୧୮।୧(ଅନିଲ ଦାସ)

ବ୍ୟର୍ଥଯିବନି ଭକ୍ତଙ୍କ ଅର୍ପଣ: ସୁଆର ନିଯୋଗ

ଅର୍ପଣ ରଥରୁ ମିଳିଥିବା ଅରୁଆ ଚାଉଳ ଓ ଗୁଆ ଶ୍ରୀମନ୍ଦିର ମହାସୁଆର ନିଯୋଗ ଗ୍ରହଣକରି ମହାପ୍ରଭୁଙ୍କ କାର୍ଯ୍ୟରେ ବିନିଯୋଗ କରିବ। ମହାସୁଆର ନିଯୋଗର ସଭାପତି ପଦ୍ମନାଭ ମହାସୁଆର ଏବଂ ସମ୍ପାଦକ ନାରାୟଣ ମହାସୁଆର ଏହି ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ରାଜ୍ୟ ସରକାରଙ୍କ ଉଦ୍ୟମରେ ରାଜ୍ୟର ପ୍ରତି ପଞ୍ଚାୟତ ଓ ଗାଁ ଗାଁରେ ଅର୍ପଣ ରଥ ପହଞ୍ଚିଥିଲା। ଜଗନ୍ନାଥ ଚେତନାର ପ୍ରସାର ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁଙ୍କଠାରୁ ଭକ୍ତିର ନିଦର୍ଶନ ସ୍ୱରୂପ ସଂଗ୍ରହ କରିଥିବା ଅରୁଆ ଚାଉଳ ଓ ଗୁଆ କ'ଣ ହେବ ବୋଲି କେତେଜଣ ବ୍ୟକ୍ତି ପ୍ରଶ୍ନ ଉଠାଇଥିଲେ। ଏହା ଉପରେ ମହାସୁଆର ନିଯୋଗ କହିଛି, ଅରୁଆ ଚାଉଳ ଏବଂ ଗୁଆ ମହାପ୍ରଭୁଙ୍କ କାମରେ ଲାଗିବ। ସଂଗୃହୀତ ଚାଉଳର କିସମ ଭିନ୍ନଭିନ୍ନ ହୋଇଥିବାରୁ ଏଥିରେ ଖେଚୁଡ଼ି ଭୋଗ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବା ଲାଗି ଯୋଜନା କରାଯାଇଛି। ଶ୍ରୀଜୀଉମାନଙ୍କ ଦୈନିକ ଭୋଗଲାଗି କିଛି ଚାଉଳରେ ପିଠା ଏବଂ କିଛି ଚାଉଳରୁ ମୁରୁଜ ପ୍ରସ୍ତୁତ କରାଯିବ। ବେଳେ ମୁରୁଜ ଆବଶ୍ୟକ ହୋଇଥାଏ। ସେହିଭଳି ସଂଗୃହୀତ ଚାଉଳର କିଛି ଅଂଶ ଆଳତି ବଟା ଏବଂ ବନ୍ଦାପନା କାର୍ଯ୍ୟରେ ବ୍ୟବହୃତ ହେବ। ସଂଗୃହୀତ ଗୁଆ ଶ୍ରୀଜୀଉମାନଙ୍କ ପାଇଁ ପ୍ରସ୍ତୁତ ହେଉଥିବା ବିଡ଼ିଆପାନରେ ବ୍ୟବହାର କରାଯିବ। ଗୁଆସବୁ ହଡ଼ପ ନାଏକ ସେବାୟତଙ୍କୁ ପ୍ରଦାନ କରାଯିବ। ସଂଗୃହୀତ ଚାଉଳକୁ କୋଇଲି ବୈକୁଣ୍ଠରେ ଗଚ୍ଛିତ କରାଯିବ ବୋଲି ମହାସୁଆର ନିଯୋଗ ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁମାନେ ଯେଉଁ ଆବେଗରେ କାଳିଆ ପାଖକୁ ଅରୁଆ ଅକ୍ଷତ ଓ ଗୁଆ ପଠାଇଛନ୍ତି ସେହି ଆବେଗ ଓ ଭକ୍ତିରେ ଏସବୁ ପ୍ରଭୁଙ୍କ କାର୍ଯ୍ୟରେ ନିଯୋଜିତ ହେବ। ଚାଉଳ ଏବଂ ଗୁଆ ସଂଗ୍ରହକୁ ସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର ସ୍ୱାଗତ କରିବା ସହ ଏହା ଏକ ମହତ୍ କାର୍ଯ୍ୟ ବୋଲି କହିଛନ୍ତି।

ସବୁ ଜିଲାରେ ଯୁବ କଂଗ୍ରେସ କରିବ 'ରୋଜଗାର ଦିଅ, ନ୍ୟାୟ ଦିଅ' କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୮।୧(ଅନିଲ ଦାସ)

ପ୍ରଦେଶ ଯୁବ କଂଗ୍ରେସ ସମସ୍ତ ଜିଲାରେ 'ରୋଜଗାର ଦିଅ, ନ୍ୟାୟ ଦିଅ' କାର୍ଯ୍ୟକ୍ରମ କରିବ ବୋଲି ଗୁରୁବାର କଂଗ୍ରେସ ଭବନରେ ଅନୁଷ୍ଠିତ ନବନିର୍ବାଚିତ ପ୍ରଦେଶ ଯୁବ କଂଗ୍ରେସ କର୍ମକର୍ତ୍ତା ଓ ଜିଲା ସଭାପତିମାନଙ୍କର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମିଲିନ ଗୌତମ ମୁଖ୍ୟ ଅତିଥିଭାବେ ଯୋଗଦେଇ 'ରୋଜଗାର ଦିଅ, ନ୍ୟାୟ ଦିଅ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରତି ଜିଲାରେ ଆୟୋଜିତ କରିବାକୁ ସେ ଘୋଷଣା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଯୁବତୀଯୁବକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। କେନ୍ଦ୍ରର ମୋଦି ସରକାରରେ ୧୦ ଲକ୍ଷ ପଦବୀ ଖାଲି ପଡ଼ିଥିବା ବେଳେ ନବୀନ ସରକାରରେ ୨ ଲକ୍ଷ ୨୬ ହଜାର ପଦବୀ ଖାଲିପଡ଼ିଛି। ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ଅଭିନବ ଭଗତ 'ୟଙ୍ଗ୍ ଇଣ୍ଡିଆ କେ ବୋଲ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଦରଦାମ ବୃଦ୍ଧି, ଆଦିବାସୀ, ଦଳିତ ଓ ପଛୁଆବର୍ଗ ପ୍ରତି ସରକାରୀ ଉଦାସୀନତା ପ୍ରତିବାଦରେ ବୁଥ୍‌ସ୍ତରରୁ ଲଢ଼େଇ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ନବଜ୍ୟୋତି ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଭାରତ ସରକାର
ପୂର୍ବ ତଟ ରେଳପଥ
ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

ବିଜ୍ଞପ୍ତି

ପତ୍ର ସଂଖ୍ୟା: ୧୭୦୬ ତା. ୦୫/୦୧/୨୦୧୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ସତ୍ୟବନ୍ଧ, ଥାନା-ଖମାର, ଥାନା ନମ୍ବର-୭୨ ରୁ ଏକର ୦.୨୨୦ ପରିମିତ ପ୍ରଜା ଭୂମି ଆବଶ୍ୟକ ଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା, ରୟତ ଏବଂ ତଦ୍‌ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ-୭୫୯୧୨୩

ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର
ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.୭୨, ତହସିଲ: ପାଲହଡ଼ା, ମୌଜା: ସତ୍ୟବନ୍ଧ

କ୍ର. ନମ୍ବର	ଖାତା ନମ୍ବର	ପ୍ଲଟ ନମ୍ବର	କିସମ	ପ୍ଲଟ ନାମ, ବାସସ୍ଥାନ ଓ ଠିକଣା	ପ୍ଲଟ ମୋଟ ରକବା (ଏକରରେ)	ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ)	ମନ୍ତବ୍ୟ
୧	୮୯/୮	୧୦୧/୧୦୧୫	ଜଳାଶୟ-୩	ହାଡ଼ି ଦାସ, ପି.ପୀତବାସ ଦାସ ଜା. ଭାଟ, ବା. ଜେନାପଡା	୦.୭୨୦	୦.୨୨୦	
				ମୋଟ		୦.୨୨୦	

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨),
ପୂର୍ବ ତଟ ରେଳପଥ, ଅନୁଗୁଳ

PR-109/CG/23-24

ଝାରଖଣ୍ଡ ସରକାର, ଗ୍ରାମୀଣ କାର୍ଯ୍ୟ ବିଭାଗ
କାର୍ଯ୍ୟପାଳକ ଅଭିୟଂତା କା କାର୍ଯାଳୟ
ଗ୍ରାମୀଣ କାର୍ଯ୍ୟ ବିଭାଗ, କାର୍ଯ୍ୟ ପ୍ରମଣ୍ଡଳ, ଜମଶେଦପୁର

ଈ-ଅତି ଅଲ୍ପକାଳୀନ ପୁନର୍ନିବିଦା ଆମନ୍ତ୍ରଣ ସୂଚନା

ଈ–ଅତି ଅଲ୍ପକାଳୀନ ପୁନର୍ନିବିଦା ସଂଖ୍ୟା:- RWD/EE/JSR/STPKG/01/RIV/2023-24 ଦିନାଂକ :- 17.01.2024

କାର୍ଯ୍ୟପାଳକ ଅଭିୟଂତା, ଗ୍ରାମୀଣ କାର୍ଯ୍ୟ ବିଭାଗ, କାର୍ଯ୍ୟ ପ୍ରମଣ୍ଡଳ, ଜମଶେଦପୁର ଦ୍ୱାରା ନିମ୍ନ ବିବରଣ କେ ଅନୁସାର e-procurement ପଦ୍ଧତି ସେ ନିବିଦା ଆମଂତ୍ରିତ କୀ ଜାତୀ ହୈ।

କ୍ର. ସଂ.	ଆଇଡେନ୍ଟିଫିକେଶନ ସଂଖ୍ୟା / ପୈକେଜ ସଂଖ୍ୟା	କାର୍ଯ୍ୟ କା ନାମ	ପ୍ରାକଳିତ ରାଶି (ରୂପୟେ ମେ) ଅଂକ ମେ	ଅକ୍ଷର ମେ	କାର୍ଯ୍ୟ ସମାପ୍ତି କୀ ଅବଧି	ଟେଣ୍ଡର କଲ ସଂ0
1.	RWD/EE/JSR/STPKG/01/2023-24	ଦେବକୀ ଚୌକ ସେ ଧିରୋଲ ତକ ପଥ କା ବିଶେଷ ମରମ୍ମତି କାର୍ଯ୍ୟ। (ଲଂ–4.000 କି0ମୀ0)	1,26,68,500.00	ଏକ କରୋଡ଼ ଛବ୍ବିଶ ଲାଖ ଅଡ଼ସଠ ହଜାର ପାଁଚ ସୌ ରୁ0 ମାତ୍ର	9 ମାହ	ପଂଚମ
		ଗୋବିନ୍ଦପୁର ଜାଦୁଗୋଡ଼ା ରୋଡ ସେ କୁଲଡୀହା ତକ ପଥ କା ବିଶେଷ ମରମ୍ମତି କାର୍ଯ୍ୟ। (ଲଂ–1.450 କି0ମୀ0)	79,30,500.00	ଉନାସୀ ଲାଖ ତୀସ ହଜାର ପାଁଚ ସୌ ରୁ0 ମାତ୍ର		
		ପୋରାଡୀହ ବାରମପୁଟ ଘାଟ (ଧୁସୁରଡିପା) ସେ ତଲସାଇ ପୀ.ସୀ.ସୀ. ରୋଡ ଭାୟା ନବାଗାଁଓ ପୋଡ଼ା ଭାଲକୀ ତକ ପଥ କା ବିଶେଷ ମରମ୍ମତି କାର୍ଯ୍ୟ। (ଲଂ–1.720 କି0ମୀ0)	1,16,44,800.00	ଏକ କରୋଡ଼ ସୋଳହ ଲାଖ ଚୌବାଳୀସ ହଜାର ଆଠ ସୌ ରୁ0 ମାତ୍ର		
		ନାରଦା ବଲିୟା ମାଁଝୀ କେ ଘର ସେ ରୀଚୁ ହାଂସଦା କାଶିୟାବେଡ଼ା ତକ ପଥ କା ବିଶେଷ ମରମ୍ମତି କାର୍ଯ୍ୟ। (ଲଂ–1.520 କି0ମୀ0)	1,18,85,000.00	ଏକ କରୋଡ଼ ଅଠାରହ ଲାଖ ପଚାସୀ ହଜାର ରୁ0 ମାତ୍ର		
		T07 ସେ ସିଲିଂଗ ତକ ପଥ କା ବିଶେଷ ମରମ୍ମତି କାର୍ଯ୍ୟ। (ଲଂ–5.700 କି0ମୀ0)	2,77,54,500.00	ଦୋ କରୋଡ଼ ସତହତର ଲାଖ ଚୌବନ ହଜାର ପାଁଚ ସୌ ରୁ0 ମାତ୍ର		
		ପୋଟକା ପ୍ରଖଣ୍ଡ ଅନ୍ତର୍ଗତ ଉଲନସାଇ L054 PMGSY Road ସେ ବାରେଟୋଲା ତକ ପଥ କା ବିଶେଷ ମରମ୍ମତି କାର୍ଯ୍ୟ। (ଲଂ–1.270 କି0ମୀ0)	82,73,000.00	ବିରାସୀ ଲାଖ ତିହତର ହଜାର ରୁ0 ମାତ୍ର		
		ଆର.ଈ.ଓ. ରୋଡ ସେ ମାନିକପୁର ତକ ପଥ କା ବିଶେଷ ମରମ୍ମତି କାର୍ଯ୍ୟ। (ଲଂ–2.150 କି0ମୀ0)	1,31,47,500.00	ଏକ କରୋଡ଼ ଏକତୀସ ଲାଖ ସୈଁତାଲୀସ ହଜାର ପାଁଚ ସୌ ରୁ0 ମାତ୍ର		
		ଜାୟାଡୀହ ସେ ବନକାଟୀ ତକ ପଥ କା ବିଶେଷ ମରମ୍ମତି କାର୍ଯ୍ୟ। (ଲଂ–2.600 କି0ମୀ0)	1,55,53,500.00	ଏକ କରୋଡ଼ ପଚପନ ଲାଖ ତିରପନ ହଜାର ପାଁଚ ସୌ ରୁ0 ମାତ୍ର		
		କୁଲ	**10,88,57,300.00**	ଦସ କରୋଡ଼ ଅଠ୍‌ତାସୀ ଲାଖ ସନ୍ତାବନ ହଜାର ତୀନ ସୌ ରୁ0 ମାତ୍ର		

2. ବେବସାଇଟ ମେଁ ନିବିଦା ପ୍ରକାଶନ କୀ ତିଥିଃ– 19.01.2024।
3. ଈ–ନିବିଦା ପ୍ରାପ୍ତି କୀ ଅଂତିମ ତିଥି ଏବଂ ସମୟଃ– 26.01.2024 ଅପରାହ୍ନ 5.00 ବଜେ ତକ।
4. ନିବିଦା ଶୁଲ୍କ ଏ

ସଂକ୍ଷେପରେ

ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ହରଣ ଜଣାନାହିଁ

ନୂଆଦିଲ୍ଲୀ,୧୮।୧: ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ (ଏଏସ୍ଇଆର୍) ବୁଧବାର ପ୍ରକାଶ ପାଇଛି, ଯେଉଁଥିରେ ଭାରତରେ ଛାତ୍ରୀଛାତ୍ରଙ୍କ ଗାଣିତିକ ଦକ୍ଷତା ଓ ପଠନ ସାମର୍ଥ୍ୟକୁ ନେଇ ପ୍ରଶ୍ନ ଉଠିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଗ୍ରାମାଞ୍ଚଳରେ ପଢୁଥିବା ୧୪ରୁ ୧୮ ବର୍ଷ ବୟସର ଅର୍ଦ୍ଧାଧିକ ପିଲା ୩ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ହରଣ କରିପାରୁ ନାହାନ୍ତି, ଯାହାକି ତୃତୀୟ ଶ୍ରେଣୀରେ ପଢ଼ାଯାଇଥାଏ। ସେହିପରି ୧୪ରୁ ୧୮ ବର୍ଷ ବୟସର ୨୬ ପ୍ରତିଶତରୁ ଅଧିକ ଗ୍ରାମାଞ୍ଚଳ ପିଲା ଆଞ୍ଚଳିକ ଭାଷାରେ ଲିଖିତ ଦ୍ୱିତୀୟ ଶ୍ରେଣୀ ପାଠ୍ୟପୁସ୍ତକ ମଧ୍ୟ ପଢ଼ିପାରୁ ନାହାନ୍ତି। ସେହିପରି ୪୨.୭ ପ୍ରତିଶତ ଇଂଲିଶ ପଢ଼ିପାରୁ ନ ଥିବା ଜଣାଯାଇଛି। ଦୈନନ୍ଦିନ ଜୀବନରେ ମୌଳିକ ହିସାବ କିତାବ ପାଇଁ ଆବଶ୍ୟକ ଗାଣିତିକ ଦକ୍ଷତା ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ପିଲାଙ୍କଠାରେ ନ ଥିବା ରିପୋର୍ଟରେ କୁହାଯାଇଛି।

ଗୁଜରାଟରେ ଡଙ୍ଗା ବୁଡ଼ି ୧୬ ମୃତ

ବଡ଼ୋଦରା,୧୮।୧: ଗୁଜରାଟର ବଡ଼ୋଦରା ଜିଲା ଅନ୍ତର୍ଗତ ହାରନି ହ୍ରଦରେ ଗୁରୁବାର ଅପରାହ୍ନରେ ଏକ ଡଙ୍ଗା ଓଲଟିପଡ଼ି ବୁଡ଼ିଯିବାରୁ ୧୪ ଛାତ୍ରୀଛାତ୍ର ଓ ୨ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ୧୦ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ସାମିଲ ହୋଇଥିଲେ। ସେମାନଙ୍କ ପୂର୍ବରୁ ସ୍ଥାନୀୟ ଲୋକେ ମଧ୍ୟ କେତେଜଣ ପିଲାଙ୍କୁ ଉଦ୍ଧାର କରିଥିଲେ। ଏକ ଘରୋଇ ସ୍କୁଲ୍‌ର ୨୭ ଜଣ ଛାତ୍ରୀଛାତ୍ର ବଣଭୋଜି କରିବାକୁ ଡଙ୍ଗାରେ ଯାଇଥିଲେ। ସେମାନଙ୍କ ମଧ୍ୟରୁ କେହି ଲାଇଫ୍ ଜାକେଟ ପିନ୍ଧି ନ ଥିଲେ।

କୋଚିଂ କ୍ଲାସ୍‌ରେ ଛାତ୍ରଙ୍କ ମୃତ୍ୟୁ

ଇନ୍ଦୋର,୧୮।୧: ମଧ୍ୟପ୍ରଦେଶର ଇନ୍ଦୋରରେ ବୁଧବାର ସନ୍ଧ୍ୟାରେ ଏକ କୋଚିଂ କ୍ଲାସ୍ ଚାଲିଥିବାବେଳେ ଜଣେ ୧୮ ବର୍ଷୀୟ କଲେଜ ଛାତ୍ର ହୃଦ୍‌ଘାତରେ ଢଳିପଡ଼ି ପ୍ରାଣ ହରାଇଛନ୍ତି। ଇନ୍ଦୋର ଭନଓ୍ୱରକୁଆଁ ଅଞ୍ଚଳର ମାଧବ ମଧ୍ୟପ୍ରଦେଶ ଜନସେବା ଆୟୋଗ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ନେଉଥିଲେ। ଶ୍ରେଣୀଗୃହରେ ବସିଥିବାବେଳେ ସେ ଛାତିରେ ଯନ୍ତ୍ରଣା ହେବାରୁ ଡେସ୍କରେ ହାମୁଡ଼େଇ ରହିଥିବା ଦେଖି ତାଙ୍କ ପାଖ ପିଲା ଉଠାଇବାକୁ ଚେଷ୍ଟା କରିଥିଲେ। ସେ ନ ଉଠିବାରୁ ସହପାଠୀ ଜଣଙ୍କ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର କିଛି ସମୟ ପରେ ମାଧବ ତଳେ ପଡ଼ିଯାଇଥିଲେ। ଏହି ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସଙ୍ଗେ ସଙ୍ଗେ ମାଧବଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା।

ସାଧାରଣତନ୍ତ୍ର ଦିବସ ପରେଡ୍‌କୁ ୧,୫୦୦ ଚାଷୀ ଆମନ୍ତ୍ରିତ

ନୂଆଦିଲ୍ଲୀ,୧୮।୧(ପି.ଟି.): ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସ ପରେଡକୁ ପ୍ରଥମ ଥର ନିମନ୍ତେ ଚାଷୀ ଦମ୍ପତିଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ଆମନ୍ତ୍ରଣ କରାଯାଇଛି। ପ୍ରାୟ ୧,୫୦୦ କୃଷକ ଓ ସେମାନଙ୍କ ସ୍ତ୍ରୀ ଉତ୍ସବରେ ଯୋଗଦେବେ ବୋଲି କୃଷି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କୃଷି ଉତ୍ପାଦନ ସଂଗଠନ(ଏଫ୍‌ପିଓ)ର ପ୍ରତିନିଧିତ୍ୱ କରୁଥିବା କୃଷକ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ର ହିତାଧିକାରୀ ଏବଂ କ୍ଷୁଦ୍ର ଜଳସେଚନ ଯୋଜନାର ହିତାଧିକାରୀଙ୍କୁ ଆମନ୍ତ୍ରଣ କରାଯାଇଛି। ପରେଡ୍ ପରେ କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା ନିମନ୍ତ୍ରିତ କୃଷକ ଦମ୍ପତିମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ଆୟୋଜନ କରିବେ।

ଇସ୍ରାଏଲ୍ ଆକ୍ରମଣରେ ୧୬ ପାଲେଷ୍ଟିନୀୟ ନିହତ

ରାଫାହ,୧୮।୧: ଦକ୍ଷିଣ ଗାଜାର ରାଫାହ ସହରରେ ଥିବା ଏକ ଘର ଉପରେ ଇସ୍ରାଏଲୀ ସେନା ଗୁରୁବାର ଆକାଶମାର୍ଗରୁ ଆକ୍ରମଣ କରିଛି। ଏଥିରେ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ଅଞ୍ଚଳରେ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ହମାସ ବିରୋଧରେ ଇସ୍ରାଏଲ୍‌ରୁ ଆକ୍ରମଣ ୧୦୦ ଦିନ ଟପିଥିବାବେଳେ ୨୪,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ଜୀବନ ଗଲାଣି। ୨୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଗାଜାରୁ ୮୫ ପ୍ରତିଶତ ଘରବାର ଛାଡ଼ି ପଳାଇଗଲେଣି। ୨୦୦୭ରୁ ସେଠାରେ ଶାସନ କ୍ଷମତାରେ ଥିବା ହମାସ୍ ଆତଙ୍କବାଦୀଙ୍କୁ ସମ୍ପୂର୍ଣ୍ଣ ନିପାତ କରିବା ଜିଦ୍‌ରେ ଇସ୍ରାଏଲ୍ ଅଟଳ ରହିଛି।

ସାଧାରଣତନ୍ତ୍ର ଦିବସ ଧ୍ୱଜାବତରଣ ଉତ୍ସବ ପାଇଁ ଗୁରୁବାର ନୂଆଦିଲ୍ଲୀର ବିଜୟଚୌକଠାରେ ପ୍ରତିରକ୍ଷା ବାହିନୀ ସଦସ୍ୟମାନେ ରିହର୍ସାଲରେ ଭାଗ ନେଇଛନ୍ତି।(ଫଟୋ: ଚମନ ଗୌତମ)

ଆତ୍ମସମର୍ପଣ ପାଇଁ ସମୟ ମାଗିଲେ ୫ ଦୋଷୀ

ନୂଆଦିଲ୍ଲୀ,୧୮।୧

ବିଲ୍‌କିସ୍ ମାମଲା

ବିଲ୍‌କିସ୍ ବାନୋ

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାର ୫ ଦୋଷୀ ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆତ୍ମସମର୍ପଣ ଲାଗି ଅଧିକ ସମୟ ମାଗିଛନ୍ତି। ବୁଧବାର ଦୋଷୀ ଗୋବିନ୍ଦଭାଇ ନାଇ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ ନିମନ୍ତେ ୪ ସପ୍ତାହ ସମୟ ବଢ଼ାଇବାକୁ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ। ଗୁରୁବାର ପ୍ରଦୀପ ମୋର୍ଧିୟା, ବିପିନ ଚନ୍ଦ୍ର ଜୋଷୀ, ରମେଶ ଚନ୍ଦନ ଏବଂ ମିତେଶ ଭଟ୍ଟ ଅନୁରୂପ ନିବେଦନ କରିଛନ୍ତି। ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ ଅପରାଧୀଙ୍କୁ କ୍ଷମା ପ୍ରଦାନ କରି ଗୁଜରାଟ ସରକାର ସେମାନଙ୍କୁ ୨୦୨୨ ଅଗଷ୍ଟ ୧୫ରେ ମୁକ୍ତ କରିଦେଇଥିଲେ। ଗତ ୮ ତାରିଖରେ ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ଖାରଜ କରିଦେବା ସହ ଅପରାଧୀମାନଙ୍କୁ ୨ ସପ୍ତାହ ମଧ୍ୟରେ ଜେଲ୍ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଇରାନରେ ପାକିସ୍ତାନର ଜବାବୀ ଷ୍ଟ୍ରାଇକ୍

ଇସ୍‌ଲାମାବାଦ/ତେହରାନ,୧୮।୧

ବେଲୁଚ୍ ଆତଙ୍କବାଦୀ ଗୋଷ୍ଠୀକୁ ଟାର୍ଗେଟ

- ଡ୍ରୋନ୍, ମିଶାଇଲ୍ ମାଡ଼ରେ ୯ ମୃତ
- ସ୍ପଷ୍ଟୀକରଣ ମାଗିଲା ତେହରାନ

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶସ୍ଥିତ ଆତଙ୍କବାଦୀ ସଙ୍ଗଠନ ଜୈଶ୍ ଅଲ୍-ଅଦଲର ୨ଟି ଶିବିରରେ ମଙ୍ଗଳବାର ଇରାନ ଆକ୍ରମଣ କରିବା ଫଳରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଯେସାକୁ ତେସା ନୀତିରେ ପାକିସ୍ତାନ ଗୁରୁବାର ଭୋର ସମୟରେ ଇରାନରେ ସକ୍ରିୟ ଥିବା ବେଲୁଚ୍ ବିଚ୍ଛିନ୍ନତାବାଦୀ ଗୋଷ୍ଠୀକୁ ଟାର୍ଗେଟ୍ କରି ପାଲଟା ଆକ୍ରମଣ କରିଛି। ଇସ୍‌ଲାମାବାଦର ଏୟାରଷ୍ଟ୍ରାଇକ୍ ଫଳରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ଇରାନର ସିଏସ୍ତାନ-ଓ-ବେଲୁଚିସ୍ତାନ ପ୍ରଦେଶରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଟାର୍ଗେଟ କରି ପାକ୍ ସେନା ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସିଏସ୍ତାନ-ଓ-ବେଲୁଚିସ୍ତାନ ପ୍ରଦେଶର ସୀମାନ୍ତ ଗ୍ରାମ ଉପରେ ପାକସ୍ତାନର ଏକାଧିକ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଗୋଟିଏ ବିସ୍ଫୋରଣରେ ୪ ପିଲା ଓ ୩ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣେ ସ୍ଥାନୀୟ ସୁରକ୍ଷା ଅଧିକାରୀ କହିଛନ୍ତି।

ପାକିସ୍ତାନର ଜବାବୀ ମିଶାଇଲ୍ ଆକ୍ରମଣକୁ ନେଇ ତେହରାନ୍ ସ୍ପଷ୍ଟୀକରଣ ମାଗିଛି। ତେହରାନରେ ଥିବା ପାକିସ୍ତାନର ସର୍ବବରିଷ୍ଠ କୂଟନୀତିଜ୍ଞଙ୍କୁ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ସମନ ଜାରି କରି ସ୍ପଷ୍ଟୀକରଣ ମାଗିଥିବା ଏହାର ମୁଖପାତ୍ର କହିଛନ୍ତି। ଇସ୍‌ଲାମାବାଦରେ ଅବସ୍ଥାପିତ ଇରାନୀୟ ରାଷ୍ଟ୍ରଦୂତଙ୍କୁ ବୁଧବାର ପାକିସ୍ତାନ ବହିଷ୍କାର କରିବା ସହ ତେହରାନ୍‌ରେ ଥିବା ନିଜ ଶୀର୍ଷ କୂଟନୀତିଜ୍ଞଙ୍କୁ ଫେରାଇ ଆଣିଥିଲା। ଆକ୍ରମଣ ଯୋଗୁ ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ଅନୱାର-ଉଲ୍-ହକ୍ କକର ଡାଭୋସ୍‌ରେ ହେଉଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ଗସ୍ତକୁ କାଟଛାଣ୍ଟ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

ଦୁଇ ବେଲୁଚ୍ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ବେଲୁଚିସ୍ତାନ ଲିବରେଶନ ଫ୍ରଣ୍ଟ ଏବଂ ବେଲୁଚିସ୍ତାନ ଲିବରେଶନ ଆର୍ମିର ଅଧିକୃତ ଅଞ୍ଚଳକୁ ଟାର୍ଗେଟ କରି ପାକିସ୍ତାନ ଏୟାରଷ୍ଟ୍ରାଇକ୍ କରିଛି। ଇରାନରେ ଉକ୍ତ ଆତଙ୍କବାଦୀ ସଂଗଠନଗୁଡ଼ିକର ସୁରକ୍ଷିତ ଭୂସ୍ୱର୍ଗକୁ ନେଇ ପାକିସ୍ତାନ ଦୀର୍ଘଦିନ ହେଲା ଚିନ୍ତା ପ୍ରକଟ କରିଆସୁଥିଲା। ସେମାନେ ମୂଳତଃ ପାକିସ୍ତାନୀ ଆତଙ୍କବାଦୀ ଏବଂ ସର୍ମାଚାର ଭାବେ ନିଜକୁ ପରିଚିତ କରାଇଥାନ୍ତି। ସେମାନଙ୍କ ଉପସ୍ଥିତି ସମ୍ପର୍କରେ ଇସ୍‌ଲାମାବାଦ ବାରମ୍ବାର ଇରାନକୁ ତଥ୍ୟ ପ୍ରମାଣ ଯୋଗାଇବା ସହ ପାକିସ୍ତାନୀ ନାଗରିକଙ୍କ ଉପରେ କ୍ରମାଗତ ଆକ୍ରମଣ ଜାରି ରଖିଥିଲେ। ଗୋଇନ୍ଦା ତଥ୍ୟ ଆଧାରରେ ଗୁରୁବାର ସକାଳେ ପାକ୍ ଟାର୍ଗେଟେଡ୍ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଏକ ବିବୃତିରେ କହିଛି।

ପାକିସ୍ତାନ ଭିତରେ ଇରାନର ଉଦ୍‌ବେଗ ପ୍ରକାଶ କରିଆସୁଥିଲେ ମଧ୍ୟ, ତେହରାନ୍ କୌଣସି ପଦକ୍ଷେପ ନେଉ ନ ଥିଲା। ସେଠାରୁ ଆତଙ୍କବାଦୀମାନେ ପାକିସ୍ତାନୀ ନାଗରିକଙ୍କ ଉପରେ କ୍ରମାଗତ ଆକ୍ରମଣ ଜାରି ରଖିଥିଲେ। ଗୋଇନ୍ଦା ତଥ୍ୟ ଆଧାରରେ ଗୁରୁବାର ସକାଳେ ପାକ୍ ଟାର୍ଗେଟେଡ୍ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଏକ ବିବୃତିରେ କହିଛି।

ପାକିସ୍ତାନ ଭିତରେ ଇରାନର ଏୟାରଷ୍ଟ୍ରାଇକ୍ ଓ ଏହାର ଗୋଟିଏ ଦିନ ପରେ ଇସ୍‌ଲାମାବାଦ ପ୍ରତି ଆକ୍ରମଣ କରିବା ଘଟଣାକୁ ନେଇ ଅନ୍ତର୍ଜାତୀୟ ସମ୍ପର୍କ ବିଶେଷଜ୍ଞ ତଥା ପୂର୍ବତନ କୂଟନୀତିଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ପାକିସ୍ତାନର ପୂର୍ବତନ ବହିର୍ବ୍ୟାପାର ସଚିବ ଐଜଜ ଅହମଦ ଚୌଧରୀ କହିଛନ୍ତି, ଇସ୍‌ଲାମାବାଦ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଛି। ଆମେ ଆକ୍ରମଣ କରିବାକୁ ଚାହୁଁନାହୁଁ, କିନ୍ତୁ କରିପାରିବୁ, ଏହା ପାକିସ୍ତାନ ପ୍ରମାଣ କରିଦେଇଥିବା ସେ କହିଛନ୍ତି। ପାକିସ୍ତାନ ଓ ଇରାନର ସର୍ବୋଚ୍ଚ କର୍ତ୍ତୃପକ୍ଷ ଦ୍ୱିପାକ୍ଷିକ ଯୋଗାଯୋଗ ଏବଂ ଚାଇନା ସହାୟତାରେ ଆଲୋଚନା କରି ସମସ୍ୟାର ସମାଧାନ କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି। ଘଟଣାର କୂଟନୈତିକ ସମାଧାନ ହେବା ଆବଶ୍ୟକ ବୋଲି ଭାରତରେ ପାକିସ୍ତାନର ପୂର୍ବତନ ଉଚ୍ଚାୟୁକ୍ତ ଥିବା ଅବଦୁଲ ବସିତ୍ କହିଛନ୍ତି। ପାକିସ୍ତାନ ଇରାନ୍‌କୁ ଭାରତ ସହ ସମାନ ବର୍ଗରେ ସାମିଲ କରିପାରିବ ନାହିଁ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଓ ଇରାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ଅତ୍ୟନ୍ତ ବିପଜ୍ଜନକ ଓ ଅପ୍ରତ୍ୟାଶିତ ସ୍ଥିତି ସୃଷ୍ଟି କରିବ ବୋଲି ରାଜନୈତିକ ବିଶ୍ଳେଷକ ମୋଶାରଫ୍ ଜାଇଦି ସତର୍କ କରାଇଛନ୍ତି। ଇରାନ ଭାରତ ସହ ମିଶି ପାକିସ୍ତାନର ସୁରକ୍ଷାକୁ ଅଣଦେଖା କରିବାକୁ ଉଦ୍ୟମ କରୁଛି, ଯାହା ସବୁଠୁ ଖରାପ ବୋଲି ଜାଇଦି ଏକ୍ସ'ରେ ପୋଷ୍ଟ କରିଛନ୍ତି।

୯ ଭାରତୀୟ ଥିବା ଜାହାଜକୁ ଡ୍ରୋନ୍ ଆକ୍ରମଣ

ସୁରକ୍ଷା ଯୋଗାଇଲା ଭାରତୀୟ ନୌସେନା

ନୂଆଦିଲ୍ଲୀ,୧୮।୧

ଆଡେନ୍ ଉପସାଗରରେ ଏକ ପଣ୍ୟବାହୀ ଜାହାଜ ଉପରେ ଆଉ ଏକ ଡ୍ରୋନ୍ ଆକ୍ରମଣ ହୋଇଛି। ୯ ଭାରତୀୟଙ୍କ ସମେତ ୨୨ ନାବିକ ଥିବା ମାର୍ଶାଲ ଦ୍ୱୀପର ଉକ୍ତ ଜାହାଜ ଉପରେ ବୁଧବାର ରାତିରେ ଡ୍ରୋନ୍ ମାଡ଼ ହୋଇଥିଲା। ଭାରତୀୟ ନୌସେନା ଜାହାଜ ତୁରନ୍ତ ଆକ୍ରମଣର ଜବାବ ଦେଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ଏମ୍‌ଭି ଗେନ୍‌କୋ ପିକାର୍ଡି ଜାହାଜ ବିପଦରେ ପଡ଼ିଥିବା ଖବର ପାଇବା ମାତ୍ରେ ଜଳଦସ୍ୟୁ ଆକ୍ରମଣକୁ ପ୍ରତିହତ କରିବା ଲାଗି ଆଡେନ୍ ଉପସାଗରରେ ନିୟୋଜିତ ଭାରତୀୟ ନୌସେନା ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିଶାଖାପାଟଣା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜାହାଜର କୌଣସି କର୍ମଚାରୀ କ୍ଷତିଗ୍ରସ୍ତ ହୋଇ ନ ଥିବାବେଳେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରାଯାଇଛି। ଆଡେନ୍ ବନ୍ଦରର ଦକ୍ଷିଣରେ ୬୦ ନଟିକାଲ ମାଇଲ୍ ଦୂରରେ ଏହି ଆକ୍ରମଣ ହୋଇଥିଲା।

ଆଡେନ୍ ଉପସାଗରରେ ନିୟୋଜିତ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ବିଶାଖାପଟନମ୍।

ଆଡେନ ଉପସାଗରରେ ମାଲ୍‌ବାହୀ ଜାହାଜଗୁଡ଼ିକୁ କ୍ରମାଗତ ଭାବେ ହୋଉଥିବା ବିଦ୍ରୋହୀ ଟାର୍ଗେଟ କରିଆସୁଛନ୍ତି। ଗତ ୫ ତାରିଖରେ ଲାଇବେରିଆର ଏକ କାର୍ଗୋ ଜାହାଜ ଏମ୍‌ଭି ଲିଲା ନର୍‌ଫକ୍‌କୁ ସଶସ୍ତ୍ର ଜଳଦସ୍ୟୁମାନେ ସୋମାଲିଆ ଉପକୂଳରୁ ଅପହରଣ କରିନେଇଥିଲେ। ସେଥିରେ ୧୫ ଭାରତୀୟଙ୍କ ସମେତ ୨୧ ଜଣ ନାବିକ ଥିଲେ। ଏମ୍‌ଭି ରୁଏନ୍ ଏବଂ ଏମ୍‌ଭି ଚେମ୍ ପ୍ଲୁଟୋ ମଧ୍ୟ ଆରବ ସାଗରରେ ଡ୍ରୋନ୍ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ତେଲ, ସାରଠାରୁ ଆରମ୍ଭକରି ଭାରତର ଅଧିକାଂଶ ଆମଦାନୀ ରପ୍ତାନି ଆଡେନ୍ ଉପସାଗର ଦେଇ ହୋଇଥାଏ। ଅଧିକାଂଶ ବିଦେଶୀ ଜାହାଜରେ ଭାରତୀୟ ନାବିକମାନେ ଅଧିକ ସଂଖ୍ୟାରେ ରହିଥାନ୍ତି। କ୍ରମାଗତ ଆକ୍ରମଣ ଯୋଗୁ ବାଣିଜ୍ୟ କାରବାରରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି।

ମହୁଆଙ୍କ ପିଟିଶନ ଖାରଜ

ବଙ୍ଗଳା ଖାଲିକରିବା ନୋଟିସକୁ ଚ୍ୟାଲେଞ୍ଜ କରିଥିଲେ

ନୂଆଦିଲ୍ଲୀ,୧୮।୧

ମହୁଆ ମୋଇତ୍ର

ତୃଣମୂଳ କଂଗ୍ରେସର ପୂର୍ବତନ ଏମ୍‌ପି ମହୁଆ ମୋଇତ୍ରଙ୍କୁ ସରକାରୀ ବଙ୍ଗଳା ଖାଲି କରିବା ପାଇଁ ନୋଟିସ ପଠାଯାଇଥିବାବେଳେ ସେ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଉକ୍ତ ରାୟକୁ ଖାରଜ କରିଦେଇଛନ୍ତି। ମହୁଆ ଏମ୍‌ପି ପଦରୁ ବହିଷ୍କୃତ ହୋଇଥିବାରୁ ସରକାରୀ ବଙ୍ଗଳାରେ ରହିବାର ଅଧିକାର ତାଙ୍କର ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ଲୋକ ସଭାରେ ପ୍ରଶ୍ନ ପଚାରିବାକୁ ମହୁଆ ଲାଞ୍ଚ ନେଇଥିବା ପ୍ରମାଣିତ ହେବା ପରେ ତାଙ୍କ ସଭ୍ୟପଦ ରଦ୍ଦ ହୋଇଥିଲା। ସରକାରୀ ବଙ୍ଗଳା ଛାଡ଼ିବା ପାଇଁ ନୋଟିସ ସତ୍ତ୍ୱେ ସେ ଘର ଖାଲି କରୁନାହାନ୍ତି। ମହୁଆ ଗୁରୁତର ଅସୁସ୍ଥ ଅବସ୍ଥାରେ ହସ୍ପିଟାଲ ଆଇସିୟୁରେ ରହିଥିବାରୁ ତାଙ୍କୁ ବଙ୍ଗଳାରୁ ବାହାର ନ କରିବା ପାଇଁ ଓକିଲ ବ୍ରିଜ୍ ଗୁପ୍ତା ହାଇକୋର୍ଟଙ୍କୁ ନିବେଦନ କରିଥିଲେ ମଧ୍ୟ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ।

ନୀଳଗିରିରେ ୧ ଡିଗ୍ରୀ ତାପମାତ୍ରା

ନୀଳଗିରି,୧୮।୧

ସାଧାରଣତଃ ଉତ୍ତର ଭାରତରେ ପ୍ରବଳ ଶୀତ ହେବା ସହ ତାପମାତ୍ରା ବେଳେବେଳେ ଶୂନ ଡିଗ୍ରୀ ତଳକୁ ଖସିଯାଇଥାଏ। ତାମିଲନାଡୁରେ ଜାନୁୟାରୀ ମାସରେ ତାପମାତ୍ରା ଶୂନ ଡିଗ୍ରୀ ପାଖାପାଖି ହେବା ପ୍ରଥମ ଘଟଣା। ତାମିଲନାଡୁର ପାହାଡ଼ିଆ ଜିଲା ନୀଳଗିରିରେ ପ୍ରବଳ ଶୀତ ସାଙ୍ଗକୁ ତାପମାତ୍ରା ୧ ଡିଗ୍ରୀ ସେଲ୍‌ସିୟସ୍‌କୁ ହ୍ରାସ ପାଇଛି। ସରକାରୀ ତଥ୍ୟ ଅନୁଯାୟୀ ଉଧଗାମଣ୍ଡଳମର କଛାଳ ଏବଂ ଥାଲାଇକୁଣ୍ଡାରେ ତାପମାତ୍ରା ୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ବୋଟାନିକାଲ ଗାର୍ଡେନରେ ତାପମାତ୍ରା ୨ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସାଣ୍ଟ୍ୟାନାଲାରେ ୩ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ସାଧାରଣତଃ ନଭେମ୍ବର-ଡିସେମ୍ବରରେ ତାମିଲନାଡୁରେ ଅଧିକ ଶୀତ ହୋଇଥାଏ। ଅସମୟରେ ଅତ୍ୟଧିକ ଥଣ୍ଡାକୁ ନେଇ ସ୍ଥାନୀୟ ଲୋକେ ଓ ପରିବେଶ କର୍ମୀମାନେ ଚିନ୍ତା ପ୍ରକଟ କରିଛନ୍ତି। ବୈଶ୍ୱିକ ଉତ୍ତାପୀକରଣ ଏବଂ ଏଲ୍-ନିନୋ ପ୍ରଭାବରୁ ଏଭଳି ପରିବର୍ତ୍ତନ ହେଉଥିବା ନୀଳଗିରି ପରିବେଶ ସମାଜ ଟ୍ରଷ୍ଟ (ଏନ୍‌ଇଏସ୍‌ଟି)ର ଭି. ଶିବଦାସ କହିଛନ୍ତି।

ମନ୍ଦିରରେ ସ୍ଥାପନହେଲା ରାମଲାଲାଙ୍କ ମୂର୍ତ୍ତି

ଅଯୋଧ୍ୟା,୧୮।୧

ଅଯୋଧ୍ୟା ରାମମନ୍

୧୩.୪୦ଲକ୍ଷରେ ଜାଲ୍ ନିଯୁକ୍ତିପତ୍ର ଡିଲ୍

ବଲାଙ୍ଗୀର,୧୮।୧(ବୀରେନ୍ଦ୍ର କୁମାର ଝାଙ୍କର)

ଆଉ ଏକ ଜାଲ୍ ନିଯୁକ୍ତି ପତ୍ର ର୍ୟାକେଟ ସାମନାକୁ ଆସିଛି। ର୍ୟାକେଟର ଚେର ଭୁବନେଶ୍ୱରରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଲମ୍ବିଥିବା ଜଣାପଡିଛି। ୧୩ଲକ୍ଷ ୪୦ହଜାର ଟଙ୍କାରେ ଜାଲ ନିଯୁକ୍ତିପତ୍ରର ଡିଲ୍ ହୋଇଥିଲା। ଏଥିରେ ସମ୍ପୃକ୍ତ ରାୟଗଡ଼ା ଜିଲାର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଗୁଣ୍ଡୁପୁର ଥାନା ନିଲମଗୁଡା ଗାଁର ବୃନ୍ଦାବନ ମିନାକା(୫୩)। ତାଙ୍କଠାରୁ ଦେଢ଼ଲକ୍ଷ ନଗଦ ଟଙ୍କା ଏବଂ ଏକ ମୋବାଇଲ ଜବତ ହୋଇଛି। ଜାଲ୍ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଯୁକ୍ତିପତ୍ର ଦେଇ ସେ ଜଣେ ଆଶାୟୀ ଯୁବତୀଙ୍କ ପିତାଙ୍କଠାରୁ ୧୩ଲକ୍ଷ ୪୦ହଜାର ଟଙ୍କା ନେଇଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ୍ ବାଗ ଟାଉନ୍ ଥାନାରେ ଖବରଦାତା ସମ୍ମିଳନୀ କରି କହିଛନ୍ତି ଯେ, ଗତ ୧୬ ତାରିଖରେ ରାୟଗଡା ଜିଲା କଲ୍ୟାଣସିଂପୁର ଥାନା ଜଗନ୍ନାଥପୁର ଗାଁର ଅନନ୍ୟା ପରିଚ୍ଛା ନାମ୍ନୀ ଜଣେ ଯୁବତୀ ଏକ ନିଯୁକ୍ତିପତ୍ର ଧରି ବଲାଙ୍ଗୀର ଜିଲା ମଙ୍ଗଳ ଅଧିକାରୀ(ଡବ୍ଲ୍ୟୁଓ)ଙ୍କ କାର୍ଯ୍ୟାଳୟକୁ ଆସି ତୁଷୁରା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ଯୋଗଦେବାକୁ ଆସିଥିବା କହିଥିଲେ। ସେ ଆଣିଥିବା ନିଯୁକ୍ତି ପତ୍ରରେ ଏହା ଉଲ୍ଲେଖ ଥିଲା। ଯୁବତୀଙ୍କ ସହ ତାଙ୍କ ମାତାପିତା ମଧ୍ୟ ଆସିଥିଲେ। ନିଯୁକ୍ତିପତ୍ର ଦେଖିବା ପରେ ବଲାଙ୍ଗୀର ଜିଲାରେ ଗୁଡଭେଲା ବ୍ଲକ୍ ରହିଥିବାବେଳେ ତୁଷୁରା ବ୍ଲକ୍ କିଭଳି ଲେଖାଗଲା ବୋଲି ଜିଲା ମଙ୍ଗଳ ଅଧିକାରୀଙ୍କ କର୍ମଚାରୀମାନେ ସନ୍ଦେହ କରିଥିଲେ। ଏ ନେଇ ଡବ୍ଲ୍ୟୁଓ ଅଲେଖ ବିଶ୍ୱାଳ ଟାଉନ୍ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (୪୫/୨୪) ରୁଜୁ କରି ଯୁବତୀଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଏହା ପଛରେ ଏକ ଜାଲ୍ ନିଯୁକ୍ତି ପତ୍ର କାରବାର ର୍ୟାକେଟ ଥିବା ସନ୍ଦେହ କରି ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗୀର ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ଅଭିଯୁକ୍ତ ମିନାକାଙ୍କୁ ଉଠାଇ ଆଣିଥିଲା। ସରକାରୀ ଚାକିରି କରାଇଦେବା ନାଁରେ ଅଭିଯୋଗକାରୀ ଅନନ୍ୟା ପରିଚ୍ଛାଙ୍କ ପିତା ଶରତ ଚନ୍ଦ୍ର ପରିଚ୍ଛାଙ୍କଠାରୁ ଅଭିଯୁକ୍ତ ମିନାକା ଅଗ୍ରୀମ ଆକାରରେ ୫ଲକ୍ଷ ଓ ଜାଲ ନିଯୁକ୍ତି ପତ୍ର ଦେବା ପରେ ୮ଲକ୍ଷ ୪୦ହଜାର ଟଙ୍କା ନେଇଥିଲେ। ମିନାକାଙ୍କୁ ପଚରାଉଚରା ପରେ ଜାଲ ନିଯୁକ୍ତି ପତ୍ର ର୍ୟାକେଟ ଭୁବନେଶ୍ୱରରୁ ଜିଲାସ୍ତରକୁ ଲମ୍ବିଥିବା ଜଣାପଡିଛି।

ଅଭିଯୁକ୍ତ ଶିକ୍ଷକ ଗିରଫ, ରାଜଧାନୀରୁ ଲମ୍ବିଛି ଚେର

ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ବିଷ ଖୁଆଇଲେ ଯୁବକ

■ ସାଂଘାତିକ ଅଭିଯୋଗ ଆଣିଲେ ଛାତ୍ରଙ୍କ ପିତା

■ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ବଲାଙ୍ଗୀର/ତରଭା,୧୮।୧
(ବୀରେନ୍ଦ୍ର କୁମାର ଝାଙ୍କର/ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଥାନା ସିଲାଟିମୁଣ୍ଡା ଗାଁର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ସେହି ଗାଁର ଜଣେ ଯୁବକ ଖାଦ୍ୟରେ ବିଷ ମିଶାଇ ଖୁଆଇ ଦେବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଛାତ୍ର ଆୟୁଷ ବାଘ(୧୦)ଙ୍କ ଅବସ୍ଥା ଗୁରୁତର ହୋଇଛି। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏମ୍‌ସିଏଚ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଗୁରୁତର ରହିଛି। ରାଜନୈତିକ ଶତ୍ରୁତାରୁ ପୁଅକୁ ବିଷ ଖୁଆଇ ମାରିଦେବାକୁ ଉଦ୍ୟମ କରାଯାଇଥିବା ଆୟୁଷଙ୍କ ବାପା ଲମ୍ବୋଦର ବାଘ ତରଭା ଥାନାରେ ଅଭିଯୋଗ କରିଛନ୍ତି। ଲମ୍ବୋଦରଙ୍କ ଅଭିଯୋଗ ମୁତାବକ, ଗୁରୁବାର ସିଲାଟିମୁଣ୍ଡା ଗାଁ ସ୍କୁଲକୁ ଆୟୁଷ ପଢ଼ିବା ପାଇଁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ସାମୟିକ ବିରତିରେ ସ୍କୁଲରୁ ବାହାରିଥିବା ଆୟୁଷଙ୍କୁ ସେହି ଗାଁର ଜଣେ ଯୁବକ ଡାକି ପାନମୁହୁରି ଓ ବିସ୍କୁଟ ଖାଇବାକୁ ଦେଇଥିଲେ। ଏହାର କିଛି ସମୟ ପରେ ଛାତ୍ର ଜଣକ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସା ପରେ ଛାତ୍ରଙ୍କ ବାନ୍ତି ହୋଇଥିଲା ଓ ଚେତା ଫେରିଥିଲା। ଗାଁର ଜଣେ ଯୁବକ ତାଙ୍କୁ ପାନମୁହୁରି ଏବଂ ବିସ୍କୁଟରେ କିଛି ମିଶାଇ ଖୁଆଇବା ପରେ ତାଙ୍କ ଅବସ୍ଥା ବିଗିଡିଥିବା କହିଥିଲେ। ଗତ ପଞ୍ଚାୟତ ନିର୍ବାଚନ ସମୟରେ ଲମ୍ବୋଦରଙ୍କ ସହ ସମ୍ପୃକ୍ତ ଯୁବକଙ୍କର କୁଆଡେ ଝଗଡା ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ସେ ବିରୋଧ କରିଆସୁଥିଲେ ଏବଂ ଶେଷରେ ପ୍ରତିଶୋଧ ପରାୟଣ ହୋଇ ତାଙ୍କ ଏକମାତ୍ର ପୁଅକୁ ବିଷ ଖୁଆଇ ମାରିଦେବାକୁ ଚେଷ୍ଟା କରିଥିବା ସେ ଅଭିଯୋଗ କରିଛନ୍ତି।

ଯବାନ-ମାଓବାଦୀ ଗୁଳି ବିନିମୟ

କନ୍ଧମାଳ,୧୮।୧(ଆଦିତ୍ୟଶ୍ୱେର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ଥାନା ବୁଢ଼ାଖୋଲ ଜଙ୍ଗଲରେ ଗୁରୁବାର ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଯବାନ ଓ ମାଓବାଦୀଙ୍କ ମଧ୍ୟରେ ୨-୩ ଘଣ୍ଟା ଗୁଳି ବିନିମୟ ହୋଇଛି। ଫଳରେ ଛତ୍ରଭଙ୍ଗ ଦେଇଛନ୍ତି ମାଓବାଦୀ। ଘଟଣାସ୍ଥଳରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଜବତ ସାମଗ୍ରୀ କନ୍ଧମାଳ ଜିଲାକୁ ନିଆଯାଇଥିବା ସୂଚନା ମିଳିଛି।

KHALLIKOTE UNITARY UNIVERSITY, BERHAMPUR

Notification No. 100 Date: 16.01.2024

WALK-IN-INTERVIEW

No.CAD-3747: A Walk-in-Interview for selection of Guest Faculties on purely temporary basis in different subject will be held on 24.01.2024 & 25.01.2024. Application form and detailed information is available in University website **https://kuu.ac.in/.**

OIPR-11125/11/0005/2324 Sd./- Registrar

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR
Mail i.d.: seccbbsr@gmail.com

E-Procurement Short Tender Call Notice No. 28 of 2023-24

No. 222 (Estg.) Bhubaneswar the 12th January - 2024

No. B-1626: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for four number building works to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from 5.00 P.M. of 17.01.2024 to 5.00 P.M. of 29.01.2024. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 30.01.2024 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if requied, will be available only in the website.

Sd./- Er. P.K. Mohanty
Chief Construction Engineer
OIPR-34005/11/0012/2324 Central (R&B) Circle, Bhubaneswar

OFFICE OF THE PRINCIPAL
GOVT. WOMEN'S H.S. SCHOOL, SUNDARGARH

Notice No. 103 Dt.16.01.2024

TENDER CALL NOTICE

No. N-124: Sealed tenders are invited from the intending registered firms/manufacturers/authorised dealers with valid GST, PAN and IT Clearance for the supply of various Laboratory equipment mentioned below to Govt. Women's H.S. School, Sundargarh. The tenders must reach the undersigned within 21 days from the date of publication of the tender i.e. on or before Dt.06.02.2024 by 4.00 P.M. through Registered Post/ Speed Post only as per the prescribed terms and conditions. The envelope containing the tender must be superscribed on the top as "Supply of Laboratory Equipment 2023-2024" and addressed to Principal, Govt. Women's College, Sundargarh, PIN - 770001. The details of the specification of items and terms and conditions can be downloaded from the College Website: **gwcsng.ac.in** or **https://sundargarh.nic.in/**.

Sd./- Principal
Govt. Women's H.S. School, Sundargarh
OIPR-11130/11/0001/2324

GOVERNMENT OF ODISHA No.A-1213:
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN, AT/PO:- LAXMIPOSI, DIST:-MAYURBHANJ
Mail Id. cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 34/ 23-24 of CEBM, SBB, Laxmiposi

1	Name of Work	Renovation and Modernization of structures including lining of Right Main distributary of Bankbal Irrigation Project.
2	Estimated Cost	Rs.2329.36 Lakh
3	Bid Security/ E.M.D.	Rs.23,29,400/-
4	Period of Completion	18 (Eighteen) Calendar Months
5	Class of Contractor	"Special" Class and "Super" Class
6	Date & Time of availability of bid document in the portal	19.01.2024 at 10.00 AM
7	Last date/time for receipt of bid in the portal	13.02.2024 upto 5.00 PM
8	Date & Time for Pre-Bid Conference	31.01.2024 Office of the CE & BM, S & B Basin, Laxmiposi in physical/ virtual mode through Google Meet. The interested bidder should ask to link giving their email id to cebmsbb2019@gmail.com (Joining time in Google Meet 11.30 AM to 12.00 Noon)
9	Date of Opening of Bid	15.02.2024 at 11.00 AM
10	Name & Address of the O.I.T.	Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj

Further details can be seen from the e-Procurement Portal "https://tendersodisha.gov.in".

Sd./- Chief Engineer & Basin Manager
Subarnarekha & Budhabalanga Basin
OIPR-32074/11/0049/2324 Laxmiposi, Mayurbhanj

See Career Appointment on every Wednesday & Saturday

GOVERNMENT OF ODISHA
SAMBALPUR DEVELOPMENT AUTHORITY, SAMBALPUR
Email ID: secretarysdasbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SDASBP-10/2023-24 Dt.16.01.2024

01.	Name of the Work	: 1 No. Work
02.	Type of Bid	: Single Bid System
03.	Estimated Cost	: Rs.38.00 lakhs
04.	Period of Completion	: 2 (Two Months)
05.	Class of Contractor	: 'B' Class / 'C' Class
06.	Date & time of availability of bid document in the portal	: From 11.00 A.M. of Dt.20.01.2024 to 5.00 P.M. of 31.01.2024
07.	Last date/time of receipt of bids in the portal	: 5.00 P.M. of 31.01.2024
08.	Date & Time of opening of Bids	: At 11.00 P.M. of 01.02.2024
09.	Name and Address of the Officer Inviting Bid	: Engineer Member, Sambalpur Development Authority, SMC & SDA Office Building, Durgapali, Dist.: Sambalpur - 768006

Further details can be seen from the website **www.tendersodisha.gov.in**.

Sd./- Engineer Member, SDA, Sambalpur
OIPR-13240/11/0015/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR
E-mail Id:serwcirclesbp@yahoo.com
Bid Identification No. Road Tender Online RWCSBP-54/2023-24, No:166, Dated: 16.01.24

No.O-2240: The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for Transferred Road Improvement Programme (TRIP) for the year 2023-24.
1.Name of work : Transferred Road Improvement Programme (TRIP) for the year 2023-24. 2. No. of Works: 05 Nos. details as per DTCN. 3. Estimated Cost: Approximately varies from Rs.241.79 lakhs to Rs.1097.97 lakhs. 4. Class of Contractor: 'B', "A" and "Special". 5. Cost of tender paper and mode of deposit: Rs.10,000/- per set. (to be deposited Online) in favour of concerned Superintending Engineer/ Executive Engineer. 6. Mode of submission of tender: Tender should be submitted only online in website **www.tendersorissa.gov.in.** (https//tendersodisha.gov.in). 7. EMD and mode of deposit: **1% of estimated cost of the work to be remitted online as mentioned in DTCN.**

8. Summary of key dates are provided below:

Procurement Officer	Bid Identification No.	Availability of Tender online for bidding		Last date & time of seeking clarification	Date & Time of opening of tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Sambalpur	Road Tender Online RWCSBP-54/2023-24	22.01.2024 From 11.00 AM	05.02.2024 upto 05.00 PM	01.02.2024 upto 5.00 PM	06.02.2024 at 11.00 AM	Will be intimated later

* Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

Sd./- Chief Construction Engineer,
OIPR-25091/11/0081/2324 Rural Works Circle, Sambalpur

GOVERNMENT OF ODISHA No. B-1631
"e" PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmail.com
Bid Identification No. CE-DPI&R-35/2023-24

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Road works
3. No. of Work : 4 Nos.
4. Tender Paper Cost : Rs.10,000.00
5. Class of Contractor : A Class/Special Class/Super Class
6. Available of bid document in the website : From 10.00 A.M. of 22.01.2024 to 4.30 P.M. of 05.02.2024
7. Date of opening of Bid : Dt.05.02.2024 at 4.35 P.M.
8. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (DPI & Roads), Odisha (I/C)
OIPR-34111/11/0056/2324

ବିଜ୍ଞାପନ

ନଂ. ୭୭ ତାରିଖ: ୧୮।୦୧।୨୦୨୪

No. M-98: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବୌଦ୍ଧ କାର୍ଯ୍ୟାଳୟରେ ଖାଲିଥିବା ୦୧ (ଏକ)ଗୋଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପାଇଁ ଅନୁସୂଚିତ ଜନଜାତି ପ୍ରାର୍ଥୀ (ଗୋମିତ୍ର)ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆବେଦନର ଶେଷ ତାରିଖ: ୮।୨।୨୪, ଅପରାହ୍ନ ୫.୦୦ ଘଟିକା ସମୟରେ ଆବେଦନକାରୀ ସବିଶେଷ ବିବରଣୀ ତଥା ଦରଖାସ୍ତ ଫର୍ମର ନମୁନା ବୌଦ୍ଧ ଜିଲ୍ଲା ୱେବସାଇଟ୍ (boudh.nic.in)କୁ ଯାଇ ଡାଉନଲୋଡ୍ କରିପାରିବେ।

ସ୍ୱା./- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବୌଦ୍ଧ
OIPR-06088/11/0002/2324

GOVERNMENT OF ODISHA No. A-1221
DEPARTMENT OF WATER RESOURCES
OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR
Email Address: cemech.eicwr.od@gamil.com
e-Procurement Notice - Bid Identification No. - CEM/MDB-04/2023-24

1.	Name of the Work	: Mechanical Gate Works
2.	No. of Works	: 01 (One)
3.	Category of Executors	: SSI Units registered under DIC/ NSIC/MSME for Irrigation Shutters/ Hydro mechanical gates
4.	Bid Identification No.	: CEM/MDB-04/2023-24
5.	Tender Value	: Rs.67,49,632.00
6.	Period of Completion	: Three Calendar Months
7.	Date & time of availability of bid documents in the portal	: From Dt.19.01.2024 (10.00 A.M.) to Dt.26.01.2024 (5.30 P.M.)
8.	Last date/time for receipt of bid in the portal	: Dt.26.01.2024 (upto 5.30 P.M.)
9.	Date and place of opening of Technical Bid	: Dt.29.01.2024 (12.00 Noon onwards in the O/o. the undersigned)
10.	Date and Place of Opening of Financial Bid	: To be intimated to the qualified bidders after evaluation of Technical Bid
11.	Name of the Officer Inviting Bid	: Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**.

Sd./- Chief Engineer, Mechanical
O/o. Engineer-in-Chief, Secha Sadan,
OIPR-32520/11/0010/2324 Bhubaneswar

Government of Odisha No. O-2236
OFFICE OF THE SUPERINTENDING ENGINEER RURAL WORKS DIVISION, JHARSUGUDA
Email: eerw_jharsuguda@yahoo.co.in, Tel.: 06645-271643
Bid Identification No. Online - SEJSG - 26 of 2023-24
NOTICE INVITING TENDER FOR WEIR WORK IN ODISHA
NATIONAL COMPETITIVE BIDDING THROUGH e-Procurement

1.	Name of the Work	: Weir works as per DTCN available in the **www.tendersorissa.gov.in**
2.	Total No. of Work	: 01 (One) No.
3.	Estimated Cost	: Rs.65.27 lakh
4.	Period of Completion	: 04 (Four) Calendar Months
5.	Period and time of availability of bid document in the portal for bidding	: Dt.19.01.2024 at 11.00 A.M. to 29.01.2024 upto 05.00 P.M.
6.	Date and time of bid opening	: Dt.30.01.2024 at 11.00 A.M.
7.	Name and address of the Officer Inviting Bid	: S.E., R.W. Division, Jharsuguda

1) Other details can be seen from detailed notice inviting tenders, available in website **www.tendersorissa.gov .in**.
2) Corrigendum if any shall only be published in the above website.

Sd./- Superintending Engineer
R.W. Division, Jharsuguda
OIPR-25104/11/0036/2324

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
OFFICE OF THE PARADEEP MUNICIPALITY, PARADEEP
ସ୍ଥାନ-ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po-Paradeep, Dist-Jagatsinghpur (Odisha), Pin-754142
No.243/ Dt.18.01.2024

Quotation Call Notice No.241/dt.18.01.2024

No.C-2374: The Executive Officer, Paradeep Municipality on behalf of the Municipal Council invites sealed Quotations from intending registered firms/ agencies/authorized dealers for the work "ENGAGEMENT OF VEHICLE ON HIRE BASIS TO BE USED BY THE ENFORCEMENT TEAM, SANITATION/ DEVELOPMENT SECTION & OTHERS IN PARADEEP MUNICIPALITY OFFICE". The prescribed quotation schedule can be obtained from Paradeep Municipality Office or from Jagatsinghpur district website i.e. www.jagatsinghpur.nic.in from 10.00 AM, dt.19.01.2024 to 5.00 PM dt. 29.01.2024 on payment of Rs.500.00 as paper cost. The last date of receipt of completed quotation in all respect is dt.30.01.2024 upto 1.00 PM and will be opened on dt.30.01.2024 at 3.00 P.M.

Sd./- Executive Officer, Paradeep Municipality
OIPR-13120/11/0051/2324

---

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-3746
OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR
Bid Identification No.Civil/EST-43/2023-24
Notice No.1106, Dt.10.01.2024
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work: Construction of Boundary Wall (Balance portion) around the campus of Utkal University of Culture Madanpur, Bhubaneswar. 2. Value of the Work: Rs.216.42 Lakh (Approx.) 3. Period of Completion: 06 (Six) Calendar Months. 4. Availability of tender online for Bidding.
i. Start Date: 18.00 Hours of Dt.20.01.2024
ii.End Date: 15.00 Hours of Dt.06.02.2024
iii. Opening date: 16.00 Hours of dt.06.02.2024.
Tender details can be seen from the e-Procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in **IDCO Website.**

Sd./-Chief General Manager
OIPR-14003/11/0357/2324 (Civil) IDCO, Bhubaneswar

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER MINOR IRRIGATION DIVISION, DEOGARH
E-mail: eemidivision_deogarh@yahoo.in
No. 62 Date: 08.01.2024
e-PROCUREMENT NOTICE
BID REF No. SE, MID, DGR-11/2023-24

No. A-1217: Bid documents consisting names of Work, Estimated Cost, Cost of Tender Paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

1	Name of the works	:	Civil Construction works
2	No. of Works	:	04 (Four) Nos.
3.	Estimated Cost	:	Approximately Rs.50.00 lakh to Rs.77.00 lakh
4.	Period of Completion	:	06 (Six) Calendar Months
5.	Date and time of availability of bid documents in the portal	:	From Dt.18.01.2024 at 10.00 A.M. to Dt.28.01.2024 upto 5.30 P.M.
6.	Last date/time of receipt of bids in the portal	:	Dt.28.01.2024 upto 5.30 P.M.
7.	Date of opening of Bid	:	Dt.29.01.2024 at 11.00 A.M. onwards
8.	Name and address of the OIT	:	Superintending Engineer, Minor Irrigation Division, Deogarh
9.	Mode of Payment of Bid Cost & Bid Security	:	Online

** Further details can be seen from the e-Procurement market place **http://tendersodisha.gov.in**.

Sd./- Superintending Engineer
OIPR-32289/11/0011/2324 M.I. Division, Deogarh

GOVERNMENT OF ODISHA E-mail ID: eerwrairangpur@yahoo.com
OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR (MAYURBHANJ)
Letter No. 329 Date: 16.01.2024
"e" Procurement Notice for Road Works
No. O-2235 Bid Identification No. RWDRRP - 22/2023-24

1. Name of the Work : S/R to RD Road to Rahilbeda (Badampahad to Upebeda) Road for the year 23-24.
2. Estimated Cost : Rs.50.41 lakhs (Approximately).
3. Class of Contractor : "B" Class or relevant class of works license
4. Period of Completion : 02 (Two) Calendar Months
5. Tender Paper Cost : Rs.10,000/-

The details are as follows

Procurement Officer	Bid Identification No.	Availability of Tender Online for Bidding		Last date & Time of seeking Tender Clarification	Date & Time of Opening of Tender in O/o. S.E. Rural Works Division, Rairangpur	
		From	To		Technical Bid	Financial Bid
1	2	3	4	5	6	7
S.E.R.W. Division, Rairangpur	RWDRRP-22/2023-24	20.01.2024 at 11.00 A.M.	28.01.2024 upto 5.00 P.M.	27.01.2024 upto 5.00 P.M.	29.01.2024 at 11.30 A.M.	31.01.2024 at 11.30 A.M.

Further details can be seen from the website **www.tendersodisha.gov.in**
OIPR-25107/11/0025/2324 Sd./- Er. D. Behera, Superintending Engineer, R.W. Division, Rairangpur

---

BHUBANESWAR DEVELOPMENT AUTHORITY
Akash Shova Building, Sachivalaya Marg, Bhubaneswar - 751001, Visit us at: http://www.bda.gov.in
No. CAD-3752
INVITATIONS FOR BIDS (IFB)
Bid Identification No. 70 Dated: 16.01.2024

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid **H.T.** licence registered under Government of Odisha, having PAN and valid EPF & ESI registration No., GST Certificate for the item of work as indicated in the table below:

Sl. No.	Name of Work	Estimated Cost (In Rs.)	EMD (In Rs.)	Cost of Tender Paper	Period of Completion
(1)	(2)	(3)	(4)	(5)	(6)
1.	Provision of High Mast and Street Lights inside ISBT, Idle Parking, Baramunda, Bhubaneswar	26,59,605.00	26,596.00	6000.00 + 18% GST	30 (Thirty) Days

2. The Bid documents will be available in the website: **https://tendersodisha.gov.in** from **19.01.2024 to 30.01.2024 upto 17.00 hours.**
3. Bids shall be received only "Online" on or before **30.01.2024 upto 17.00 hours.** The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in.**

OIPR-13033/11/0573/2324 Sd./- Executive Engineer, Division-IV, BDA

GOVERNMENT OF ODISHA
OFFICE OF THE PANCHAYAT SAMITI, PATNA
NOTICE INVITING TENDER e-Procurement
Online Bid ID No. 02 - Patna (KJR/2023-2024)
No. 80/Dev Dt.10.01.2024

No. i-591: The Block Development Officer, Patna, Keonjhar on behalf of Governor of Odisha invites online percentage rate tender through "e" procurement to be received in online mode for the work as detailed in the Annexure to this bid notice.

Name of Work	:	Civil Construction Works
No. of Works	:	19 (Nineteen) Nos.
Estimated Cost	:	Rs.677.674 Lakhs
Tender Paper Cost	:	Mentioned in Column No. 6 of Tender Call Notice
Period of Completion	:	04 (Four) & 6 (Six) Calendar Months
Availability of Bid Document	:	From 20.01.2024 to 30.01.2024 during office hours in website **(www.tendersodisha.gov.in)**
Period of receipt of bid through online	:	From 20.01.2024 to 30.01.2024 through online
Date of opening of Technical Bid Document	:	At 11.00 A.M. on 31.01.2024 in the office Pan

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ହିମନ୍ତ ସବୁଠୁ ଦୁର୍ନୀତିଗ୍ରସ୍ତ ମୁଖ୍ୟମନ୍ତ୍ରୀ: ରାହୁଲ

ଗୁଆହାଟୀ,୧୮।୧

କଂଗ୍ରେସର 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ଗୁରୁବାର ପଞ୍ଚମ ଦିବସରେ ଆସାମରେ ପହଞ୍ଚିଥିବାବେଳେ ସେଠାକାର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସରକାର ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବର୍ଷିଛନ୍ତି। ହିମନ୍ତ ଦେଶର ସବୁଠୁ ଦୁର୍ନୀତିଗ୍ରସ୍ତ ମୁଖ୍ୟମନ୍ତ୍ରୀ ବୋଲି ରାହୁଲ ନ୍ୟାୟ ଯାତ୍ରାରେ ଉଦ୍‌ବୋଧନ ଦେଇ କହିଛନ୍ତି। କେବଳ ହିମନ୍ତ ନୁହନ୍ତି, ତାଙ୍କ ସ୍ତ୍ରୀ ଓ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଦୁର୍ନୀତିରେ ଜଡ଼ିତ। ସେ ଆସାମର ଲୋକମାନଙ୍କୁ କିଣିପାରିବେ ବୋଲ ଭାବୁଛନ୍ତି। ତାଙ୍କର ଏଭଳି ଚିନ୍ତାଧାରା ଭୁଲ୍ ବୋଲି ୱାୟନାଡ ଏମ୍‌ପି ରାହୁଲ କହିବା ସହ ପୁଣିଥରେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଟାର୍ଗେଟ କରିଛନ୍ତି। ସେମାନେ ଦେଶରେ ଘୃଣାର ପ୍ରସାର କରାଇବା ସହ ଗୋଟିଏ ଧର୍ମର ଅନୁଗାମୀ ହୋଇ ଅନ୍ୟମାନଙ୍କ ବିରୋଧରେ ଲଢ଼େଇ କରିବାକୁ ପ୍ରବର୍ତ୍ତାଉଛନ୍ତି ବୋଲି ରାହୁଲ କହିଥିଲେ।

ଗୁରୁବାର ନାଗାଲାଣ୍ଡର ଡୁଲି ଅଞ୍ଚଳରୁ ଯାତ୍ରା ଆରମ୍ଭ ହୋଇ ସକାଳ ୯ଟା ସମୟରେ ଶିବସାଗର ଜିଲାର ହଲୋଟିଙ୍ଗ ଦେଇ ଆସାମରେ ପ୍ରବେଶ କରିଥିଲା। ପରେ ଏହି ଯାତ୍ରା ଜୋରହାଟ ଜିଲାରେ ପହଞ୍ଚିବା ପରେ ରାହୁଲ ଓ ଅନ୍ୟମାନେ ସେଠାରେ ରାତ୍ରିଯାପନ କରିଛନ୍ତି। ଶୁକ୍ରବାର ସକାଳେ ସେମାନେ ମଜୁଲି ଜିଲା ଅଭିମୁଖେ ବାହାରିବେ। ଗୁରୁବାର ମଧ୍ୟାହ୍ନରେ ଆସାମ ଜୋରହାଟରେ ନ୍ୟାୟ ଯାତ୍ରା ପହଞ୍ଚିବା ପରେ ସେଠାରେ ସରକାରଙ୍କ ନୂଆ ଯୋଜନାର ଫର୍ମ ନେବା ପାଇଁ ରୁଣ୍ଡ ହୋଇଥିବା ଗ୍ରାମାଞ୍ଚଳ ମହିଳାମାନେ ରାହୁଲଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଧାଡ଼ି ଛାଡ଼ି ପଳାଇଆସିଥିଲେ। ନ୍ୟାୟ ଯାତ୍ରା ବସ୍ ଅଟକିବା ପରେ ରାହୁଲ ବାହାରିଆସିଥିଲେ। କେତେଜଣ ମହିଳା ତାଙ୍କ ପାଦ ଛୁଇଁବାରୁ ରାହୁଲ ସେମାନଙ୍କୁ ବାରଣ କରିଥିଲେ। ପରେ ମହିଳାମାନେ ତାଙ୍କ ସହ ଫଟୋ ଉଠାଇଥିଲେ।

ଆସାମର ଜୋରହାଟରେଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସ୍ଥାନୀୟ ମହିଳାଙ୍କ ସହ ହାତ ମିଳାଉଛନ୍ତି।

ଆଶାୟୀ ପ୍ରାର୍ଥୀଙ୍କୁ ପଚରାଗଲା କାହାକୁ ଦେବେ ଭୋଟ

ରାୟଗଡ଼ା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

କଲ୍ ସେଣ୍ଟର ମାଧ୍ୟମରେ ମତାମତ ସଂଗ୍ରହ

ଓଡ଼ିଶାର ଖ୍ୟାତନାମା ଗାୟକ ଅକ୍ଷୟ ମହାନ୍ତିଙ୍କ ଏକ ସଙ୍ଗୀତ ମନେପଡ଼େ- କାହାକୁ ଦେବ ଭୋଟ। ସାହିର ପିଲେ ସକାଳୁ ଅଜା ଓ ଆଈକୁଯାଇ ପଚାରୁଛନ୍ତି, ସେମାନେ କାହାକୁ ଦେବେ ଭୋଟ୍। ପରେ ଅଜା ଯାଇ ଆଈକୁ କହୁଛନ୍ତି- କାହାକୁ ଦେବୁ ଭୋଟ। ଶେଷରେ ଆଈ କହୁଛନ୍ତି- ତୁମେ ମୋତେ ଦିଅ ଭୋଟ ଆଉ ମୁଁ ତୁମକୁ ଦେବି ଭୋଟ।

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ରାଜନୈତିକ ଦଳ କଲ୍‌ସେଣ୍ଟର ପଦ୍ଧତି ଆପଣେଇଥିବା ଦେଖାଯାଉଛି। ସେଠାରୁ ଭୋଟରଙ୍କ ପାଖକୁ ଯାଉଛି କଲ୍। କୌତୂହଳ ବିଷୟ ଯେ, ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ମଧ୍ୟ ପଚରାଯାଉଛି ସେ କାହାକୁ ଦେବେ ଭୋଟ୍। ଅର୍ଥାତ୍ ଫୋନ୍ ନମ୍ବର ସଂଗ୍ରହ କରାଯାଇ କଲ୍ କରାଯାଉଛି। ଏହିଭଳି କଲ୍ ସେଣ୍ଟରରୁ ଫୋନ୍ ଆସିଥିବା ନଜରକୁ ଆସିଛି ଗୁଣପୁର ନିର୍ବାଚନମଣ୍ଡଳୀରେ। ଗୁଣପୁର କଂଗ୍ରେସର ଆଶାୟୀ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗଙ୍କୁ ଜଣେ ଫୋନ୍ କରି ସେ କାହାକୁ ଦେବେ ଭୋଟ ବୋଲି ପଚାରିଥିଲେ। ଭୋଟରଙ୍କ ଦ୍ୱାରା ଦିଆଯାଉଥିବା ତଥ୍ୟର ଗୋପନୀୟତା ବଜାୟ ରହିବା ପ୍ରତିଶ୍ରୁତି ଦେଇ ପ୍ରଥମ ପ୍ରଶ୍ନରେ ନାମ ଓ କେଉଁ ବିଧାନସଭା ଆସନର ଭୋଟର ବୋଲି ପରିଚୟ ମଗାଯାଉଛି। ଏହାପରେ ଦ୍ୱିତୀୟ ପ୍ରଶ୍ନରେ ଗତ ନିର୍ବାଚନରେ କାହାକୁ ଭୋଟ ଦେଇଥିଲେ ଏବଂ ଆଗାମୀ ସାଧାରଣ ନିର୍ବାଚନରେ କାହାକୁ ଭୋଟ ଦେବେ ବୋଲି ପଚରାଯାଉଛି। ଉତ୍ତରରେ ଭୋଟର କାହାକୁ ପସନ୍ଦ କରିବେ ତାହା ପ୍ରକାଶ କରିବା ପାଇଁ ବାଧ୍ୟ ନୁହନ୍ତି କହିବା ପରେ ନିଜକୁ ଭୁବନେଶ୍ୱର ନିର୍ବାଚନ ଅଫିସରୁ ବୋଲି ପରିଚୟ ଦେଇ ତଥ୍ୟର ଗୋପନୀୟତା ବଜାୟ ରହିବ ବୋଲି କଲ୍ ସେଣ୍ଟର କର୍ମଚାରୀ ଦୋହରାଉଥିବା ଶୁଣିବାକୁ ମିଳୁଛି। ଆହୁରି ରୋଚକ କଥା ହେଉଛି, ସତ୍ୟଜିତଙ୍କୁ ଆସିଥିବା ଫୋନ୍ କଲ୍‌ରେ ଆପଣ ଗୁଣପୁର ବିଧାନସଭା ଆସନ ପାଇଁ ସତ୍ୟଜିତ ଗମାଙ୍ଗ, ବିଜୟ ଗମାଙ୍ଗ, ଭାସ୍କର ଜାଗେରାଙ୍ଗା ଏବଂ ବିଜେଡିର ରଘୁନାଥ ଗମାଙ୍ଗଙ୍କ ମଧ୍ୟରୁ କାହାକୁ ଭୋଟ ଦେବେ ଏବଂ କୋରାପୁଟ ଲୋକ ସଭା ଆଶାୟୀ ପ୍ରାର୍ଥୀ ସପ୍ତଗିରି ଉଲାକା, ଝିନ୍ନ ହିକକା ଓ କୌଶଲ୍ୟା ହିକକାଙ୍କ ମଧ୍ୟରୁ କାହାକୁ ଭୋଟ ଦେବେ ବୋଲି ପଚରାଯାଇଥିବା ସତ୍ୟଜିତ ପ୍ରକାଶ କରିଛନ୍ତି। ଶେଷରେ ଯେତେବେଳେ ଗୁଣପୁରରେ କଂଗ୍ରେସର ଆଶାୟୀ ପ୍ରାର୍ଥୀ ସେ ନିଜେ ବୋଲି ପରିଚୟ ଦେଇଥିଲେ, କର୍ମଚାରୀ ଜଣକ ହସି ଦେଇ ଫୋନ୍ କାଟି ଦେଇଥିଲେ ବୋଲି ସତ୍ୟଜିତ କହିଛନ୍ତି।

କେବଳ ସତ୍ୟଜିତ ନୁହନ୍ତି, ଏହିଭଳି ଫୋନ କଲ୍ ଆସୁଥିବା ନେଇ ତାଙ୍କ ସମର୍ଥକମାନେ କହିଛନ୍ତି। ଉକ୍ତ ଫୋନ୍ କଲ୍ ମାଧ୍ୟମରେ ରାଜନୈତିକ ଦଳ କରୁଥିବା ସର୍ଭେ ଓ ସିଧାସଳଖ ଭୋଟରଙ୍କ ନିକଟକୁ ଯିବା ବଦଳରେ ସୋସିଆଲ ମିଡ଼ିଆ ଏବଂ କଲ୍‌ସେଣ୍ଟର ପଦ୍ଧତି ଏଥର ନିର୍ବାଚନକୁ ବେଶ ସରଗରମ କରୁଥିବା ଦେଖିବାକୁ ମିଳୁଛି।

ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

ନବରଙ୍ଗପୁର,୧୮।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ବାସଭବନରେ ଗୁରୁବାର ଏକ ମିଶ୍ରଣ ପର୍ବ କରାଯାଇଛି। ନବରଙ୍ଗପୁର ବ୍ଲକ ଚୋଟାହାଣ୍ଡି ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ମନ୍ଦର ମାଝି, ବହ୍ମାଗୁଡ଼ା ଗ୍ରାମର ୱାର୍ଡ ମେମ୍ବର କୃତିବାସ ତନ୍ତୀ ଓ ହରି ଜାନୀ, ସୁନ୍ଦର ସିଂହ ମାଝି, ଜଗନ୍ନାଥ ମାଝି, କୃଷ୍ଣ ଗୌଡ଼ଙ୍କ ସମେତ କେତେଜଣ କଂଗ୍ରେସ ଓ ଭାଜପା କର୍ମୀ ଦଳ ଛାଡ଼ି ବିଜେଡିରେ ମିଶିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ରାଜ୍ୟରେ ବିଜେଡି ପକ୍ଷରୁ କରାଯାଉଥିବା ବିକାଶ ଧାରାରେ ଅନୁପ୍ରାଣିତ ହେବା ସହ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ଦୃଢ଼ ନେତୃତ୍ୱକୁ ସମର୍ଥନ ଜଣାଇ ବିଜେଡିରେ ମିଶିଥିବା ନୂତନ କର୍ମୀମାନେ କହିଛନ୍ତି। ବିଧାୟକ ପ୍ରଧାନୀ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏଥିରେ ଜିଲା ସହପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, କୋରାପୁଟ ଜୋନ୍ ସଭାପତି ତାପସ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ଶରତ ଭତ୍ରା, ବ୍ଲକ ସଭାପତି ଲକି ଭତ୍ରା, ଚଟାହାଣ୍ଡି ସରପଞ୍ଚ, ନନ୍ଦାହାଣ୍ଡି ବ୍ଲକ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଅବିନାଶ ମହାପାତ୍ର, ବସନ୍ତ ପଟ୍ଟନାୟକ, ଦେବରାଜ ନାୟକ ଉପସ୍ଥିତ ଥିଲେ।

ପ୍ରଶାନ୍ତ ହେଲେ ସୁହାଇବ, ଅମରେନ୍ଦ୍ର ଅଡ଼ୁଆ

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ | ବିଜେଡି ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଭାଜପା, କଂଗ୍ରେସର ଆକଳନ

ଜଗତ୍‌ସିଂହପୁର, ୧୮।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଆବହାଓ୍ୱା ବେଶ୍ ପରିଲକ୍ଷିତ ହେଲାଣି। ବିଶେଷକରି ବିଜେଡି ରାଜନୀତି ବିଭିନ୍ନ ପ୍ରକାର ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଏହି ଆସନରୁ ଗତ ନିର୍ବାଚନରେ ବିଜେଡି ଟିକେଟ୍ ପାଇ ବିଧାୟକ ହୋଇଥିବା ପ୍ରଶାନ୍ତ ମୁଦୁଲିଙ୍କୁ ଦଳର ପୂର୍ବତନ ଜିଲା ସଭାପତି ତଥା ପୂର୍ବତନ କାକୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ କଣ୍ଟା ଟକ୍କର ଦେଉଥିବା ନେଇ ଆଲୋଚନା ହେଉଛି। ଏହାର ଦୃଷ୍ଟାନ୍ତ ଅମରେନ୍ଦ୍ର ଏକାଧିକ ସମାବେଶରେ ପ୍ରତିପାଦିତ କରିଛନ୍ତି। ଗତ ୧୦ ତାରିଖରେ ଜଗତ୍‌ସିଂହପୁର ସହରରେ ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମାବେଶ କରି ସେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଏଭଳି ସ୍ଥିତିରେ ଜଗତ୍‌ସିଂହପୁର ବିଜେଡି ଏକପ୍ରକାର ଦୁଇ ଫାଳ ହୋଇ ଯାଇଥିବା ଲକ୍ଷ୍ୟ କରାଯାଉଥିବା ବେଳେ କଂଗ୍ରେସ ଓ ଭାଜପା ଉଭୟ ନେତାଙ୍କ କାର୍ଯ୍ୟକ୍ରମ ଉପରେ ତୀକ୍ଷ୍ଣ ନଜର ରଖିବା ସହ ସମ୍ଭାବ୍ୟ ସ୍ଥିତିକୁ ନେଇ ଅନୁମାନ ଲଗାଇଛନ୍ତି। ବିଜେଡିରୁ କିଏ ପ୍ରାର୍ଥୀ ହେଲେ ସେମାନଙ୍କ ଦଳକୁ ଲାଭ କିମ୍ବା କ୍ଷତି ହେବ, ତା' ଉପରେ ଅଙ୍କକଷା ଆରମ୍ଭ କରିଦେଇଛି।

ଜଗତ୍‌ସିଂହପୁର କଂଗ୍ରେସ ଜିଲା ସଭାପତି ନଟବର ବାରିକ ପ୍ରତିକ୍ରିୟାରେ କହିଛନ୍ତି, ଅମରେନ୍ଦ୍ର ପ୍ରାର୍ଥୀ ହେଲେ କେତେକାଂଶରେ କଂଗ୍ରେସ କ୍ଷତିରେ ପଡ଼ିପାରେ। କାରଣ ସେ ଜଗତ୍‌ସିଂହପୁର ମାଟିର ପୁଅ। ନିର୍ବାଚନମଣ୍ଡଳୀର ଭୋଟର ବିଶେଷକରି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ଲାଗି ଦଳୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସେ ଶକ୍ତି ବୃଦ୍ଧି କରୁଥିବାରୁ ତାହା କଂଗ୍ରେସ ପ୍ରତି ଆହ୍ୱାନ ସୃଷ୍ଟି କରିପାରେ। କିନ୍ତୁ କଂଗ୍ରେସର ସେଭଳି ପ୍ରାର୍ଥୀ ହେଲେ କିଛି ପ୍ରଭାବ ପଡ଼ିବ ନାହିଁ। ପ୍ରଶାନ୍ତଙ୍କ ଉପରେ କହିଥିଲେ, ସେ ଜଣେ ବରିଷ୍ଠ ନେତା। ୩ ଥର ବିଧାୟକ ହେଲେଣି। କିନ୍ତୁ ବିକାଶ ନୁହେଁ, ମୁଖ୍ୟମନ୍ତ୍ରୀ ଓ ଶଙ୍କ ଚିହ୍ନଙ୍କୁ ସେ ସମ୍ବଳ କରିଛନ୍ତି। ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ବିଜେଡିରୁ କିଏ ଟିକେଟ ପାଇବେ ଆଗାମୀ ଦିନରେ ଜଣାପଡ଼ିବ। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରଶାନ୍ତ ପ୍ରାର୍ଥୀ ହେଲେ କଂଗ୍ରେସ ଉପରେ ବିଶେଷ କିଛି ଫରକ ପଡ଼ିବ ନାହିଁ। କିନ୍ତୁ ଯଦି ଚିରଞ୍ଜୀବ ବିଶ୍ୱାଳଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇ ତାଙ୍କୁ ପୁଣି ଥରେ କଂଗ୍ରେସ ପ୍ରାର୍ଥୀ କରେ, ତେବେ ବିଜେଡିର ଯିଏ ପ୍ରାର୍ଥୀ ହେଲେ ବି କିଛି ଫରକ ପଡ଼ିବ ନାହିଁ। ଏବେ ଯାହାସବୁ ଦେଖିବାକୁ ମିଳୁଛି ସମସ୍ତ ଆଗଧାଡ଼ିଆ ନେତା ଛକାପଞ୍ଜାରେ ଅଛନ୍ତି। ଭାଜପା-ବିଜେଡି ଭାଇଭାଇ ପରି କାମ କରୁଛନ୍ତି। ନିର୍ବାଚନ ସମୟରେ ଅନେକେ ଦଳବଦଳ କରିଥାନ୍ତି। ତେଣୁ ଆଗକୁ ରାଜନୈତିକ ଚିତ୍ରପଟ କ'ଣ ରହିବ ତାହା ସମୟ କହିବ ବୋଲି ବାରିକ କହିଛନ୍ତି।

ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ମଧ୍ୟ ଅନୁରୂପ ମତ ରଖିଛନ୍ତି। ସେ କହିଛନ୍ତି, ବିଜେଡିର ଦୁଇ ନେତା ଟିକେଟ୍ ପାଇଁ ଲବି ଜାରି ରଖିଛନ୍ତି। ଅମରେନ୍ଦ୍ର ମାଟିର ପୁଅ ଓ ଯୁବଗୋଷ୍ଠୀଙ୍କୁ ସମ୍ବଳ କରିଛନ୍ତି। ଗତ ନିର୍ବାଚନରେ ସେ ବିଜେଡି ଟିକେଟ୍ ପାଇଁ ଦାବିଦାର ଥିଲେ। କିନ୍ତୁ ପାଇ ନ ଥିଲେ। ସେବେଠାରୁ ସେ ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ପ୍ରଶାନ୍ତ ବାଲିକୁଦା-ଏରସମା ବିଧାନସଭା ଆସନରୁ ଆସି ପ୍ରଥମ ଥର ଜଗତ୍‌ସିଂହପୁରରେ ଲଢ଼େଇ କରି ବିଧାୟକ ହୋଇଛନ୍ତି। ଦଳ ଜିଲା ସଭାପତି ସହିତ ସରକାରୀ ମୁଖ୍ୟ ସଚେତକ ପଦବୀ ଅଳଙ୍କୃତ କରିଛନ୍ତି। କ୍ଷମତା ବଳରେ ବିଶେଷ ଲାଭବାନ ହେଉଛନ୍ତି। ଦଳୀୟ କର୍ମୀଙ୍କୁ ରୋଜଗାର ଦେଇଛନ୍ତି। କିନ୍ତୁ ଲୋକଙ୍କୁ ଲାଭ ମିଳୁନାହିଁ। ନିର୍ବାଚନମଣ୍ଡଳୀରେ ଆଞ୍ଚଳିକ ଓ ବାହାର ନେତା ପ୍ରସଙ୍ଗ ତୀବ୍ର ହେବାରେ ଲାଗିଛି। ପ୍ରଶାନ୍ତ ଟିକେଟ୍ ପାଇଲେ ଭାଜପା ବିଶେଷ ଲାଭବାନ ହେବ। ମୋଟାମୋଟି କହିବାକୁ ଗଲେ ବିଜେଡିରୁ ଯିଏ ପ୍ରାର୍ଥୀ ହେଲେ ଭାଜପାର କ୍ଷତି ହେବନାହିଁ ବୋଲି ମହାପାତ୍ର ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ନିର୍ବାଚନ ପରେ କଂଗ୍ରେସ ନେତା ଚିରଞ୍ଜୀବ ବିଜେଡିରେ ମିଶିବେ ବୋଲି ମଝିରେ ମଝିରେ ଚର୍ଚ୍ଚା ଚାଲିଛି। ଏବେ ବି ଏହା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ। ଏଭଳି ସ୍ଥିତିରେ ବିଜେଡି କେଉଁ ନେତାଙ୍କୁ ଦଳୀୟ ଟିକେଟ ଦେଉଛି ତା' ଉପରେ ସମସ୍ତଙ୍କ ନଜର।

ପ୍ରଶାନ୍ତ ମୁଦୁଲିଙ୍କ

ଅମରେନ୍ଦ୍ର ଦାସ

ଶିକ୍ଷାକୁ ଘରୋଇକରଣ କରି ଶୋଷଣ କରୁଛନ୍ତି ରାଜ୍ୟ ସରକାର: ମୋହନ

ଭୁବନେଶ୍ୱର,୧୮।୧(ଅନିଲଦାସ)

ସରକାରୀ ବୈଷୟିକ କଲେଜକୁ ଘରୋଇକରଣ କରିବା ପାଇଁ ରାଜ୍ୟ ସରକାର ଚକ୍ରାନ୍ତ କରିଛନ୍ତି। ୨୪ ବର୍ଷର ବିଜେଡି ସରକାର ବିଭିନ୍ନ ସମୟରେ ୫-ଟି ନାଁକୁ ନେଇ ସ୍କୁଲ ରୂପାନ୍ତରଣ ଓ ପ୍ରତିଷ୍ଠା ନାଁରେ ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବୈଷୟିକ ଶିକ୍ଷା ବ୍ୟବସ୍ଥାରେ ରାଜ୍ୟ ସରକାର ବହୁ ଚଞ୍ଚକତା କରି ଶିକ୍ଷାନୁଷ୍ଠାନଗୁଡ଼ିକୁ ଘରୋଇକରଣ କରିବା ଓ ରୂପାନ୍ତରଣ ନାଁରେ ବାହାର ରାଜ୍ୟର ଠିକାଦାରଙ୍କ ଜରିଆରେ ଶହ ଶହ କୋଟି ଟଙ୍କାର କାମ କରାଇ ଶାସକ ଦଳର ନେତା, ଅସାଧୁ ସରକାରୀ ଅଫିସରମାନେ ମୁନାଫା କମାଉଛନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ,ରାଜ୍ୟ ସରକାର ୫-ଟି ମାଧ୍ୟମରେ ପ୍ରତ୍ୟେକ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନକୁ ବିଶ୍ୱସ୍ତରୀୟ ପାଇଁ ଯୋଜନା କରିବା ସହ ବିଜ୍ଞାପନ ମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ୩ଟି ବୈଷୟିକ ସରକାରୀ କଲେଜ ଯଥା- ଜିସିଇ କେନ୍ଦୁଝର, ସିଆଇଟିଇ ଭୁବନେଶ୍ୱର, ଢେଙ୍କାନାଳସ୍ଥିତ ଆଇଜିଆଇଟି ସରାଙ୍ଗର ପଲିଟେକ୍‌ନିକ୍ ବିଭାଗକୁ ଘରୋଇକରଣ କରିବା ପାଇଁ ରାଜ୍ୟ ସରକାର ଚକ୍ରାନ୍ତ କରିଛନ୍ତି ବୋଲି ମାଝି କହିଛନ୍ତି। ଆଗାମୀ ନିର୍ବାଚନ ପାଇଁ ରାଜ୍ୟ ସରକାର ସରକାରୀ ମହାବିଦ୍ୟାଳୟକୁ ଘରୋଇକରଣ କରି ଯେଉଁ ମୋଟା ଅଙ୍କର ଟଙ୍କା ଆଣିବାର ପ୍ରୟାସ କରୁଛି ତାହାକୁ ଭାଜପା ସଫଳ କରିବାକୁ ଦେବ ନାହିଁ। ରାଜ୍ୟ ସରକାର ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ମୋହନ କହିଛନ୍ତି।

Classified Everyday
0674-2580101, 2549949

REAL ESTATE

SALE

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

Ready to move luxurious flat for sale at Acharya Vihar. Contact- 9437307086, 7978209277. D-2286

MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414. D-2295

ACCOMMODATION

Required Building for Office: Independent duplex building is required on rent for Office for a TRUST at Kalinganagar, Ghatikia. Interested landlord may contact to Mob: 9937786833 for price and term of agreement. D-75702

Newly health benefited SPA expert therapist at Mastercanteen. Contact: 7749034655. D-75185

Relax, Refresh your Body, Mind at Saikrupa Spa with best therapies. 8984068077. D-2209

Newly open health benefits SPA special offer @ 799 Bapuji Nagar. 8018429809. D-75183

Newly open health benefits SPA special offer @ 999 Bapujinagar. 8018429809. D-75189

Spa Kerala body Massage best Therapist @699/- Bhubaneswar. kajal-9337672475. D-2252

Newly open Jyoti SPA positively health benefits (expert therapist). 8458067955. D-75182

AFFIDAVIT

I, Debajani Pradhan, W/o- Jalandhar Pradhan, resident of At-Plot No. 853/1240/1894, Chandimata Colony, Rasulgarh, BBSR, P.O./P.S.- Mancheswar, Dist.- Khordha, PIN- 751010, Odisha declare by this affidavit No.- 9/2024 dtd.- 18.01.2024 that now onwards I shall be known as DEBAJANI ROUTRAY for all future purposes. D-2304

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Pranati Das, W/o- Subrata Kumar Das, At- Akatpur, Mandalbagicha, P.O- Sunhat, Dist.- Balasore declare that in my Passport my husband's name has been mentioned as Subrata Das instead of Subrata Kumar Das. But both the names of my husband is one and same person. D-2305

By virtue of an affidavit before Notary Public dtd. 18 Jan. 2024 has been changed from Kristo Nayak to Krushna Chandra Nayak, S/o- Shatrughna Nayak, At- Guhaldihi, P.S.- Soro, Dist.- Balasore for all purposes. D-2302

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର

ଖସିଲା ଶେୟାର ବଜାର

ନୂଆଦିଲ୍ଲୀ: କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୩୧୩.୯୦ ପଏଣ୍ଟ ବଢ଼ି ୭୧,୧୮୬.୮୬ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୯.୭୦ ପଏଣ୍ଟ ହ୍ରାସ ଘଟି ୨୧,୪୬୨.୨୫ ଅଙ୍କରେ କାରବାର ବନ୍ଦ କରିଥିଲା।

ଉତ୍କଳ ହ୍ୟୁଣ୍ଡାଇର ପାହାଳ ଶୋ'ରୁମ୍‌ଠାରେ ହ୍ୟୁଣ୍ଡାଇ ମୋଟରର 'ଦି ନ୍ୟୁ ହ୍ୟୁଣ୍ଡାଇ କ୍ରେଟା'କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ କରିଥିଲେ। ଏହି ଅବସରରେ ଉତ୍କଳ ହ୍ୟୁଣ୍ଡାଇର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଉତ୍କଳ ହ୍ୟୁଣ୍ଡାଇର ପଟିଆ ଶୋ'ରୁମ୍‌ଠାରେ ହ୍ୟୁଣ୍ଡାଇ ମୋଟରର 'ଦି ନ୍ୟୁ ହ୍ୟୁଣ୍ଡାଇ କ୍ରେଟା'କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଚିଫ୍ ମ୍ୟାନେଜର ପ୍ରଶାନ୍ତ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଏହି ଅବସରରେ ଉତ୍କଳ ହ୍ୟୁଣ୍ଡାଇର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଜିଓ ଭାରତର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ୍

ଭୁବନେଶ୍ୱର,୧୮।୧

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ରିଲାଏନ୍ସ ଗ୍ରୁପ୍‌ର ଅଗ୍ରଣୀ ସଂସ୍ଥା ଜିଓ ପୁଣି ଥରେ ଭାରତର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ ଭାବେ ମାନ୍ୟତା ଲାଭ କରିଛି। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡ ଫାଇନାନ୍ସ ଦ୍ୱାରା ପ୍ରକାଶିତ ସଦ୍ୟତମ ରିପୋର୍ଟ ଗ୍ଲୋବାଲ ୫୦୦-୨୦୨୪ ରେ ଏଲ୍‌ଆଇସି ଏବଂ ଏସ୍‌ବିଆଇ ଭଳି ବହୁ ଦଶନ୍ଧି ପୁରୁଣା ଭାରତୀୟ ବ୍ରାଣ୍ଡକୁ ପଛରେ ପକାଇ ଅପେକ୍ଷାକୃତ ନବାଗତ ବ୍ରାଣ୍ଡ୍ ଜିଓ ଭାରତର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ ଭାବେ ସ୍ୱୀକୃତି ପାଇଛି। ସେହିଭଳି ୨୦୨୩ ବ୍ରାଣ୍ଡ୍ ଫାଇନାନ୍ସ ମାନ୍ୟତାରେ ମଧ୍ୟ ଜିଓ ଭାରତର ଶକ୍ତିଶାଳୀ ବ୍ରାଣ୍ଡ ତାଲିକାର ଶୀର୍ଷରେ ରହିଥିଲା। ସେହିପରି ଚଳିତ ବର୍ଷ (୨୦୨୪ ବର୍ଷ) ପାଇଁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ୍ ମଧ୍ୟରେ ଜିଓ ୧୭ ତମ ସ୍ଥାନରେ ରହିଥିଲାବେଳେ ଏହାର ବ୍ରାଣ୍ଡ୍ ଦୃଢ଼ତା ସୂଚୀ ୮୮.୯ ପଏଣ୍ଟ ରହିଛି। ଉକ୍ତ ତାଲିକାରେ ୱି-ଚାଟ୍, ଗୁଗଲ୍, ୟୁଟ୍ୟୁବ୍, ଡେଲଏଟ୍, କୋକାକୋଲା ଏବଂ ନେଟ୍‌ଫ୍ଲିକ୍ସ ଭଳି ବ୍ରାଣ୍ଡ୍ ସାମିଲ ରହିଛି ଏବଂ ଇ-ୱାଇ, ଏଲ୍‌ଆଇସି, ଏସ୍‌ବିଆଇ ଏବଂ ଇନ୍‌ଷ୍ଟାଗ୍ରାମ୍ ଭଳି ବ୍ରାଣ୍ଡଠାରୁ ଜିଓ ବହୁ ଆଗରେ ରହିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଟେଲି ଯୋଗାଯୋଗ କ୍ଷେତ୍ରରେ ଜିଓ ଅପେକ୍ଷାକୃତ ନୂତନ ଭାବେ ପ୍ରବେଶ କରିଥିବା ଅନ୍ୟ ବ୍ରାଣ୍ଡର ମୂଲ୍ୟ ତୁଳନାରେ ଉଲ୍ଲେଖନୀୟ ଭାବେ ୧୪% ବୃଦ୍ଧି ପାଇ ୬.୧ବିଲିୟନ ଡଲାରରେ ପହଞ୍ଚିଛି। ଉକ୍ତ ବ୍ରାଣ୍ଡ୍ ଦୃଢ଼ତା ଇଣ୍ଡେକ୍ସ ସ୍କୋର ୮୯ ଏବଂ ଆସୋସିଏଟେଡ୍ ଏଏଏ ବ୍ରାଣ୍ଡ୍ ରେଟିଂ ସହ ଜିଓ ଆଗରେ ରହିଛି।

ଇଭୋସ୍ ଦେବ 'ଗୋଲ୍ଡ କ୍ଲାସ୍ ଲିଭିଂ' ସୁଯୋଗ

ଭୁବନେଶ୍ୱର,୧୮।୧ (ଅନୁରାଧା ମହାରଣା)

ରିୟଲ ଇଷ୍ଟେଟ୍ ଡେଭେଲପର 'ଇଭୋସ୍' ବିଲ୍ଡକନ୍ ଗ୍ରାହକଙ୍କୁ 'ଗୋଲ୍ଡ କ୍ଲାସ୍ ଲିଭିଂ'ର ଅନୁଭୂତି ପ୍ରଦାନ କରିବାକୁ ଯାଉଛି। ଇଭୋସ୍ ଏହାର ସର୍ବୋଚ୍ଚ ଟାୱାର ପଟିଆ ରଘୁନାଥପୁରରେ ନିର୍ମାଣ କରୁଥିବାବେଳେ ଏଠାରେ ଉପଲବ୍ଧ ହେବାକୁ ଥିବା ଅତ୍ୟାଧୁନିକ ସେବା ଓ ସୁବିଧା ସମ୍ପର୍କରେ ଗୁରୁବାର ଆୟୋଜିତ ପ୍ରିଲଞ୍ଚ ସେରେମନି ତଥା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରସିଦ୍ଧ ଆର୍କିଟେକ୍ଟ ସଞ୍ଜୟ ପୁରୀ ଏହାର ଡିଜାଇନ ପ୍ରସ୍ତୁତ କରିଛନ୍ତି। ପ୍ରସ୍ତୁତ ଡିଜାଇନ ଅନୁସାରେ ଏଠାରେ ୪୨ ମହଲା ବିଶିଷ୍ଟ ୪ଟି ଟାୱାର ରହିବ। ୬.୯ ଏକର ଜମିରେ ଏହାର ନିର୍ମାଣ କରାଯାଇଥିବାବେଳେ ଏଠାରେ ଗ୍ରାଉଣ୍ଡ ଆଣ୍ଡ କ୍ଲାଉଡ୍ ଆମେନିଟି ଜୋନ୍ ସହ ୭୦ ପ୍ରତିଶତ ଖୋଲା ସ୍ଥାନ ରହିବ ବୋଲି ଖବରଦାତା ସମ୍ମିଳନୀରେ ଇଭୋସ୍‌ର ମ୍ୟାନେଜିଂ ଡାଇରେକ୍ଟର କଳିଙ୍ଗ କେଶରୀ ରଥ, ଦୁଷ୍ମନ୍ତ ପାତ୍ର ଏବଂ ଆର୍କିଟେକ୍ଟ ଉମାଶଙ୍କର ପରିଡ଼ା ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ତେବେ ଏହି ଟାୱାର ନାମ ଘୋଷଣା ସହ ଏହାର ମୂଲ୍ୟ ସମ୍ପର୍କରେ ଫେବୃଆରୀ ୮ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ସୂଚନା ଦିଆଯିବ ବୋଲି ଇଭୋସ୍ ପକ୍ଷରୁ କୁହଯାଇଛି। ଏଠାରେ ୱେଲ୍‌ବିଇଂ ପୁଲ୍, ଗାର୍ଡେନ୍, ଯୋଗ ଡେକ୍, ଚେସ୍ କୋର୍ଟ, ପୁଲ୍ ଟେରେସ୍, ଲାଇଫ୍ ଷ୍ଟାଇଲ୍ ପୁଲ୍, ଥେରାପି ପୁଲ୍ ସହ ଅନ୍ୟାନ୍ୟ ସୁବିଧା ମିଳିବ। ଏହା ସହ ସ୍କାଏ ଲାଉଞ୍ଜ, ଲାଉଞ୍ଜ କାଫେ, ଇନ୍‌ଡୋର ପ୍ଲେ ଏରିଆ, ସ୍ପା, କ୍ଲାଉଡ୍ ୱାକ୍ ୱେ, ଥିଏଟର, କିଡ୍‌ସ୍ ପ୍ଲେ ରୁମ୍, ଲାଇବ୍ରେରି, ଫିଟ୍‌ନେସ୍ ସେଣ୍ଟର ଆଦି ରହିବ।

ଜେଏସ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୮।୧

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡିରେକ୍ଟର୍ସ) ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀ ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ (ତୃତୀୟ କ୍ୱାର୍ଟର) ର ଆର୍ଥିକ ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ବିଶେଷକରି ଘରୋଇ ବଜାରରେ ଭଲ ଚାହିଦା ଯୋଗୁ ୩ୟ ତ୍ରୈମାସିକ (ତୃତୀୟ କ୍ୱାର୍ଟର) ପାଇଁ କମ୍ପାନୀର ସ୍ୱତନ୍ତ୍ର ସେଲ୍ସ ଭଲ୍ୟୁମ ୯% ବାର୍ଷିକ ଅଭିବୃଦ୍ଧି ସହ ୫,୧୨,୦୧୫ ମେଟ୍ରିକ୍ ଟନ୍‌ରେ ରହିଛି। କିନ୍ତୁ ପରିମାଣରେ ଦ୍ରୁତ ବୃଦ୍ଧି ସହ ବର୍ଦ୍ଧିତ ଉତ୍ପାଦ ମିଶ୍ରଣ ପାଇଁ ଆଉଟପୁଟ୍‌ର ଉନ୍ନତି ସକାଶେ ପ୍ଲାଣ୍ଟଗୁଡ଼ିକର ଯୋଜନାବଦ୍ଧ ରକ୍ଷଣାବେକ୍ଷଣ କରାଯିବା ଯୋଗୁ କ୍ୱାର୍ଟର ଆଧାରରେ ୬% ଅବନତି ହୋଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ତୃତୀୟ କ୍ୱାର୍ଟର ଆମ ପାଇଁ ଘଟଣାବହୁଳ ଥିଲା। ଏପରିକି ସିଓପି-୨୮ ସମ୍ମିଳନୀରେ ଆମର ପ୍ରଥମ ଉପସ୍ଥିତି ସହ ଏକ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟୀ ଭାବେ ଆମେ ଆମର ଡିକାର୍ବୋନାଇଜେଶନ ପ୍ରୟାସକୁ ଉପସ୍ଥାପନ କରିଛୁ। ବିଶେଷ କରି ଷ୍ଟେନ୍‌ଲେସ୍ ଷ୍ଟିଲ୍ ବଜାରରେ ବୈଶ୍ୱିକ ମାନ୍ଦାବସ୍ଥା ସତ୍ତ୍ୱେ ଘରୋଇ ବଜାରରେ ସ୍ଥିର ଅଭିବୃଦ୍ଧି ଘଟିଛି। ସେହିଭଳି ନିକଟ ତଥା ଦୂର ଭବିଷ୍ୟତ ପାଇଁ ଭାରତର ପ୍ରତିଜ୍ଞାକୁ ଦୃଷ୍ଟିରେ ରଖି ଆସନ୍ତା କ୍ୱାର୍ଟରରେ ଆମର ଧାର୍ଯ୍ୟ ପରିମାଣ ହାସଲ କରିବା ନେଇ ଆମେ ଦୃଢ଼ ନିଶ୍ଚିତ ଅଛୁ। ଅପରପକ୍ଷରେ ସବୁଜ ଉତ୍ପାଦନ, ଅପରେଶନରେ ଉତ୍କର୍ଷ, ବ୍ୟବସାୟ ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ଉପରେ ଆମେ ଧ୍ୟାନଦେବା ଜାରି ରଖିବୁ ବୋଲି ସେ ମତପ୍ରକାଶ କରିଛନ୍ତି।

ଏହି ଅବଧିରେ କମ୍ପାନୀର ମୋଟ ଷ୍ଟାଣ୍ଡ ଆଲୋନ ରେଭେନ୍ୟୁ ବାର୍ଷିକ ୧% ଅଭିବୃଦ୍ଧି ସହ ୯,୦୮୮ କୋଟି ଟଙ୍କାରେ ରହିଛି। ଷ୍ଟାଣ୍ଡ ଆଲୋନ ଇବିଆଇଟିଡିଏ ୧୦୨୧ କୋଟି ଟଙ୍କା ରହିଥିବା ବେଳେ ଟିକସ ପରବର୍ତ୍ତୀ ଲାଭ ୭୭୯ କୋଟି ଟଙ୍କା ରହିଛି।

କରୋନାର ନୂଆ ଭାରିଆଣ୍ଟ ଉପରେ ଗବେଷଣା କରିବ ପତଞ୍ଜଳି

ଭୁବନେଶ୍ୱର,୧୮।୧

କରୋନା ମହାମାରୀ ସମୟରେ ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନର ବୈଜ୍ଞାନିକମାନେ ବ୍ୟାପକ ଗବେଷଣା ପୂର୍ବକ କରୋନିଲ ଆବିଷ୍କାରକରି ଚିକିତ୍ସା ଓ ସ୍ୱାସ୍ଥ୍ୟସେବାରେ ଆୟୁର୍ବେଦର ସଫଳତାକୁ ପ୍ରଦର୍ଶିତ କରିଥିଲେ। ବର୍ତ୍ତମାନ କରୋନାର ନୂଆ ଭାରିଆଣ୍ଟ ଉପରେ ଗବେଷଣା କରିବାକୁ ଚାଇନାର ସାଇନୋ ବାୟୋଲୋଜିକାଲ ଲାବ୍‌ରୁ ସ୍ପାଇକ୍ ପ୍ରୋଟିନ୍ ମଗାଯାଇଛି। ଏହ ଉପରେ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନର ବୈଜ୍ଞାନିକମାନେ ଗବେଷଣା କରିବେ। କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ଜେଏନ୍.-୧ ସଂକ୍ରମଣ ବଢ଼ିବାରେ ଲାଗିଛି। ଏହି ଅବସରରେ ପତଞ୍ଜଳି ଯୋଗପୀଠର ମହାସଚିବ ଆଚାର୍ଯ୍ୟ ବାଲକ୍ରିଷ୍ଣ କହିଛନ୍ତି, କରୋନା ମହାମାରୀ ସାରା ବିଶ୍ୱରେ ଆତଙ୍କ ଖେଳାଇ ଦେଇଥିଲା ଏବଂ ଜନସାଧାରଣଙ୍କୁ ଅସହ୍ୟ ଯନ୍ତ୍ରଣା ଦେଇଥିଲା। ଏବେ ଜେଏନ୍.-୧ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏହି ଭୂତାଣ ଦ୍ୱାରା ହେଉଥିବା ରୋଗର ଚିକିତ୍ସା ପାଇଁ ଗବେଷଣା କରିବାକୁ ସ୍ପାଇକ୍ ପ୍ରୋଟିନ୍‌ର ଆବଶ୍ୟକତା ରହିଛି। ପତଞ୍ଜଳି କିଭଳି ଆୟୁର୍ବେଦିକ ଔଷଧ ଉପରେ ଗବେଷଣା କରି ତାହାର ପ୍ରସ୍ତୁତି କରୁଛି ଏବଂ ଆଧୁନିକ ଚିକିତ୍ସା ବିଜ୍ଞାନର ଯେଉଁ ମାନକ ତଥା ପାରାମିଟର୍ସ ରହିଛି ସେ ସମ୍ପର୍କରେ ସମଗ୍ର ବିଶ୍ୱକୁ ପତଞ୍ଜଳି ଅବଗତ କରାଇବାକୁ ଚାହିଁଛି। ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନର ପ୍ରମୁଖ ବୈଜ୍ଞାନିକ ଡା. ଅନୁରାଗ କହିଛନ୍ତି, ଓମିକ୍ରନ୍ ଜେଏନ୍.-୧ ଭୂତାଣରୁ ସ୍ପାଇକ୍ ପ୍ରୋଟିନ୍ ଉପରେ କରୋନିଲର ପ୍ରୟୋଗ ଦ୍ୱାରା ସଂକ୍ରମଣ ନିୟନ୍ତ୍ରଣ ସମ୍ପର୍କରେ ଟ୍ରାଏଲ କରାଯିବ। ଏହାର ପରିଣାମ ଭୂତାଣୁ ନିୟନ୍ତ୍ରଣ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି।

ଋଣ ପ୍ରଦାନ କ୍ଷେତ୍ରରେ ଓଜିବି ପୁରସ୍କୃତ

ଭୁବନେଶ୍ୱର,୧୮।୧ (ଅଭୟ ଦାଶ)

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)କୁ ଜାତୀୟସ୍ତରରେ ସମ୍ମାନିତ ସହ ପୁରସ୍କୃତ ମଧ୍ୟ କରାଯାଇଛି। ବିଶେଷକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଓଜିବି ପୁରସ୍କୃତ ହୋଇଛି। ଏପରିକି ପୂର୍ବ ଭାରତରେ ବ୍ୟାଙ୍କ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସର୍ବାଧିକ ଋଣ ବଣ୍ଟନକରି ପୂର୍ବ ଭାରତର ଶ୍ରେଷ୍ଠ ବ୍ୟାଙ୍କ ଭାବେ ନିକଟରେ ସମ୍ମାନିତ ହୋଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବ୍ୟାଙ୍କର ଅଧ୍ୟକ୍ଷ ଋଷି ସିଂହ ଅତିରିକ୍ତ ସଚିବ (ସେକ୍ରେଟାରି) ଡେ.ଏନ୍.ଆର.ଏଲ୍.ଏମ୍. ଚରଣଜିତ ସିଂହଙ୍କ ଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ,୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କ ୮୧,୦୦୦ ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୨,୩୨୦ କୋଟି ଟଙ୍କାର ଋଣ ପ୍ରଦାନ କରିଥିଲାବେଳେ ୮ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ବ୍ୟାଙ୍କ ସହଯୋଗ (ଉପକୃତ) କରିପାରିଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ୫୪,୦୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୧,୬୯୬କୋଟି ଟଙ୍କାର ଋଣ ପ୍ରଦାନ କରିଛି।

ଅପରପକ୍ଷରେ ଓଜିବି କିଛିଦିନ ତଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ନିମନ୍ତେ ଓଡ଼ିଶାରେ ଶ୍ରେଷ୍ଠ ବ୍ୟାଙ୍କ ଭାବେ ବିବେଚିତ ହୋଇ ମୁଖ୍ୟମନ୍ତ୍ରୀଙ୍କଠାରୁ ମଧ୍ୟ ପୁରସ୍କାର ଗ୍ରହଣ କରିଥିଲା।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଟିପିସିଓଡିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା

ଭୁବନେଶ୍ୱର,୧୮।୧

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପୁରୀ ଜଗନ୍ନାଥ ଐତିହ୍ୟ କରିଡର ପାଇଁ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ଏପରିକି ପୁରୀକୁ ଆସୁଥିବା ଭକ୍ତଙ୍କ ପାଇଁ ଭିତ୍ତିଭୂମିରେ ଉନ୍ନତି ଆଣିବା ଲକ୍ଷ୍ୟ ରଖି ଏହି ପ୍ରମୁଖ ପ୍ରକଳ୍ପକୁ ପ୍ରସ୍ତୁତ କରାଯାଇଛି।

ଏହି ଐତିହ୍ୟ ପ୍ରକଳ୍ପରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବହୁ ବିକାଶମୂଳକ କାର୍ଯ୍ୟ କରାଯାଇଛି, ଯେଉଁଥିରେ ଜେଲ ରୋଡ୍‌ରେ ବହୁତଳ କାର୍ ପାର୍କିଂ, ଜଗନ୍ନାଥ ବଲ୍ଲଭ ପାର୍କିଂ, ମହୋଦଧି ମାର୍କେଟ କମ୍ପ୍ଲେକ୍ସ, ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ଆଦି ସାମିଲ ରହିଛି। ଏହି ଐତିହ୍ୟ କରିଡର ପାଇଁ ସମସ୍ତ ଚେଞ୍ଜଓଭର ପଏଣ୍ଟରେ ୨୪ଘଣ୍ଟା କାମ କରିବା, ୩୩/୧୧କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ (ପିଏସ୍‌ଏସ୍)ର ପରିଚାଳନା ପାଇଁ ଉତ୍ସର୍ଗୀକୃତ ଅପରେଟର, ସହରରେ ସମସ୍ତ ୩୩/୧୧ କେଭି ପିଏସ୍‌ଏସ୍‌ର ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଲାଗି ୩୦୦ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା। ଏଥିସହ ବସ୍ ଚାର୍ଜିଂ ଷ୍ଟେଶନ, ଏସି ହାଙ୍ଗର ଏବଂ ବ୍ୟାପକ ସ୍ଥାନରେ ଲାଇଟିଂ ବ୍ୟବସ୍ଥା କରାଯାଇଥିଲା।

ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ପ୍ରଗତିକୁ ଶକ୍ତି ପ୍ରଦାନ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ ଏବଂ ଆମର ଉତ୍ସର୍ଗୀକୃତ ଟିମ୍, ସୁଦୃଢ଼ ଭିତ୍ତିଭୂମି ଏବଂ ସୁରକ୍ଷା ଓ ଭରସାଯୋଗ୍ୟତା ଉପରେ ଗୁରୁତ୍ୱ ଆମକୁ ଏହି ପବିତ୍ର ସହରକୁ ଆଲୋକିତ କରିବା ପାଇଁ ସକ୍ଷମ କରିଛି। ପୁରୀର ଆଲୋକୀକରଣ କରିଥିବାରୁ ଆମେ ବେଶ୍ ଗର୍ବିତ ଏବଂ ଏଭଳି ଅର୍ଥପୂର୍ଣ୍ଣ ଢଙ୍ଗରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପ୍ରତି ଯୋଗଦାନ ପ୍ରଦାନ କରିବା ପାଇଁ ସୁଯୋଗ ପାଇଥିବାରୁ ଆମେ ବେଶ୍ କୃତଜ୍ଞ।

ବଜାଜ୍ କାର୍ଗୋ ଇଲେକ୍ଟ୍ରିକ୍ ୩ଚକିଆ ଯାନ ଉନ୍ମୋଚିତ

ଭୁବନେଶ୍ୱର,୧୮।୧

ବଜାଜ୍ ଅଟୋ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବଜାଜ୍ କାର୍ଗୋ ଇଲେକ୍ଟ୍ରିକ୍ ୩ଚକିଆ ଯାନ 'ଏକ୍ସଏଲ୍ କାର୍ଗୋ ଇ-ଟେକ୍୧୨.୦'କୁ ଗୁରୁବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, କଟକ ଆର୍‌ଟିଓ ସଞ୍ଜୟ କୁମାର ବେହେରା, କଟକ ମୋଟର ଯାନ ଇନ୍ସପେକ୍ଟର ବିଶ୍ୱଜିତ ଦାଶ ଏବଂ ବଜାଜ୍ ଅଟୋ ଲିମିଟେଡ୍‌ର ଭିପି(ସେଲ୍‌ସ) ରାଜୀବ ବର୍ମାଙ୍କ ଉପସ୍ଥିତିରେ ଉକ୍ତ ଇ-ଯାନର ଉନ୍ମୋଚନ କରାଯାଇଥିଲା।

ଏ ସମ୍ପର୍କରେ ବର୍ମା କହିଛନ୍ତି, ନୂତନ ବଜାଜ୍ କାର୍ଗୋ ଇଲେକ୍ଟ୍ରିକ୍ ତିନିଚକିଆ ଯାନ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଦୀର୍ଘ ଦଶନ୍ଧି ଧରି ଆମର ଗ୍ରାହକମାନେ ସେମାନଙ୍କ ବିଶ୍ୱାସ ଏବଂ ସମର୍ଥନ ଆମକୁ ଦେଇ ଆସୁଛନ୍ତି। ବିଶେଷ କରି ନିର୍ଭରଯୋଗ୍ୟ ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ଯାତାୟାତ ସୁବିଧା ଯୋଗାଇବା ଆମର କର୍ତ୍ତବ୍ୟ ହୋଇଥିବାବେଳେ ଆମେ ଗ୍ରାହକଙ୍କୁ ୨୪ ଘଣ୍ଟିଆ ସେଲ୍ସ ସୁବିଧା ଯୋଗାଇବୁ ଏବଂ ପରବର୍ତ୍ତୀ ସମୟରେ ଆମେ ଭାରତର ବିଭିନ୍ନ ସହରରେ ବିତରଣକୁ ବିସ୍ତାର କରିବୁ।

ଉଲ୍ଲେଖଯୋଗ୍ୟ, କାର୍ଗୋ ଇଲେକ୍ଟ୍ରିକ୍ ୩ଚକିଆ ଯାନଗୁଡ଼ିକ ଆଇପିଏଚ, ରେଟେଡ୍ ଉନ୍ନତ ଲି-ଆୟନ ବ୍ୟାଟେରି, ଟୁ-ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିସନ୍ ଏବଂ ଏକ ସ୍ଥାୟୀ ଚୁମ୍ବକୀୟ ସିଙ୍କ୍ରୋନସ୍(ପିଏମ୍‌ଏସ୍) ମୋଟର ସହିତ ସଜାହୋଇଛି, ଯାହାକି ଯାନଗୁଡ଼ିକୁ ଏକ ଉତ୍କୃଷ୍ଟ ପରିସର ପ୍ରଦାନ କରିବାକୁ ସକ୍ଷମ କରିଥାଏ। ଏହା ଯେକୌଣସି ୧୬-ଏଏମ୍‌ପି,୨୨୦ ଇଲେକ୍ଟ୍ରିକାଲ୍ ଆଉଟ୍‌ଲେଟ୍‌ରେ ବ୍ୟାଟେରି ଚାର୍ଜ କରିପାରିବ। ଏହା ସହିତ ଅନ୍‌ବୋର୍ଡ ଚାର୍ଜ ପ୍ରକ୍ରିୟାକୁ ସୁବିଧାଜନକକରି ହେଭି ଚାର୍ଜର ବହନ କରିବାର ଆବଶ୍ୟକତାକ

ଆଜି କଳିଙ୍ଗରେ କୋଲକାତା ଡର୍ବି

ଭୁବନେଶ୍ୱର,୧୮।୧
(ସରୋଜ ଜେନା)

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଖେଳାଯିବ କୋଲକାତା ଡର୍ବି। ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ମୋହନବାଗାନ ସୁପର ଜାଏଣ୍ଟ୍ସ ଓ ଇଷ୍ଟ ବେଙ୍ଗଲ ଏଫ୍‌ସି। ଏହି ମ୍ୟାଚ୍ ଉଭୟ ଦଳ ପାଇଁ କ୍ୱାର୍ଟର ଫାଇନାଲ ସଦୃଶ। ଯେଉଁ ଦଳ ବିଜୟୀ ହେବ ସେ ସେମି ଫାଇନାଲ ପାଇଁ ଯୋଗ୍ୟତା

ସୁପର କପ୍

ଅର୍ଜନ କରିବ। ଅନ୍ୟ ପକ୍ଷରେ ଏହି ଦୁଇ ଦଳ ମଧ୍ୟରେ ପଶ୍ଚିମବଙ୍ଗ ବାହାରେ ମ୍ୟାଚ୍ ଖେଳାଯିବାର ମଧ୍ୟ ଏହା ପ୍ରଥମ ଦୃଷ୍ଟାନ୍ତ। ଗ୍ରୁପ୍ ଏରେ ଉଭୟ ଦଳ ସ୍ଥାନ ପାଇଥିବା ବେଳେ ଉଭୟ ଦଳ ଦୁଇଟି ଲେଖାଏ ମ୍ୟାଚ୍ ଖେଳି ଉଭୟରେ ବିଜୟ ହାସଲ କରିଛନ୍ତି। ତେବେ ଗୋଲ ବ୍ୟବଧାନରେ ଇଷ୍ଟ ବେଙ୍ଗଲ ଆଗୁଆ ରହିଛି। ଫଳରେ ଅନ୍ତିମ ମ୍ୟାଚ୍‌ଟି ଡ୍ର ହେଲେ ଇଷ୍ଟବେଙ୍ଗଲ ଫାଇଦାରେ ରହିବ। ନିକଟ ଅତୀତରେ ମୋହନ ବାଗାନ କଳିଙ୍ଗ ଷ୍ଟାଡିୟମରେ ୩ଟି ମ୍ୟାଚ୍ ଖେଳି ସାରିଥିବା ବେଳେ ଏହା ଦଳକୁ ସାମାନ୍ୟ ଫାଇଦାରେ ରଖିବ।

ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉଭୟ ଦଳର କୋଚ୍ ଓଡ଼ିଶାର କ୍ରୀଡା ଭିତ୍ତିଭୂମିକୁ ବେଶ ପ୍ରଶଂସା କରିଥିଲେ। ଏକା ଥରରେ ୧୬ ଫୁଟବଲ ଦଳକୁ ଓଡ଼ିଶା ଯେଉଁ ଭଳି ଢଙ୍ଗରେ ପରିଚାଳନା କରିଛି ତାହା ପ୍ରଶଂସନୀୟ ବୋଲି ଉଭୟ କହିଥିଲେ। ଇଷ୍ଟବେଙ୍ଗଲ ମୁଖ୍ୟ କୋଚ୍ କାର୍ଲୋସ କୁଆର୍ଡେଟ୍ କହିଥିଲେ ମୁଁ ଓଡ଼ିଶାରେ ଅଧିକ ସମୟ ବିତାଇଛି। ଏଠିକାର ଫୁଟବଲ ଭିତ୍ତିଭୂମି ଚମତ୍କାର ହୋଇଥିବା ବେଳେ ଅଭ୍ୟାସ ପିଚ ଗୁଡିକ ମଧ୍ୟ ଭଲ ରହିଛି। କୋଲକାତା ଡର୍ବି ଏକ ନ୍ୟୁଟ୍ରାଲ ଭେନ୍ୟୁରେ ହେବା ଭାରତୀୟ ଫୁଟବଲ ପାଇଁ ଶୁଭ ସଙ୍କେତ। ଅନ୍ୟ ପକ୍ଷରେ ଓଡ଼ିଶା ଏଫ୍‌ସିକୁ ସୁପର୍ କପ୍ ଜିତାଇଥିବା କ୍ଲିଫୋର୍ଡ ମିରାଣ୍ଡା ବର୍ତ୍ତମାନ ମୋହନବାଗାନ ସୁପର ଜାଏଣ୍ଟର ସହକାରୀ କୋଚ୍ ରହିଛନ୍ତି। ଓଡ଼ିଶାରେ ଅଧିକ ସମୟ ବିତାଇ ଥିବାରୁ ଏହା ଆମ ପାଇଁ ସୁବିଧାଜନକ ରହିବ ବୋଲି ମିରାଣ୍ଡା କହିଥିଲେ।

ଖବରଦାତା ସମ୍ମିଳନୀରେ କାର୍ଲୋସ କୁଆର୍ଡେଟ୍ ଓ କ୍ଲିଫୋର୍ଡ ମିରାଣ୍ଡା।

ପୁରସ୍କାର ଗ୍ରହଣକଲେ ବିଜୟ ଶତପଥୀ

ଭୁବନେଶ୍ୱର, ୧୮।୧
(ତପନ ସ୍ୱାଇଁ)

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ବୁଧବାର କିମ୍ବଦନ୍ତୀ ଭାରୋତ୍ତୋଳନ ବିଜୟ କୁମାର ଶତପଥୀଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଅସୁସ୍ଥତା ଯୋଗୁ ବିଜୟ ଶତପଥୀ ଅନୁପସ୍ଥିତ ରହିଥିଲେ ଏବଂ ତାଙ୍କ ପୁରସ୍କାର ଗ୍ରହଣ କରିଥିଲେ ଓଡ଼ିଶା ଭାରୋତ୍ତଳନ ସଂଘର ନବ ନିର୍ବାଚିତ ସମ୍ପାଦକ କେ. ରବି କୁମାର। ଗୁରୁବାର ବ୍ରହ୍ମପୁରସ୍ଥିତ ତାଙ୍କ ବାସଭବନରେ ବିଜୟ ଶତପଥୀଙ୍କୁ ଭେଟିବା ସହ ପୁରସ୍କାର ହସ୍ତାନ୍ତର କରିଛନ୍ତି ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ରବି କୁମାର। ପୁରସ୍କାର ବାବଦରେ ବିଜୟ ଶତପଥୀଙ୍କୁ ୨୫,୦୦୦ ଟଙ୍କାର ଚେକ୍ ସହିତ ଫଳକ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

ବିଜୟ ଶତପଥୀଙ୍କୁ ଓସ୍‌ଜା ପୁରସ୍କାର ପ୍ରଦାନ କରୁଛନ୍ତି କେ. ରବିକୁମାର।

ଓଡ଼ିଶା ହକି ଦଳ ଘୋଷିତ

ଭୁବନେଶ୍ୱର,୧୮।୧(ସରୋଜ ଜେନା)

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

ଜାନୁଆରୀ ୧୯ରୁ ଚେନ୍ନାଇରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ଗୁରୁବାର ଓଡ଼ିଶା ପୁରୁଷ ଓ ମହିଳା ହକି ଦଳ ଘୋଷଣା କରାଯାଇଛି। ଡେଭିଡ୍ ଜନ୍ ଓ ପିୟୁସ ଦାସ ମହିଳା ଦଳର କୋଚ୍ ରହିଥିବା ବେଳେ ବି.ଜେ କାରିଆପ୍ପା ଓ ଲକ୍ଷ୍ମୀ ନାରାୟଣ ପିଙ୍ଗି ପୁରୁଷ ଦଳର କୋଚ୍ ରହିଛନ୍ତି। ଓଡ଼ିଶା ଦଳ ଘୋଷଣାକୁ ନେଇ ହକି ଆସୋସିଏଶନ ଅଫ ଓଡ଼ିଶା ସଭାପତି ଦିଲୀପ ତୀର୍କି ସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ଟୁର୍ନାମେଣ୍ଟରେ ଉଭୟ ଦଳ ରାଜ୍ୟକୁ ଗର୍ବିତ କରିବେ ବୋଲି ସେ କହିଛନ୍ତି।

ପୁରୁଷ ଦଳ: ବିବେକ ଲାକ୍ରା, ଅଭିମନ୍ୟୁ ଗୌଡ, ଅନମୋଲ ଏକ୍କା, ଅଜୟ ଖାଲଖୋ, ଓ୍ୱିଲସନ ଖାଖା, ପ୍ରଶାନ୍ତ ବାର୍ଲା, ସଞ୍ଜିତ ତୀର୍କି, ଜସ୍ମନ ମୁଣ୍ଡା,ରୋହିତ କୁଲୁ, ଅର୍ବିନ୍ ଟପ୍ପୋ, ମୁକେଶ ଟପ୍ପୋ, ପ୍ରତାପ ଟପ୍ପୋ, ଅଦ୍ରୋହିତ ଏକ୍କା, ପ୍ରେମ ଦୟାଲ ଗିରି, ଦୀପକ ପ୍ରଧାନ, ଦେଓନାଥ ନନଓ୍ୱର, କରଣ ଲାକ୍ରା ଓ କ୍ରିଷ୍ଣା ମୋହନ।

ମହିଳା ଦଳ: ଏଙ୍ଗିଲ ହର୍ଷରାଣୀ ମିଞ୍ଜ, ନାମସି ଜୁରିକା, ସୋନାଲି ଏକ୍କା, ଅଞ୍ଜଳି ବାରୱା, ପୂଜା ରାମଚୁରିଆ, ପୂଜା ସାହୁ, ସୁମି ମୁଣ୍ଡାରୀ, ମରିୟମ ଧନଓ୍ୱର, ଜାହ୍ନବୀ ବଡ, ଅହଲ୍ୟା ଲାକ୍ରା, ତନୁଜା ଟପ୍ପୋ, ଦ୍ରୁପତି ନାୟକ, ଅମୀଷା ଏକ୍କା, କୋମଳ ଗୁଞ୍ଜର, ସୁରେଖା ବାହାଲ, ସୁପ୍ରିୟା କୁଜୁର, କରୁଣା ମିଞ୍ଜ ଓ ସୁନେଲିତା ଟପ୍ପୋ।

କଳିଙ୍ଗ ଷ୍ଟାଡିୟମ୍‌ରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ଘୋଷିତ ଓଡ଼ିଶା ମହିଳା ହକି ଦଳ।

ବ୍ରାଞ୍ଚ ଜିତିଲେ ୧୧ତମ ଷ୍ଟେଜ୍

ୟାନ୍‌ବୁ, ୧୮।୧ (ପି.ଟି.)

ହିରୋ ମୋଟର ସ୍ପୋର୍ଟ୍ସ ଟିମ୍ ରାଲି ରାଇଡର ରସ୍ ବ୍ରାଞ୍ଚ ଗୁରୁବାର ଆଇକନିକ ଡାକାର ରାଲି ୨୦୨୪ର ବାଇକ୍ 'ରାଲି ଜିପି' କାଟେଗୋରିର ଏକାଦଶତମ ଷ୍ଟେଜ ବିଜେତା ହୋଇଛନ୍ତି। ଡାକାରର ଏହି ସଂସ୍କରଣରେ ହିରୋ ମୋଟର ସ୍ପୋର୍ଟ୍ସ ପାଇଁ ଏହା ହେଉଛି ଦ୍ୱିତୀୟ ଷ୍ଟେଜ୍ ବିଜୟ। ପୂର୍ବରୁ ପ୍ରଥମ ଷ୍ଟେଜ୍ ଜିତିପାରିଥିଲା। ଓଭରଅଲ୍ କ୍ଲାସିଫିକେଶନରେ ବୋତସୁଆନାର ଏହି ରାଇଡର ଦ୍ୱିତୀୟ ସ୍ଥାନରେ ଅଛନ୍ତି। କିନ୍ତୁ ସେ ହୋଣ୍ଡାର ରିକି ବ୍ରାବେକ୍‌ଙ୍କଠାରୁ ୧୦ ମିନିଟ ବ୍ୟବଧାନରେ ପଛରେ ରହିଛନ୍ତି। ଗୁରୁବାର ପ୍ରଭାବୀ ପ୍ରଦର୍ଶନ କରିଥିବା 'କାଲାହାରି ଫେରାରି' ଆମେରିକୀୟଙ୍କଠାରୁ ୬.୫ ମିନିଟ ଦ୍ରୁତତମ ରହିଥିଲେ। କିନ୍ତୁ ରିକି ୫ ମିନିଟ୍, ୪୫ ସେକେଣ୍ଡ ବୋନସ ପଏଣ୍ଟ ହାସଲ କରିବାରେ ସମର୍ଥ ରହିଥିଲେ। ଏକାଦଶତମ ଷ୍ଟେଜ୍ ପରେ ତୃତୀୟ ସ୍ଥାନରେ ରହିଥିବା ହୋଣ୍ଡା ଟିମ୍‌ର ଆଡ୍ରିଆନ୍ ଭାନ୍ ବେଭରେନ୍‌ଙ୍କଠାରୁ ୪ ମିନିଟରୁ ଅଧିକ ଅଗ୍ରଣୀ ଲାଭ କରିପାରିଛନ୍ତି। ଗୋଟିଏ ଷ୍ଟେଜ୍ ବିଜୟ ସହ ଆରମ୍ଭରୁ ସ୍ଥିର ପ୍ରଦର୍ଶନ କରି ଆସୁଥିବା ବ୍ରାଞ୍ଚ ବର୍ତ୍ତମାନ ଡାକାର ୨୦୨୪ରେ ଏକ ଓଭର ଅଲ୍ ପୋଡିୟମର ନିକଟତର ହୋଇଛନ୍ତି। ଅନ୍ୟପକ୍ଷରେ ବାଇକ୍ ରେସିଂର ରାଲି-୨ କାଟେଗୋରି ହାରିଥ ନୋହା ପ୍ରଥମ ଭାରତୀୟ ଭାବେ ଯେକୌଣସି କାଟେଗୋରିରେ ଓଭରଅଲ ଶୀର୍ଷରେ ରହିଛନ୍ତି। ବ୍ରାଡ୍‌ଲି କକ୍ସ ଚଳିତବର୍ଷ ତୃତୀୟ ଥର ରାଲି-୨ ଶ୍ରେଣୀରେ ଶ୍ରେଷ୍ଠ ଟାଇମିଂ ହାସଲ କରିପାରିଛନ୍ତି। ଏହି ଦକ୍ଷିଣ ଆଫ୍ରିକୀୟ ନୋହାଙ୍କୁ ୮ ମିନିଟ ୨୯ସେକେଣ୍ଡରେ ପରାସ୍ତ କରିଥିଲେ ମଧ୍ୟ କିନ୍ତୁ ରାଲି-୨ ଜେନେରାଲ ର୍ୟାଙ୍କିଙ୍ଗରେ ଅଗ୍ରଣୀ ଲାଭ କରିଛନ୍ତି। ରାଲି-୨ ଶ୍ରେଣୀରେ ପ୍ରଥମ ଥର ଜଣେ ଟିଭିଏସ୍ ଶେରକୋ ରାଇଡରଙ୍କୁ ଦେଖିବାକୁ ମିଳିଥିଲା। ୪୨୦ କିଲୋମିଟର ଦୂରତା ବିଶିଷ୍ଟ ଷ୍ଟେଜ୍-୧୧ରେ ରାଇଡରମାନଙ୍କୁ ଗିରି ଖାତ ଓ ଶୁଷ୍କ ନଦୀଗୁଡ଼ିକ ଦେଇ ଯିବାକୁ ହୋଇଥିଲା।


ରସ୍ ବ୍ରାଞ୍ଚ

ବିଶ୍ୱ ଚାମ୍ପିୟନ କୁଲ୍‌ନାଭଟ୍‌ଙ୍କ ବିଦାୟ

ନୂଆଦିଲ୍ଲୀ, ୧୮।୧ (ପି.ଟି.)

ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଗୁରୁବାର ବିପର୍ଯ୍ୟୟ ଘଟିଛି। ବିଶ୍ୱ ଚାମ୍ପିୟନ କୁଲ୍‌ନାଭଟ ଭିଦିତସରନ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଗତବର୍ଷର ଏହି ୨୨ବର୍ଷୀୟ ଚାମ୍ପିୟନ ଆଶାନୁରୂପ ପ୍ରଦର୍ଶନ କରି ନପାରି ହଂକଂର ଲି ଚେଉକ୍ ୟୁଙ୍କଠାରୁ ୨୧-୧୬, ୨୦-୨୨, ୨୧-୨୩ରେ ହାରିଯାଇଥିଲେ। ଏହି ମ୍ୟାଚ ଏକ ଘଣ୍ଟା ଓ ୨୨ ମିନିଟ୍‌ରେ ଶେଷ ହୋଇଥିଲା। ଅଲ ଇଂଲଣ୍ଡ ଚାମ୍ପିୟନ ଲି ଶି ଫେଙ୍ଗ୍ ମଧ୍ୟ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଅଣସିଡ୍ ତଥା ଜାପାନର କୋକି ୱାତାନାବେ ୩୨-୨୪, ୧୩-୨୧, ୨୧-୯ରେ ତୃତୀୟ ସିଡ୍ ଚାଇନିଜ ଖେଳାଳିଙ୍କୁ ହରାଇ ଦେଇଛନ୍ତି।

ଦୃଢ଼ ସ୍ଥିତିରେ ଅଷ୍ଟ୍ରେଲିଆ

ଆଡିଲେଡ୍,୧୮।୧(ପି.ଟି.)

ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଦୃଢ ସ୍ଥିତିରେ ଅଷ୍ଟ୍ରେଲିଆ। ଦ୍ୱିତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ୨୨ ରନ୍ ପଛରେ ରହିଥିବା ବେଳେ ହାତରେ ମାତ୍ର ୪ ଉଇକେଟ ରହିଛି। ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ୍ ୧୮୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଟ୍ରାଭିସ୍ ହେଡ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ୨୮୩ ରନ୍‌ରେ ଅଲଆଉଟ ହୋଇଥିଲା। ୯୫ ରନ୍‌ରେ ପଛୁଆ ଥିବା ୱେଷ୍ଟଇଣ୍ଡିଜ୍ ଷ୍ଟମ୍ପ ଅପସାରଣ ସୁଦ୍ଧା ୭୩ ରନ୍‌ରେ ୬ ଉଇକେଟ ହରାଇଛି। ପ୍ରଥମ ଦିନର ଅସମାପ୍ତ ସ୍କୋରରୁ ଆରମ୍ଭ କରି ଅଷ୍ଟ୍ରେଲିଆ ପକ୍ଷରୁ ଦୃଢ ବ୍ୟାଟିଂ କରିଥିଲେ ଟ୍ରାଭିସ୍ ହେଡ। ୧୩୪ ବଲ୍‌ରୁ ଚମତ୍କାର ୧୧୯ ରନ୍ ସ୍କୋର କରିଥିଲେ ହେଡ୍। ଏହି ଇନିଂସରେ ୧୨ ଚୌକା ଓ ୩ ଛକା ସାମିଲ ଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଶମାର ଯୋଶେଫ୍ ୫ ଉଇକେଟ ନେଇଥିଲେ। ୯୫ ରନ୍‌ରେ ପଛୁଆ ରହିବା ପରେ ୱେଷ୍ଟଇଣ୍ଡିଜ ଆରମ୍ଭ ଅତ୍ୟନ୍ତ ଦୟନୀୟ ରହିଥିଲା। ୧ ରନ୍‌ରେ ୨ ଓପନରଙ୍କୁ ହରାଇଥିଲା। ଜୋଶ ହେଜେଲଉଡ୍ ଘାତକ ବୋଲିଂ କରି ୪ ଉଇକେଟ ନେଇଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ କିର୍କ ମ୍ୟାକେଞ୍ଜି ୨୬, ଜଷ୍ଟିନ୍ ଗ୍ରୀଭ୍‌ସ ୨୪ ଓ ଜୋସୁଆ ଡି ସିଲ୍‌ଭା ୧୭ ରନ୍‌ରେ ଅପରାଜିତ ଅଛନ୍ତି।

କିଟ୍ ଖେଳିବ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଖୋ ଖୋ

ଭୁବନେଶ୍ୱର, ୧୮।୧
(ବିଜୟ ରଣା)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା ଆନୁକଲ୍ୟରେ ପୂର୍ବାଞ୍ଚଳ ଆନ୍ତ ଜୋନ୍ ଖୋ ଖୋ (ପୁରୁଷ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଲିକଟରେ ଜାନୁୟାରୀ ୨୮ରୁ ୩୧ ପର୍ଯ୍ୟନ୍ତ ହେବାକୁଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ ଖୋ ଖେଳିବା ଲାଗି କିଟ୍ ଯୋଗ୍ୟତା ଅର୍ଜନ କରିଛି। ଲିଗ୍ ପର୍ଯ୍ୟାୟରେ ଏହି ଦଳ ସମ୍ବଲପୁର ୟୁନିଭର୍ସିଟି, ଫକିର ମୋହନ ୟୁନିଭର୍ସିଟି ଏବଂ ହେମଚାନ୍ଦ ବିଶ୍ୱବିଦ୍ୟାଳୟ ସହ ଶ୍ରେଷ୍ଠ ୪ ମଧ୍ୟରେ ସ୍ଥାନ ଯୋଗ୍ୟତା ହାସଲ କରିଛି। ୪ଟି ଶ୍ରେଷ୍ଠ ଦଳ ମଧ୍ୟରେ ଖେଳାଯାଉଥିବା ମ୍ୟାଚଗୁଡ଼ିକ ମଧ୍ୟରେ କିଟ୍ ଗୁରୁବାର ସମ୍ବଲପୁର ୟୁନିଭର୍ସିଟିକୁ ଏକ ଇନିଂସ ଓ ୧୮:୫ରେ ପରାସ୍ତ କରିଛି। ଏହି ଦଳ ଶୁକ୍ରବାର ଏହାର ଅବଶିଷ୍ଟ ମ୍ୟାଚ ଫକିର ମୋହନ ୟୁନିଭର୍ସିଟି ଓ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ବିପକ୍ଷରେ ଖେଳିବା

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ ଖୋ ପାଇଁ ଯୋଗ୍ୟତା ଅର୍ଜନ କରିଥିବା କିଟ୍ ଦଳ।

କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ବାଳିକା ଖୋ ଖୋ ଦଳ।

ଖୋ ଖୋ ବାଳିକା ଦଳ ଘୋଷଣା

ପୁରୀ, ୧୮।୧(ଅଜିତ ମହାନ୍ତି)

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୩ ତାମିଲନାଡୁର ମଦୁରାଇଠାରେ ଅନୁଷ୍ଠିତ ହେବ। ଓଡ଼ିଶାର ୧୫ ଜଣ ବାଳିକା ଖୋଖୋ ଦଳ ଘୋଷଣା କରାଯାଇଛି। ଅର୍ଚ୍ଚନା ମାଝୀ ଦଳର ଅଧିନାୟିକା ଥିବା ବେଳେ ଅନନ୍ୟା ପ୍ରଧାନ ଉପ ଅଧିନାୟିକା ରହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସ୍ମରଣିକା ସାହୁ, ଶୁଭଶ୍ରୀ ସିଂ, ଅର୍ଚ୍ଚନା ପ୍ରଧାନ, ଚମ୍ପା ମାଝୀ, କ୍ଷଣପ୍ରଭା ନାୟକ, ହରପ୍ରିୟା ଭୂୟାଁ, ଲିପି ନାୟକ, କାଦମ୍ବିନୀ ମାଝୀ, ବାସନ୍ତୀ ନାଗ, ଜନ୍ମିତା ପ୍ରଧାନ, ନିଶା ଖାତୁନ, ସବିତା ମୁର୍ମୁ ଏବଂ ଜି.ନନ୍ଦିନୀ ଏହି ଦଳରେ ସ୍ଥାନ ପାଇଛନ୍ତି। ଗୁରୁବାର ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଏବଂ ବିଭାଗୀୟ ଅଧିକାରୀ କ୍ଷଣପ୍ରଭା ମହାନ୍ତି ଯୋଗଦେଇ କ୍ରୀଡାବିତ୍‌ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉତ୍ତମ କ୍ରୀଡା ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିବା ନିମନ୍ତେ ଆହ୍ୱାନ ଦେଇଥିଲେ। କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଓଡ଼ିଶା କ୍ରୀଡ଼ା ବିଭାଗ ପକ୍ଷରୁ ଟ୍ରାକ ସୁଟ୍, କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଛି। ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ପୁରୀ ଷ୍ଟାଡିୟମ୍‌ରେ ଖୋ ଖୋ ଖେଳର ଅଭ୍ୟାସ ହେଉଛି। କୋଚମାନଙ୍କ ସହଯୋଗ ବଳରେ ଆମେ ଆଗାମୀ ଖେଲୋ ଇଣ୍ଡିଆରେ ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରି ଓଡ଼ିଶା ଲାଗି ଗୌରବ ଆଣିବୁ ବୋଲି ଅଧିନାୟିକା କହିଛନ୍ତି। କୋଚ୍ ଆକାଶ ରଣା, ମ୍ୟାନେଜର ସାବିଲା ଖାତୁନ ଏବଂ ଫିଜିଓ ଡ. କୁମକୁମ୍ ଚୌହ୍ୱାନ ଦଳ ସହ ତାମିଲନାଡୁ ଯାତ୍ରା କରିବେ ବୋଲି ଖୋ ଖୋ ସଂଘର ସମ୍ପାଦକ କହିଛନ୍ତି। କ୍ରୀଡ଼ା ସଚିବ ଆର୍.ଭିନିଲ କ୍ରିଷ୍ଣା, କ୍ରୀଡ଼ା ଉପସଚିବ ଶୈଳେନ୍ଦ୍ର ଜେନା, ଖୋ ଖୋ ସଂଘ ସଭାପତି ନାରାୟଣ ପାତ୍ର, ମୁଖ୍ୟ ଉପଦେଷ୍ଟା ଆଶୀର୍ବାଦ ବେହେରା ପ୍ରମୁଖ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଆଶା ସୃଷ୍ଟିକଲେ ଶୁଭ୍ରାଂଶୁ

ଶୁଭ୍ରାଂଶୁ ଏପରି ଏକ ସମୟରେ ୨୭୭ ରନ୍‌ର ଇନିଂସ ଖେଳିଛନ୍ତି ଯେତେବେଳେକି ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରତିଷ୍ଠିତ କ୍ରିକେଟର ଶିବ ସୁନ୍ଦର ଦାସ ଜାତୀୟ ଚୟନକର୍ତ୍ତା ଅଛନ୍ତି। ତେଣୁ ଚଳିତ ସିଜନରେ ଯଦି ତାଙ୍କ ବ୍ୟାଟ୍‌ରୁ ଏପରି ଆଉ କିଛି ଇନିଂସ ଆସିବ ତେବେ ନିଶ୍ଚିତ ତାଙ୍କ ନାମ ଉପର ସ୍ତରରେ ଆଲୋଚନା ହେବ ଏଥିରେ ଦ୍ୱିମତ ନାହିଁ।

ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

ଅନ୍ତର୍ଜାତୀୟ ସ୍ତରରେ କ୍ରିକେଟରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରସଙ୍ଗ ଉଠିଲେ ପୁରୁଷ ଖେଳାଳିଭାବେ ସାମ୍ନାକୁ ଆସନ୍ତି ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ଓ ସଞ୍ଜୟ ରାଉଳ। ସେହିପରି ମହିଳା ବର୍ଗରେ ମାଧୁରୀ ମେହେଚ୍ଚା, ରସନାରା ପରବିନ ଓ ସ୍ୱାଗତିକା ରଥ ଏହି ସ୍ତରରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଏହି ୬ ଖେଳାଳିଙ୍କ ପରେ ଏବେ ୭ମ ଖେଳାଳିଙ୍କ ପ୍ରତୀକ୍ଷାରେ ରହିଛନ୍ତି ଓଡ଼ିଶା କ୍ରିକେଟ ପ୍ରେମୀ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ। ଜାତୀୟ ଦଳରେ ଓଡ଼ିଶା ପୁରୁଷ ଖେଳାଳିଙ୍କ ଉପସ୍ଥିତିକୁ ଇତି ମଧ୍ୟରେ ଦୁଇ ଦଶନ୍ଧି ପାର୍ ହୋଇଯାଇଛି। ସେହିପରି ମହିଳା କ୍ରିକେଟରେ ଦଶନ୍ଧି ଅତିକ୍ରମ ହୋଇଛି ମାତ୍ର ଆଉ ଜଣେ ଖେଳାଳି ସେ ସୁଯୋଗ ପାଇପାରି ନାହାନ୍ତି। ଅନେକ କଥା, ବ୍ୟଥା, ଆଲୋଚନା, ପର୍ଯ୍ୟାଲୋଚନା, ତର୍କ ଓ ବିତର୍କ ଏହା ମଧ୍ୟରେ ହୋଇଯାଇଛି। ଗତ ସିଜନଗୁଡ଼ିକରେ ଯେ କୌଣସି ଖେଳାଳି

ମ୍ୟାଚ ରେଫରି କଲୋନେଲ ସଞ୍ଜୟ ବର୍ମାଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ଶୁଭ୍ରାଂଶୁ ସେନାପତି।

ବଡ଼ ଇନିଂସ ଖେଳି ନାହାନ୍ତି, ତା' ନୁହେଁ, ମାତ୍ର ଏହା ଗୋଟିଏ କିମ୍ବା ୨ଟି ଇନିଂସ ମଧ୍ୟରେ ସୀମିତ ରହି ଯାଇଛି। ଫଳରେ ଦୌଡ଼ରେ ଅନ୍ୟ ରାଜ୍ୟ ଖେଳାଳିଙ୍କ ତୁଳନାରେ ଓଡ଼ିଶା ଖେଳାଳିମାନେ ବହୁ ପଛରେ ରହି ଯାଇଛନ୍ତି। ୨୦୧୯ରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆରମ୍ଭ ହୋଇଥିଲା ଭିଜନ-୨୦୨୪। ଏହା ଏବେ ଅନ୍ତିମ ବର୍ଷରେ ପହଞ୍ଚିଛି। ଏହା ମଧ୍ୟରେ ଓସିଏ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି, ମାତ୍ର ସେଥିରୁ ବିଶେଷ ସୁଫଳ ମିଳି ପାରିନାହିଁ। ଭିଜନ-୨୦୨୪ର ଅନ୍ତିମ ବର୍ଷରେ ଏହି ଯୋଜନା ସଫଳ ହେବ ବୋଲି ଆମେ ନିଶ୍ଚିତ ଆଶା ରଖିବା। ଗତ କିଛି ସିଜନରେ ଓଡ଼ିଶା ପୁରୁଷ କ୍ରିକେଟରେ ଯେଉଁ କେତେଜଣ ଖେଳାଳି ଚର୍ଚ୍ଚାରେ ରହିଛନ୍ତି ତା' ମଧ୍ୟରେ ସର୍ବାଗ୍ରେ ରହିଛନ୍ତି ଶୁଭ୍ରାଂଶୁ ସେନାପତି। ଓସିଏ କିମ୍ବା ଓଡ଼ିଶା କ୍ରିକେଟପ୍ରେମୀ ଯେଉଁ ପ୍ରତୀକ୍ଷାରେ ଅଛନ୍ତି ତା'ର ଶୂନ୍ୟସ୍ଥାନ ଭରିବାର ଦକ୍ଷତା ମଧ୍ୟ ଏହି ଖେଳାଳିଙ୍କ ନିକଟରେ ରହିଛି।

ଚଳିତ ରଣଜୀ ଟ୍ରଫି ସିଜନରେ ଶୁଭ୍ରାଂଶୁ ବରୋଦା ବିପକ୍ଷ ନିଜ ପ୍ରଥମ ମ୍ୟାଚରେ ଦୁଇ ଇନିଂସରେ ଯଥାକ୍ରମେ ୪ ଓ ୧ ରନରେ ଆଉଟ ହୋଇଥିଲେ। ଏଥିରେ ସେ ନିଜେ ନିରାଶ ହୋଇଥିଲେ ଏବଂ ତାଙ୍କ ପ୍ରଶଂସକଙ୍କୁ ମଧ୍ୟ ନିରାଶ କରିଥିଲେ। ମାତ୍ର ଦ୍ୱିତୀୟ ମ୍ୟାଚରେ ମଧ୍ୟପ୍ରଦେଶ ବିପକ୍ଷ ପ୍ରଥମ ଇନିଂସରେ ସେ ଯେପରି ସଫଳ ପ୍ରତ୍ୟାବର୍ତ୍ତନ କରି କ୍ୟାରିୟରର ଶ୍ରେଷ୍ଠ ୨୭୭ ରନର ଇନିଂସ ଖେଳିଲେ ତାହା ପ୍ରଣିଧାନଯୋଗ୍ୟ। ତାଙ୍କର ଏହି ଇନିଂସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନଜର ମଧ୍ୟ ଶୁଭ୍ରାଂଶୁଙ୍କ ଉପରକୁ ଆସିଛି। ଜାନୁୟାରୀ ୧୫ରେ ସୋସିଆଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ କରାଯାଇଥିବା ପୋଷ୍ଟରୁ ଏହାର ପ୍ରମାଣ ମିଳିଛି। ପୂରା ୨ ଦିନ ବ୍ୟାଟିଂ କରିଥିବା ଶୁଭ୍ରାଂଶୁ ତୃତୀୟ ଦିବସରେ ଓଡ଼ିଶା ପକ୍ଷରୁ ଗୋଟିଏ ଇନିଂସରେ ସର୍ବାଧିକ ୩୦୦* ରନ ସ୍କୋର କରିଥିବା ଶିବସୁନ୍ଦର ଦାସଙ୍କ ରେକର୍ଡ ଭାଙ୍ଗିବେ ବୋଲି ଆଶା କରାଯାଉଥିଲା। ଏହା ଯଦିଓ ସମ୍ଭବ ହୋଇ ନ ଥିଲା ତେବେ ଏହି ଇନିଂସ ତାଙ୍କ ମନବଳକୁ ବହୁ ପରିମାଣରେ ବଢ଼ାଇ ଦେଇଥିଲା। ଶୁଭ୍ରାଂଶୁ ଏପରି ଏକ ସମୟରେ ୨୭୭ ରନର ଇନିଂସ ଖେଳିଛନ୍ତି ଯେତେବେଳେ କି ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରତିଷ୍ଠିତ କ୍ରିକେଟର ଶିବ ସୁନ୍ଦର ଦାସ ଜାତୀୟ ଚୟନକର୍ତ୍ତା ଅଛନ୍ତି। ତେଣୁ ଚଳିତ ସିଜନରେ ଯଦି ତାଙ୍କ ବ୍ୟାଟ୍‌ରୁ ଏପରି ଆଉ କିଛି ଇନିଂସ ଆସିବ ତେବେ ନିଶ୍ଚିତ ତାଙ୍କ ନାମ ଉପର ମହଲରେ ଆଲୋଚନା ପରିସରକୁ ଆସିବ ଏଥିରେ ଦ୍ୱିମତ ନାହିଁ। ଗୋଟିଏ କିମ୍ବା ୨ଟି ଇନିଂସରେ ସନ୍ତୁଷ୍ଟ ହେଲେ ହେବ ନାହିଁ, ପ୍ରଦଦର୍ଶନରେ ସ୍ଥିରତା ରହିବା ଆବଶ୍ୟକ।

ଓଡ଼ିଶାର ଅଳ୍ପ ଖେଳାଳି ଦ୍ୱିଶତକ କିମ୍ବା ତଦୂର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି। ଏହି ବିରଳ କ୍ଲବରେ ସାମିଲ ହୋଇଯାଇଛନ୍ତି ଶୁଭ୍ରାଂଶୁ। ଓଡ଼ିଶା ପାଇଁ ପ୍ରଥମଶ୍ରେଣୀ କ୍ରିକେଟରେ ୧୪ଶ ଦ୍ୱିଶତକର ଅଧିକାରୀ ହୋଇଥିଲେ ଶୁଭ୍ରାଂଶୁ। ୧୯୪୯-୫୦ରୁ ଏପର୍ଯ୍ୟନ୍ତ ୧୦ ଜଣ ଓଡ଼ିଶା ଖେଳାଳି ଏହି ୧୪ଟି ଦ୍ୱିଶତକର ଅଧିକାରୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଭଞ୍ଜନ ମଲିକ ସର୍ବାଧିକ ୩ଟି ଓ ଶିବସୁନ୍ଦର ଦାସ ଓ ନଟରାଜ ବେହେରା ୨ ଥର ଲେଖାଏ ଦ୍ୱିଶତକ ଅର୍ଜନ କରିଛନ୍ତି। ଅନ୍ୟ ୭ ଜଣ ଗୋଟିଏ ଲେଖାଏ ଦ୍ୱିଶତକ ହାସଲ କରିଛନ୍ତି। ଏବେ ଶୁଭ୍ରାଂଶୁଙ୍କ ନିକଟରେ ଆଗକୁ ବଢ଼ିବାର ସୁଯୋଗ ଆସିଛି। ଏହା ହୋଇପାରିଲେ ବ୍ୟକ୍ତିଗତଭାବେ ସେ ଫାଇଦାରେ ରହିବା ସହ ଓଡ଼ିଶା କ୍ରିକେଟ ଉପକୃତ ହୋଇପାରିବ।

ଓଡ଼ିଶା ଖେଳାଳିଙ୍କ ସର୍ବାଧିକ ସ୍କୋର

ରନ	ଖେଳାଳି	ବିପକ୍ଷ ଦଳ	ଭେନ୍ୟୁ
୩୦୦*	ଶିବସୁନ୍ଦର ଦାସ	ଜମ୍ମୁ-କଶ୍ମୀର	ବାରବାଟୀ
୨୭୭	ଶୁଭ୍ରାଂଶୁ ସେନାପତି	ମଧ୍ୟ ପ୍ରଦେଶ	ଇନ୍ଦୋର
୨୫୫*	ନଟରାଜ ବେହେରା	ହରିୟାଣା	ଲାହଲି
୨୫୩	ଶିବସୁନ୍ଦର ଦାସ	ବେଙ୍ଗଲ	ବାରିପଦା
୨୨୫	ଗୋବିନ୍ଦ ପୋଦ୍ଦାର	ଆସାମ	ହାଇଦ୍ରାବାଦ
୨୨୦	ରଶ୍ମିରଞ୍ଜନ ପରିଡ଼ା	ଜମ୍ମୁ-କଶ୍ମୀର	ବାରବାଟୀ
୨୧୦	ସଞ୍ଜୟ ରାଉଳ	ବେଙ୍ଗଲ	ବାରିପଦା
୨୦୯	ନଟରାଜ ବେହେରା	ସୌରାଷ୍ଟ୍ର	ବାରବାଟୀ
୨୦୮*	ଅସଜିତ ଜୟପ୍ରକାଶମ୍	ରାଜସ୍ଥାନ	ରାଉରକେଲା
୨୦୭*	ପ୍ରଭଞ୍ଜନ ମଲିକ	ବିହାର	ବାରିପଦା
୨୦୨*	ପ୍ରଭଞ୍ଜନ ମଲିକ	ହିମାଚଳ ପ୍ରଦେଶ	ବାରବାଟୀ
୨୦୧	ରଣଜିତ ସିକ୍‌ଦାର	ଆସାମ	ରାଉରକେଲା
୨୦୧	ପ୍ରଭଞ୍ଜନ ମଲିକ	ତ୍ରିପୁରା	ବାରବାଟୀ
୨୦୦*	ଶାନ୍ତନୁ ମିଶ୍ର	ନାଗାଲାଣ୍ଡ	ତ୍ରିପ୍ସ, ଟାଙ୍ଗୀ

ପ୍ରଭଞ୍ଜନ ୩, ଶିବସୁନ୍ଦର ଓ ନଟରାଜ ୨

- ମଧ୍ୟପ୍ରଦେଶ ବିପକ୍ଷରେ ଶୁଭ୍ରାଂଶୁ ସେନାପତି କ୍ୟାରିୟରର ଶ୍ରେଷ୍ଠ ୨୭୭ ରନ ସ୍କୋର କରିଥିଲେ। ଏହି ମ୍ୟାଚ ଇନ୍ଦୋରସ୍ଥିତ ଇମରଲାଣ୍ଡ ହାଇଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଗ୍ରାଉଣ୍ଡରେ ଜାନୁୟାରୀ ୧୨ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାଥିଲା ଶୁଭ୍ରାଂଶୁଙ୍କ ପ୍ରଥମ ଏବଂ ଓଡ଼ିଶା ପାଇଁ ୧୪ଶ ଦ୍ୱିଶତକ।
- ୧୯୪୯-୫୦ରୁ ୯ ଜଣ ଓଡ଼ିଶା ଖେଳାଳି ଏହି ୧୪ଟି ଦ୍ୱିଶତକର ଅଧିକାରୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଭଞ୍ଜନ ମଲିକ ସର୍ବାଧିକ ୩ଟି ଓ ଶିବସୁନ୍ଦର ଦାସ ଓ ନଟରାଜ ବେହେରା ୨ ଥର ଲେଖାଏ ଦ୍ୱିଶତକ ଅର୍ଜନ କରିଛନ୍ତି। ଅନ୍ୟ ୭ ଜଣ ଗୋଟିଏ ଲେଖାଏ ଦ୍ୱିଶତକର ଅଧିକାରୀ ଅଛନ୍ତି।
- ୨୦୦୬-୦୭ ପ୍ଲେଟ୍ ଲିଗ୍‌ରେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚରେ ଶିବସୁନ୍ଦର ୩୦୦ ରନକରି ଅପରାଜିତ ରହିଥିଲେ। ଏହା ଏପର୍ଯ୍ୟନ୍ତ ଓଡ଼ିଶା ପ୍ରଥମଶ୍ରେଣୀ କ୍ରିକେଟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ହୋଇରହିଛି।

ପ୍ରଥମ ଶ୍ରେଣୀ କ୍ରିକେଟରେ ଶୁଭ୍ରାଂଶୁଙ୍କ ଶତକ

୧୩୭: ବନାମ ରାଜସ୍ଥାନ, ପଟିଆଲା, ୨୦୧୬ ନଭେମ୍ବର ୫ରୁ ୮ (ଦ୍ୱିତୀୟ ଇନିଂସ)
୧୭୩: ବନାମ ବରୋଦା, ଭଦୋଦରା, ୨୦୧୭ ନଭେମ୍ବର ୧୭ରୁ ୨୦ (ପ୍ରଥମ ଇନିଂସ)
୧୨୫: ବନାମ ମଧ୍ୟ ପ୍ରଦେଶ, ଇନ୍ଦୋର, ୨୦୧୭ ନଭେମ୍ବର ୨୫ରୁ ୨୮ (ଦ୍ୱିତୀୟ ଇନିଂସ)
୧୫୭*: ବନାମ ଝାଡ଼ଖଣ୍ଡ, ରାଞ୍ଚି, ୨୦୧୮ ଡିସେମ୍ବର ୬ରୁ ୯ (ଦ୍ୱିତୀୟ ଇନିଂସ)
୧୦୦*: ବନାମ ଝାଡ଼ଖଣ୍ଡ, କଟକ, ୨୦୨୦ ଫେବୃଆରୀ ୧୨ରୁ ୧୫ (ଦ୍ୱିତୀୟ ଇନିଂସ)
୧୪୫: ବନାମ ଉତ୍ତର ପ୍ରଦେଶ, ମେରୁଟ୍, ଜାନୁଆରୀ ୧୭ରୁ ୨୦ (ଦ୍ୱିତୀୟ ଇନିଂସ)
୨୭୭: ବନାମ ମଧ୍ୟ ପ୍ରଦେଶ, ଇନ୍ଦୋର, ଜାନୁଆରୀ ୧୨ରୁ ୧୫ (ପ୍ରଥମ ଇନିଂସ)
(ପ୍ରଥମ ଶ୍ରେଣୀ କ୍ରିକେଟରେ ବର୍ତ୍ତମାନ (୨୦୨୪ ଜାନୁଆରୀ ୧୮ ସୁଦ୍ଧା) ଶୁଭ୍ରାଂଶୁଙ୍କ ରେକର୍ଡ: ମ୍ୟାଚ: ୪୬, ଇନିଂସ: ୭୭, ଅପରାଜିତ: ୮, ରନ: ୨୭୪୭, ସର୍ବାଧିକ: ୨୭୭, ଆଭରେଜ: ୩୯.୮୧, ଷ୍ଟ୍ରାଇକ୍ ହାର: ୫୦.୭୨, ଶତକ: ୭, ଅର୍ଦ୍ଧଶତକ: ୧୧, ଚୌକା: ୩୩୪, ଛକା-୩୬, କ୍ୟାଚ: ୧୫। ୪୬ ମ୍ୟାଚର ୭ଟି ଇନିଂସରେ ବୋଲିଂ ସୁଯୋଗ ପାଇ ୧୬୨ଟି ବଲ୍ ବୋଲିଂ ଏବଂ ୯୦ ରନ ବିନିମୟରେ ଗୋଟିଏ ଉଇକେଟ)।

ଲକ୍ଷ୍ୟ ପଥରେ ନୀରଜ

ରମେଶ ସାହୁ

ଗୋଟିଏ ଅଲିମ୍ପିକ୍ ଜାଭେଲିନ୍ ଥ୍ରୋ ଚାମ୍ପିୟନ ନୀରଜ ଚୋପ୍ରା ଗତ ସିଜନରେ ତାଙ୍କ ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ନୁହନ୍ତି। ଗତବର୍ଷ ସେ ବିଶ୍ୱ ଚାମ୍ପିୟନ ହେବା ସହ ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲେ। ଡାଇମଣ୍ଡ ଲିଗ୍ ଫାଇନାଲ୍ସରେ ନୀରଜ ରୌପ୍ୟ ପଦକ ଜିଣିଥିଲେ। ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସେ ୮୬. ୭୭ମିଟର ଦୂରତା ହାସଲ କରିଥିଲେ। ବୁଦାପେଷ୍ଟ ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋରେ ସେ ୮୮. ୧୭ମିଟର ଦୂରତା ହାସଲ କରି ଚାମ୍ପିୟନ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ କିନ୍ତୁ ୮୮. ୭୭ମିଟର ଦୂରତା ହାସଲ କରିଥିଲେ। ହାଙ୍ଗଝୋରେ ନୀରଜ ପାଇଥିବା ଦୂରତା ମଧ୍ୟ ଉତ୍ସାହଜନକ ନ ଥିଲା। ତାଙ୍କ ଦୂରତା ଥିଲା ୮୬. ୭୭ମିଟର। ଏହା ନୀରଜଙ୍କ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବେଶ୍ ପଛରେ। ଜୁରିଚ୍ ଡାଇମଣ୍ଡ ଲିଗ୍ ମିଟ୍‌ରେ ମଧ୍ୟ ନୀରଜ ପୂର୍ଣ୍ଣ ଦକ୍ଷତା ପ୍ରଦର୍ଶନରେ ବିଫଳ ହୋଇଥିଲେ। ତାଙ୍କ ଥ୍ରୋ ଦୂରତା ଥିଲା ୮୫. ୭୧ମିଟର। ସେଠାରେ ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ମିଟ୍ ଚାମ୍ପିୟନ୍ ହୋଇଥିଲେ ଚେକ୍ ରିପବ୍ଲିକ୍‌ର ଜାକୁବ୍ ଭାଦଲେଜ୍। ସେ ମଧ୍ୟ ତାଙ୍କ ଶ୍ରେଷ୍ଠ ଦୂରତାରୁ ପଛରେ ରହି ୮୫. ୮୬ମିଟର ହାସଲ କରିଥିଲେ। ଭାରତରେ ନୀରଜଙ୍କର ଜାତୀୟ ରେକର୍ଡ ଥିଲା ୮୯. ୩୦ମିଟର। ଏହାକୁ ସେ ୨୦୨୨ ଷ୍ଟକହାମ୍ ଡାଇମଣ୍ଡ ଲିଗ୍‌ରେ ଅତିକ୍ରମ କରିଥିଲେ। ଷ୍ଟକ୍‌ହାମ୍‌ରେ ନୀରଜ କ୍ୟାରିୟରର ସର୍ବାଧିକ ୮୯. ୯୪ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ବିଜେତା ହୋଇଥିଲେ। ୯୦ମିଟର ଛୁଇଁବା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇପଡ଼ିଛି। ଗତବର୍ଷ ଏହି ଦୂରତା ହାସଲ କରିବେ ବୋଲି ଆଶା କରାଯାଉଥିଲା, ହେଲେ ତାହା ସମ୍ଭବ ହୋଇ ନ ଥିଲା। ୨୦୨୪ସିଜନ୍‌ରେ ଏହା ହାସଲ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି ନୀରଜ।

ନୀରଜ ତାଙ୍କ ପ୍ରସ୍ତୁତି ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଛନ୍ତି। ଜର୍ମାନୀ ପ୍ରଶିକ୍ଷକ କ୍ଲଜ୍ ବାର୍ଟୋନିଜ୍‌ଙ୍କ ପରାମର୍ଶ ଅନୁସାରେ ସେ ଗତି କରୁଛନ୍ତି। ନୀରଜଙ୍କ ଟାର୍ଗେଟ୍ କେବଳ ପ୍ୟାରିସ ଅଲିମ୍ପିକ୍। ୨୦୨୪ଡାଇମଣ୍ଡ ଲିଗ୍ ପେସାଦାର ସର୍କିଟ୍ ମଧ୍ୟ ତାଙ୍କର ଲକ୍ଷ୍ୟ। ନୀରଜ ଜୁନିୟର ବିଶ୍ୱକପ୍, ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନ ହୋଇ ଗୋଲ୍‌ଡେନ୍ ଗ୍ରାଣ୍ଡସ୍ଲାମ୍ ହାସଲ କରିବାରେ ଭାରତ ସମେତ ଏସିଆ ମହାଦେଶର ପ୍ରଥମ ଖେଳାଳି। ତଥାପି ପୂର୍ବ ବିଶ୍ୱ ଚାମ୍ପିୟନମାନେ ଯେଉଁ ଦୂରତା ହାସଲ କରିଥିଲେ ତାହା ନିଶ୍ଚିତ ଭାବେ ସ୍ପୃହାକାରୀ। ଜାଭେଲିନ୍ ଇଭେଣ୍ଟର ୩ଜଣ ଜଣେ ଜଣେ କିମ୍ବଦନ୍ତୀ ଖେଳାଳି। ଶୀର୍ଷରେ ଅଛନ୍ତି ଜର୍ମାନୀର ଜନାଥନ୍ ଭିଟର୍। ତାଙ୍କ ଥ୍ରୋ ଦୂରତା ୯୭. ୭୬ମିଟର। ଏହି ବିଶ୍ୱ ରେକର୍ଡ ଅଦ୍ୟାବଧି କାଏମ ରହିଛି। ଜର୍ମାନୀର ଥୋମାସ ରୋଲର ଓ ଫ୍ରାନ୍ସର ଜାନ୍ ଜାଲେନୀ ଯଥାକ୍ରମେ ୯୩. ୯୦ମିଟର ଓ ୯୪. ୭୪ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିବାକୁ ସକ୍ଷମ ହୋଇଥିଲେ। ଥୋମାସ ରୋଲର ୨୦୧୭ ଦୋହା ଡାଇମଣ୍ଡ ଲିଗ୍‌ରେ ୯୩. ୯୦ମିଟର ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଜାନ୍ ଜାଲେନୀ ୧୯୯୨ ବାର୍ସେଲୋନା ଅଲିମ୍ପିକ୍‌ରେ ୯୪. ୭୪ମିଟର ଦୂରତା ପାଇ ଚାମ୍ପିୟନ୍ ହୋଇଥିଲେ। ନୀରଜ ଭାରତର ମିଶନ ଅଲିମ୍ପିକ୍ ସେଲ୍ ଅଧୀନରେ ଅଛନ୍ତି। ବଳିଷ୍ଠ ପ୍ରଦର୍ଶନ ପାଇଁ ତାଙ୍କୁ ୨୦୧୮ରେ ଅର୍ଜୁନ ଓ ୨୦୨୨ରେ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି। ନୀରଜଙ୍କର ପ୍ରଶିକ୍ଷକ କ୍ଲଜ୍ ବାର୍ଟୋନିଜ୍ ହେଉଛନ୍ତି ଜଣେ ଶରୀର ବିଶେଷଜ୍ଞ। ୨୦୧୯ରେ ଅନ୍ୟତମ ଜର୍ମାନୀ ପ୍ରଶିକ୍ଷକ ୱେ ହନ୍‌ଙ୍କୁ ବିଦାୟ ଦେଇ ବାର୍ଟୋନିଜ୍‌ଙ୍କୁ ଗ୍ରହଣ କରିଥିଲେ। ୱେ ହନ୍ ମଧ୍ୟ ଜଣେ ବିଶ୍ୱ ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟର୍। ତାଙ୍କ ଅଧୀନରେ ରହି ନୀରଜ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ହୋଇଥିଲେ। ତେବେ ବାର୍ଟୋନିଜ୍ ନୀରଜଙ୍କ କ୍ୟାରିୟରର ପ୍ରକୃତ ବିନ୍ଧାଣୀ ସାବ୍ୟସ୍ତ ହୋଇଛନ୍ତି।

(ଶ୍ରୀ ଗୌର କୁଟିର, ବଡ଼ବଜାର, ବାରିପଦା, ମୟୂରଭଞ୍ଜ)

ଗତ ସିଜନରେ ଭାରତୀୟ ଜାଭେଲିନ ତାରକା ନୀରଜ ଚୋପ୍ରା ଯଦିଓ କେତେକ ଟୁର୍ନାମେଣ୍ଟରେ ସଫଳତା ପାଇଥିଲେ ତେବେ ନିଜ ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ନ ଥିଲେ। ଚଳିତ ସିଜନରେ ସେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଆଶା ରଖିଛନ୍ତି...

ବେଷ୍ଟ୍

ଦୁଇ ହାତ ନାହିଁ ତଥାପି କଶ୍ମୀର ଦିବ୍ୟାଙ୍ଗ ଆମିର ବେଷ୍ଟ୍
କାନ୍ଧରେ ବ୍ୟାଟିଂ ଗୋଡ଼ରେ ବୋଲିଂ
କ୍ରିକେଟରେ କରେ ନାଟ
ଜୀବନୀକୁ ନେଇ ନଟ
ବାୟୋପିକ୍ ଫିଲ୍ମ ନିର୍ଦ୍ଦେଶନା ଦେବେ
ପ୍ରଡ୍ୟୁସର ମହେଶ ଭଟ୍ଟ।

ଆମିର

ଦୃଷ୍ଟିବାଧିତ ଲେଡି କ୍ରିକେଟରେ ଆମ
ରାଇଜର ଝିଅ ଝିଲି
କର୍ନାଟକଠାରେ ଏମ୍‌ପି ବିରୋଧରେ
ଛପନ ବାଡ଼େଇ ନାଲି
ଅଲ୍ ରାଉଣ୍ଡର ବୋଲି
ପ୍ଲେୟର ଅଫ୍ ଦି ମ୍ୟାଚ
ପୁରସ୍କାର ନେଇ
ବେଷ୍ଟ୍ ହୋଇଥିଲା କାଲି।

କଳିଙ୍ଗ ସୁପର କପ୍ ଫୁଟବଲ
ଭୁବନେଶ୍ୱରକୁ ଚାଲ
କଳିଙ୍ଗର କ୍ରୀଡ଼ା ଭିତ୍ତିଭୂମି ବେଷ୍ଟ
ଏନ୍‌ଭାଇରନ୍‌ମେଣ୍ଟ ଭଲ
ବେଷ୍ଟ ତା'ଜଙ୍ଗଲ, ବିଲ
ସିଏମ୍ ନବୀନ ବେଷ୍ଟ ବୋଲି ଆଜି
କ୍ରୀଡ଼ା ସୋର୍ସ ମାଲାମାଲ।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯/୨୦୨୪ Bhubaneswar, Friday, January 19/ 2024

ଗାୟତ୍ରୀଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୧୮।୧
(ବିଜୟ ରଣା)

ରାଜସ୍ଥାନର ଶ୍ରୀ ଗଙ୍ଗାନଗରଠାରେ ଅନୁଷ୍ଠିତ ୬୭ତମ ଜାତୀୟ ସ୍କୁଲ କ୍ରୀଡ଼ା ୧୯ ବର୍ଷରୁ କମ୍ ଜୁଡୋ ପ୍ରତିଯୋଗିତାରେ କିସ୍ ଛାତ୍ରୀ ଗାୟତ୍ରୀ ସବର ରୌପ୍ୟ ପଦକ ହାସଲ କରିଛନ୍ତି। ଗାୟତ୍ରୀ କାଉନ୍ସିଲ ଅଫ୍ ହାୟର ସେକେଣ୍ଡାରୀ ଏଜୁକେଶନ (ସିଏଚ୍ଏସ୍ଇ), ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ସେ ୩୫କେଜି ଶ୍ରେଣୀ ଜୁଡୋରେ ରୌପ୍ୟ ଜିତିଛନ୍ତି। ସିଏଚ୍ଏସ୍ଇ ଟିମ୍ ସହ କୋଚ୍ ଭାବେ କନ୍ଦନ ମୁର୍ମୁ ଓ ଅଶାରହିଲ୍ କିସ୍ପଟା ମ୍ୟାନେଜର ଭାବେ ଯାଇଥିଲେ। ରାଜ୍ୟ ପାଇଁ ରୌପ୍ୟ ଜିତିଥିବାରୁ କିଟ୍ ଓ କିସ୍ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ୍ତ ସାମନ୍ତଙ୍କ ସମେତ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସିଏଚ୍ଏସ୍ଇର ଚେୟାରମ୍ୟାନ ଓ ସମ୍ପାଦକ ପ୍ରମୁଖ ଗାୟତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ତୃତୀୟ ରାଉଣ୍ଡରେ ସ୍ୱିଟେକ୍

ମେଲବର୍ନ,୧୮।୧(ପି.ଟି.)

ଟେନିସ୍ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଟପ୍ ସିଡ୍ ଇଗା ସ୍ୱିଟେକ୍। ୨୦୨୨ ରନର ଅପ୍ ଡାନିଏଲ୍ କଲିନ୍ସଙ୍କ ବିପକ୍ଷ ମ୍ୟାଚ୍‌କୁ ୬-୪, ୩-୬ ଓ ୬-୪ରେ ଜିତି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସ୍ୱିଟେକ୍। ଅନ୍ତିମ ରାଉଣ୍ଡରେ ୧-୪ରେ ପଛୁଆ ରହିଥିବା ବେଳେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ସେ ଏହି ମ୍ୟାଚକୁ ଜିତି ନେଇଥିଲେ। ମ୍ୟାଚ୍ ପରେ ଏହି ବିଜୟକୁ ଏକ ଚମତ୍କାର ବୋଲି କହିଥିଲେ ସ୍ୱିଟେକ୍। ସମ୍ଭବତଃ ମୁଁ ଏୟାରପୋର୍ଟରେ ପହଞ୍ଚି ଯାଇଥିଲି। ତେବେ ଶେଷ ପର୍ଯ୍ୟନ୍ତ ଲଢେଇ ଜାରି ରଖିବାକୁ ନିଷ୍ପତ୍ତି ନେବା ସହ ସହ ବିଜୟୀ ହୋଇଥିଲି ବୋଲି କହିଛନ୍ତି ସ୍ୱିଟେକ୍। ଏହି ମ୍ୟାଚ୍‌ଟି ୩ ଘଣ୍ଟା ୧୪ ମିନିଟ ଧରି ଚାଲିଥିଲା। ଅନ୍ୟ ମହିଳା ଖେଳାଳିଙ୍କ ମଧ୍ୟ ସ୍ଲୋନ୍ ଷ୍ଟିଫେନ୍ସ୍ୱ୪-୬, ୬-୩, ୬-୩ରେ ଦାରିଆ କାସାଟକିନାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ମହିଳା ଖେଳାଳିଙ୍କ ମଧ୍ୟରେ ତୃତୀୟ ସିଡ୍‌ର ମାନ୍ୟତା ପାଇଥିବା ଏଲିନା ରିବାକିନାଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଛନ୍ତି ଅଣସିଡେଡ୍ ଆନ୍ନା ବ୍ଲିଙ୍କୋଭା। ୬-୪, ୪-୬ ଓ ୭-୬(୨୨-୨୦)ରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ ବ୍ଲିଙ୍କୋଭା। ପ୍ରଥମ ସେଟ ଆନ୍ନା ଜିତିବା ପରେ ଦ୍ୱିତୀୟ ସେଟରେ ପ୍ରତ୍ୟାବର୍ତ୍ତନ କରିଥିଲେ ରିବାକିନା। ଅନ୍ତିମ ସେଟ୍‌ରେ ଉଭୟ ଖେଳାଳି ବିଜୟ ପାଇଁ କଡା ସଂଘର୍ଷ କରିଥିବା ବେଳେ ଟାଇବ୍ରେକରକୁ ୨୨-୨୦ରେ ଜିତି ନେଇଥିଲେ ବ୍ଲିଙ୍କୋଭା। ସେହିପରି ଜସ୍ମିନ୍ ପାଓଲିନି୬-୨, ୬-୩ ସେଟ୍‌ରେ ଟାଟଜାନା ମାରିଆଙ୍କୁ,ଅଣ ସିଡେଡ୍ କ୍ଲାରା ବୁରେଲ୍ ୬-୪, ୬-୨ରେ ୫ ନମ୍ବର ସିଡ୍ ଜେସିକା ପେଗୁଲାଙ୍କୁ, କ୍ୱିନୱେନ ଝେଙ୍ଗ ୬-୩, ୬-୩ ସେଟ୍‌ରେ କେଟି ବୋଲ୍ଟରଙ୍କୁ, ୱାଙ୍ଗ ୟାଫାନ ୬-୪, ୪-୬ ଓ ୬-୪ ସେଟରେ ଏମା ରାଡୁକାନୁଙ୍କୁ, ଏଲିନା ସ୍ୱିତୋଲିନା ୬-୧, ୬-୩ରେ ଭିକ୍ଟୋରିଆ ଟୋମୋଭାଙ୍କୁ, ଭିକ୍ଟୋରିଜା ଗୁଲ୍‌ବିକ୍ ୬-୩, ୨-୬, ୬-୪ ସେଟ୍‌ରେ କାଟାରିନା ସିନିଆକୋଭାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

ପୁରୁଷ ଖେଳାଳିଙ୍କ ମଧ୍ୟରେ ୬ ନମ୍ବର ସିଡ୍ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭ୍ ସଂଘର୍ଷପୂର୍ଣ୍ଣ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଲୁକାସ୍ କ୍ଲେନ୍‌ଙ୍କୁ ୭-୫, ୩-୬, ୪-୬, ୭-୬(୭-୫) ଓ ୭-୬(୧୦-୭)ରେ ପରାସ୍ତ କରିଥିଲେ ଜେଭ୍‌ରେଭ୍। ପ୍ରଥମ ସେଟ୍‌କୁ ଜିତିଥିଲେ ମଧ୍ୟ ପରବର୍ତ୍ତୀ ୨ ସେଟ୍‌ରେ ପରାଜିତ ହୋଇଥିଲେ। ତେବେ ଅନ୍ତିମ ୨ ସେଟ୍‌କୁ ଟାଇବ୍ରେକରରେ ଜିତି ନେଇଥିଲେ ଜେଭରେଭ୍। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଆଲେକ୍ସ ମିଚେଲସେନ୍ ୪-୬, ୬-୩, ୬-୪ ଓ ୬-୪ ରେ ଜିରି ଲେହେକାଙ୍କୁ କାମେରନ୍ ନୋରି ୩-୬, ୬-୭, ୬-୨, ୬-୪ ଓ ୬-୪ ରେ ଗିଉଲିଓ ଜେପେଇରୀଙ୍କୁ, କାସ୍ପର ରୁଡ୍ ୬-୩, ୭-୬(୭), ୬-୩, ୩-୬ ଓ ୭-୬(୧୦)ରେ ମ୍ୟାକ୍ସ ପର୍ସେଲଙ୍କୁ, ଟମି ପଲ୍ ୬-୨, ୩-୬, ୬-୩ ଓ ୭-୫ ସେଟ୍‌ରେ ଜ୍ୟାକ୍ ଡ୍ରେପରଙ୍କୁ , କାର୍ଲୋସ୍ ଅଲକାରାଜ ଗାର୍ଫିଆ ୬-୪, ୭-୬(୭), ୬-୩ ଓ ୭-୬(୭)ରେ ଲରେଞ୍ଜୋ ସୋନେଗୋଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

କ୍ଲାରା ବୁରେଲ୍

ନାଗାଲ ପରାସ୍ତ: ବୋପାନ୍ନା-ଇବିଡେନ୍ ଦ୍ୱିତୀୟ ରାଉଣ୍ଡରେ

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ସୁମିତ୍ ନାଗାଲଙ୍କ ଚ୍ୟାଲେଞ୍ଜ ଶେଷ ହୋଇଛି। ପୁରୁଷ ସିଙ୍ଗଲ୍ସର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଚାଇନିଜ ପ୍ରତିଭା ଜୁନ୍‌ଚେଙ୍ଗ ଶାଙ୍ଗ୍ ତାଙ୍କୁ ୨-୬, ୬-୩, ୭-୫, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ହରିୟାଣା ରାଜ୍ୟର ଝାଜାର ବାସିନ୍ଦା ୨୬ ବର୍ଷୀୟ ନାଗାଲ କ୍ୱାଲିଫାୟର୍ସରେ ବିଶ୍ୱର ୨୭ ନମ୍ବର ଖେଳାଳି ଆଲେଜାଣ୍ଡର ବବ୍‌ଲିକ୍‌ଙ୍କୁ ହରାଇ ମୁଖ୍ୟ ଡ୍ର'ରେ ପ୍ରବେଶ କରିଥିଲେ। ମେଲବୋର୍ନ ପାର୍କରେ ନାଡାଲ ତାଙ୍କ ପ୍ରଦର୍ଶନକୁ ନେଇ ୧୮୦, ୦୦୦ ଅଷ୍ଟ୍ରେଲୀୟ ଡଲାର ପକେଟସ୍ଥ କରିଛନ୍ତି। ଏହା ଦ୍ୱାରା ତାଙ୍କ ୨୦୨୪ ଟୁର୍ ବଜେଟର ଅଧିକାଂଶ ଭରଣା ହୋଇ ପାରିବା ଅନ୍ୟପକ୍ଷରେ ଦୁଇଥର ବିଶ୍ୱ ଚାମ୍ପିୟନ ଅକାନେ ୟାମାଗୁଚି ଏବଂ ବର୍ତ୍ତମାନର ଅଲ୍ ଇଂଲଣ୍ଡ ଚାମ୍ପିୟନ ଲି ଶି' ଫେଙ୍ଗ୍ ମଧ୍ୟ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି। ବିଶ୍ୱର ୪ ନମ୍ବର ଖେଳାଳି ୟାମାଗୁଚିଙ୍କୁ ଥାଇଲାଣ୍ଡର ବିଶ୍ୱର ୧୮ ନମ୍ବର ଖେଳାଳି ବୁସ୍‌ନାନ ଅଙ୍ଗବାମ୍‌ରଙ୍ଗଫାନ୍‌ଙ୍କଠାରୁ ୧୧-୨୧, ୧୯-୨୧ରେ ପରାଜିତ ହୋଇଛନ୍ତି। ଅଣସିଡ୍ ଜାପାନିଜ ଖେଳାଳି କୋକି ୱାତାନାବେ ତୃତୀୟ ସିଡ୍ ଚାଇନାର ଲି ଶି ଫେଙ୍ଗଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ ୭୧ ମିନିଟ୍‌ରେ ଶେଷ ହୋଇଥିଲା। ପରେ ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ମାଲେସିଆର ଲି ଜି ଜିଆ ୨୧-୧୫, ୨୧-୧୩ରେ ୫ମ ସିଡ୍ ଜୋନାଥନ ଖ୍ରିଷ୍ଟିଙ୍କୁ ପରାସ୍ତ କରିଛନ୍ତି।

ଭାରତ ତୀର୍ଥସାଥୀ ପ୍ୟାକେଜ୍ ଟୁର୍
ପରିଚାଳକ : ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ-୯୪୩୭୭୫୩୫୮୮/୯୦୯୦୭୧୮୪୩୭
୧ମ ଯାତ୍ରା (ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜ) ବିମାନଯାତ୍ରା : ତା.୧୫.୦୪.୨୪ ଭୁବନେଶ୍ୱରରୁ ଯାତ୍ରାକରି କଲିକତା ହୋଇ ଆଣ୍ଡାମାନ୍ ପହଞ୍ଚିବେ, ୪ ରାତି ୫ ଦିନ ରହଣୀ + ଚାହା ଜଳଖିଆ ଓ ଦୁଇବେଳା ଆମିଷ ନିରାମିଷ ଭୋଜନ ସହ ଜଣ ପ୍ରତି ୪୦୫୦୦, ୨୧.୦୪.୨୪ରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ। ୨ୟ ଯାତ୍ରା (ନେପାଳ, କାଠମାଣ୍ଡୁ) : ତା.୦୭.୦୫.୨୪ରିଖ ନେପାଳ, କାଠମାଣ୍ଡୁ, ଜନକପୁର, ପୋଖରା, ଦାର୍ଜିଲିଂ, ଗ୍ୟାଙ୍ଗଟକ୍, (ସିକିମ୍ ରାଜଧାନୀ), ଗୌହାଟି, କାମାଖ୍ୟା, ସିଲଂ-ଚେରାପୁଞ୍ଜି ହୋଇ ତା.୨୦.୦୫.୨୪ ପୁରୀରେ ପହଞ୍ଚିବେ। ୩ୟ ଯାତ୍ରା (ଉତ୍ତର ଭାରତ) : ତା.୨୫.୦୫.୨୪ ଭୁବନେଶ୍ୱରରୁ ଯାତ୍ରା କରି ଏଥ୍ୱାବାଦ୍ (ତ୍ରିବେଣୀ), ଆଗ୍ରା, ମଥୁରା, ଗୋପ, ବୃନ୍ଦାବନ, ଦିଲ୍ଲୀ, କାମୁ-ବୈଷ୍ଣୋଦେବୀ, ଅମୃତସର, ସ୍ୱର୍ଣ୍ଣମନ୍ଦିର, ଓ୍ୱାଘାବର୍ଡ଼ର (ପାକିସ୍ତାନ ସୀମା), ହରିଦ୍ୱାର ଋଷିକେଶ, ଲକ୍ଷ୍ମନ୍‌ଝୁଲା, ଦେରାଦୁନ୍, ମସୌରୀ, ବଦ୍ରିନାଥ ଧାମ, କେଦାରନାଥ (ଜ୍ୟୋତିର୍ଲିଙ୍ଗ) ଅଯୋଧ୍ୟା, କାଶି, ଗୟା ହୋଇ ୧୧.୦୬.୨୪ରେ ପୁରୀ ପହଞ୍ଚିବେ। ୪ର୍ଥ ଯାତ୍ରା (ଉତ୍ତରାଖଣ୍ଡ ଚାରିଧାମ) : ତା.୨୬.୦୫.୨୪ ଭୁବନେଶ୍ୱରରୁ ଯାତ୍ରା କରି ତା୨୮ରେ ହରିଦ୍ୱାର ପହଞ୍ଚିବେ। ତା୨୯ ହରିଦ୍ୱାରରୁ ଯାତ୍ରା ଆରମ୍ଭ କରି ବଦ୍ରିନାଥଧାମ, କେଦାରନାଥ, ଗଙ୍ଗୋତ୍ରୀ, ଜମୁନୋତ୍ରୀ, ଦେରାଦୁନ୍ ମସୌରୀ, ଅଯୋଧ୍ୟା, କାଶୀ, ଗୟା, ହୋଇ ତା.୧୧.୦୬.୨୪ରେ ପୁରୀ ପହଞ୍ଚିବେ। ଟିକେଟ୍‌ର ମୂଲ୍ୟ ପ୍ରଥମଯାତ୍ରା ଟ.୪୦,୫୦୦/-, ୨ୟ ଯାତ୍ରା-ତ୍ରିଚକ ଶୟନଯାନ ରେଳଭଡ଼ା + ଦୁଇବେଳା ଖାଦ୍ୟ + ଧର୍ମଶାଳା / ଲଜିଂ ରହଣୀ + ଦର୍ଶନୀୟ ସ୍ଥାନ ଯାନବାହାନ ଖର୍ଚ୍ଚ ସହ ଜଣ ପ୍ରତି ୨୫,୫୦୦/-, ୩ୟ ଯାତ୍ରା-୧୮,୫୦୦/-, ୪ର୍ଥ ଯାତ୍ରା-୧୬,୫୦୦/-।
ଯୋଗାଯୋଗ : ଭୁବନେଶ୍ୱର-୯୭୭୮୮୯୬୫୪୦, ପୁରୀ-୯୨୩୮୯୯୦୧୬୬, କଟକ-୯୯୩୭୫୮୪୪୨୪, ରାଉରକେଲା-୯୪୩୭୮୪୫୪୪, ନିମାପଡା-୭୯୭୮୭୯୪୬୨୯, ଖୋର୍ଦ୍ଧା-୯୯୩୭୨୭୫୨୫୮, ଚଉଦ୍ୱାର-୬୩୭୦୨୫୨୮୧୧, ଢେଙ୍କାନାଳ-୯୩୩୭୧୬୩୫୫୧, ବାଲେଶ୍ୱର-୯୮୬୧୦୭୫୩୨୮, ସମ୍ବଲପୁର-୯୭୭୭୪୭୨୪୪୧
ବି.ଦ୍ର : ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଉପରଲିଖିତ ପରିଚାଳକଙ୍କୁ ଫୋନ୍ କରନ୍ତୁ।
ବ୍ୟବସ୍ଥା : ରୁଚିକର ଖାଦ୍ୟ, ଭଲ ଗାଇଡ୍, ଉତ୍ତମ ବ୍ୟବହାର

ସତନ୍ ଡେଥ୍‌ରେ ହାରିଲା ଭାରତ

ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଜର୍ମାନୀକୁ ଅଲିମ୍ପିକ୍ସ ଯୋଗ୍ୟତା

ରାଞ୍ଚି,୧୮।୧: ରାଞ୍ଚିରେ ଅନୁଷ୍ଠିତ ମହିଳା ହକି ଅଲିମ୍ପିକ୍ସ କ୍ୱାଲିଫାୟର୍ସ ସେମି ଫାଇନାଲରେ ଜର୍ମାନୀ ନିକଟରୁ ସତନ ଡେଥ୍‌ରେ ପରାଜିତ ହୋଇଛି ଭାରତ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ରହିବା ପରେ ପେନାଲ୍ଟି ଶୁଟ୍‌ଆଉଟ୍‌କୁ ଖେଳ ଯାଇଥିଲା ପେନାଲ୍ଟି ଶୁଟ ଆଉଟରେ ମଧ୍ୟ ମ୍ୟାଚ୍ ୩-୩ରେ ରହିଥିଲା। ପରେ ସତନ୍ ଡେଥ୍‌ରେ ଭାରତ ୧-୦ରେ ପରାଜିତ ହୋଇଥିଲା। ଏହି ବିଜୟ ସହ ଜର୍ମାନୀ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଭାରତ ନିକଟରେ ଆଉ ଏକ ସୁଯୋଗ ରହିଛି। ତୃତୀୟ ସ୍ଥାନ ପ୍ଲେ ଅଫ୍ ମ୍ୟାଚ୍ ଜିତିଲେ ଭାରତ ଯୋଗ୍ୟତା ଅର୍ଜନ କରିବ।

ଭାରତ ପକ୍ଷରୁ ଦୁଇଟି ଯାକ ଗୋଲ ପେନାଲ୍ଟି କର୍ନରରୁ ସ୍କୋର ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଦୀପିକା ୧୫ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୭ ତମ ମିନିଟରେ ଜର୍ମାନୀ ପକ୍ଷରୁ ଚାର୍ଲୋଟ ଷ୍ଟାପେନହର୍ଷ୍ଟ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ତୃତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଚତୁର୍ଥ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ହେବାକୁ ୩ ମିନିଟ ରହିଥିବା ବେଳେ ଚାର୍ଲୋଟ ଷ୍ଟାପେନହର୍ଷ୍ଟ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ଏହାର ୧ ମିନିଟ ମଧ୍ୟରେ ଭାରତ ପକ୍ଷରୁ ଇଶିକା ଚୌଧାରୀ ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରି ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପେନାଲ୍ଟି ଶୁଟଆଉଟରେ ଭାରତ ପକ୍ଷରୁ ସଙ୍ଗୀତା, ସୋନିକା ଓ ଲାଲରେମସିଆମି ସ୍କୋର କରିଥିବା ବେଳେ ନବନୀତ କୌର ଓ ନେହା ମିସ୍ କରିଥିଲେ। ତେବେ ସତନଡେଥ୍ ଟାଇବ୍ରେକରେ ଉଭୟ ସଙ୍ଗୀତା ଓ ସୋନିକା ମିସ୍ କରିଥିବା ବେଳେ ଜର୍ମାନୀ ପକ୍ଷରୁ ନୋଲ୍‌ଟେ ବିଜୟ ସୂଚକ ଗୋଲଟି ଦେଇଥିଲେ।

ଓଡ଼ିଶା ଏଫ୍‌ସି ଓ ଇଷ୍ଟବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଓଏଫ୍‌ସିର କ୍ରମାଗତ ପଞ୍ଚମ ବିଜୟ

ଭୁବନେଶ୍ୱର,୧୮।୧(ସରୋଜ ଜେନା)

ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ନିଜର ଚମତ୍କାର ଫର୍ମ ବଜାୟ ରଖିବା ସହ କ୍ରମାଗତ ପଞ୍ଚମ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗୁରୁବାର ଦଳ ଇଷ୍ଟବେଙ୍ଗଲକୁ ୪-୧ରେ ହରାଇବା ସହ ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନ ହାସଲ କରିଛି। ଓଏଫ୍‌ସି ପକ୍ଷରୁ ଜୁଲି କିଶାନ(୬), ପ୍ୟାରୀ ଖାଖା(୨୨), ଓ୍ୱିନ୍(୨୬) ଓ ମାଳତୀ ମୁଣ୍ଡା(୯୦+୪) ମିନିଟରେ ଗୋଟିଏ ଲେଖାଏ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଇଷ୍ଟ ବେଙ୍ଗଲ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ପ୍ରଥମ ମିନିଟରୁ ଘରୋଇ ଦଳ ଆକ୍ରମଣ କରିଥିଲା। ପଞ୍ଚମ ମିନିଟରେ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ ମିଚେଲ ଏହାକୁ ବିଫଳ କରିଥିଲେ। ଷଷ୍ଠ ମିନିଟରେ ଅସ୍ତ୍ରାମ ଓରାଓଁଙ୍କ କର୍ନର କିକ୍‌କୁ ଗୋଲରେ ପରିଣତ କରି ଜୁଲି କିଶାନ୍ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ୨୨ ତମ ମିନିଟରେ ଓ୍ୱିନଙ୍କ ପାଶ୍‌ରୁ ପ୍ୟାରୀ ଖାଖା ସ୍କୋର କରି ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ଏହାର ୪ ମିନିଟ ପରେ ଲିଣ୍ଡା କୋମଙ୍କ ପାଶ୍‌ରୁ ଓ୍ୱିନ୍ ଗୋଲ ଦେଇ ଅଗ୍ରଣୀକୁ ୩-୦ରେ ପହଞ୍ଚାଇ ଥିଲେ। ପ୍ରଥମାର୍ଦ୍ଧରେ ଓଏଫ୍‌ସି ୩-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧର ୬୫ ତମ ମିନିଟରେ ଶିବାନୀ ଇଷ୍ଟ ବେଙ୍ଗଲ ପକ୍ଷରୁ ଗୋଟିଏ ଗୋଲ୍ ପରିଶୋଧ କରିଥିଲେ। ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ମାଳତୀ ମୁଣ୍ଡା ୯୦+୪ ମିନିଟରେ ଏକ ଗୋଲ ଦେଇ ଦଳକୁ ୪-୧ରେ ବିଜୟୀ କରିଥିଲେ।

ଭାରତର କ୍ରମାଗତ ପରାଜୟ

ଏସିଆନ୍ ଏଏଫ୍‌ସି କପ୍

କାତାର,୧୮।୧

ଏସିଆନ୍ ଏଏଫ୍‌ସି କପ୍‌ରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି ଭାରତ। ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ନିକଟରୁ ହାରିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଉଜବେକିସ୍ତାନ ପାଖରୁ ୩-୦ ଗୋଲରେ ହାରିଛି ଭାରତ। ଭାରତ ଏହି ମ୍ୟାଚ୍‌ରେ ୪-୨-୩-୧ କମ୍ବିନେଶନରେ ଓହ୍ଲାଇଥିଲା। ଉଜବେକିସ୍ତାନ ପକ୍ଷରୁ ଆବୋସବେକ୍ ଫୟଜୁଲାଏଭ୍(୪), ଇଗୋର ସେଗେରିଭ୍ (୧୮) ଓ ଶେରୋଦ୍‌ନସରୁଲ୍ଲାଏଭ(୪୫+୪) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମାର୍ଦ୍ଧରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତ ଗୁରୁବାର ପ୍ରଥମାର୍ଦ୍ଧରେ ହିଁ ୩ ଗୋଲ ବରଣ କରିଥିଲା। ପ୍ରଥମ ୩୦ ମିନିଟ ମଧ୍ୟରେ ଭାରତ ଦୁଇଟି ଗୋଲ ବରଣ କରି ବ୍ୟାକଫୁଟ୍‌ରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଦଳ ଭଲ ପ୍ରଦର୍ଶନ କରିବା ସହ ଆଉ ଗୋଲ ବରଣ କରି ନଥିଲା। ଭାରତ ମ୍ୟାଚ୍‌ର ୫୪ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲା। ଦଳ ୯ଟି ଶଟ୍ ମାରିଥିବା ବେଳେ ୩ଟି ଟାର୍ଗେଟରେ ରହିଥିଲା। ତେବେ ଗୋଟିଏ ବି ଗୋଲ ସ୍କୋର କରିବାରେ ଦଳ ବିଫଳ ହୋଇଥିଲା।

ଆଜିଠୁ ଓଡ଼ିଶା ବନାମ ଜମ୍ମୁ-କଶ୍ମୀର

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ଚଳିତ ରଣଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ତୃତୀୟ ମ୍ୟାଚ ଶୁକ୍ରବାରଠାରୁ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବ। କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯିବ। ଏହାପରେ ଘରୋଇ ଗ୍ରାଉଣ୍ଡରେ ଓଡ଼ିଶା ଆଉ ୩ଟି ମ୍ୟାଚ ଖେଳିବ। ପରବର୍ତ୍ତୀ ମ୍ୟାଚ ସେହି ଡ୍ରିମ୍ସରେ ୨୬ରୁ ୨୯ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ ବିପକ୍ଷରେ ଅନୁଷ୍ଠିତ ହେବ। ଏହାପରେ କଟକର ବାରବାଟୀ

ରଣଜୀ ଟ୍ରଫି

ଷ୍ଟାଡିୟମରେ ଓଡ଼ିଶା ଓ ପଣ୍ଡିଚେରୀ ମଧ୍ୟରେ ମ୍ୟାଚ ଫେବୃୟାରୀ ୨ରୁ ୫ ପର୍ଯ୍ୟନ୍ତ ଖେଳାଯିବ। ଘରୋଇ ପରିବେଶରେ ଓଡ଼ିଶା ଏହାର ଚତୁର୍ଥ ମ୍ୟାଚ ଫେବୃୟାରୀ ୯ରୁ ୧୨ ପର୍ଯ୍ୟନ୍ତ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱରେ ଓଡ଼ିଶା ଏପର୍ଯ୍ୟନ୍ତ ବାହାର ପରିବେଶରେ ୨ଟି ମ୍ୟାଚ ଖେଳି ସାରିଛି। ଭଦୋଦରାର ମୋତିବାଗ ଷ୍ଟାଡିୟମରେ ବରୋଦାଠାରୁ ୧୪୭ ରନରେ ପରାସ୍ତ ହୋଇ ଅଭିଯାନ କରିଥିବା ଓଡ଼ିଶା ଇନ୍ଦୋରର ଇମିରାଲ୍ଡ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚକୁ ମଧ୍ୟ ପ୍ରଦେଶ ବିପକ୍ଷରେ ଡ୍ର ରଖିଛି। ତେବେ ଏହି ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଦଳ ୩ ପଏଣ୍ଟ